


# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17
Vol. 32 | ISSUE 249 | ଭାଗ ୩୨ | ସଂଖ୍ୟା ୨୪୯ | Bhubaneswar | Tuesday 3 December 2024 | Page 8 Rs. 4.00 | ଭୁବନେଶ୍ୱର | ମଙ୍ଗଳବାର ୩ ଡିସେମ୍ବର ୨୦୨୪ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା

## ଟାର୍ଗେଟ୍‌ରେ 'ମୋହନ' ଭାୟା 'କୃଷ୍ଣ'



### ଭାଇ-ଭଉଣୀଙ୍କ ଷଡ଼ଯନ୍ତ୍ର
### ମୋହରା ସାଜିଛନ୍ତି ବ୍ୟବସାୟୀ ସଂଘ

ଭୁବନେଶ୍ୱର,୨।୧୨ (ସଂଚାର ବ୍ୟୁରୋ): ଅପ୍ରସଙ୍ଗକୁ ପ୍ରସଙ୍ଗ କରି ବିଜେଡି ଗୃହରେ ହଟଗୋଳ ସୃଷ୍ଟି କରୁଛି। ରାଜ୍ୟର ବିକାଶକୁ ନେଇ ଅନ୍ୟ ବହୁ ପ୍ରସଙ୍ଗ ଥିବା ବେଳେ ଆଳୁ ଅଭାବକୁ ନେଇ ବିଜେଡି ବିଧାନସଭାରେ ଅଚଳାବସ୍ଥା ସୃଷ୍ଟି କରୁଛି। ବର୍ତ୍ତମାନ ସମାଜରେ ଲୋକେ ଏତେ ସ୍ୱାସ୍ଥ୍ୟ ସଚେତନ ହୋଇଛନ୍ତି ଯେ, ଆଳୁର ଦୈନିକ ଆବଶ୍ୟକତା। ପ୍ରାୟ ୩୫ ପ୍ରତିଶତ କମିଯାଇଛି। ଏଭଳିସ୍ଥିତିରେ ପଶ୍ଚିମବଙ୍ଗ ଆଳୁ ଗାଡି ଉପରେ ରୋକ ଲଗାଇବା ରାଜ୍ୟର ଖାଉଟିଙ୍କୁ ଯେତିକି ପ୍ରଭାବିତ କରୁନି ବିରୋଧୀ ବିଜେଡିକୁ ଅଧିକ ପ୍ରଭାବିତ କରୁଛି। ଚର୍ଚ୍ଚା ହେଉଛି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଓ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ମଧ୍ୟରେ ଥିବା ଭାଇ-ଭଉଣୀର ସମ୍ପର୍କ ରାଜ୍ୟରେ ଆଳୁ ଅଭାବକୁ ଅଧିକ ଘନିଭୁତ କରିଛି। ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଥିବା ବେଳେ ରାଜ୍ୟରେ ଆଳୁ ଶଙ୍କଟ ଏତେଟା ଉତ୍କଟ ହେଉନଥିଲା କି ପଶ୍ଚିମବଙ୍ଗ ସରକାର ଆଉ ରପ୍ତାନୀ ବନ୍ଦ କରୁନଥିଲେ। ଓଡିଶାରେ ବିଜେପି କ୍ଷମତାକୁ ଆସିବା ଦିନରୁ ଛଅ ମାସରେ ପୃଷ୍ଠା-୬

## ବିଧାନସଭାରେ ଆଳୁ ଝଡ଼





ପୁଣି ୩ ମାସ ପରେ ଫେରିଲା ଆଳୁ ସଂକଟ। ୪ ଦିନରେ ବଢ଼ିଲା ୨୦ଟଙ୍କା। ଏବେ କିଲୋ ୫୦ ଟଙ୍କା। ଆଳୁ ମହରଗକୁ ନେଇ ରାଜନୀତି ଜୋରଦାର। ଆଳୁ ଦର ବୃଦ୍ଧିକୁ ନେଇ ଆଜି ବିଧାନସଭାର ଶୂନ୍ୟକାଳରେ ସରକାରଙ୍କୁ ଘେରିଛନ୍ତି ବିରୋଧୀ। ଲୋକେ ଆଳୁ ଦରକୁ ନେଇ ହଇରାଣ ହେଉଥିବା ବେଳେ ଯୋଗାଣମନ୍ତ୍ରୀଙ୍କ ମନ୍ତବ୍ୟ ବେଶୀ କଷ୍ଟ ଦେଉଛି ବୋଲି ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି। ଆଳୁ ଦର ବୃଦ୍ଧିକୁ ନେଇ କଂଗ୍ରେସ ମଧ୍ୟ ବିଜେଡି ସହ ସ୍ୱର ମିଳାଇଛି। ଅଗଷ୍ଟ ମାସ ପରେ ପୁଣି ରାଜ୍ୟରେ ଆଳୁ ଦର ଅହେତୁକ ବୃଦ୍ଧି ହୋଇଛି। ହେଲେ ଯୋଗାଣ ମନ୍ତ୍ରୀ ସମସ୍ୟାର ସମାଧାନ କରିବେ କଣ ଓଲଟା ଲୋକଙ୍କୁ ଭୁଆଁ ବୁଲାଉଛନ୍ତି। ଯୋଗାଣ ମନ୍ତ୍ରୀ କେଉଁଠୁ ୩୦ ଟଙ୍କାରେ ଆଳୁ କିଣୁଛନ୍ତି, ତାର ଠିକଣା ମାଗିଛନ୍ତି ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ। ଏଥିସହ ଉତ୍ତର ପ୍ରଦେଶରୁ କେଉଁ ଟ୍ରେନରେ ଆଳୁ ଆସୁଛି, ତାର ପୃଷ୍ଠା-୬

## ନବୀନଙ୍କୁ ଝଟକା
# ଗଠନ ହେବ ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ

### ନିତ୍ୟାନନ୍ଦ ଗଣ୍ଡଙ୍କ ଅଧ୍ୟକ୍ଷତାରେ ଟାସ୍କଫୋର୍ସ ଗଠିତ
### ୩୦ ଦିନରେ ଦାଖଲ କରିବ ରିପୋର୍ଟ
### ଦକ୍ଷିଣାଞ୍ଚଳ ବିକାଶରେ ନେବ ଗୁରୁତ୍ୱପୂର୍ଣ୍ଣ ଭୂମିକା
### ଯୋଜନା ଓ ସଂଯୋଜନ ବିଭାଗ ସ୍ୱତନ୍ତ୍ର ସଚିବ ସଦସ୍ୟ ଆବାହକ

ଭୁବନେଶ୍ୱର,୨।୧୨ (ସଂଚାର ବ୍ୟୁରୋ): ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ଗଠନ କରିବା ପାଇଁ ରାଜ୍ୟ ସରକାର ଏକ ଟାସ୍କ ଫୋର୍ସ ଗଠନ କରିଛନ୍ତି। ଓଡ଼ିଶାର ଦକ୍ଷିଣାଞ୍ଚଳର ବିକାଶ ସହିତ ବିକାଶ ପ୍ରକ୍ରିୟାରେ ସବୁ ବର୍ଗଙ୍କୁ ଅନ୍ତର୍ଭୁକ୍ତ କରିବା ପାଇଁ ଏହି ପରିଷଦ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି ପରିଷଦ କିପରି ଗଠିତ ହେବ, ଏଥିରେ କେଉଁ ଜିଲ୍ଲା ଓ ବ୍ଲକ ସାମିଲ ହେବ ଏବଂ ଏହାର ଢାଞ୍ଚା ଓ କାର୍ଯ୍ୟପ୍ରଣାଳୀ କଣ ରହିବ, ସେ ସମ୍ପର୍କରେ ସୁଚିନ୍ତିତ ମତାମତ ଦେବା ପାଇଁ ଟାସ୍କଫୋର୍ସ ଗଠନ କରାଯାଇଛି। ଟାସ୍କଫୋର୍ସ ଗଠନ ହେବାର ୩୦ ଦିନ ମଧ୍ୟରେ ରିପୋର୍ଟ ଦାଖଲ କରିବ। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ତଥା ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଟାସ୍କ ଫୋର୍ସ ଅଧ୍ୟକ୍ଷ ରହିଛନ୍ତି। ଏହାର ସଦସ୍ୟମାନେ ହେଲେ, ବାଣିଜ୍ୟ ଓ ପରିବହନ ଏବଂ ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତିଭୂଷଣ ଜେନା, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ତଥା ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ରାଷ୍ଟ୍ର ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ, କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ମାଲକାନଗିରି ବିଧାୟକ ନରସିଂହ ମାଡକାମି, ପାରଳାଖେମୁଣ୍ଡି ବିଧାୟକ ରୂପେଶ କୁମାର ପାଣିଗ୍ରାହୀ, ଫୁଲବାଣୀ ବିଧାୟକ ଉମାଚରଣ ମଲ୍ଲିକ, ପଟ୍ଟାଙ୍ଗୀ ବିଧାୟକ୍ରୀ ରାମଚନ୍ଦ୍ର କାଡାମ। ଏହା ସହିତ ହେଲେ ଦକ୍ଷିଣାଞ୍ଚଳ ଆର୍‌ଡିସି, କେନ୍ଦ୍ରାଞ୍ଚଳ ଆର୍‌ଡିସି ଏବଂ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏକ୍ସ ଅଫିସିଓ ସଦସ୍ୟ ରହିଛନ୍ତି। ଯୋଜନା ଓ ସଂଯୋଜନ ବିଭାଗର ସ୍ୱତନ୍ତ୍ର ସଚିବ ସଦସ୍ୟ ଆବାହକ ରହିଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି।



## ପୋଲାଭରମ ବିବାଦ: ବିଜେଡିର କୁମ୍ଭୀର କାନ୍ଦଣା

### ବିଜେଡି ପାଇଁ ବାଜିରେ ଲାଗିଛି ରାଜ୍ୟ ସ୍ୱାର୍ଥ



ଭୁବନେଶ୍ୱର,୨।୧୨ (ସଂଚାର ବ୍ୟୁରୋ): ପୋଲାଭରମ ପ୍ରକଳ୍ପକୁ ନେଇ ଆସନ୍ତାକାଲି ଦିଲ୍ଲୀରେ କେନ୍ଦ୍ରୀୟ ଜଳ ଆୟୋଗକୁ ଭେଟିବାକୁ ଯୋଜନା କରୁଛି ବିଜେଡି। ନିକଟରେ ବିଜେଡିର ଏକ ଟିମ ପୋଲାଭରମ ଦ୍ୱାରା କ୍ଷତିଗ୍ରସ୍ତ ହେବାକୁ ଥିବା ଅଞ୍ଚଳକୁ ଗସ୍ତ କରି ରିପୋର୍ଟ ପ୍ରସ୍ତୁତ କରିଛି। ଦିଲ୍ଲୀରେ ବିଜେଡିର ପୋଲାଭରମ ଟିମ ଓ ଦଳର ସାଂସଦମାନେ ମିଳିତ ଭାବେ କେନ୍ଦ୍ରୀୟ ଜଳ ଆୟୋଗକୁ ଭେଟି ରିପୋର୍ଟ ଦେବେ। ତେବେ ପୂର୍ବତନ ଜଳସମ୍ପଦ ଯନ୍ତ୍ରୀ ଓ ବିଶେଷଜ୍ଞଙ୍କ ମତରେ ଘର ବୁଡି ଆଣ୍ଠୁଏ ହେବା ପରେ ବିଜେଡିର ଚେତା ପଶୁଛି। ଏହାର ଅର୍ଥ ଯେତେବେଳେ ପୋଲାଭରମ ପ୍ରକଳ୍ପକୁ କେନ୍ଦ୍ର ସରକାର ଜାତୀୟ ପ୍ରକଳ୍ପର ମାନ୍ୟତା ଦେଲେ ଆଉ ଏନେଇ ଆର୍ଥିକ ସହାୟତା ଘୋଷଣା କଲେ ସେ ସମୟରେ ବିଜେଡି ରାଜ୍ୟରେ ସରକାରରେ ଥାଇମଧ୍ୟ ପୃଷ୍ଠା-୬

## ସବୁ ସାରିଦେଲା ଶାବଳ

### ● ସମିତାଙ୍କ ପାଇଁ ବଦନାମ ପିନାକ!



ଭୁବନେଶ୍ୱର,୨।୧୨ (ସଂଚାର ବ୍ୟୁରୋ): ସବୁ ସୁରୁଖୁରୁରେ ଚାଲିଥିଲା କିନ୍ତୁ କେଁ ପୁରାଇଦେଲେ ସମିତା। ନନ୍ଦନକାନନ ଥାନା ଆଇଆଇସି ସମିତା ମିଶ୍ର। ଡିଜିପି ଆଇଜିପି ସମ୍ମିଳନୀକୁ ସୁରୁଖୁରୁରେ ସାରି ପ୍ରସଂଶା ସାଉଁଟିଥିଲା ଭୁବନେଶ୍ୱର ପୋଲିସ। ଆଜି ଦିନସାରା ପୋଲିସ କମିଶନର, ଅତିରିକ୍ତ କମିଶନର ଓ ଡିସିପିଙ୍କୁ ଆୟୋଜନ ପାଇଁ ସାଧୁବାଦ ଜଣାଯାଉଥିଲା। ହେଲେ ସବୁସାରିଦେଲା ଶାବଳ। ବାର



ବର୍ଷର ତପସ୍ୟା ଶୁଖୁଆ ପୋଡ଼ାରେ ଗଲା। ଆମେ କହୁଛୁ ସୋମବାର ରାତିରେ ଘଟିଥିବା ବୀଭତ୍ସ ଘଟଣା କଥା। ନନ୍ଦନକାନନ ଥାନା ଅଞ୍ଚଳରେ ଘଟିଛି ଏଭଳି ଘଟଣା। ବରିମୁଣ୍ଡ ଗ୍ରାମର ସନ୍ତୋଷ ପଣ୍ଡାଙ୍କୁ ଆକ୍ରମଣ କରି ଲହୁଲୁହାଣ କରିଛନ୍ତି ଦୁର୍ବୃତ୍ତ। ସନ୍ତୋଷଙ୍କ ବୟସ ୫୦। ଜମି ବେପାର କରନ୍ତି ସନ୍ତୋଷ। ସନ୍ତୋଷଙ୍କ ଗୋଡ଼ରେ ଏକ ଗଭୀର କ୍ଷତ ସୃଷ୍ଟି ହୋଇଛି। ତାଙ୍କୁ ଶାବଳରେ ଆକ୍ରମଣ କରାଯାଉଥିବା ସନ୍ଦେହ କରାଯାଉଛି। ସନ୍ଧ୍ୟାବେଳେ ଘରୁ ଡାକି ନେଇ ଗଣ୍ଡରପୁର ନଦୀ ବନ୍ଧଠାରେ ଏଭଳି କାଣ୍ଡ ଘଟାଇଛନ୍ତି ଦୁର୍ବୃତ୍ତ। ପୋଲିସ ଆହତଙ୍କୁ ଉଦ୍ଧାର କରି ଆରମ୍ଭ କରିଛି ତଦନ୍ତ। ଘଟଣାସ୍ଥଳରେ ପହଂଚି ପାରିପାର୍ଶ୍ୱିକ ପରିସ୍ଥିତିକୁ ଯାଞ୍ଚ କରିଛି ସତ ହେଲେ ସ୍ଥାନୀୟ ଅଞ୍ଚଳରୁ ଆସିଛି କିଛି ସାଙ୍ଘାତିକ ଅଭିଯୋଗ। ପୂର୍ବରୁ କୁଆଡେ ସନ୍ତୋଷଙ୍କ ସହ ବିବାଦ କଥା ଜାଣିଥିଲା ନନ୍ଦନକାନନ ଥାନା। ଜମିବାଡ଼ି ବିବାଦ ସହ ଗତ ବାଲିଯାତ୍ରାରେ ଜମି ଆବଣ୍ଟନ କୁ ନେଇ ହୋଇଥିଲା ଶତ୍ରୁତା। କଥା ପୋଲିସ କାନରେ ପହଞ୍ଚିଥିଲେ ମଧ୍ୟ ସବୁବେଳ ଭଳି ଚୁପ ବସିଥିଲା ନନ୍ଦନକାନନ ଥାନା। ଏହା ଗୋଟିଏ ଘଟଣା ନୁହେଁ। ନନ୍ଦନକାନନ ଥାନା ଅଧୀନରେ ଜମି ମାଫିଆ, ନିଶା ବେପାରୀ, ବାଲିଘାଟ ଓ ମୋରମ ଚାଲାଣକାରୀ ଓ ବାର ମାଲିକ ନିଜର ମାଲିକାନା ଦେଖାଉଥିବା ବେଳେ ଚୁପ ବସୁଛି ପୋଲିସ। ଆସନ୍ତାକାଲି ପୁଣି ରାଷ୍ଟ୍ରପତିଙ୍କ ଗସ୍ତ। ସାରା ସହରରେ କଡା ସୁରକ୍ଷା। ଆଜିର ଏହି ଘଟଣା ପରେ ସଭିଙ୍କ ମୁହଁରେ ଗୋଟିଏ କଥା- ସମିତାଙ୍କ ପାଇଁ ବଦନାମ ପିନାକ।

## ଏକାଠି ହେଉଛନ୍ତି ବିଜୁ ପ୍ରେମୀଙ୍କ ଦାୟାଦ











ଭୁବନେଶ୍ୱର,୨।୧୨ (ସଂଚାର ବ୍ୟୁରୋ): ପ୍ରଥମେ ଭୁବନେଶ୍ୱରରେ ଗୁପ୍ତ ମେଳି। ଏବେ ହାଇଦ୍ରାବାଦରେ ଘନ ଘନ ବୈଠକ। ବିଜୁ ଜନତା ଦଳରେ ବିଦ୍ରୋହର ସ୍ୱରକୁ ଶାଣିତ କରିବାକୁ ପୁଣି ଏକାଠି ହେବାରେ ଲାଗିଛନ୍ତି ବିଜୁ ପ୍ରେମୀଙ୍କ ଦାୟାଦ। ପ୍ରଣବ ବଳବନ୍ତରାୟ, ରୁଦ୍ର ମହାରଥୀ, ଚନ୍ଦ୍ରସାରଥୀ ବେହେରା, ବିଷ୍ଣୁବ୍ରତ ରାଉତରାୟ, ସମ୍ବିତ ରାଉତରାୟ, ଅଂଶୁମାନ ମହାନ୍ତି ଓ ଦେବେଶ ଆଚାର୍ଯ୍ୟ। ଗଲା ନିର୍ବାଚନରେ ଏମାନେ ସମସ୍ତେ ଷଡ଼ଯନ୍ତ୍ର ଶିକାର ହୋଇ ହାରିଥିବା ଜାଣିଛନ୍ତି। ଦଳର ମୁଣ୍ଡିଆଳ ସାଜିଥିବା ଭଣ୍ଡ ସନ୍ୟାସୀ ଯେ ଏମାନଙ୍କ ଲୋକପ୍ରିୟତାକୁ ସହି ନପାରି ଷଡ଼ଯନ୍ତ୍ର ରଚିଥିଲା, ଏହା ବି ଉଣା ଅଧିକେ ଜଣାପଡ଼ିଛି। ହେଲେ ଏହି ସପ୍ତ ଯୁବରଥୀ ଏବେ ହାତ ମିଳାଇଛନ୍ତି। ସନ୍ୟାସୀଙ୍କ କବଳକୁ ଦଳକୁ ମୁକ୍ତ କରିବା ସହିତ ଷଡଯନ୍ତ୍ରକାରୀଙ୍କୁ ପାନେ ଦେବାକୁ ଏଥର ଭୁବନେଶ୍ୱର ନୁହେଁ ବରଂ ରାଜ୍ୟ ବାହାରେ ଚାଲିଛି ଗୁପ୍ତ ମନ୍ତ୍ରଣା।ଙ୍କ

କିଛିଦିନ ତଳେ ଏହି ୭ଜଣ ଯାକ ଯୁବନେତା ରାଜଧାନୀରେ ଜଳଖିଆ ଖାଇବା ବାହାନାରେ ଏକାଠି ହୋଇଥିଲେ। ସନ୍ୟାସୀଙ୍କୁ ଜଣାଇବାକୁ ଜାଣିଶୁଣି ମାର୍କେଟକୁ ଏକାଠି ବସିଥିବାର ଫଟୋ ବି ଛାଡ଼ିଥିଲେ। ଯାହାକୁ ନେଇ ଦଳ ଭିତରେ ଚାପା ଗୁଂଜରଣ ବି ଖେଳିଥିଲା। ଏବେ ଖବର ମିଳିଛି ଦିନକ ତଳେ ଏହି ୭ଜଣ ଯାକ ଇଣ୍ଡିଗୋ ବିମାନରେ ହାଇଦ୍ରାବାଦ ଉଡ଼ିଛନ୍ତି। ଏଥର ପୃଷ୍ଠା-୬

## ଜାପାନରେ ଚମକିଲେ କଳାହାଣ୍ଡି ପୁଅ

ଭବାନୀପାଟଣା,୨।୧୨(ସଂଚାର ବ୍ୟୁରୋ): ଜାପାନରେ ଚମକିଛନ୍ତି କଳାହାଣ୍ଡିର ପୁଅ ଅନିରୁଦ୍ଧ ନାଏକ। ଜାପାନର କାଇଟୋ ସାଙ୍ଗିଓ ବିଶ୍ୱବିଦ୍ୟାଳୟରେ ସୋସିଓଲୋଜିକାଲ ସୋସାଇଟି (ଜେଏସ୍‌ଏସ୍)ର ଶହେ ବର୍ଷ ପୂର୍ତ୍ତି ବାର୍ଷିକ ସମ୍ମିଳନୀରେ ଯୋଗଦେଇ 'ବିୟୁଣ୍ଡ ୟୁରୋସେଣ୍ଟ୍ରାଇଜିମ' ଭାରତର ଲେନ୍ସ ମାଧ୍ୟମରେ ଗ୍ଲୋବାଲ ସୋସୋଲୋଜି ଉପରେ ଏକ ଅନୁସନ୍ଧାନ କାଗଜ ଉପସ୍ଥାପନ କରିଥିଲେ। ଯାହାକି ଉପସ୍ଥିତ ପଣ୍ଡିତ ତଥା ବିଦ୍ୱାନ ବ୍ୟକ୍ତିଙ୍କ ହୃଦୟ ଜିତିପାରିବା ସହ ତାଙ୍କୁ ଜାପାନ ସୋସୋଲୋଜିକାଲ ସୋସାଇଟି (ଜେଏସ୍‌ଏସ୍) ପୃଷ୍ଠା-୬

## ପନ୍ନୁର ଧମକପୂର୍ଣ୍ଣ ଇ-ମେଲ
## ଗୁଗଲକୁ ତଥ୍ୟ ମାଗିଲା ଏସ୍‌ଟିଏଫ୍



ଭୁବନେଶ୍ୱର,୨।୧୨ (ସଂଚାର ବ୍ୟୁରୋ): ଖଲିସ୍ତାନୀ ଆତଙ୍କୀ ପନ୍ନୁର ଇ-ମେଲରେ ଦେଇଥିବା ଧମକ ପରିପ୍ରେକ୍ଷୀରେ ଗୁଗଲକୁ ଚିଠି ଲେଖିଛି କ୍ରାଇମବ୍ରାଞ୍ଚ ଏସଟିଏଫ୍। କେଉଁ ଆଇପି ଆଡ୍ରେସରୁ ପନ୍ନୁର ଇ-ମେଲରୁ ଅଡିଓ ଆସିଥିଲା ସେନେଇ ତଥ୍ୟ ଦେବାକୁ ଚିଠିରେ ଉଲ୍ଲେଖ କରାଯାଇଛି। ଆବଶ୍ୟକ ପଡ଼ିଲେ ଏନଆଇଏ ମଧ୍ୟ ମାମଲାର ତଦନ୍ତ କରିପାରେ ବୋଲି କୁହାଯାଇଛି। ଭୁବନେଶ୍ୱରରେ ଡିଜି ସମ୍ମିଳନୀ ଚାଲିଥିବା ବେଳେ ବରିଷ୍ଠ ସାମ୍ବାଦିକ ଅକ୍ଷୟ ସାହୁଙ୍କୁ ଏକ ଧମକପୂର୍ଣ୍ଣ ମେଲ ପଠାଇଥିଲା ଖଲିସ୍ତାନୀ ଆତଙ୍କୀ ପନ୍ନୁ। ଯେଉଁଥିରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନବନ୍ଦରକୁ ଟାର୍ଗେଟ କରିଥିଲା ପନ୍ନୁ। ଗତ ରବିବାର ଦିନ ଭୁବନେଶ୍ୱର ବିମାନ ବନ୍ଦରରୁ ଉଡ଼ାଣ ନ ଭରିବାକୁ ଇ-ମେଲ୍‌ରେ ଅଡିଓ ମେସେଜ କରି ଚେତାବନୀ ଦେଇଥିଲା ଆତଙ୍କୀ ପନ୍ନୁ। ଡିଜିପି ସମ୍ମିଳନୀକୁ ଭଣ୍ଡୁର କରିବାକୁ ଧମକ ଦେବାସହ ଭିଡିଓ ଜାରି କରି ଭୁବନେଶ୍ୱରକୁ ଟେମ୍ପଲ ସିଟି ନୁହେଁ ଟେରର ସିଟି ବୋଲି କହିଥିଲା। ଧମକ ପୂର୍ଣ୍ଣ ଇ-ମେଲ ପାଇବା ପରେ ସାମ୍ବାଦିକ ଅକ୍ଷୟ ସାହୁ ପୁଲିସ କମିଶନରେଟକୁ ଜଣାଇଥିଲେ। କ୍ରାଇମବ୍ରାଞ୍ଚ ଏହାର ତଦନ୍ତ ଆରମ୍ଭ କରି ଅକ୍ଷୟଙ୍କ ଅଫିସକୁ ଯାଇ ତଥ୍ୟ ସଂଗ୍ରହ କରିଥିଲା।ଏହାପରେ ଗୁଗଲକୁ ଚିଠି ଲେଖି ତଥ୍ୟ ମାଗିଛି ଏସ୍‌ଟିଏଫ୍।

## ଦେବୀଙ୍କ ଦୟନୀୟ ସ୍ଥିତି

### ● ନିଜ ଗଡ଼ରେ ଗଡ଼ବଡ଼
### ● ଦଳ ମୁଣ୍ଡିଙ୍କ ମୁଣ୍ଡ ଗୋଲ୍



ଭୁବନେଶ୍ୱର,୨।୧୨ (ସଂଚାର ବ୍ୟୁରୋ): ନିର୍ବାଚନରେ ନିଜେ ହାରି ଭାଙ୍ଗି ପଡ଼ିଥିଲେ। ଏବେ ନିଜ ଗଡ଼ ଭାଙ୍ଗିଗଲା। ବଡମ୍ବା ବ୍ଲକ ଅଧ୍ୟକ୍ଷ ରଘୁପତି ମହାନ୍ତି ଆଜି ପଦ୍ମ ଧରିବାପରେ ବିଜେଡି ସମନ୍ୱୟ କମିଟିର ଅଧ୍ୟକ୍ଷ ଦେବୀ ମିଶ୍ରଙ୍କର ଏଭଳି ଦୟନୀତି ସ୍ଥିତି କେବଳ ତାଙ୍କୁ ବିବ୍ରତ କରିନାହିଁ, ଦଳର ମୁଣ୍ଡିମାନଙ୍କ ମୁଣ୍ଡ ବି ଗୋଲ କରିଦେଇଛି।

ବଡମ୍ବାର ଅପ୍ରତିଦ୍ୱନ୍ଦି ନେତା କୁହାଯାଉଥିବା ଦେବୀ ମିଶ୍ର ଗତ ନିର୍ବାଚନରେ ବିଜେପିର ବିଜୟ ଦଳ ବେହେରାଙ୍କ ଠାରୁ ହାରିଥିଲେ। ହାରିବା ପରେ ବିଜେଡି କିନ୍ତୁ ତାଙ୍କୁ ଗୁରୁତ୍ୱ ଦେବା ସହିତ ଦଳର ସମନ୍ୱୟ କମିଟି ଅଧ୍ୟକ୍ଷ କରିଥିଲା।



ଦଳକୁ ମଜବୁତ କରିବା ସହିତ ସଭ୍ୟ ସଂଗ୍ରହ କାର୍ଯ୍ୟରେ ଲାଗି ପଡ଼ିଥିଲେ ଦେବୀ। ଘନ ଘନ ଜିଲ୍ଲା ଗସ୍ତ କରିବା ସହିତ ବିଜେପିକୁ ଶାଣିତ ଆକ୍ରମଣ କରୁଥିଲେ।

ହେଲେ ଦେବୀ ଜାଣିନଥିଲେ ଯେ ତାଙ୍କରି ହାତଗଢା ବଡମ୍ବା ଗଡ଼ରେ ଏତେଶୀଘ୍ର ଗଡ଼ବଡ ହୋଇଯିବ। ତାଙ୍କର ଏକାନ୍ତ ଅନୁଗତ ରଘୁପତି ଦଳ ଛାଡିଦେବେ। ହେଲେ ଆଜି କିନ୍ତୁ ଏହା ସତ୍ୟ ପ୍ରମାଣିତ ହେବା ସହିତ ଦେବୀଙ୍କୁ ବଡ ଝଟ୍‌କା ଦେଇଛି। ରଘୁପତି ନିଜର ସରପଞ୍ଚ ଓ ସମିତିସଭ୍ୟଙ୍କୁ ଧରି ବିଜେପିରେ ଯୋଗ ଦେଇଛନ୍ତି। ଯୋଗଦେବା ପରେ କହିଛନ୍ତି ବିକାଶ ଦୌଡରେ ସାମିଲ ପାଇଁ ସେ ଏଭଳି କରିଛନ୍ତି। ଦେବୀ କିନ୍ତୁ କହିଛନ୍ତି ରଘୁପତି ପୃଷ୍ଠା-୬

## ଟ୍ରେଣ୍ଡିଂ ନ୍ୟୁଜ୍

- ପ୍ରାୟ ଏକ ସପ୍ତାହ ଧରି ପାର୍ଲାମେଣ୍ଟରେ ଅଚଳାବସ୍ଥା ଲାଗି ରହିବା ପରେ ସମ୍ବିଧାନ ଉପରେ ବିତର୍କ ପାଇଁ ସହମତି। ଆସନ୍ତା ୧୨ ଓ ୧୩ରେ ଲୋକସଭା ଓ ୧୬ ଏବଂ ୧୭ରେ ରାଜ୍ୟସଭାରେ ବିତର୍କ ଲାଗି ନିଷ୍ପତ୍ତି।
- ସାଇକ୍ଲୋନ ଫେଙ୍ଗାଲ ପ୍ରଭାବରେ ତାମିଲନାଡୁ ଓ ପୁଡୁଚେରୀରେ ପ୍ରବଳ ବର୍ଷା। ତାମିଲନାଡୁର କୃଷ୍ଣାଗିରି ଜିଲ୍ଲା ସବାଧିକ କ୍ଷତିଗ୍ରସ୍ତ।
- ସୁରତର ବିଜେପି ମହିଳା ମୋର୍ଚ୍ଚା ନେତ୍ରୀ ଦୀପିକା ପଟେଲ(୩୪)ଙ୍କ ଆତ୍ମହତ୍ୟା।
- ଗୁରୁଗ୍ରନ୍ଥ ସହେବଙ୍କୁ ଅପମାନିତ କରିଥିବା ଡେରା ସଚ୍ଚା ସୌଦା ମୁଖ୍ୟ ଗୁରୁମିତ ରାମ ରହିମଙ୍କୁ ସମର୍ଥନ କରିବା କାରଣରୁ ପଞ୍ଜାବର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସୁଖବୀର ବାଦଲଙ୍କୁ ସ୍ୱର୍ଣ୍ଣମନ୍ଦିର ଏବଂ ଅନ୍ୟାନ୍ୟ ଗୁରୁଦ୍ୱାରରେ ଥିବା ସ୍ନାନାଗାର ଓ ରୋଷଶାଳା ସଫେଇ ଲାଗି ନିର୍ଦ୍ଦେଶ।ଶିଖମାନଙ୍କର ସର୍ବୋଚ୍ଚ ସଂସ୍ଥା ଅକଲ ତଖତ ଦ୍ୱାରା ଏହି ଦଣ୍ଡାଦେଶ ଦିଆଯାଇଛି।
- ହିନ୍ଦୁମାନେ ଅନ୍ୟୁନ ତିନି ସନ୍ତାନ ଜନ୍ମ କରନ୍ତୁ ବୋଲି ଆର୍‌ଏସ୍‌ଏସ୍ ମୁଖ୍ୟ ମୋହନ ଭାଗବତଙ୍କ ମନ୍ତବ୍ୟକୁ କଂଗ୍ରେସର ବିରୋଧ। ସାଂସଦ ରେଣୁକା ଚୌଧୁରୀ କହିଲେ ଆମେ କ'ଣ ମୂଷା ଯେ ଜନ୍ମ କରିଚାଲିଥିବୁ।
- ମହାରାଷ୍ଟ୍ରରେ ଆସନ୍ତା ୪ରେ ବସିବ ବିଜେପି ବିଧାୟକ ଦଳ ବୈଠକ। ନେତା ନିର୍ବାଚନ ପାଇଁ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଓ ଗୁଜରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୁପାଣି ପର୍ଯ୍ୟବେକ୍ଷକ ନିଯୁକ୍ତ।



### କାନ ଡେରିଥା

ଆଳୁ ମନ୍ତ୍ରୀ ଏବେ ଖମ୍ବଆଳୁ ମନ୍ତ୍ରୀ
ଜାଣିଲେ ଓଡ଼ିଶାବାସୀ
ନିଜ କାମ ଛାଡ଼ି ମମତା ଦିଦିଙ୍କୁ
ଦୋଷତ ଦିଅନ୍ତି କଷି
ବିବୃତି ଦେଇ ଦେଇ ମନକୁ
ଗଲେଣି ଫଶି

## ଇଞ୍ଜିନିୟରିଂ କଲେଜ ହାତକୁ ନେବାକୁ ସରକାରଙ୍କୁ ଅଲ୍ଟିମେଟମ୍




ଭୁବନେଶ୍ୱର,୨।୧୨ (ସଂଚାର ବ୍ୟୁରୋ): ଦୀର୍ଘ ୬୭ ବର୍ଷର ବୈଷୟିକ ଶିକ୍ଷାନୁଷ୍ଠାନ ବରପଦା ଇଞ୍ଜିନିୟରିଂ କଲେଜ ମାମଲା ଆସି ଭୁବନେଶ୍ୱରରେ ପହଞ୍ଚିଛି। ରାଜ୍ୟ ସରକାର ଏହାକୁ ତୁରନ୍ତ ହାତକୁ ନନେଲେ ରାଜଧାନୀରେ ଧାରଣା ଦିଆଯିବ ବୋଲି ଚେତାବନୀ ଦେଇଛି ଭଦ୍ରକ ନାଗରିକ କମିଟି।

କମିଟି ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି ଯେ ୧୯୫୭ ମସିହାରେ ଡକ୍ଟର ହରେକୃଷ୍ଣ ମହତାବଙ୍କ ସୌଜନ୍ୟରୁ ଗୋଟିଏ ଇଞ୍ଜିନିୟରିଂ ସ୍କୁଲରୁ ଆରମ୍ଭ ହୋଇଥିବା ଏହି ଶିକ୍ଷାନୁଷ୍ଠାନ ଆଜି ବରପଦା ଇଞ୍ଜିନିୟରିଂ କଲେଜ ନାମରେ ପରିଚିତ। ଏହି ଶିକ୍ଷାନୁଷ୍ଠାନରେ ରାଜ୍ୟ ସରକାରଙ୍କର ୫୦ ପ୍ରତିଶତ ଜମି ରହିଛି। ଅବଶିଷ୍ଟ ଜମିକୁ ବଦାନ୍ୟ ବ୍ୟକ୍ତିମାନେ ଦେଇଥିଲେ। ରାଜ୍ୟର ଏହି ବୃହତ୍ ଶିକ୍ଷାନୁଷ୍ଠାନରେଏବେ ପାଖପାଖି ୩ହଜାର ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଏହା ହେଉଛି ରାଜ୍ୟର ଏକମାତ୍ର ବୈଷିୟକ ଶିକ୍ଷାନୁଷ୍ଠାନ ଯେଉଁଥିରେ ସରକାରଙ୍କର ସମ୍ପତ୍ତି ଥିବାବେଳେ ପରିଚାଳନା ଘରୋଇ ବ୍ୟକ୍ତିଙ୍କ ହାତରେ ରହିଛି।

● ଭୁବନେଶ୍ୱରରେ ପହଞ୍ଚିଲା ବରପଦା ଆନ୍ଦୋଳନ
● ବିଧାନସଭାରେ ଆଗରେ ଦେବେ ଧାରଣା

ଯେହେତୁ ଶିକ୍ଷାନୁଷ୍ଠାନରେ ସରକାରଙ୍କର ବଡ ଅଂଶ ରହିଛି ତେଣୁ ଏହାର ପରିଚାଳନା ସରକାର ନିଜ ହାତକୁ ନିଅନ୍ତୁ ବୋଲି ନାଗରିକ କମିଟି ବାରମ୍ବାର ଦାବି କରିଆସୁଛି। କମିଟି କହିଛି ଯେ ସରକାରଙ୍କ ନିରବତା ଯୋଗୁଁ ଏହି କଲେଜ ଏବେ ଘରୋଇ ପରିଚାଳନାରୁ ବାହାରି ପାରୁନାହିଁ। ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲଙ୍କ ପରିବାର ଏହାର ମାଲିକ ସାଜିଥିବାରୁ ଶିକ୍ଷକ ଓ କର୍ମଚାରୀମାନେ ବର୍ଷାଧିକ କାଳ ହେଲା ଦରମା ପାଇପାରୁନାହାନ୍ତି। ୨୦୧୬ ରୁ ୨୦୧୯ ପର୍ଯ୍ୟନ୍ତ ଜିଲ୍ଲାପାଳ ଏହି କଲେଜର ଅଧ୍ୟକ୍ଷ ଥିବାବେଳେ ଶିକ୍ଷକ ଓ କର୍ମଚାରୀମାନେ ନିୟମିତ ଦରମା ପାଉଥିବାବେଳେ ଏବେ କ'ଣ ପାଇ ସେମାନଙ୍କୁ ପାରିଶ୍ରମିକ ମିଳୁନାହିଁ ସରକାର ଏହା ଉପରେ ତୁରନ୍ତ ପଦକ୍ଷେପ ନେବା ଆବଶ୍ୟକ।

କମିଟି ଦର୍ଶାଇଛି ଯେ ଏହି କଲେଜରେ ଏବେ ୨୦୦ ରୁ ୨୫୦ କୋଟି ଟଙ୍କାର ଦୁର୍ନୀତି ହୋଇଛି। କଲେଜ ନାଁରେ କିଣା ଯାଇଥିବା ମୂଲ୍ୟବାନ ଗାଡିକୁ ଅଧ୍ୟକ୍ଷ ଓ ତାଙ୍କ ପରିବାର ବ୍ୟବହାର କରୁଛନ୍ତି। ସେହିଭଳି ଭଦ୍ରକ ଏକାଡେମିକୀ ଟେକ୍ନୋଲୋଜି ପ୍ରତିଷ୍ଠା ପାଇଁ ୨୦୦୭-୦୮ ମସିହାରେ କିଣାଯାଇଥିବା ୩୨ ଏକର ଜମି ଇତି ମଧ୍ୟରେ ବିକ୍ରି ସରିଲାଣି। ଏହି ନୂଆ ଶିକ୍ଷାନୁଷ୍ଠାନଟି ଚାଲିଲା ନାହିଁ ଦର୍ଶାଇ ସାମଲ ପରିବାର ସେହି ଜମିକୁ ନିଜ ଚିହ୍ନା ପରିଚିତ ଲୋକଙ୍କୁ ବିକ୍ରି କରିଦେଲେ। ଜମି ଖରିଦ ପାଇଁ ଇଞ୍ଜିନିୟରିଂ କଲେଜ ପାଣ୍ଠିରୁ ଅର୍ଥ ଯାଇଥିବାବେଳେ ଜମି ବିକ୍ରି ପୃଷ୍ଠା-୬

# ଦୂର ହେବ ସାତଭାୟାବାସୀଙ୍କ ଦୁଃଖ

## ବଗପାଟିଆ ଥଇଥାନସ୍ଥଳିର ବିକାଶ ପାଇଁ ଜିଲ୍ଲାପାଳଙ୍କ ସ୍ୱତନ୍ତ୍ର ବୈଠକ

**ରାଜନଗର, ୨।୧୨ (ସଂଚାର ବ୍ୟୁରୋ) :** ବଂଗୋପସାଗର ଆଁ ଭିତରେ ନିଜର ଭିଟାମାଟି ହରାଇ ନୂଆ ଠିକଣା ବଗପାଟିଆରେ ବସବାସ କରୁଥିବା ସାତଭାୟାବାସୀଙ୍କ ଦୁର୍ଦ୍ଦଶା କହିଲେ ନସରେ। ଅସରାଏ ବର୍ଷାରେ ସେମାନେ ଜଳବନ୍ଦୀ ହୋଇପଡନ୍ତି। ସେମାନଙ୍କ ଦୁଃଖ ଦୁର୍ଦ୍ଦଶାକୁ ଖୁବ୍‌ଶୀଘ୍ର ଦୂର କରିବା ପାଇଁ ରାଜ୍ୟ ସରକାର ତତ୍ପରତା ପ୍ରକାଶ କରିଛନ୍ତି। ଏ ନେଇ ଗତମାସ ୧୪ ତାରିଖରେ ସ୍ପେଶାଲ ରିଲିଫ କମିସନରଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସଚିବ ସ୍ତରୀୟ ବୈଠକ ଶେଷ ହୋଇଛି। ଏହି ଅଧିକ କ୍ରୀୟାଶୀଳ କରିବା ପାଇଁ କେନ୍ଦ୍ରାପଡ଼ା ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ଅଂଟା ଭିଡିଛନ୍ତି।

ଆଜିର ବୈଠକରେ ଥଇଥାନସ୍ଥଳୀର ୧୮ଟି ଇଂଟରନାଲ ରୋଡକୁ କେତେ ଉଚ୍ଚତା ବିଶିଷ୍ଟ କରାଯିବ, ସେଥିପାଇଁ କେତେ ଟଙ୍କା ଅଛି ଓ ଆଉ କେତେ ଟଙ୍କା ଆବଶ୍ୟକତା ଅଛି, ସେ ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଜିଲ୍ଲାପାଳ ପଚାରିବା ସହ ଅତିରିକ୍ତ ଅର୍ଥ କେତେ ଆବଶ୍ୟକ ତାର ଏଷ୍ଟିମେଣ୍ଟ ଦେବାକୁ କହିଥିଲେ। ୧୮ଟି ଇଂଟରନାଲ ଡ୍ରେନେଜରୁ ୨ଟି କାମ ସରିଥିବା ବେଳେ ଆଉ ୧୬ଟି ଇଂଟରନାଲ ଡ୍ରେନେଜ ପାଇଁ କେତେ ଟଙ୍କାର ଆବଶ୍ୟକତା ରହିଛି, ସେ ନେଇ ଡ୍ରେନେଜ ବିଭାଗକୁ ପଚାରିବା ସହ ଏଷ୍ଟିମେଣ୍ଟ ଦେବାକୁ କହିଥିଲେ। ସରକାରୀ କାର୍ଯ୍ୟାଳୟ ଗୁଡିକରେ ମାଟି ଫିଲିଙ୍ଗ ପାଇଁ ୧ କୋଟି ୭୦ଲକ୍ଷ ଟଙ୍କା ରହିଛି। ସାତଭାୟାର ଅବଶିଷ୍ଟ ୧୪୮ ପରିବାର ଓ ଚାରିଘରିଆର ୯୯ ପରିବାରଙ୍କୁ



ଦିଆଯାଇଥିବା ଜମିରେ ମାଟି ଫିଲିଙ୍ଗ ପାଇଁ କେତେ ଟଙ୍କାର ଆବଶ୍ୟକତା ରହିଛି, ସେ ନେଇ ଡ୍ରେନେଜ ବିଭାଗ ହିସାବ ଦେବ। ସାତଭାୟାର ୧୪୮ ପରିବାର ଓ ଚାରିଘରିଆର ୯୯ ପରିବାରକୁ ସରକାରୀ କୋଠା ଯୋଗାଇ ଦେବା ପାଇଁ ସରକାରଙ୍କ ଚିଠି ଲେଖାଯିବ। ୫୭୧ ପରିବାର ମଧ୍ୟରୁ ଯେଉଁ ୩୦ ପରିବାର ଘର ବାବଦ ଟଙ୍କା ପାଇନାହାଁନ୍ତି, ସେମାନଙ୍କୁ ୭ଦିନ ଭିତରେ ଟଙ୍କା ଯୋଗାଇ ଦିଆଯିବ। ଜାନୁୟାରୀ ୧ ସୁଦ୍ଧା ଖେଳ ପଡ଼ିଆ ଓ ପଞ୍ଚାୟତ ଅଫିସ କାମ ସରିବ। ସ୍ଥାନୀୟ ବାସିନ୍ଦାଙ୍କୁ ଜୀବିକା ଯୋଗାଇ ଦେବା ପାଇଁ ୭ ଏକର ବିଶିଷ୍ଟ ୨୦ଟି ପୋଖରୀ ଖୋଳାଯିବ। ପୋଖରୀ ମାଟିରେ ଥଇଥାନସ୍ଥଳୀ ଫିଲିଙ୍ଗ କରାଯିବ ଓ ପୋଖରୀରେ ସ୍ଥାନୀୟ ଲୋକେ ମାଛ ଚାଷ କରି ଜିବୀକା ନିର୍ବାହ କରିବେ।

ଏଥିସହିତ ସାତଭାୟାର ପ୍ରାୟ ପ୍ରତ୍ୟେକ ପରିବାରର ଯୁବକ ଯୁବତୀ କେରଳ ଯାଉଛନ୍ତି କାମ କରିବା ପାଇଁ। ସେମାନଙ୍କୁ ସାତଭାୟାରେ ଜୀବିକା ଯୋଗାଇ ଦେବା ପାଇଁ ସ୍କିଲ ଡେଭଲପମେଣ୍ଟ ସେଂଟର ଖୋଲାଯିବ। ଏଥିସହ ଥଇଥାନସ୍ଥଳୀ ନିକଟରେ ନାଳିଆ ଚାଷ କରାଯାଇ କିଛି ଲୋକଙ୍କୁ କର୍ମ ସଂସ୍ଥାନ ଯୋଗାଇ ଦେବାକୁ ଆଜିର ବୈଠକରେ ସ୍ଥିର ହୋଇଛି। ୧୫ଦିନ ରୁ ମାସେ ଭିତରେ ସମସ୍ତ କାର୍ଯ୍ୟର ଡିପିଆର ଶେଷ କରାଯାଇ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯିବ ବୋଲି ଜିଲ୍ଲାପାଳ ଶ୍ରୀ ପ୍ରଧାନ ସୂଚନା ଦେଇଛନ୍ତି।



## ବାପାର ଟାଙ୍ଗିଆ ଚୋଟରେ ଝିଅ, ପତ୍ନୀ ଓ ଭଣଜା ଗୁରୁତର

**କେନ୍ଦ୍ରାପଡ଼ା, ୨।୧୨ (ସଂଚାର ବ୍ୟୁରୋ) :** ସୋମବାର କୁଦାନଗରୀ ଥାନା ଅଂଚଳରେ ଘଟିଛି ଅଭାବନୀୟ ଘଟଣା । ବାପାର ଟାଙ୍ଗିଆ ଚୋଟରେ ତିନିଜଣ ହୋଇଛନ୍ତି ଗୁରୁତର । ମାର୍ଶାଘାଇ ବ୍ଲକ କୁଦାନଗରୀ ଥାନା ଗଉଡଗାଁ ଗ୍ରାମରେ ଏଭଳି ଘଟଣା ଘଟିଥିବା ଜଣାପଡିଛି । ବାପାର ଟାଙ୍ଗିଆ ଚୋଟରେ ଝିଅ, ମା ଓ ଭଣଜା ୩ ଜଣ ଗୁରୁତର ଆହତ ହୋଇ ପ୍ରଥମେ କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ଅବସ୍ଥା ଗୁରୁତର ହେବାରୁ ଗୁରୁତର ଆହତ ୩ ଜଣଙ୍କୁ କଟକ ବଡ ମେଡିକାଲ ସ୍ଥାନାନ୍ତର କରାଯାଇଛି। ଅଭିଯୁକ୍ତ ବାପା ଜଣଙ୍କ ହେଉଛନ୍ତି ରମେଶ ମହାନ୍ତି। ରମେଶ ତାଙ୍କର ନିଜ ଝିଅ, ପତ୍ନି ଓ ଭଣଜାକୁ ଧାରୁଆ ଅସ୍ତ୍ରରେ ହାଣି ଫେରାର ହୋଇ ଯାଇଛି। କୁଦାନଗରୀ ପୋଲିସ ଖବର ପାଇବା ପରେ ଘଟଣା ସ୍ଥଳରେ ପହଁଚି ତଦନ୍ତ ଆରମ୍ଭ କରିଛି। ପାରିବାରିକ କଳହକୁ ନେଇ ଏପରି ହୃଦୟ ବିଦାରକ ଘଟଣା ଘଟିଛି ବୋଲି ସୁଚନା ମିଳିଛି। ଆହତ ୩ ଜଣଙ୍କର ବେକ ମୁଣ୍ଡରେ ଗଭୀର ଆଘାତ ଲାଗିଥିବାର ସୁଚନା ମିଳିଛି। ତେବେ ନିଶାସକ୍ତ ଅବସ୍ଥାରେ ରମେଶ ଏଭଳି କରିଥିବା ସମ୍ପର୍କୀୟ ଅଭିଯୋଗ କରିଛନ୍ତି ।

## ୭ଦଫା ଦାବି ନେଇ ଧାରଣା ଦେଲେ କଣ୍ଟ୍ରୋଲ ଡିଲର ସଂଘ

**କେନ୍ଦ୍ରାପଡା, ୨।୧୨ (ସଂଚାର ବ୍ୟୁରୋ) :** ୭ଦଫା ଦାବି ନେଇ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟ ସାମ୍ନାରେ ଧାରଣା ଦିଆଯାଇଛି। ରାଜ୍ୟ ସଂଘ ନିର୍ଦ୍ଦେଶ କ୍ରମେ କେନ୍ଦ୍ରାପଡ଼ା କଣ୍ଟ୍ରୋଲ ଡିଲର ସଂଘ ଜିଲ୍ଲା ଶାଖା ତରଫରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏହି ଦାବିପତ୍ର ପ୍ରଦାନ କରିଛନ୍ତି ।

ଜିଲ୍ଲା ସଭାପତି ଉତ୍ତମ ଦାସ ଓ ସଂପାଦକ ତପନ କୁମାର ମହାନ୍ତିଙ୍କ ନେତୃତ୍ୱରେ ଗରାପୁର ଛକ ଠାରୁ ପ୍ରଥମେ ଏକ ଶୋଭାଯାତ୍ରାରେ ଆସି ଜିଲ୍ଲାର ୬୦୦ରୁ ଉର୍ଦ୍ଧ୍ୱ ଡିଲରମାନେ ସେମାନଙ୍କର ନାର୍ଯ୍ୟ ଦାବି ଯଥା- ମାନ୍ୟବର ଖାଦ୍ୟ ଯୋଗାଣ ଓ



ଖାଉଟୀ କଲ୍ୟାଣ ବିଭାଗ ମନ୍ତ୍ରୀଙ୍କ ଘୋଷଣା ଅନୁଯାଇ କାର୍ଯ୍ୟରତ ଖୁଚୁରା ବ୍ୟବସାୟୀଙ୍କ କରୋନା ମହାମାରୀ ସମୟରୁ ଆଜିଯାଏ ବକେୟା ଥିବା ରାଶି ପ୍ରଦାନ କରାଯାଉ, କାର୍ଯ୍ୟରତ ଖୁଚୁରା ବିକ୍ରେତା ମାନଙ୍କୁ ଇ-କେୱାଇସି ବାବଦ ପାରିଶ୍ରମିକ ଅର୍ଥ ତୁରନ୍ତ ପ୍ରଦାନ କରାଯାଉ, ଅନ୍ୟ ରାଜ୍ୟ ପରି ୩ ବର୍ଷିଆ ସନ୍ଦନ ନବୀକରଣ କରାଯାଉ, ସାମଗ୍ରୀ ବଣ୍ଟନ ସମୟରେ ସରଭର ଡାଉନ, ଲିଙ୍କ ଫେଲ, ନେଟୱାର୍କ ସମସ୍ୟାର ସ୍ଥାୟୀ ସମାଧାନ କରାଯିବା ଆଦି ଦାବି ଗୁଡିକ ରହିଛି । ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏହି ଦାବିପତ୍ର ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କୁ ପ୍ରଦାନ କରାଯାଇଛି । ଏହି ଦାବିପତ୍ର ପ୍ରଦାନ ସମୟରେ ରମେଶ ଲାଲ, ଅଲେଖ ଚନ୍ଦ୍ର ନାୟକ, ଶୁଶାନ୍ତ କୁମାର ବେହେରା, ମିର ହାକିମ ବକ୍ସ, ମିର ସଲିମ, ଦୁର୍ଗା ପ୍ରସାଦ ପତି, ନରୋତମ ଦାସଙ୍କ ସମେତ ଶତାଧିକ ବ୍ୟକ୍ତି ଉପସ୍ଥିତ ଥିଲେ ।

### କାର ଲୁଟ୍ ଘଟଣା

## କାର ଉଦ୍ଧାର, ୨ ଅଟକ

**ପଟ୍ଟାମୁଣ୍ଡାଇ, ୨।୧୨ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅନ୍ତର୍ଗତ କଷଣଅଷ୍ଟା ଗ୍ରାମର ଜନୈକ ଯୁବ ବ୍ୟବସାୟୀଙ୍କ କାରକୁ ଗତ ୨୯ ତାରିଖ ସ୍ପଷ୍ଟ ଦିବାଲୋକରେ ଅଭିନବ ଉପାୟରେ ଚୋରି ହୋଇଯାଇଛି । ଚୋରମାନେ ଗ୍ରାହକ ବେଶରେ ଆସି ଯୁବବ୍ୟବସାୟୀଙ୍କ ବ୍ୟସ୍ତତା ଓ ଅସାବଧାନତାର ସୁଯୋଗ ନେଇ କାର ଚାବି ଧରି କାରଟିକୁ ଚୋରି କରି ନେଇ ଫେରାର ହୋଇ ଯାଇଥିଲେ । ଏ ସମ୍ପର୍କରେ ଉକ୍ତ ଯୁବ ବ୍ୟବସାୟୀ ଓ କାର ମାଲିକ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଏତଲା ଦେଇଥିଲେ । ସ୍ଥାନୀୟ ପୋଲିସ ଏ ସମ୍ପର୍କରେ ଏକ ମୋକଦମା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା । ଅଭିନବ ଉପାୟରେ ଏଭଳି ଚୋରୀ ଘଟଣା ପଟ୍ଟାମୁଣ୍ଡାଇରେ ପ୍ରଥମ ବୋଲି କୁହାଯାଉଛି । ପ୍ରକାଶ ଯେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅନ୍ତର୍ଗତ କଷଣଅଷ୍ଟା ଗ୍ରାମର ବିଶ୍ୱ ରଞ୍ଜନ ପାତ୍ର ଜଂଜାଳୀ ଟ୍ରେଡ଼ର୍ସ ନାମରେ ଏକ ରଡ଼ ସିମେଣ୍ଟ ଦୋକାନ କଟକ ଚାନ୍ଦବାଲି ରାସ୍ତାର କଷଣଅଷ୍ଟା ଛକ ଠାରେ କରିଛନ୍ତି । ଗତ ୨୯ ତାରିଖ ରେ ୫ଜଣ ଲୋକ ରଡ଼ ସିମେଣ୍ଟ କିଣିବା ପାଇଁ ଗ୍ରାହକ ବେଶରେ ଆସି ଦୋକାନରେ ପହଂଚି ଥିଲେ। ଯୁବ ବ୍ୟବସାୟୀ ଶ୍ରୀପାତ୍ର ସେମାନଙ୍କ ସହିତ ରଡ଼ ସିମେଣ୍ଟ ଦର ବିଷୟରେ କଥା ହେଉଥିବା ସମୟରେ ତାଙ୍କର ବ୍ୟସ୍ତତାକୁ ଲକ୍ଷ୍ୟ କରି ଦୋକାନ ଟେବୁଲ ଉପରେ ଥିବା କାର ଚାବିକୁ କରାୟତ୍ତ କରି ନେଇ ତାଙ୍କର ଓଡି୫ଏଡବ୍ଲ୍ୟୁ୦୮୮ ନମ୍ବର ହୁଣ୍ଡାଇ କାରକୁ ଷ୍ଟାର୍ଟ କରି ତତକ୍ଷଣାତ ଘଟଣାସ୍ଥଳରୁ ନେଇ ଫେରାର ହୋଇଯାଇଥିଲେ । ଏଥିରେ ବ୍ୟବସାୟୀ ଜଣକ ହତବାକ ହୋଇପଡ଼ିଥିଲେ । ଶେଷରେ ଅନ୍ୟଉପାୟ ନପାଇ କାର ଚୋରି ସମ୍ପର୍କରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଏତଲା ଦେଇଥିଲେ । ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇ ଆଇ ସି ସୁଶାନ୍ତ ସାହୁଙ୍କ ନିର୍ଦ୍ଦେଶରେ ସ୍ଥାନୀୟ ପୋଲିସ ଥାନା କେଶ ନଂ ୩୫୮/୨୪ରେ ଏକ ଚୋରୀ ମୋକଦମା ରୁଜୁ କରି ଏହି ମାମଲା ର ତନାଘନା ତଦନ୍ତ ଆରମ୍ଭ କରିଥିଲା । ପଟ୍ଟାମୁଣ୍ଡାଇ ପୋଲିସ ସମସ୍ତ କଳକୌଶଳ ପ୍ରୟୋଗ କରି ଉକ୍ତ ଚୋରୀ କାରକୁ ଜଗତପୁର ଠାରେ ଜବତ କରିଛି । ଏହି ଘଟଣାରେ ସମ୍ପୃକ୍ତ ୫ଜଣଙ୍କ ମଧ୍ୟରୁ ୨ଜଣଙ୍କୁ ଧରି ଆଣି ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଅଟକ ରଖାଯାଇ ଏହି ମାମଲାର ଛାନଭିନ କରାଯାଉଛି । ଆସନ୍ତାକାଲି ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ସାମ୍ବାଦିକ ସମ୍ମିଳନୀରେ ଉଚ୍ଚ ପୋଲିସ କର୍ତ୍ତୃପକ୍ଷ ଏହି କାର ଚୋରି ମାମଲାର ଖୁଲାସା କରିବେ ବୋଲି ଜଣାପଡିଛି ।

## ପୂର୍ବତନ ପ୍ରଧାନଶିକ୍ଷୟିତ୍ରୀଙ୍କ ବିୟୋଗରେ ଶୋକ

**ଆଳି, ୨।୧୨ (ସଂଚାର ବ୍ୟୁରୋ):** ଆଳି ବ୍ଲକ ଅନ୍ତର୍ଗତ ସୋରିଷଦା ପ୍ରକଳ୍ପ ଉଚ୍ଚପ୍ରାଥମିକ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷୟତ୍ରୀ ରଞ୍ଜିତା ଧଳ (୬୩) ବର୍ଷ ବୟସରେ ତାଙ୍କ ପତ୍ରପୁରସ୍ଥିତ ବାସଭବନରେ ଆଜି ପରଲୋକ ହୋଇଯାଇଛି। ଚାକିରୀ ଜୀବନର ଅନ୍ତିମ ପର୍ଯ୍ୟାୟରେ ସୋରିଷଦା ପ୍ରକଳ୍ପ ଉଚ୍ଚପ୍ରାଥମିକ ବିଦ୍ୟାଳୟରୁ ପ୍ରଧାନଶିକ୍ଷୟତ୍ରୀ ଭାବେ ସେ ଅବସର ଗ୍ରହଣ କରିଥିଲେ। ଏହା ପୂର୍ବରୁ ବିଲିକଣା କ୍ଲଷ୍ଟରର ସିଆରସିସି ଭାବେ ମଧ୍ୟ କାର୍ଯ୍ୟ ତୁଲାଇଥିଲେ। ଦୀର୍ଘଦିନ ହେବ ସେ ଅସୁସ୍ଥ ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ସୋରିଷଦା ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରୀ ଶୈଳବାଳା ରାଉତଙ୍କ ସଭାପତିତ୍ୱରେ ଏକ ଶୋକସଭା କରାଯାଇଥିଲା। ଉକ୍ତ ଶୋକସଭାରେ ଶିକ୍ଷୟତ୍ରୀ ଗୀତାଞ୍ଜଳି ନାଥଶର୍ମା ଓ ସସ୍ମିତା ବାରିକ ଯୋଗଦାନ କରି ସ୍ୱର୍ଗତାଃ ରଞ୍ଜିତା ଧଳଙ୍କ କର୍ମମୟ ଜୀବନ ଉପରେ ଆଲୋକପାତ କରିବା ସହିତ ଛାତ୍ରଛାତ୍ରୀମାନଙ୍କୁ ତାଙ୍କ ଜୀବନୀ ସମ୍ପର୍କରେ ଅବଗତ କରିଥିଲେ।

## ନବରଙ୍ଗପୁରରେ ଜନଶୁଣାଣି ଶିବିର




**ନବରଙ୍ଗପୁର, ୨।୧୨ (ସଂଚାର ବ୍ୟୁରୋ):** ଆଜି ଜିଲ୍ଲା ପରିଷଦ ସମ୍ମିଳନୀ ଗୃହରେ ନବରଙ୍ଗପୁର ଜିଲ୍ଲାପାଳ ଡା ଶୁଭଙ୍କର ମହାପାତ୍ର ଏବଂ ଆରକ୍ଷୀ ଅଧୀକ୍ଷକ ଶ୍ରୀ ମିହିର କୁମାର ପଣ୍ଡାଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସି ଡି ଓ ,ଜିଲ୍ଲା ପରିଷଦ ଶ୍ରୀ ବିରଞ୍ଚି ନାରାୟଣ ଦରୱାନ, ଉପଜିଲ୍ଲାପାଳ,ନବରଙ୍ଗପୁର ଶ୍ରୀ ପ୍ରକାଶ ମିଶ୍ରଙ୍କ ସମେତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

ଏହି ଜନ ଶୁଣାଣି ଶିବିରରେ ମୋଟ ୪୬ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୪୧ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୫ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ମିଳିତ ଥିଲା।ଜିଲ୍ଲା ଶ୍ରମ ବିଭାଗ ତରଫରୁ ଶ୍ରମିକ କଲ୍ୟାଣ ସହାୟତା ଯୋଜନା ରେ ୧,୨୮,୬୦,୦୦୦/- ଟଙ୍କା ର ସହାୟତା ରାଶି ପ୍ରଦାନ କରାଯାଇଥିଲା। ୭୫ ଜଣଙ୍କୁ ବିବାହ ସହାୟତା ୩୭,୫୦,୦୦୦/- ଟଙ୍କା,୩୭ ଜଣଙ୍କୁ ମାତୃତ୍ୱ ସହାୟତା ପାଇଁ ୩,୭୦,୦୦୦/- ଟଙ୍କା,୧୦୪ ଜଣଙ୍କୁ ଶିକ୍ଷା ପାଇଁ ୫,୫୦,୦୦୦/- ଟଙ୍କା,୪୦ ଜଣଙ୍କୁ ମୃତ୍ୟୁ କାଳୀନ ସହାୟତା ପାଇଁ ୮୦,୦୦,୦୦୦/- ଟଙ୍କା,୩୮ ଜଣଙ୍କୁ ଅନ୍ତେଷ୍ଟିକ୍ରୀୟା ସହାୟତା ପାଇଁ ୧,୯୦,୦୦୦/- ଟଙ୍କା ଏଭଳି ୨୯୪ ଜଣଙ୍କୁ ସହାୟତା ରାଶି ଡିବିଟି ମାଧ୍ୟମରେ ପ୍ରଦାନ କରାଯାଇଥିଲା।

### ବଞ୍ଚିତ ସୁଭଦ୍ରା ହିତାଧିକାରୀଙ୍କ ପାଇଁ ଖୁସି ଖବର

## ଜିଲ୍ଲାପାଳଙ୍କ ତନାଘନା, ତଦନ୍ତ ପାଇଁ ଗଠନ କଲେ ୧୦ ଟିମ୍

**ରାଜନଗର, ୨।୧୨ (ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ତରଫରୁ ପ୍ରତ୍ୟେକ ମହିଳାଙ୍କୁ ସୁଭଦ୍ରା ଯୋଜନା ମାଧ୍ୟମରେ ୫୦ହଜାର ଟଙ୍କା ଯୋଗାଇ ଦେଉଛନ୍ତି। ପ୍ରଥମ, ଦ୍ୱିତୀୟ ଓ ୩ୟ ଦଫାରେ କୋଟିଏରୁ ଉର୍ଦ୍ଧ୍ୱ ମହିଳାଙ୍କୁ ୫ ହଜାର ଟଙ୍କା ଲେଖାଏଁ ପ୍ରଥମ କିସ୍ତିରେ ପ୍ରଦାନ କରିଛନ୍ତି। ଏହାପରେବି ରାଜନଗର ବ୍ଲକରେ ୯ ହଜାର ୮୫୭ଜଣ ଆବେଦନ କରିଥିବା ହିତାଧିକାରୀ ବଞ୍ଚିତ ଅଛନ୍ତି। ରାଜନଗର ବ୍ଲକରେ ରାସନକାର୍ଡ ନଥିବା ଯେଉଁ ହିତାଧିକାରୀ ସୁଭଦ୍ରା ପାଇଁ ଆବେଦନ କରିଛନ୍ତି, ସେମାନଙ୍କ ସମ୍ପର୍କରେ ତଦନ୍ତ ପାଇଁ ୧୦ଟି ଟିମ୍ ଗଠନ କରାଯାଇଛି। ଆଜି ରାଜନଗର ବ୍ଲକ ସଭାଗୃହରେ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ପୌରୋହିତ୍ୟରେ ବିଡିଓ ଅଜିତ ନାରାୟଣ ପ୍ରସାଦ ଗିରି, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ, ରାଜସ୍ୱ ନିରୀକ୍ଷକ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ଅଙ୍ଗନୱାଡି ସୁପରଭାଇଜରମାନେ ଯୋଗ ଦେଇଥିଲେ। ରାଜନଗର ବ୍ଲକରେ ରାସନକାର୍ଡ ନଥିବା ୯୮୫୭ଜଣ ହିତାଧିକାରୀ ସୁଭଦ୍ରା ଯୋଜନାରେ ଆବେଦନ କରିଛନ୍ତି। ଏମାନେ ସୁଭଦ୍ରା ଯୋଜନାରେ ଅର୍ଥ ପାଇବାକୁ ଯୋଗ୍ୟ କି ଅଯୋଗ୍ୟ ତାହା ଜାଣିବା ପାଇଁ ରାଜନଗର ବ୍ଲକରେ ୧୦ଟି ଟିମ ଗଠନ କରାଯାଇଛି। ଏହି ଟିମ ଆସନ୍ତାକାଲି ଠାରୁ ୭ ତାରିଖ ଯାଏଁ ତଦନ୍ତ କରିବେ। ତଦନ୍ତ ରିପୋର୍ଟକୁ ବ୍ଲକସ୍ତରୀୟ ଯାଞ୍ଚ କମିଟି ଯାଞ୍ଚ କରିବା ପରେ ସେମାନଙ୍କ ତାଲିକା ସାର୍ବଜନୀନ କରାଯିବ। ଯାହାର ଅଭିଯୋଗ ଥିବ, ୧୪ ତାରିଖ ମଧ୍ୟରେ ଅଭିଯୋଗ ଗ୍ରହଣ କରାଯିବ। ଶେଷରେ ଫାଇନାଲ ତାଲିକା ସାର୍ବଜନୀନ କରାଯିବ। ୧୧ଟି ମାପଦଣ୍ଡ ଅନୁଯାୟୀ ଏହି ତଦନ୍ତ କରାଯିବ ବୋଲି ଜିଲ୍ଲାପାଳ ଶ୍ରୀ ପ୍ରଧାନ ସୂଚନା ଦେଇଛନ୍ତି।

### ବିଦ୍ୟୁତ୍ ଚୋରି ଦର୍ଶାଇ ୮୧,୨୧୮ ଟଙ୍କା ଫାଇନ୍

## କର୍ମଚାରୀଙ୍କ ଉପରେ ଅଭିଯୋଗ ଆଣିଲେ ହିତାଧିକାରୀ

**ମହାକାଳପଡ଼ା, ୨।୧୨ (ସଂଚାର ବ୍ୟୁରୋ) :** ବିଦ୍ୟୁତ ବିଭାଗ ଜଣେ ହିତାଧିକାରୀଙ୍କୁ ୮୧,୨୧୮ ଟଙ୍କା ଫାଇନ୍ କାଟିବା ଘଟଣା ଏବେ ସମଗ୍ର ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ମିଟର ଟ୍ୟାମ୍ପରିଂ କରାଯାଇ ବିଦ୍ୟୁତ ଚୋରି କରିବା ଦର୍ଶାଇ ଏହି ଫାଇନ୍ କଟାଯାଇଛି। ବିଦ୍ୟୁତ ବିଭାଗର ଏହି ଆଦେଶକୁ ଖଣ୍ଡନ କରିଛନ୍ତି ହିତାଧିକାରୀ। ଘରେ କାହାରି ଅନୁମତି ନନେଇ କର୍ମଚାରୀମାନେ ମିଟର ସହ କ'ଣ କରିଛନ୍ତି ବୋଲି ସେମାନେ ପ୍ରଶ୍ନ କରିଛନ୍ତି।

ସୂଚନା ମୁତାବକ ମହାକାଳପଡ଼ା ବ୍ଲକ ଦେଉଳପଡା ପଞ୍ଚାୟତ ଓଲିହା ଗ୍ରାମର ଜଣେ ବିଦ୍ୟୁତ ହିତାଧିକାରୀ ହେଉଛନ୍ତି ମିନା କୁମାରୀ ମହାପାତ୍ର। ତାଙ୍କ ନାମରେ ବିଦ୍ୟୁତ ସଂଯୋଗ ରହିଛି ଯାହାର ହିତାଧିକାରୀ ସଂଖ୍ୟା ହେଉଛି ୮୦୦୨୪୬୬୬୩୦୯। ଗତ ନଭେମ୍ବର ମସିହା ୨୭ ତାରିଖ ଗୁରୁବାର ଦିନ କେନ୍ଦ୍ରାପଡ଼ା ଡିଭିଜନ-୨ର ମହାକାଳପଡ଼ା



TPCODL
TP CENTRAL ODISHA DISTRIBUTION LIMITED
NOTICE UNDER SECTION 135 ELECTRICITY ACT, 2003 READ WITH REGULATION 163 OF ODISHA ELECTRICITY REGULATORY COMMISSION DISTRIBUTION (CONDITIONS OF SUPPLY) CODE, 2019

Notice No.: 0010110839 Date: 27.11.2024
To,
Name: MINA KUMARI MAHAPATRA
Address: OLIHA MAHAKALAPADA
Consumer No.: 80024666309
Division: KED2,MARSHAGHAI Sub-division: Mahakalapa Section: MAHAKALAPADA

Enclosures:
1. Physical verification report.
2. Provisional assessment order and bill.
3. FIR Copy (If applicable)

Er. Babulal Hati
Mahakalapada
Memo No. 287 Dated 27.11.2024
Corporate Office address:
TP Central Odisha Distribution Limited, Corporate Centre IDCO Towers Janapath, Bhubaneswar - 751022 Odisha

ସେକ୍ସନର ବିଦ୍ୟୁତ କର୍ମଚାରୀ ମିନା କୁମାରୀଙ୍କ ଘରକୁ ଯାଇଥିଲେ। ମିଟରରେ ସିଲ୍ ନଥିବା, ତାର କଟାଥିବା ଓ ସେଥିରେ କିଛି ଗୁଡ଼ା ହୋଇଥିବା ଦେଖିବାକୁ ପାଇ ବିଦ୍ୟୁତ ଚୋରି ହେଉଥିବା ଦର୍ଶାଇ ବିଦ୍ୟୁତ ବିଭାଗ ତରଫରୁ ସମ୍ପୃକ୍ତ ହିତାଧିକାରୀଙ୍କ ନାମରେ ୮୧,୨୧୮ ଟଙ୍କା ଫାଇନ କାଟିଛନ୍ତି।

ହିତାଧିକାରୀ ଶ୍ରୀମତୀ ମହାପାତ୍ର ବିଦ୍ୟୁତ ବିଭାଗ ମନମାନି ଚଲାଇଥିବା ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି ଘରେ କାହାରି ଅନୁମତି ନନେଇ କର୍ମଚାରୀମାନେ ମିଟର ପାଖରେ ପହଞ୍ଚି ମିଟର ସହ କ'ଣ କରିଛନ୍ତି ଆମେ ଜାଣି ନାହୁଁ। ଲାଇନ୍ ବିଷୟରେ ଆମର କିଛି ଧାରଣା ନାହିଁ। ମିଟର ଲାଗିବା ଦିନଠାରୁ ଆଜି ପର୍ଯ୍ୟନ୍ତ କୌଣସି ସମସ୍ୟା ନଥିଲା। ହଠାତ୍ ଏମିତି ହେବା ପଛରେ କିଛି ଷଡ଼ଯନ୍ତ୍ର ଥିବା ସେ ସଂଚାରକୁ କହିଛନ୍ତି। ସେପଟେ ହିତାଧିକାରୀ ଜଣଙ୍କ କାର୍ଯ୍ୟାଳୟକୁ ଏ ଘଟଣାର ପୁନଃ ବିଚାର କରିବାକୁ ଅନୁରୋଧ କରିଥିବା ବେଳେ ଫାଇନ ଭରିବା ହିଁ ଶେଷ ପ୍ରୟାସ ବୋଲି କାର୍ମଚାରୀମାନେ କହିଛନ୍ତି। ଯଦି କାର୍ଯ୍ୟାଳୟରୁ ସମାଧାନ ନହୁଏ ତେବେ ଆଇନର ଦ୍ୱାରସ୍ଥ ହେବାକୁ ଚେତାବନୀ ଦେଇଛନ୍ତି ଉପଭୋକ୍ତା।

### ବିପିଏଲ ପରିବାର ପାଇଁ ବିଜୁଳି ସାତ ସପନ ଘଟଣା

## ସଂଚାରରେ ଖବର ପ୍ରକାଶ ପରେ ସମାଧାନ ପାଇଁ ନିର୍ଦ୍ଦେଶ ଦେଲେ ଜିଲ୍ଲାପାଳ

**କେନ୍ଦ୍ରାପଡ଼ା, ୨।୧୨ (ସଂଚାର ବ୍ୟୁରୋ):** ସଂଚାର ରେ ଖବର ପ୍ରକାଶ ପରେ ଜଣେ ବିପିଏଲ ହିତାଧିକାରୀଙ୍କୁ ବିଦ୍ୟୁତ ସେବା ଯୋଗାଇ ଦିଆଯିବ। କେବଳ ସେତିକି ନୁହେଁ ନୂଆ ବିଦ୍ୟୁତ ସଂଯୋଗ ପାଇଁ ଦାଖଲ କରିଥିବା ଅର୍ଥରାଶି ମଧ୍ୟ ଫେରି ପାଇବେ। ଏନେଇ ଆଜି ସୂଚନା ଦେଇଛନ୍ତି ବିଦ୍ୟୁତ ବିଭାଗ କର୍ମଚାରୀ। ଯାହାକୁ ନେଇ ବେଶ୍ ଖୁସି ବ୍ୟକ୍ତ କରିଛନ୍ତି ନୃସିଂହ। ବିପିଏଲ ପରିବାର ପାଇଁ ବିଜୁଳି ସାତ ସପନ ଶୀର୍ଷକ ଖବର ଦୈନିକ ଖବରକାଗଜ 'ସଂଚାର'ରେ ପ୍ରକାଶ ପାଇଥିଲା।

ସୂଚନା ମୁତାବକ କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ବ୍ଲକ୍ ବେରୁହାଁ ପଞ୍ଚାୟତ ଅନ୍ତର୍ଗତ ଖମଗାଁ ବିନ୍ଧା ଗ୍ରାମର ବଟ ମଲ୍ଲିକଙ୍କ ପୁଅ ନୃସିଂହ ମଲ୍ଲିକଙ୍କ ଜଣେ ଗରିବ ବିପିଏଲ ହିତାଧିକାରୀ। ବିପିଏଲ ଶ୍ରେଣୀଭୁକ୍ତ ହୋଇ ମଧ୍ୟ ସେ ଆଜି ପର୍ଯ୍ୟନ୍ତ ବିଦ୍ୟୁତ ସେବା ପାଇବାରୁ ବଞ୍ଚିତ ଥିବା ସେ ସଂଚାରକୁ କହିଥିଲେ। କେବଳ ତାହା ନୁହେଁ ବିଦ୍ୟୁତ ସେବା ପାଇବା ପାଇଁ ସେ ବିଦ୍ୟୁତ୍ କାର୍ଯ୍ୟାଳୟକୁ ବାରମ୍ବାର ଦଉଡିବା ସହିତ ଗତ ୩ ଅକ୍ଟୋବର ୨୦୨୪ ଗୁରୁବାର ଦିନ ବିଦ୍ୟୁତ ଅଫିସରେ ୩୯୪୧ ଟଙ୍କା ପଇଠ ମଧ୍ୟ କରିଥିଲେ। ହେଲେ ଟଙ୍କା ପୈଠ କରିବାର ୨ ମାସ ପରେ ମଧ୍ୟ ନୃସିଂହ ମଲ୍ଲିକଙ୍କୁ ବିଦ୍ୟୁତ ସେବା ଯୋଗାଇ ଦିଆଯାଇ ନଥିଲା । ଏ ଘଟଣା ସଂଚାର ରେ ପ୍ରକାଶିତ ହେବା ପରେ ସମଗ୍ର ଜିଲ୍ଲାରେ ଚର୍ଚ୍ଚା ଜୋର୍ ଧରିଥିଲା। କେନ୍ଦ୍ରାପଡ଼ା ଜିଲ୍ଲାପାଳ ଏହି ଘଟଣାକୁ ଗୁରୁତର ସହ ନେଇ ବିଭାଗୀୟ କାର୍ଯ୍ୟାଳୟ କୁ ଅଭିଯୋଗ ପଠାଯିବା ସହିତ ତୁରନ୍ତ ସମସ୍ୟାର ସମାଧାନ କରିବାକୁ ସୂଚନା ଦେଇଥିଲେ।

**ଘରେ ପହଞ୍ଚିଲେ ଅଧିକାରୀ, ତ୍ୱରିତ ବିଦ୍ୟୁତ୍ ସେବା ଯୋଗାଇ ଦେବାକୁ ପ୍ରତିଶ୍ରୁତି**

ଆଜି ଟାଟା ପାୱାରର ଉପରିସ୍ଥ କର୍ମକର୍ତ୍ତା ହିତାଧିକାରୀ ଙ୍କ ଘରେ ପହଞ୍ଚି ସ୍ଥିତି ପରଖିଛନ୍ତି। ଖୁବଶୀଘ୍ର ନୂତନ ବିଦ୍ୟୁତ ଖୁଣ୍ଟ ପୋତାଯାଇ ବିଦ୍ୟୁତ ସେବା ଯୋଗାଇ ଦିଆଯିବା ସହିତ ନୂଆ ବିଦ୍ୟୁତ ସଂଯୋଗ ପାଇଁ ନେଇଥିବା ୩୯୪୧ ଟଙ୍କା ଫେରସ୍ତ କରିବାକୁ କାଗଜପତ୍ର ସଂଗ୍ରହ କରିଛନ୍ତି। ସଂଚାର ଖବରକାଗଜ ପାଇଁ ମୋର ଦୁଃଖ ଦୂର ହୋଇପାରିବ ବୋଲି କହି ସଂଚାରର ସମସ୍ତ କର୍ମକର୍ତ୍ତା ଙ୍କୁ ଧନ୍ୟବାଦ ଜଣାଇଛନ୍ତି ନୃସିଂହ ମଲ୍ଲିକ।

## ବଳଦେବଜୀଉ ମନ୍ଦିରରେ ନିର୍ବନ୍ଧରୁ ହାତାହାତି

**କେନ୍ଦ୍ରାପଡ଼ା, ୨।୧୨ (ସଂଚାର ବ୍ୟୁରୋ):** ବିବାହ ନିର୍ବନ୍ଧ ପାଇଁ ଆସିଲେ କାହିଁକି ନିତିକାନ୍ତି କରିନାହଁ କହି ସେବାୟତ ମାନଙ୍କ ସହ ବସଚା କଲେ । ବସଚା ଏଭଳି ହେଲା କିଛି ସମୟ ଧରି ମନ୍ଦିର ପରିସର ମଧ୍ୟରେ ସେବାୟତ ଏବଂ ନିର୍ବନ୍ଧ ପାଇଁ ଆସିଥିବା ବର କନ୍ୟା ପକ୍ଷ ଲୋକଙ୍କ ମଧ୍ୟରେ ଧସ୍ତାଧସ୍ତି ସହ ହାତାହାତି ପରିସ୍ଥିତି ସୃଷ୍ଟି ହୋଇଥିଲା। ସୂଚନା ଅନୁଯାୟୀ ସୋମବାର ମଧ୍ୟାହ୍ନ ସମୟରେ କେନ୍ଦ୍ରାପଡ଼ା ଜିଲ୍ଲା ସବଳକଣା ଅଞ୍ଚଳର ପୁଅ ଏବଂ ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ଅଲାର ଅଞ୍ଚଳର ଝିଅ ଦୁହିଁଙ୍କ ନିର୍ବନ୍ଧ ପାଇଁ ପ୍ରଭୁ ବଳଦେବଜୀଉ ମନ୍ଦିରକୁ ଆସିଥିଲେ । କିନ୍ତୁ ଦୁହିଁଙ୍କ ନିର୍ବନ୍ଧ କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ଆସିଥିବା ପୁଅ ଝିଅ ଦୁହେଁଙ୍କ ପରିବାର ଲୋକେ ପ୍ରଥମେ ମହାପ୍ରଭୁଙ୍କୁ ତୁଳସୀ ମାଳ ଚଢ଼ାଇବାକୁ ଯାଇ କାହିଁକି ମନ୍ଦିର ନିତିକାନ୍ତି କରିନାହଁ ବୋଲି ମନ୍ଦିରରେ ନିତିକନ୍ତି ପାଇଁ ନିୟୋଜିତ ଥିବା ସେବାୟତଙ୍କୁ ପ୍ରଶ୍ନ କରିବା ସହ ଯୁକ୍ତିତର୍କ କରିଥିଲେ । କିନ୍ତୁ ସେମାନଙ୍କ ପ୍ରଶ୍ନରେ ସେବାୟତମାନେ ତୁମେ ନିତୀକାନ୍ତି ପାଇଁ ପଚାରିବାକୁ କିଏ ବୋଲି କହିବା ପରେ ସେବାୟତ ଓ ଆସିଥିବା ପରିବାର ଲୋକଙ୍କ ମଧ୍ୟରେ ହାତାହାତି ଭଳି ପରିସ୍ଥିତି ଉପୁଜିଥିଲା । ସେହି ସମୟରେ ଘଟଣାଟି ଅଧିକ ଗୁରୁତର ହେବାରୁ ସେବାୟତ ମାନେ ସ୍ଥାନୀୟ ଫାଣ୍ଡି ଅଧିକାରୀଙ୍କୁ ଫୋନ୍ ଯୋଗେ ଜଣାଇଥିଲେ। ଏହାର କିଛି ସମୟ ପରେ ପୁଲିସ୍ ପହଞ୍ଚି ଘଟଣାକୁ ଆୟତ କରିବାକୁ ଚେଷ୍ଟା କରିଥିଲେ । ପରେ ନିର୍ବନ୍ଧ ପାଇଁ ଆସିଥିବା ପରିବାର ଲୋକେ ସ୍ଥାନୀୟ ଫାଣ୍ଡିରେ ସେବାୟତଙ୍କ ବିରୁଦ୍ଧରେ ଏକ ଏତଲା ମଧ୍ୟ ଦେଇଥିଲେ । ଫାଣ୍ଡିରେ ଅଭିଯୋଗ ହେବା ପରେ ପୋଲିସ ସେବାୟତ ମାନଙ୍କୁ ଡ଼କାଇଥିଲେ । ଦୁଇ ଗୋଷ୍ଠି ଉପସ୍ଥିତିରେ ଫାଣ୍ଡି ଅଧିକାରୀଙ୍କ ଘଟଣା ସମ୍ପର୍କରେ ବିସ୍ତୃତ ଆଲୋଚନା ହେବାରୁ ନିର୍ବନ୍ଧ ପାଇଁ ଆସିଥିବା ଲୋକଙ୍କ ଭୁଲ୍ ଥିବା ଜଣାପଡିଥିଲା । ଯାହା ଫଳରେ ସେବାୟତ ମାନଙ୍କ ସହ ହଙ୍ଗାମା କରିଥିବା ଲୋକେ ଶେଷରେ ନିଜ ଭୁଲ୍‌କୁ ସ୍ୱିକାର କରିବା ସହ ଏତଲା ପ୍ରତ୍ୟାହାର କରି ପୋଲିସ ଉପସ୍ଥିତିରେ ସେବାୟତ ମାନଙ୍କୁ କ୍ଷମା ମାଗିଥିଲେ ।

## ଜମିବାଡ଼ିକୁ କେନ୍ଦ୍ରକରି ଆକ୍ରମଣ ; ୩ ଗୁରୁତର

**କେନ୍ଦ୍ରାପଡ଼ା, ୨।୧୨ (ସଂଚାର ବ୍ୟୁରୋ):** ଜମିବାଡ଼ିକୁ କେନ୍ଦ୍ରକରି ମାରଣାସ୍ତ୍ର ଦ୍ୱାରା ଆକ୍ରମଣରେ ୩ ଗୁରୁତର ଆହତ ହୋଇଛନ୍ତି। ପୂର୍ବରୁ ପରିବାର ଲୋକେ ଏନେଇ ସୁରକ୍ଷା ମାଗିଥିଲେ ମଧ୍ୟ ପୁଲିସ୍ କୌଣସି ପଦକ୍ଷେପ ନେଉନଥିବା ଜଣାପଡ଼ିଛି । କେନ୍ଦ୍ରାପଡ଼ା ଜିଲ୍ଲା ତାଳଚୁଆ ମେରାଇନ୍ ପୋଲିସର କାର୍ଯ୍ୟକୁ ନେଇ ଏବେ ପ୍ରଶ୍ନ ଉଠିଛି । ଏହି ଥାନା ଅଧୀନରେ ଥିବା ସ୍ୱବାକ ନଗର ଗ୍ରାମର ଆଖେରନ ଖାତୁନ୍,ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁଯାୟୀ ଉକ୍ତ ଗ୍ରାମର ସେକ୍ ନସିବ ଉଦିନ ଏବଂ କାଶ୍ମୀରୀ ବିବିଙ୍କ ମଧ୍ୟରେ ଜମିବାଡ଼ି କୁ କେନ୍ଦ୍ରକରି ଦୀର୍ଘଦିନ ହେବ କଳହ ଲାଗିରହିଥିଲା । ଏହି କଳହ ମଧ୍ୟ ମାନ୍ୟବର କୋର୍ଟକୁ ଯାଇଥିଲା ଶେଷରେ କୋର୍ଟଙ୍କ ରାୟ କାଶ୍ମୀରୀଙ୍କ ପରିବାର ସପକ୍ଷକୁ ଆସିଥିଲା । କିନ୍ତୁ କୋର୍ଟ ରାୟକୁ ଗ୍ରହଣ କରିନଥିଲେ ସେକ୍ ନସିବ ଓ ତାଙ୍କ ପରିବାର । ବିଭିନ୍ନ ଜୋର୍ ଜବରଦସ୍ତ ଜମିକୁ ଦଖଲ କରିବା ପାଇଁ ଉଦ୍ୟମ ମଧ୍ୟ କରିବାକୁ ଚେଷ୍ଟା କରୁଥିଲେ। କିନ୍ତୁ ପ୍ରତିପକ୍ଷ ଏହାକୁ ବିରୋଧ କରିବାରୁ ଜୀବନରୁ ମାରିଦେବାକୁ ଧମକ ମିଳୁଥିଲା । ଯାହାକୁ ନେଇ ଗତ ୨୭ ତାରିଖରେ ନିଜ ପରିବାରକୁ ସୁରକ୍ଷା ପ୍ରଦାନ ପାଇଁ କାଶ୍ମୀରୀ ବିବି ସ୍ଥାନୀୟ ତାଳଚୁଆ ମେରାଇନ୍ ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଥିଲେ । ହେଲେ ସୁରକ୍ଷା ମାଗିବାର ସାତଦିନ ବିତି ଯାଇଥିଲେ ମଧ୍ୟ ଉକ୍ତ ଥାନାର ପୋଲିସ କୌଣସି ପଦକ୍ଷେପ ଗ୍ରହଣ କରିନଥିଲା । କିନ୍ତୁ ରବିବାର ଦିନ ସେକ୍ ନସିବି ଏବଂ ଅନ୍ୟମାନେ ଜମିବାଡ଼ି ବିବାଦକୁ କେନ୍ଦ୍ର କରି କାଶ୍ମୀରୀ ବିବିଙ୍କ ପରିବାର ଉପରେ ଅତର୍କିତ ଆକ୍ରମଣ କରି ଗୁରୁତର କରିଦେଇଛନ୍ତି। ଏହି ଆକ୍ରମଣ ଦ୍ୱାରା କାଶ୍ମୀରୀ ବିବି , ଅଜୁ ଉଦ୍ଦିନ ଏବଂ ମେନା ଉଦ୍ଦିନ ଗୁରୁତର ଆହାର ହୋଇ

**ଆକ୍ରମଣ ପୂର୍ବରୁ ସୁରକ୍ଷା ମାଗିଥିଲେ ପରିବାର**



କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେରେ ଚିକିତ୍ସିତ ହେଉଥିବା ଜଣାପଡିଛି । ଏହି ଘଟଣା ପରେ ସୋମବାର ଦିନ ତାଳଚୁଆ ମେରାଇନ୍ ଥାନାରେ ଝିଅ ଆଖେରୁନ୍ ଖାତୁନ୍ ଲିଖିତ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗରେ ୧୮ ଜଣ ଆକ୍ରମଣ ଘଟାଇଥିବା ନାମ ଉଲ୍ଲେଖ କରିଛନ୍ତି କିନ୍ତୁ ବର୍ତ୍ତମାନ ସୁଦ୍ଧା ଅଭିଯୁକ୍ତ ମାନଙ୍କୁ ପୋଲିସ ଗିରଫ କରିନଥିବା ବେଳେ ଅଭିଯୁକ୍ତ ଏବଂ ତାର ସହଯୋଗୀ ପୁର୍ନବାର ଫୋନ୍ ଯୋଗେ ଧମକ ଦେଉଥିବା ଅଭିଯୋଗ କରିଛନ୍ତି ପରିବାର ଲୋକେ ।

### ମିଳିତ ଅଭିଯୋଗ ଶୁଣାଣି ଶିବିର

## ୧୭୦ ଅଭିଯୋଗରୁ ୧୭ ସାମୂହିକ ଓ ୧୫୩ ବ୍ୟକ୍ତିଗତ

**କେନ୍ଦ୍ରାପଡ଼ା, ୨।୧୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ସଦର ମହକୁମାରେ ସୋମବାର ଦିନ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ପୂର୍ବାହ୍ଣ ୧୦ ଘଟିକା ଠାରୁ ଅପରାହ୍ଣ ଗୋଟାଏ ପର୍ଯ୍ୟନ୍ତ କେନ୍ଦ୍ରାପଡ଼ା ମୁନିସିପାଲିଟି ଟାଉନ୍‌ହଲ୍‌ଠାରେ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ମିଳିତ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନୀଲୁ ମହାପାତ୍ର, ଉପ-ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ଅତିରିକ୍ତ ଉପ-ଜିଲ୍ଲାପାଳ ଅଶୋକ କୁମାର ଦାସ, କେନ୍ଦ୍ରାପଡା ବିଡିଓ ବନ୍ଦନା ଖଟୁଆ, କେନ୍ଦ୍ରାପଡ଼ା ତହସିଲଦାର ତାପସ କୁମାର ଦେହୁରୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ା ପ୍ରମୋଦ କୁମାର ପ୍ରହରାଜ, ଡେପୁଟି କଲେକ୍ଟର ପଲ୍ଲବୀ ପ୍ରିୟଦର୍ଶିନୀ, ଡେପୁଟି କଲେକ୍ଟର ପଲ୍ଲବୀ ପାତ୍ର, ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ଲାଇନ୍ ଡିପାର୍ଟମେଣ୍ଟର ନିର୍ବାହୀ ଯନ୍ତ୍ରୀ ପ୍ରମୁଖ ଅଭିଯୋଗ ଶୁଣାଣିରେ ସହାୟତା କରିଥିଲେ ।

ଏହି ଅଭିଯୋଗ ଶୁଣାଣିରେ ମୋଟ୍ ୧୭୦ ଗୋଟି ଅଭିଯୋଗ ପଞ୍ଜିକୃତ ହୋଇଥିବା ବେଳେ ସେଥି ମଧ୍ୟରୁ ୧୭ ଗୋଟି ସାମୁହିକ ଏବଂ ୧୫୩ ଗୋଟି ବ୍ୟକ୍ତିଗତ ଅଭିଯୋଗ ଥିଲା। ଚିକିତ୍ସା ସହାୟତା ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡରୁ ୭୯,୦୦୦/- ଟଙ୍କା ୧୨ ଜଣ ଆବେଦନକାରୀଙ୍କୁ ଦେବା ପାଇଁ ଜିଲ୍ଲାପାଳ ମଞ୍ଜୁର କରିଥିବା ବେଳେ ରେଡ଼କ୍ରସ୍ ପାଣ୍ଠିରୁ ୩ ଜଣଙ୍କୁ ଚିକିତ୍ସା ସହାୟତା ବାବଦରେ ୧୨,୦୦୦/- ଟଙ୍କାର ଚେକ୍ ପ୍ରଦାନ ପାଇଁ ମଞ୍ଜୁର କରିଛନ୍ତି । ସମସ୍ତ ଅଭିଯୋଗର ସମାଧାନ



ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ, ପାରିବାରିକ ସମସ୍ୟା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଭୂମିହିନ ପଟ୍ଟା, ଚିକିତ୍ସା ପାଇଁ ଆର୍ଥିକ ସହାୟତା, ଉଚ୍ଚ ଶିକ୍ଷା ପାଇଁ ଆର୍ଥିକ ସହାୟତା, ରାସନ୍‌କାର୍ଡ଼ ପ୍ରଦାନ, ବାର୍ଦ୍ଧକ୍ୟ ଭତ୍ତା, ଜମି ସମସ୍ୟା, ବିଦ୍ୟୁତ ଯୋଗାଣ, ଦିବ୍ୟାଙ୍ଗଙ୍କୁ ବ୍ୟାଟେରୀ ଚାଳିତ ଯାନ ଯୋଗାଣ, ଇପିଏଫ ପେନସନ ପ୍ରଦାନ ଓ ବାତ୍ୟା ଦାନାରେ ଘର ଭଙ୍ଗା ସହାୟତା ପ୍ରଦାନ ନିମନ୍ତେ ଆବେଦନ ପତ୍ର ଆଦି ଦରଖାସ୍ତଗୁଡ଼ିକ ମୁଖ୍ୟ ସ୍ଥାନରେ ଥିଲା । ସେହିପରି ସାମୁହିକ ଅଭିଯୋଗ ମଧ୍ୟରେ ଜମି ସମସ୍ୟା, ମୁନିସିପାଲିଟି କର୍ମଚାରୀଙ୍କୁ ବକେୟା ଦରମା ପ୍ରଦାନ, ଜଳ ସେଚନ ପାଇଁ ଅବରୋଧ କରାଯାଇଥିବା ଜଳ ଯୋଗାଣ ସମ୍ପର୍କରେ, ଆଶା କର୍ମୀ ନିଯୁକ୍ତି, ସିଆରପି ନିଯୁକ୍ତି, ଦାନା ପାଇଁ ବ୍ୟାହତ ହୋଇଥିବା ବିଦ୍ୟୁତ ଯୋଗାଣ, ନଦୀରୁ ବେଆଇନ ବାଲି ଉଠାଣ ଆଦି ଅଭିଯୋଗଗୁଡ଼ିକ ମୁଖ୍ୟ ସ୍ଥାନରେ ଥିଲା । ଏଗୁଡ଼ିକର ତୁରନ୍ତ ଫଇସଲା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି ।

# ବିକଶିତ ଭାରତ ଗଠନରେ ଯୁବ ଶକ୍ତିଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି

**ଭୁବନେଶ୍ୱର,୨।୧୨(ସଂଚାର ବୁରୋ):** ଭାରତ ଏକ ଯୁବ ରାଷ୍ଟ୍ର। ଯୁବ ଶକ୍ତି ହେଉଛି ରାଷ୍ଟ୍ରର ଶକ୍ତି। ବିବିଧତାରେ ଏକତା ରାଷ୍ଟ୍ରର ଶ୍ରେଷ୍ଠ ପରିଚୟ। ରାଜ୍ୟ ରାଜ୍ୟ ମଧ୍ୟରେ ସମ୍ପର୍କ ଯେତେ ବୃଦ୍ଧି ପାଇବ ଏବଂ ଜନସାଧାରଣଙ୍କ ମଧ୍ୟରେ ଭାବର ଆଦାନ ପ୍ରଦାନ ଯେତେ ଅଧିକ ହେବ ତାହା ରାଷ୍ଟ୍ରକୁ ସେତେ ସଶକ୍ତ ଓ ସମୃଦ୍ଧ କରିବ। ବିକଶିତ ଭାରତ ଗଠନରେ ଯୁବଗୋଷ୍ଠୀଙ୍କ ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି। ସେଥିପାଇଁ ରାଜ୍ୟ ରାଜ୍ୟ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ଅଧିକରୁ ଅଧିକ ଯୁବ ଆଦାନ ପ୍ରଦାନ କାର୍ଯ୍ୟକ୍ରମକୁ ପ୍ରାଧାନ୍ୟ ଦେଇ ଆରମ୍ଭ କରାଯାଇଥିବା ଯୁବା ସଙ୍ଗମ କାର୍ଯ୍ୟକ୍ରମ ଯୁବ ଗୋଷ୍ଠୀଙ୍କ ମଧ୍ୟରେ ନୂତନ ଉତ୍ସାହ ଓ ଆଗ୍ରହ ସୃଷ୍ଟି କରିପାରିଛି ବୋଲି ରାଜ୍ୟପାଳ ଶ୍ରୀ ରଘୁବର ଦାସ ପ୍ରକାଶ କରିଛନ୍ତି। ଆଜି ରାଜଭବନର ଅଭିଷେକ ହଲ୍‌ରେ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରାଳୟ ପକ୍ଷରୁ 'ଏକ ଭାରତ ଶ୍ରେଷ୍ଠ ଭାରତ'ର ବାର୍ତ୍ତା ଓ ସଂକଳ୍ପ ଅଧୀନରେ ଆରମ୍ଭ କରାଯାଇଥିବା 'ଯୁବା ସଙ୍ଗମ' କାର୍ଯ୍ୟକ୍ରମର ପଞ୍ଚମ ପର୍ଯ୍ୟାୟରେ ଓଡ଼ିଶା ରାଜ୍ୟ ପରିଦର୍ଶନରେ ଆସିଥିବା ମହାରାଷ୍ଟ୍ର ରାଜ୍ୟର ପଚାଶରୁ ଊର୍ଦ୍ଧ୍ୱ ଯୁବ ପ୍ରତିନିଧି ଦଳ ରାଜ୍ୟପାଳଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ପ୍ରତିନିଧି ଦଳଙ୍କୁ ଉଦ୍‌ବୋଧନ ଦେବା ଅବସରରେ ରାଜ୍ୟପାଳ ଦେଶରେ ପ୍ରଥମଥର ଆୟୋଜନ କରାଯାଇଥିବା ଜାତୀୟ ଶିକ୍ଷାନୀତି ୨୦୨୦ ଦେଶର ସମୃଦ୍ଧ ବିବିଧତା ସମ୍ପର୍କରେ ପ୍ରତ୍ୟକ୍ଷ ଜ୍ଞାନ ଆହରଣ ଉପରେ ପ୍ରାଧାନ୍ୟ ଦେଇଥିବା ଉଲ୍ଲେଖ କରିବା ସଙ୍ଗେ ସଙ୍ଗେ ଦେଶର ଯୁବଗୋଷ୍ଠୀଙ୍କୁ ବର୍ତ୍ତମାନ ବୈଶ୍ୱିକ ଆହ୍ୱାନକୁ ମୁକାବିଲା କରିବା ପାଇଁ ଦକ୍ଷତା ବିକାଶ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଉଛି ବୋଲି କହିଥିଲେ।



# ମହାନଦୀକୁ ମାରିବାକୁ ଷଡ଼ଯନ୍ତ୍ର




ହେଲେ ଦେଖାଯାଉଛି ଛତିଶଗଡ଼ ପଟେ ଭରପୂର ଜଳରେ ଉଚ୍ଛୁଳୁଥିବା ମହାନଦୀ ଓଡ଼ିଶା ପଟେ ଶୁଖିଲା ପଡ଼ିଛି। ଲାଗୁଛି ସତେ ଯେପରି ଛତିଶଗଡ଼ ପଟେ ବହୁଥିବା ମହାନଦୀ ଓଡ଼ିଶା ପଟେ କାନ୍ଦୁଛି। ଆଉ ଜଳଜଳ ଦିଶୁଛି ମହାନଦୀ ପ୍ରତି ସରକାରଙ୍କ ଉଦାସୀନତା। ସେଥିପାଇଁ ପ୍ରଶ୍ନ ଉଠୁଛି ମହାନଦୀର ପାଣି ପିଇଲା କିଏ? ମହାନଦୀ

**ଭୁବନେଶ୍ୱର,୨।୧୨(ସଂଚାର ବୁରୋ):** ବଦଳିଲା ସରକାର ହେଲେ ବଦଳିଲାନି ମହାନଦୀର ଭାଗ୍ୟ। ନୂଆ ସରକାର ଆସିବା ପରେ ଟ୍ରିବ୍ୟୁନାଲର ତଣ୍ଟିଚିପି ଦିଆଯାଉଛି। ୭ ମାସ ହେଲା ଶୁଣାଣି ବନ୍ଦ। ଏପଟେ ଅରୁଟିଏ ମୁଖ୍ୟମନ୍ତ୍ରୀ ଛତିଶଗଡ଼ ସହ କଥାହେଇ ଦାୟିତ୍ୱ ଝାଡ଼ି ଦେଉଛନ୍ତି। ବିରୋଧୀ ଦଳ ଚୁପ୍, ବିଧାନସଭାରେ ବି ଚର୍ଚ୍ଚା ନାହିଁ। ପଶ୍ଚିମରୁ ଉପକୂଳକୁ ଯୋଡୁଥିବା ମହାନଦୀ ଏବେ ମରୁଭୂମି ପ୍ରାୟ। ଓଡ଼ିଶାର ଜୀବନରେଖାର ତଣ୍ଟିଚିପି ଦେଲେ କି ସରକାର? ବର୍ତ୍ତମାନ ସରକାର କଥା ଆମେ କହୁନୁ, ବରଂ ଗତ ୩୦ ବର୍ଷ ଧରି ଲଗାତାର ମହାନଦୀ ବିରୋଧରେ ଷଡ଼ଯନ୍ତ୍ର ହୋଇଚାଲିଛି। ଆଉ ଏହାକୁ ରୋକିବା ପାଇଁ କେବଳ ଶାସକ ଓ ବିରୋଧୀ ଉଭୟଙ୍କ ବୟାନବାଜି ଛଡ଼ା କୌଣସି ଗଠନମୂଳକ ପଦକ୍ଷେପ ହାତକୁ ନିଆଯାଇ ନାହିଁ। କଲମା ବ୍ୟାରେଜ ଉପରେ ଛିଡ଼ା ଜଳବିବାଦକୁ ନେଇ ଗଠନ ହୋଇଥିଲା ଟ୍ରିବ୍ୟୁନାଲ। ହେଲେ ଟ୍ରିବ୍ୟୁନାଲର ବୟସ ଯେତେ ବଢୁଛି, ଏପଟେ ମହାନଦୀ ଶୁଖୁଛି। ଟ୍ରିବ୍ୟୁନାଲର ଅଧ୍ୟକ୍ଷ ପଦରୁ ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ଏ.ଏମ.ଖାନୱାଇଲକର ମାର୍ଚ୍ଚ ୧୨ରୁ ଇସ୍ତଫା ଦେବା ପରେ ଅଚଳ ହୋଇପଡ଼ିଛି ଟ୍ରିବ୍ୟୁନାଲ। ଆଉ ଦୁଇ ସଭ୍ୟ ଅଛନ୍ତି ଅଥଚ ସ୍ଥାୟୀ ଅଧ୍ୟକ୍ଷ ନଥିବାରୁ ବନ୍ଦ ରହିଛି ଶୁଣାଣି। କେନ୍ଦ୍ର ସରକାର ଜାଣିଛନ୍ତି ଅଥଚ ଚୁପ। ରାଜ୍ୟ ସରକାର ମଧ୍ୟ ନୀରବ। ତେବେ ରାଜ୍ୟରେ ଡବଲ ଇଞ୍ଜିନ ସରକାର ଆସିବା ପରେ ମହାନଦୀର ଜଳ ବିବାଦର ସ୍ଥାୟୀ ସମାଧାନ ଚୁଟକିରେ ହେବ ବୋଲି ଲୋକେ ଆଶା ରଖିଥିଲେ। ହେଲେ ଦିଲ୍ଲୀରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନାରେ ଅଟକିଯାଇଛି ସରକାରଙ୍କ ଉଦ୍ୟମ। ଏବେ ପ୍ରଶ୍ନ ଉଠୁଛି ସମୟ ଏଭଳି କାଳକ୍ଷେପଣ ନୀତି ଭିତରେ ମହାନଦୀ ସବୁଦିନ ପାଇଁ ମରିଯିବନି ତ?



## ପ୍ରଧାନମନ୍ତ୍ରୀ ଦେଖିଲେ 'ଦ ସାବରମତୀ ରିପୋର୍ଟ'

**ନୂଆଦିଲ୍ଲୀ,୨।୧୨:** ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ଏନଡିଏ ସଦସ୍ୟମାନଙ୍କ ସହ ସଂସଦରେ 'ଦ ସାବରମତୀ ରିପୋର୍ଟ' ଚଳଚ୍ଚିତ୍ର ଦେଖିଛନ୍ତି। ସେ ଏକ୍ସରେ ଏକ ପୋଷ୍ଟରେ ଲେଖିଛନ୍ତି: "ଏନଡିଏ ସଦସ୍ୟମାନଙ୍କ ସହ 'ଦ ସାବରମତୀ ରିପୋର୍ଟ'ର ସ୍କ୍ରିନିଂରେ ଯୋଗଦେଲି। ଚଳଚ୍ଚିତ୍ର ନିର୍ମାତାମାନଙ୍କୁ ସେମାନଙ୍କ ପ୍ରଚେଷ୍ଟା ପାଇଁ ପ୍ରଶଂସା କରୁଛି।"

## ମହାନଦୀକୁ ଡେଇଁ ଆତ୍ମହତ୍ୟା କଲେ ଯୁବକ



**କଟକ,୨।୧୨(ସଂଚାର ବ୍ୟୁରୋ):** ମହାନଦୀକୁ ଡେଇଁ ପୁଣି ଜଣଙ୍କ ଆତ୍ମହତ୍ୟା। କଟକ ତୁଳସୀପୁର ଆଖଣ୍ଡଳମଣି ମନ୍ଦିର ନିକଟରେ ଥିବା ମହାନଦୀକୁ ଡେଇଁ ଆତ୍ମହତ୍ୟା କରିଛନ୍ତି ଜଣେ ବ୍ୟକ୍ତି । ପୋଲିସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରିଛନ୍ତି । ଖବର ଅନୁଯାୟୀ, ସୋମବାର ଦିନ କଟକ ତୁଳସୀପୁର ଆଖଣ୍ଡଳମଣି ମନ୍ଦିର ନିକଟରେ ପୁଣି ଘଟିଛି ଏକ ଅଘଟଣ । କୌଣସି କାରଣକୁ ନେଇ ଜଣେ ବ୍ୟକ୍ତି ମହାନଦୀକୁ ଡେଇଁପଡିଥିଲେ । ଏହାପରେ ଘଟଣା ସଂପର୍କରେ ଖବର ପାଇ ଅଗ୍ନିଶମ ବାହିନୀ ଓ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆତ୍ମହତ୍ୟା କରିଥିବା ବ୍ୟକ୍ତିଙ୍କୁ ଉଦ୍ଧାର କରିଥିଲେ । କିନ୍ତୁ ସେତେବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିଲା । ତେବେ ବର୍ତ୍ତମାନ ଯାଏଁ ମୃତକଙ୍କ ପରିଚୟ ମିଳିନଥିବା ବେଳେ ପୋଲିସ ତଦନ୍ତ ଜାରି ରଖିଛି । କେଉଁ କାରଣକୁ ନେଇ ବ୍ୟକ୍ତି ଜଣକ ଆତ୍ମହତ୍ୟା କରିଛନ୍ତି । ତାହା ପୋଲିସ ତଦନ୍ତ ପରେ ହିଁ ସ୍ପଷ୍ଟ ହେବ ।

## ନିଆଁରେ ପୋଡ଼ି ପାଇଁ ଯୁବକର ମୃତ୍ୟୁ

**ଟାଙ୍ଗୀ-ଚୌଦ୍ୱାର, ୨।୧୨(ସଚାର ବ୍ୟୁରୋ):** ଚୌଦ୍ୱାର ବେଉରାସାହିରେ ରହୁଥିବା ଦୀପକ କୁମର ଶର୍ମା (୨୨) ନାମକ ଜଣେ ଯୁବକ ଗତ ୨୫ ତାରିଖରେ କୌଣସି କାରଣରୁ ନିଜ ଦେହରେ ପେଟ୍ରୋଲ ଢ଼ାଳି ନିଆଁ ଲଗାଇ ଆତ୍ମହତ୍ୟା କରିବାକୁ ଉଦ୍ୟମ କରି କଟକ ବଡ଼ ମେଡ଼ିକାଲରେ ଚିକିତ୍ସାଧିନ ଥିବାବେଳେ ସୋମବାର ଦିନ ତାଙ୍କର ମୃତ୍ୟୁ ଘଟିଥିବା ଜଣା ପଡ଼ିଛି। ମୃତ୍ୟୁପରେ ପୋଲିସ ଦୀପକଙ୍କ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି।

## ଯୋବ୍ରା ଉଚ୍ଚବିଦ୍ୟାଳୟରେ ପୋଷାକ ବଣ୍ଟନ ଉତ୍ସବ

**ଭୁବନେଶ୍ୱର,୨।୧୨(ସଂଚାର ବୁରୋ):** ଓଡ଼ିଶାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ପ୍ରଦତ୍ତ ପୋଷକ ଆଜି ଯୋବ୍ରା ପୌର ଉଚ୍ଚବିଦ୍ୟାଳୟରେ ଛାତ୍ରଛାତ୍ରୀ ମାନଙ୍କୁ ପ୍ରଦାନ କରାଯିବା ନିମନ୍ତେ ପ୍ରଧାନ ଶିକ୍ଷୟତ୍ରୀ ଡ଼ଃ ରାଜଶ୍ରୀ ସାହୁଙ୍କ ସଭାପତିତ୍ୱରେ ଏକ ପୋଷାକ ବଣ୍ଟନ କାର୍ଯ୍ୟକ୍ରମ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇ ଯାଇଅଛି। ପ୍ରଥମରୁ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀ ମାନଙ୍କୁ ଏହି ପୋଷାକ ବଣ୍ଟନ କରାଯାଇଅଛି। ଉକ୍ତ କାର୍ଯ୍ୟକ୍ରମରେ ପୂରାତନ ବିଦ୍ୟାର୍ଥୀ ପରିଷଦର ସମ୍ପାଦକ ଶ୍ରୀଯୁକ୍ତ ଶୁଭେନ୍ଦୁ ମହାନ୍ତି, ସଭ୍ୟ ଶ୍ୟାମ ସୁନ୍ଦର ହୋତା, ଚଣ୍ଡୀ ପ୍ରସାଦ ମହାନ୍ତି, ମହମ୍ମଦ ସାକିର, ସିଆରସିସି ଶ୍ରୀମତୀ ଭାରତୀ ପଦ୍ମଜା ମହାନ୍ତି, ସ୍ଥାନୀୟ ମୁରବୀ ତଥା ଶିକ୍ଷାବିତ ମନୋରଞ୍ଜନ ଜେନା, ବରିଷ୍ଠ ଶିକ୍ଷକ ଅଲେଖ ଚନ୍ଦ୍ର ବେଜ, ପୀତବାସ ବିନ୍ଧାଣୀ, ରୋଜାଲିନ ସାମନ୍ତରାୟ, ମାଣିକେଶ୍ୱରୀ ଜେନା, ମଧୁସ୍ମିତା ଷଡ଼ଙ୍ଗୀ, ଅରୁଣା ଶୁକ୍ଲା, ଜ୍ୟୋସ୍ନାମୟୀ ସାମନ୍ତରାୟ, ପ୍ରିୟଙ୍କା ଚମ୍ପତି ପ୍ରମୁଖ ଶିକ୍ଷକ ଓ ଶିକ୍ଷୟତ୍ରୀ ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ ପ୍ରଦାନ କରିଥିଲେ।

## ନୌସେନା ଦିବସର ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ



**ପୁରୀ,୨।୧୨(ସଂଚାର ବୁରୋ):** ଡିସେମ୍ବର ୪ ତାରିଖରେ ପୁରୀ ବ୍ଲୁ ଫ୍ଲାଗ ବିଚ ଠାରେ ଅନୁଷ୍ଠିତ ହେବ ନୌସେନା ଦିବସ।ଏହି କାର୍ଯ୍ୟକ୍ରମ ରେ ମହାମହୀମ ରାଷ୍ଟ୍ରପତି ଙ୍କ ଯୋଗଦାନ ଥିବାରୁ ସମସ୍ତ କାର୍ଯ୍ୟ ଯେପରି ଶୃଙ୍ଖଳିତ ଭାବେ ସମ୍ପୂର୍ଣ୍ଣ ହେବ ସେଥିପାଇଁ ସମସ୍ତ କାର୍ଯ୍ୟ ର ସମୀକ୍ଷା କରିଛନ୍ତି ମୁଖ୍ୟ ଶାସନ ସଚିବ ମନୋଜ କୁମାର ଆହୁଜା। ଆଜି ଅପରାହ୍ନରେ ସର୍କିଟ ହାଉସ ଠାରେ ନୌସେନା ଦିବସ ପାଳନ ନିମିତ୍ତ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷତା କରି ଶ୍ରୀ ଆହୁଜା ନୌସେନା ଦିବସ ପାଳନ ସହ ମହାମହୀମ ରାଷ୍ଟ୍ରପତି ଙ୍କ ଗସ୍ତ ପାଇଁ ବିଭିନ୍ନ କାର୍ଯ୍ୟ ର ସମୀକ୍ଷା କରିଥିଲେ। ମହାମହୀମ ରାଷ୍ଟ୍ରପତି ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ଦର୍ଶନ, ଗୋପବନ୍ଧୁ ଆୟୁର୍ବେଦିକ ମେଡ଼ିକାଲ ର ହୀରକ ଜୟନ୍ତୀ ପାଳନ ଓ ବ୍ଲୁ ଫ୍ଲାଗ ବିଚ ଠାରେ ନୌସେନା ଦିବସ ପାଳନ ରେ ଯୋଗ ଦେବେ। ତେଣୁ ସମସ୍ତ କାର୍ଯ୍ୟ କୁ ଅତ୍ୟନ୍ତ ଶୃଙ୍ଖଳିତ ଭାବେ ପରିଚାଳନା ପାଇଁ ସେ ପରାମର୍ଶ ଦେଇଥିଲେ।ବ୍ୟାରିକେଡ ନିର୍ମାଣ, ରାସ୍ତା ଘାଟ ମରାମତି, ପାନୀୟ ଜଳ ବ୍ୟବସ୍ଥା, ଶୌଚାଳୟ ବ୍ୟବସ୍ଥା, ଆଇନ ଶୃଙ୍ଖଳା ବ୍ୟବସ୍ଥା, ଟ୍ରାଫିକ ନିୟନ୍ତ୍ରଣ, ପାର୍କିଂ ବ୍ୟବସ୍ଥା, ଅଗ୍ନି ନିର୍ବାପକ ବ୍ୟବସ୍ଥା, ସ୍ୱାସ୍ଥ୍ୟ ବ୍ୟବସ୍ଥା ଓ ଆମ୍ବୁଲାନ୍ସ ବ୍ୟବସ୍ଥା, ପରିଷ୍କାର ପରିଛନ୍ନତା ବ୍ୟବସ୍ଥା, ନିରବଚ୍ଛିନ୍ନ ବିଦ୍ୟୁତ ବ୍ୟବସ୍ଥା, ପାର୍କିଂ ଓ ଟ୍ରାଫିକ ବ୍ୟବସ୍ଥା ସମ୍ପର୍କରେ ସେ ସମୀକ୍ଷା କରିଥିଲେ। ଆସୁଥିବା ଅତିଥି, ପର୍ଯ୍ୟଟକ ମାନେ ଯେମିତି ଏକ ସୁଖଦ ଅନୁଭବ ଓ ସକରାତ୍ମକ ଭାବନା ନେଇ ଯିବେ ସେଥି ପ୍ରତି ଯତ୍ନ ବାନ ହେବାକୁ ସେ ପରାମର୍ଶ ଦେଇଥିଲେ। ପୂର୍ତ୍ତ ବିଭାଗ ପ୍ରମୁଖ ସଚିବ ବୀର ବିକ୍ରମ ଯାଦବ କାର୍ଯ୍ୟ ର ଅଗ୍ରଗତି ସମ୍ପର୍କରେ ଅବଗତ କରାଇଥିଲେ। ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏସପି ବିନୀତ ଅଗ୍ରୱାଲ ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ପ୍ରମୁଖ ସଚିବ ସୁରେଶ କୁମାର ବଶିଷ୍ଠ, ସ୍ୱାସ୍ଥ୍ୟ ସଚିବ ଅଶ୍ୱତୀ ଏସ, ଅତିରିକ୍ତ ଡିଜି ସଞ୍ଜୀବ କୁମାର ପଣ୍ଡା, ପରିବହନ କମିଶନର ଅମିତାଭ ଠାକୁର, ଡିଆଇଜି ଅଖିଳେଶ୍ୱର ସିଂ, ଚରଣ ସିଂ ମୀନ ଓ କନଓ୍ୱର ବିଶାଳ ସିଂ, ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ପ୍ରମୁଖ ଯୋଗ ଦେଇ ଥିଲେ।

## ହାତୀ ପାଇଁ ହତାଶ ଗ୍ରାମବାସୀ: ଭାଙ୍ଗିଲା ମନ୍ଦିର, ଭାଙ୍ଗିଲା ଘର




**ଗଞ୍ଜାମ,୨।୧୨(ସଂଚାର ବୁରୋ):** ଘୁମୁସର ବନଖଣ୍ଡରେ ଚାଲିଛି ଜଙ୍ଗଲୀ ହାତୀଙ୍କ ଆତଙ୍କରାଜ। ଫସଲ ନଷ୍ଟ କରୁଛନ୍ତି ୫୦ ଟିକିଆ ହାତୀପଲ। ଯାହା ପାଉଛନ୍ତି ଭାଙ୍ଗୁଛନ୍ତି, ନଷ୍ଟ କରୁଛନ୍ତି। ଘଉଡ଼ାଇବାକୁ ଯାଇ ବନବିଭାଗ ନାକେଦମ। ହାତୀପଲର ଏହି ହରକତରେ ହତାଶ ହୋଇପଡ଼ିଛନ୍ତି ଚାଷୀକୂଳ। ହାତୀ ଓଲଟାଇଦେଲା ସିଂହକୁ। ଘରେ ପଶିଲେ, ଧାନ ଖାଇଲେ, ଯାହା ପାଇଲା ତାହା ନଷ୍ଟକଲେ। ଏଭଳି ଖବର ଆସିଛି ଗଞ୍ଜାମ ଜିଲ୍ଲା ଉତ୍ତର ଘୁମୁସର ବନଖଣ୍ଡ ଅନ୍ତର୍ଗତ ରାଣିକିଆରୀ ଅଞ୍ଚଳରେ। ଧାନ ଅମଳ ସମୟରେ ୫୦ରୁ ଅଧିକ ହାତୀ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳାଉଛନ୍ତି। ବିଲରେ ପଶି ପାଚିଲା ଧାନକୁ ଦଳିମକଚି ନଷ୍ଟ କରିଦେଉଛନ୍ତି ହାତୀପଲ। ଏପରିକି ଗାଁରେ ପଶି ୬ଟି ଘରକୁ ଭାଙ୍ଗି ପୁରା ନଷ୍ଟ କରିଦେଇଛନ୍ତି। ଗାଁ ହାତୀଙ୍କ ଆତଙ୍କରୁ ବାଦ ପଡ଼ିନି ମନ୍ଦିର। କାନ୍ଥ ଭାଙ୍ଗିବା ସହ ମନ୍ଦିର ମୁଖ୍ୟ ଦ୍ୱାରରେ ଥିବା ସିଂହ ମୂର୍ତ୍ତିକୁ ଓଲଟାଇ ଦେଇଛନ୍ତି ହାତୀପଲ।

## ଓଡ଼ିଶା ପାଇପ ଜଳ କର୍ମଚାରୀ ସଂଘର ୪୬ ତମ ସାଧାରଣ ଅଧିବେଶନ




**କଟକ,୨।୧୨(ସଂଚାର ବ୍ୟୁରୋ):** ସ୍ଥାନୀୟ ଟାଉନ ହଲଠାରେ ଅନୁଷ୍ଠିତ ହୋଇଯାଇଛି ଓଡ଼ିଶା ପାଇପ ଜଳ କର୍ମଚାରୀ ସଂଘର ୪୬ ତମ ସାଧାରଣ ଅଧିବେଶନ। ରାଜ୍ୟରେ ପାଇପ ଜଳ କର୍ମଚରୀ ସଂଘର ୨ ହଜାରରୁ ଉର୍ଦ୍ଧ୍ୱ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ କରିବା, ବିଭିନ୍ନ ଜିଲ୍ଲାରୁ ଏସସିବି ମେଡିକାଲକୁ ଚିକିତ୍ସା ପାଇଁ ଆସୁଥିବା କର୍ମଚାରୀଙ୍କ ପାଇଁ ସହରରେ ଗୋଟିଏ ଘରର ସୁବିଧା ଯୋଗାଇବା ଆଦି ଦାବି ଜଣାଇଛନ୍ତି କର୍ମଚାରୀ ସଂଘ। କାର୍ଯ୍ୟକ୍ରମରେ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣ ଚନ୍ଦ୍ର ମହାପାତ୍ର ଏବଂ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାୟକ ପ୍ରମୁଖ ଯୋଗ ଦେଇଥିଲେ। ସେପଟେ କାର୍ଯ୍ୟକ୍ରମ ପରେ ନଗର ଉନ୍ନୟନ ମନ୍ତ୍ରୀ ପ୍ରତିକ୍ରିୟା ରଖିଛନ୍ତି । ମନ୍ତ୍ରୀ କହିଛନ୍ତି ସଂଘର ଯାହା ଦାବି ରହିଛି ତାହାକୁ ମୋହନ ମାଝୀଙ୍କ ସରକାର ନିଶ୍ଚୟ ବିଚାର କରିବେ। ଏଥିପାଇଁ ସରକାର ସଂପୂର୍ଣ୍ଣ ଭାବରେ କ୍ରିୟାଶୀଳ ଅଛନ୍ତି।

# ବିଧାନସଭା ଖବର

## ନବ ଦାସ ହତ୍ୟା ମାମଲାର ତଦନ୍ତ ସଂକ୍ରାନ୍ତୀୟ ପ୍ରଶ୍ନର ତଥ୍ୟ ସଂଗ୍ରହ ହେଉଛି

**ଭୁବନେଶ୍ୱର,୨।୧୨(ସଂଚାର ବୁରୋ):** ପୂର୍ବତନ ମନ୍ତ୍ରୀ ନବ ଦାସଙ୍କ ହତ୍ୟାକାଣ୍ଡର ତଦନ୍ତ ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ତଥ୍ୟ ସଂଗ୍ରହ କରାଯାଉଛି। ଆଜି ବିଧାନସଭାରେ ଏହି ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି। ବିଧାୟକ ଶ୍ରୀ ତ୍ରିପାଠୀ ପଚାରିଥିଲେ ଯେ ପୂର୍ବତନ ମନ୍ତ୍ରୀ ହତ୍ୟା ଘଟଣାର ତଦନ୍ତ ବର୍ତ୍ତମାନ କେଉଁ ସ୍ତରରେ ରହିଛି ଓ ବର୍ତ୍ତମାନ ସୁଦ୍ଧା ରାଜ୍ୟ ସରକାର ଏହି ଘଟଣାରେ କାହା ବିରୁଦ୍ଧରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ? ତଦନ୍ତ ସମୟରେ ମୃତ ପରିବାରର କେଉଁ କେଉଁ ସଦସ୍ୟଙ୍କ ବୟାନ ରେକର୍ଡ ହୋଇଛି ଏବଂ ଏହି ହତ୍ୟାକାଣ୍ଡ ଘଟଣାର ତଦନ୍ତ ପାଇଁ ରାଜ୍ୟ ସରକାର ଆମେରିକାର ତଦନ୍ତକାରୀ ସଂସ୍ଥା ଏଫ୍‌ବିଆଇକୁ କେବେ କେଉଁ ଉପାୟରେ ତଦନ୍ତ ପାଇଁ ଅନୁରୋଧକରିଥିଲେ ଏବଂ ଏଫ୍‌ବିଆଇ ତଦନ୍ତ କେଉଁ ସ୍ତରରେ ରହିଛି।ତେବେ ବିଧାୟକ ଶ୍ରୀ ତ୍ରିପାଠୀଙ୍କ କୌଣସି ଗୋଟିଏ ହେଲେ ପ୍ରଶ୍ନର ଉତ୍ତର ମିଳିନାହିଁ। ଧାଡିକିଆ ସୂଚନାରେ କେବଳ ତଥ୍ୟ ସଂଗ୍ରହ ହେଉଥିବା ଉଲ୍ଲେଖ କରାଯାଇଛି।

## ରାଜଧାନୀରେ ୪୯୬ ଏକର ସରକାରୀ ଜମି ଜବରଦଖଲ

ରାଜ୍ୟ ରାଜଧାନୀରେ ସାଧାରଣ ପ୍ରଶାସନ ବିଭାଗର ୪୯୬ ଏକରରୁ ଅଧିକ ଜମି ଜବରଦଖଲରେ ରହିଛି। ଏହାକୁ ମୁକୁଳାଇବାପାଇଁ ୧୦ ହଜାରରୁ ଅଧିକ ମାମଲା ରୁଜୁ କରାଯାଇଛି। ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚାନ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି। ମୁଖ୍ୟମନ୍ତ୍ରୀ ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି ଯେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ଅଧିନରେ ରାଜଧାନୀରେ ମୋଟ୍ ୨୪, ୯୯୦ ଏକର ସରକାରୀ ରହିଛି। ଅବଣ୍ଟିତ ହୋଇନଥିବା ଜମି ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୪୯୬.୦୪୫ ଏକର ସରକାରୀ ଜମି ଜବରଦଖଲ ହୋଇଛି। ଜବରଦଖଲ ମୁକ୍ତ କରିବାପାଇଁ ବିଭାଗ ଦ୍ୱାରା ବିଭିନ୍ନସମୟରେ ୧୦, ୯୬୧ଟି ମାମଲା ରୁଜୁ ହୋଇଛି। ମାମଲାର ଫଏସଲା ହେଲାପରେ ସେଣ୍ଟ୍ରାଲ ଏନଫୋର୍ସମେଣ୍ଟ ମନିଟରିଂ କମିଟି, ବିଡିଏ ମାଧ୍ୟରେ ଜବଦରଖଲ ଉଚ୍ଛେଦ କରାଯାଇ ଉକ୍ତ ଜମି ଉପରେ ପ୍ରଚୀର ନିର୍ମାଣ ସହିତ ସୁରକ୍ଷା ପ୍ରଦାନ କରାଯାଉଛି। ବର୍ତ୍ତମାନ ସୁଦ୍ଧା ୫୪ଟି ମାମଲା ଇଷ୍ଟେଟ କୋର୍ଟରେ ବିଚାରାଧିନ ରହିଛି। ଜବରଦଖଲ ହୋଇଥିବା ସରକାରୀ ଜମି ମଧ୍ୟରୁ ସର୍ବାଧିକ ୧୪୮ ଏକର ଜୟଦେବବିହାର ଅଞ୍ଚଳରେ ରହିଥିବାବେଳେ ଚନ୍ଦ୍ରଶେଖରପୁରରେ ୩୩ଏକର, ଗାଡକଣରେ ୩୧ଏକର, ପଟିଆରେ ୨୮ଏକର, ବରମୁଣ୍ଡାରେ ୨୪ଏକର, କପିଳପ୍ରସାଦରେ ୨୨ଏକର ଓ ବିଜେବିନଗରରେ ୧୦ଏକରର ଅଧିକ ଜମି ରହିଛି। ରାଜଧାନୀର ମୋଟ୍ ୫୭ଟି ସ୍ଥାନରେ ସରକାରୀ ଜମି ଜବରଦଖଲ ହୋଇଥିବା ମୁଖ୍ୟମନ୍ତ୍ରୀ ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି।

## ସୁନେତ୍ର ଯୋଜନାରେ ୨୮୦ କୋଟି ୬୬ଲକ୍ଷ ବ୍ୟୟ ବରାଦ

ସାର୍ବଜନୀନ ଚକ୍ଷୁ ସ୍ୱାସ୍ଥ୍ୟ ଯୋଜନା (ସୁନେତ୍ର) ରାଜ୍ୟରେ ୨୦୧୮-୧୯ ମସିହାରୁ କାର୍ଯ୍ୟକାରୀ ହେଉଛି। ଏଥି କାର୍ଯ୍ୟକ୍ରମ ପାଇଁ ୨୮୦ କୋଟି ୬୬ଲକ୍ଷ ଟଙ୍କାର ଅର୍ଥ ବ୍ୟବସ୍ଥା ହୋଇଥିବା ସୂଚନା ଦେଇଛନ୍ତି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ। ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ସ୍ୱାସ୍ଥ୍ୟମନ୍ତ୍ରୀ ଏହି ସୂଚନା ଦେବା ସହିତ ଦର୍ଶାଇଛନ୍ତି ଯେ ସୁନ୍ଦ୍ରେ ଯେଜାନାରେ ଦୃଷ୍ଟିଦୋଷ ଥିବା ପ୍ରାୟ ୨ଲକ୍ଷ ଛାତ୍ରଛାତ୍ରୀଙ୍କୁ ଚଷମା ଯୋଗାଇ ଦିଆଯାଇଛି। ସେହିଭଳି ୫ଲକ୍ଷ ୬୨ହଜାରରୁ ଅଧିକ ଦୃଷ୍ଟିଦୋଷ ଥିବା ଲୋକଙ୍କୁ ଚଷମା ଯୋଗାଇ ଦିଆଯାଇଥିବାବେଳେ ସ୍ଥାୟୀ ଦୃଷ୍ଟି ଯତ୍ନ କେନ୍ଦ୍ର ମାଧ୍ୟମରେ ୨୪ଲକ୍ଷ ୨୧ ହଜାରରୁ ଅଧିକ ଲୋକଙ୍କୁ ଚକ୍ଷୁ ଚିକିତ୍ସା ଯୋଗାଯାଇଛି। ପ୍ରାୟ ୨ଲକ୍ଷ ୭୦ ହଜାର ଲୋକଙ୍କୁ ଭ୍ରାମ୍ୟମାଣ ଦୃଷ୍ଟି ଯତ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଚକ୍ଷୁଚିକିତ୍ସା ଯୋଗାଇ ଦିଆଯାଇଥିବାବେଳେ ୨୦୨୨-୨୩ ଓ ୨୦୨୩-୨୪ ମସିହାରେ ସରକାରୀ ଚିକିତ୍ସାଳୟରେ ସୁଚାନ୍ଦ୍ରେ ଯୋଜନାରେ ୩୬, ୯୯୧ ହିତାଧିକାରୀଙ୍କ ମୋତିଆବିନ୍ଦୁ ଅପରେସନ କରାଯାଇଛି।

## ବିଦେଶରେ ନୂତନ ଅଧ୍ୟାୟ ସୃଷ୍ଟି କରିଛି ସମ୍ ହସ୍ପିଟାଲ




**ଭୁବନେଶ୍ୱର,୨।୧୨(ସଂଚାର ବୁରୋ):** ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଘରୋଇ ଡାକ୍ତରଖାନା ମଧ୍ୟରେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନସେସ୍ ଆଣ୍ଡ ସମ୍ ହସ୍ପିଟାଲ ଓ ସମ୍ ଅଲ୍ଟିମେଟ୍ ମେଡିକେୟାର (ସମ୍ମମ୍) ଦେଶ ସମେତ ବିଦେଶରେ ମଧ୍ୟ ନୂଆ ଅଧ୍ୟାୟ ସୃଷ୍ଟି କରିବାରେ ଲାଗିଛି ବୋଲି କହିଛନ୍ତି ସ୍ୱାସ୍ଥ୍ୟ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ। ସମ୍ମମ୍ ପକ୍ଷରୁ ଆୟୋଜିତ ଜାତୀୟ ଇଂଟରଭେନସନାଲ୍ ରେଡିଓଲୋଜି ସମ୍ମିଳନୀ 'ସମମ୍‌ଇରକନ୍' ର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହା କହିଛନ୍ତି ସ୍ୱାସ୍ଥ୍ୟ ମନ୍ତ୍ରୀ। ସମ୍ମମ୍ ଓଡ଼ିଶା ରେଡିଓଲୋଜିକାଲ୍ ଆଣ୍ଡ ଇମେଜିଂ ଆସୋସିଏସନ୍ ଓ ଇଣ୍ଡିଆନ୍ ସୋସାଇଟି ଅଫ୍ ଇଂଟରଭେନସନାଲ୍ ରେଡିଓଲୋଜିର ମିଳିତ ସହଯୋଗରେ ଆୟୋଜିତ ଏହି କର୍ମଶାଳା ପରିପ୍ରେକ୍ଷୀରେ ଡକ୍ଟର ମହାଲିଙ୍ଗ କହିଥିଲେ ଯେ ରେଡିଓଲୋଜିର ଦୁଇଟି କ୍ଷେତ୍ର ଇମେଜିଂ ଓ ଇଂଟରଭେନସନାଲ୍ ପ୍ରକ୍ରିୟା ଏବେ ଖୁବ୍ ବ୍ୟାପକ ହେବାରେ ଲାଗିଛି। ତେଣୁ ସମ୍ମମ୍ ପକ୍ଷରୁ ଏଭଳି ଜାତୀୟ ସମ୍ମିଳନୀର ଆୟୋଜନ କରାଯାଇଥିବାରୁ ସେ ଆନନ୍ଦ ପ୍ରକାଶ କରିଥିଲେ। ଏହି ଅବସରରେ ଡକ୍ଟର ମହାଲିଙ୍ଗ କହିଥିଲେ ଯେ ଖୁବ୍‌ଶୀଘ୍ର ରାଜ୍ୟ ସରକାରଙ୍କ ପକ୍ଷରୁ ୨୫୦ଜଣ ରେଡିଓଗ୍ରାଫରଙ୍କୁ ସରକାରୀ ହସ୍ପିଟାଲରେ ନିଯୁକ୍ତି ଦିଆଯିବ। ରାଜ୍ୟରେ ସ୍ୱାସ୍ଥ୍ୟସେବାକୁ ଅଧିକ ତ୍ୱରାନିତ୍ୱ କ୍ରିୟା କରିବା ଲକ୍ଷ୍ୟରେ ଆସନ୍ତା ଆର୍ଠିଥକ ବର୍ଷରେ ଆୟୁଷ୍ମାନ ଭାରତ ଯୋଜନା ଓ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାକୁ ଏକତ୍ର କରି ସାଢେ ତିନି କୋଟି ଜନସାଧାରଣଙ୍କୁ ମାଗଣା ସ୍ୱାସ୍ଥ୍ୟସେବା ପ୍ରଦାନ କରାଯିବ। ଏହି ଯୋଜନା ଦ୍ୱାରା ଜନସାଧାରଣ ଦେଶର ୨୭, ୦୦୦ ହସ୍ପିଟାଲରେ ମାଗଣା ସ୍ୱାସ୍ଥ୍ୟସେବା ପାଇପାରିବେ ବୋଲି ସେ କହିଥିଲେ।ସେହିପରି ସରଭାଇକାଲ୍ କ୍ୟାନସ୍‌ର ଆଗୁଆ ନିରାକରଣ ପରିପ୍ରେକ୍ଷୀରେ କିଶୋରୀ ମାନଙ୍କ ଟୀକାକରଣ ନିମନ୍ତେ ରାଜ୍ୟ ସରକାର ଏକ ବଡ କାର୍ଯ୍ୟକ୍ରମ ହାତକୁ ନେବେ ବୋଲି ସେ କହିଥିଲେ।

## ମୁଖ୍ୟ ଶାସନ ସଚିବ ଓ ଆଇଟିଇଇଏସ୍ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ବୈଠକ




**ଭୁବନେଶ୍ୱର,୨।୧୨(ସଂଚାର ବୁରୋ):** ସିଙ୍ଗାପୁରସ୍ଥିତ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ ଏଜୁକେସନ ଆଣ୍ଡ ଏଜୁକେସନ ସର୍ଭିସେସ୍ (ଆଇଟିଇଇଏସ୍)ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ସୁରେଶ ନଟରାଜନଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଆଜି ଓଡ଼ିଶା ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବ ଶ୍ରୀ ମନୋଜ ଆହୁଜାଙ୍କୁ ସାକ୍ଷାତ କରିବା ସହ ଏକ ବୈଠକରେ ଯୋଗଦେଇଥିଲେ। ସେମିକଣ୍ଡକ୍ଟର ଶିଳ୍ପର ବ୍ୟାପକତା ଏବଂ କ୍ରମାଗତ ଭାବେ ବୃଦ୍ଧି ପାଉଥିବା ପ୍ରଯୁକ୍ତିବିଦ୍ୟାକୁ ଶକ୍ତି ଯୋଗାଇବାର ଗୁରୁତ୍ୱ ଦୃଷ୍ଟିରୁ ଉଭୟ ଓଡ଼ିଶା ତଥା ସମଗ୍ର ଦେଶରେ ସେମିକଣ୍ଡକ୍ଟର ଏବଂ ଆନୁଷଙ୍ଗିକ କ୍ଷେତ୍ରରେ ଦକ୍ଷ ମାନବ ସମ୍ବଳର ବଢୁଥିବା ଚାହିଦାକୁ ଦୃଷ୍ଟିରେ ରଖି ଓଡ଼ିଶାରେ ସୂଚନା ଓ ପ୍ରଯୁକ୍ତି ଏବଂ ଆଇଟି-ସକ୍ଷମ ସେବା ଏବଂ ସେମିକଣ୍ଡକ୍ଟର କ୍ଷେତ୍ରରେ ପ୍ରଶିକ୍ଷଣ ପାଇଁ ପ୍ରସ୍ତାବ ଅନୁଷ୍ଠିତ ବୈଠକରେ ଦିଆଯାଇଥିଲା। ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ସିଙ୍ଗାପୁର ଗସ୍ତ ବେଳେ ଆନ୍ତର୍ଜାତିକ ସ୍ତରୀୟ ଦକ୍ଷତା ବୃଦ୍ଧି ପାଇଁ ବିଶ୍ୱ ଦକ୍ଷତା କେନ୍ଦ୍ରରେ ଇଣ୍ଟର୍ଣ୍ଣମାନଙ୍କ ସହ ତାଙ୍କର ବାର୍ତ୍ତାଳାପ ଏବଂ ପରବର୍ତ୍ତୀ ସମୟରେ ନିକଟରେ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସହିତ ଓଡ଼ିଶାର ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ଏବଂ ମୁଖ୍ୟ ଶାସନ ସଚିବଙ୍କ ଆଇଟିଇଇଏସ୍, ସିଙ୍ଗାପୁର ଗସ୍ତ ଏବଂ ଆଲୋଚନା ଆଧାରରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଶିଳ୍ପ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ଏବଂ ରାଜ୍ୟକୁ ଉନ୍ନତ ଉତ୍ପାଦନର କେନ୍ଦ୍ର ଭାବରେ ଅବସ୍ଥାପିତ କରିବା ସଂପର୍କରେ ଓଡ଼ିଶା ସରକାର ରଣନୈତିକ ଗୁରୁତ୍ୱ ସହିତ ଏହି କ୍ଷେତ୍ରରେ ଏକ ଦକ୍ଷ ଶ୍ରମଶକ୍ତିର ବିକାଶକୁ ସର୍ବୋଚ୍ଚ ପ୍ରାଥମିକତା ଦେଇଛନ୍ତି।

# ପର୍ଯ୍ୟଟନସ୍ଥଳୀରେ ନିଶାଡ଼ିଙ୍କ ଉତ୍ପାତ

**ଭୁବନେଶ୍ୱର,୨।୧୨:** ରାଜ୍ୟର ପର୍ଯ୍ୟଟନସ୍ଥଳୀଗୁଡିକରେ ଏବେ ନିଶାଡିଙ୍କ ଉତ୍ପାତ। ଏମାନଙ୍କଙ୍କ ଯୋଗୁଁ ଲୋକେ ନିଜ ପରିବାର ସହିତ ବିଭିନ୍ନ ପର୍ଯ୍ୟଟନସ୍ଥଳୀ ଯିବାକୁ ପଛଘୁଞ୍ଚା ଦେଲେଣି। ତେଣୁ ପର୍ଯ୍ୟଟନ ଋତୁ ସରିବା ପର୍ଯ୍ୟନ୍ତ ପର୍ଯ୍ୟଟନସ୍ଥଳୀ ଆଖପାଖରେ ଥିବା ମଦଦୋକାନଗୁଡ଼ିକୁ ବନ୍ଦ ରଖିବା ସହିତ ଲୋକେ ଯେଭଳି ସେଠାରେ ମଦ ପିଇ ଉତ୍ପାତ ନକରିବେ ତାହା ଉପରେ ଦୃଷ୍ଟି ଦେବାକୁ ନିଶାମୁକ୍ତ ଆନ୍ଦୋଳନର କର୍ମକର୍ତ୍ତାମାନେ ଦାବି କରିଛନ୍ତି। ରାଜ୍ୟର ବିଭିନ୍ନ ପର୍ଯ୍ୟଟନସ୍ଥଳୀକୁ ଏବେ ଧିରେ ଧିରେ ଲୋକଙ୍କ ଆଗମନ ହେବାରେ ଲାଗିଛି। ନିଜ ପରିବାର ସହିତ ଲୋକେ ଛୁଟି କଟାଇବାକୁ ଯାଉଥିବେଳେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ମଧ୍ୟ ବିଭିନ୍ନ ସ୍ଥାନକୁ ବୁଲାଇବାକୁ ନିଆଯାଉଛି। ରାଜ୍ୟ ବାହାରର ପର୍ଯ୍ୟଟକମାନେ ମଧ୍ୟ ବିଭିନ୍ନ ପର୍ଯ୍ୟଟନସ୍ଥଳକୁ ବୁଲିବାକୁ ଆସୁଛନ୍ତି। ତେବେ ଅଧିକାଂଶ ପର୍ଯ୍ୟଟନସ୍ଥଳୀରେ ମଦୁଆମାନେ ଆଡ୍ଡା ଜମାଉଛନ୍ତି। ସର୍ବ ସମ୍ମୁଖରେ ମଦ ପିଇ ଉତ୍ପାତ କରିବା ସହିତ ଆଖପାଖର ଲୋକଙ୍କ ଉପରକୁ ନିଶାରେ ମଦ ବୋତଲ ଫୋପାଡିବାକୁ ବି ପଛାଉ ନାହାନ୍ତି। ପର୍ଯ୍ୟଟନସ୍ଥଳୀରେ ବ୍ୟାପକ ପୁଲିସ୍ ବ୍ୟବସ୍ଥା ନଥିବାରୁ ମହିଳାମାନେ ନିଜକୁ ଅସୁରକ୍ଷିତ ମଣିବା ସହିତ ଏହି ମଦୁଆଙ୍କ ବିରୁଦ୍ଧରେ ପ୍ରାୟତଃ କେହି ମୁହଁ ଖୋଲୁନାହାନ୍ତି। ବିଭିନ୍ନ ସଂଗଠନ, ଦପ୍ତର, କ୍ଲବ ଆଦିର ଯୁବକମାନେ ଦଳ ଦଳ ହୋଇ ଯେଉଁଠାକୁ ପିକନିକ୍ କରିବାକୁ ଯାଉଛନ୍ତି ସେଠାରେ ମଦ ପିଇ ମାତାଲ ହେବା ସହିତ କାନଫଟା ଡିଜେ ବଜାଇ ଉତ୍ପାତ କରୁଛନ୍ତି। ଏମାନଙ୍କ ଆଖପାଖରେ ବଣଭୋଜି କରୁଥିବା ସ୍କୁଲ ଓ କଲେଜ ପିଲାମାନଙ୍କ ଉପରେ ଏହାର ଗୁରୁତର ପ୍ରଭାବ ପଡ଼ିବାରେ ଲାଗିଛି। କେତେକ ପର୍ଯ୍ୟଟନସ୍ଥଳୀରେ ସରକାର ରସିଦ କାଟି ଏମାନଙ୍କୁ ଅନୁମତି ଦେଉଥିବାବେଳେ ମଦ ପିଇବାକୁ କିନ୍ତୁ ବାରଣ କରୁନାହାନ୍ତି। ରାଜଧାନୀ ମଧ୍ୟରେ ଥିବା ଜୟଦେବବାଟିକା, ନିକଟରେ ଥିବା ଡେରାସ, ନନ୍ଦନକାନନ ବଟାନିକାଲପାର୍କ, ଅଂଶୁପାଆଦି ପର୍ଯ୍ୟଟନସ୍ଥଳୀକୁ ଏବେ ବୁଲିବାକୁ କିମ୍ବା ବଣଭୋଜି କରିବାକୁ ଆସୁଥିବା ମାତାଲମାନଙ୍କ ସଂଖ୍ୟା ଅଧିକ। ଆଖପାଖରେ ଥିବା ମଦ ଦୋକାନରୁ ଏମାନେ ସହଜରେ ମଦ ପାଇଯାଉଥିବାବେଳେ ଚାହିଦାକୁ ଦେଖି ସେହିସବୁ ସ୍ଥାନରେ ଚୋରା ମଦ ବି ଉପଲବ୍ଧ ହେଉଛି। ରାଜ୍ୟର ପ୍ରାୟ ଅଧିକାଂଶ ପର୍ଯ୍ୟଟନସ୍ଥଳୀରେ ସମାନ ଅବସ୍ଥା। ତେଣୁ ପର୍ଯ୍ୟଟନ ଋତୁ ସରିବା ପର୍ଯ୍ୟନ୍ତ ପର୍ଯ୍ୟଟନସ୍ଥଳୀ ନିକଟରେ ଥିବା ମଦ ଦୋକାନଗୁଡିକୁ ବନ୍ଦ ରଖିବାପାଇଁ ମତପ୍ରକାଶ ପାଉଛି। ଏପରିକି ରସିଦ କାଟିବା ସମୟରେ ଲୋକେ ଯେଭଳି ସେଠାରେ ନିଶା ସେବନ ନକରିବେ ସେଥିପାଇଁ ସେମାନଙ୍କ ଠାରୁ ଲିଖିତ ପ୍ରତିଶ୍ରୁତି ରଖିବାକୁ ନିଶା ନିବାରଣ କର୍ମୀମାନେ ମତ ଦେଉଛନ୍ତି। ଏଥି ସହିତ ପର୍ଯ୍ୟଟନକେନ୍ଦ୍ରଗୁଡିକରେ ଯେଭଳି ପଲିଥିନ୍ ମୁକ୍ତ ପାଇଁ ସରକାରୀ ସ୍ତରରେ ଅଭିଯାନ ଆରମ୍ଭ ହୋଇଥିଲା ଅନୁରୂପ ଭାବେ ନିଶାମୁକ୍ତ ପାଇଁ ଅଭିଯାନ ଚଳାଇବାକୁ ମତପ୍ରକାଶ ପାଉଛି। (ତଥ୍ୟ)



## ନୃତ୍ୟନିପୁଣା ଅନୁଷ୍ଠାନ ପକ୍ଷରୁ ପଞ୍ଚମ ନୃତ୍ୟ ମହୋତ୍ସବ




**ଭୁବନେଶ୍ୱର,୨।୧୨(ସଂଚାର ବୁରୋ):** ୯ନମ୍ବର୍ ସ୍ଥିତ 'ବୁଦ୍ଧ ମନ୍ଦିରଠାରେ' ନୃତ୍ୟନିପୁଣା ଓଡ଼ିଶୀ ନୃତ୍ୟ ଅନୁଷ୍ଠାନ ତରଫରୁ 'ପଞ୍ଚମ ନୃତ୍ୟ ମହୋତ୍ସବ' ର ଆୟୋଜନ କରାଯାଇଛି। ଏଥିରେ ଓଡ଼ିଶାର ବିଭିନ୍ନ ସ୍ଥାନରୁ ନୃତ୍ୟଶିଳ୍ପୀ ମାନେ ଯୋଗଦେଇଥିଲେ।ଓଡ଼ିଶୀ ନୃତ୍ୟ, ମାହାରୀ ନୃତ୍ୟ, ଭଜନ ନୃତ୍ୟ ଏବଂ ସମ୍ବଲପୁରୀ ନୃତ୍ୟ ଇତ୍ୟାଦି ପରିବେଷଣ କରିଥିଲେ। ଏହି ବିଶାଳ ନୃତ୍ୟ ମହୋତ୍ସବ ୧ତାରିଖ (ରବିବାର) ଅପରାହ୍ନ ୪ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଆୟୋଜିତ ହୋଇଥିଲା। ଏହି ନୃତ୍ୟ ମହୋତ୍ସବରେ ସୁନାମଧନ୍ୟ ତଥା ଖ୍ୟାତିସଂପନ୍ନ ଏବଂ ବହୁ ଲବ୍ଧ ପ୍ରତିଷ୍ଠିତ ବ୍ୟକ୍ତିବିଶେଷମାନେ ଅତିଥି ଭାବରେ ଯୋଗଦେଇଥିଲେ। ଅତିଥିମାନେ ହେଲେ ଏଥିରେ ପ୍ରାୟ ୪୦ଜଣ ନୃତ୍ୟଶିଳ୍ପୀ ଏକକ ନୃତ୍ୟ, ଦ୍ୱୈତ ନୃତ୍ୟ ଏବଂ ଦଳଗତ ନୃତ୍ୟ ପରିବେଷଣ କରିଥିଲେ।ପ୍ରତିବର୍ଷ ପରି ଏହିବର୍ଷ ମଧ୍ୟ ନୃତ୍ୟ କ୍ଷେତ୍ରରେ ଦକ୍ଷତା ହାସଲ କରିଥିବା ଗୁରୁ ଶ୍ରୀମତୀ ଗାୟତ୍ରୀ ମିଶ୍ରଙ୍କୁ ଅନୁଷ୍ଠାନ ତରଫରୁ ନୃତ୍ୟନିପୁଣା ନୃତ୍ୟଶିରୋମଣୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନ ଦ୍ୱାରା ଚୟନ କରାଯାଇଥିବା ତଥା ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗଦ୍ୱାରା ପ୍ରେରିତ ହୋଇଥିବା ଦୁଇଗୋଟି ଅନୁଷ୍ଠାନ ଦଳଗତ ଓଡ଼ିଶୀ ନୃତ୍ୟ ଏବଂ ଦଳଗତ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ସର୍ବଶେଷରେ ନିର୍ଦ୍ଦେଶିକା ତଥା ନୃତ୍ୟଗୁରୁ ଡଃ ପ୍ରିୟଙ୍କା ମିଶ୍ର ସମସ୍ତଙ୍କୁ ଧନ୍ୟବାଦ୍ ପ୍ରଦାନ କରିଥିଲେ।

ଜୀବନ ଅମୃତ ଅନୁଚିନ୍ତା

ଈଶ୍ୱରପ୍ରାପ୍ତିର ମାଧ୍ୟମ-ଈଶ୍ୱରଙ୍କୁ ପାଇବାର ଏକମାତ୍ର ମାଧ୍ୟମ ହେଲା ସମ୍ପୂର୍ଣ୍ଣ ସମର୍ପଣ ଭାବ ଏବଂ ତାଙ୍କ ପ୍ରତି ଉତ୍ସର୍ଗୀକୃତ ହେବା। ଫଳପ୍ରାପ୍ତିର ଆଶା ନରଖି ସତକର୍ମରେ ନିଜକୁ ନିୟୋଜିତ କରିବା ହେଉଛି ଈଶ୍ୱର ପ୍ରାପ୍ତିର ଏକମାତ୍ର ଉପାୟ।

SANCHAR
ସଂଚାର




# ମହିଳାଙ୍କ ଭୂମିକା ନିର୍ଣ୍ଣାୟକ

ଭାରତୀୟ ରାଜନୀତିରେ ମହିଳାଙ୍କ ଅଂଶୀଦାରୀ ଗତ କିଛି ବର୍ଷ ଭିତରେ ବୃଦ୍ଧି ପାଇଛି। ତୃଣମୂଳ ସ୍ତରରେ ମହିଳା ସଂରକ୍ଷଣ ହେବା ଦ୍ୱାରା ମହିଳା ଜନପ୍ରତିନିଧିଙ୍କ ସଂଖ୍ୟା ବଢ଼ିଛି। ଏହା ବ୍ୟତିତ ଅନେକ ଦଳରେ ମହିଳାମାନେ ନେତୃତ୍ୱର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା ଅନେକ ନିର୍ବାଚନରେ ମହିଳା ଭୋଟରମାନେ ନିର୍ଣ୍ଣାୟକ ହେଉଛନ୍ତି। ମହିଳାମାନେ ଯାହାକୁ ଅଧିକ ସଂଖ୍ୟାରେ ଭୋଟ ଦେଉଛନ୍ତି ସେ ହିଁ ନିର୍ବାଚନରେ ସଫଳତା ହାସଲ କରୁଛି। ସେଥିପାଇଁ ସବୁ ଦଳ ମହିଳା ଭୋଟ ବ୍ୟାଙ୍କ ସୃଷ୍ଟି କରିବାକୁ ଆପ୍ରାଣ ଉଦ୍ୟମ କରୁଛନ୍ତି। ପ୍ରତି ନିର୍ବାଚନରେ ମହିଳାଙ୍କ ପାଇଁ ଭିନ୍ନ ଭିନ୍ନ ରାଜନୈତିକ ଦଳ ପକ୍ଷରୁ ଲୋଭନୀୟ ପ୍ରତିଶ୍ରୁତିମାନ ଦିଆଯାଉଛି। ଏପରିକି ସେ ମାନଙ୍କୁ ସୁନା ଦେବା, ସ୍କୁଟି ଗୁଡ଼ିକ ଆଦାୟ କରି ମଙ୍ଗଳସୂତ୍ର ଏବଂ ମାସିକ ଆର୍ଥିକ ସହାୟତା ପାଇଁ ପ୍ରତିଶ୍ରୁତି ଦିଆଯାଉଛି। ଦେଶ ବା ରାଜ୍ୟର ଆର୍ଥିକ ସ୍ଥିତି ପଛେ ଦୋହଲିଯାଉ ସବୁ ଦଳ କିନ୍ତୁ ନିର୍ବାଚନୀ ସଫଳତା ନିମନ୍ତେ ମହିଳା ଭୋଟ ବ୍ୟାଙ୍କ ହାତେଇବାକୁ ସବୁ ପ୍ରକାର ପ୍ରଲୋଭନ ସୃଷ୍ଟିକାରୀ ପ୍ରତିଶ୍ରୁତି ଦେଉଛନ୍ତି। ଅନେକ ସମୟରେ ଏହା ପ୍ରଭାବୀ ସାବ୍ୟସ୍ତ ହେଉଛି। ଓଡ଼ିଶାରେ ବିଜେପିର ସୁଭଦ୍ରା ଯୋଜନା ଏହାର ଉଦାହରଣ। ସଦ୍ୟ ସମାପ୍ତ ମହାରାଷ୍ଟ୍ର ଓ ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନରେ ଶାସକ ମେଣ୍ଟର ବିଜୟ ଅନେକଙ୍କୁ ବିସ୍ମିତ କରିଛି। କାରଣ ଗୋଟିଏ ଦଳ ଲଗାତାର ୫/୧୦ ବର୍ଷ କ୍ଷମତାରେ ରହିବା ପରେ ଏହାର ଲୋକପ୍ରିୟତା ଏବଂ ଭୋଟ ହାର ହ୍ରାସ ପାଇଥାଏ। କ୍ୱଚିତ ଏହାର ବ୍ୟତିକ୍ରମ ଦେଖାଯାଇଥାଏ। କିନ୍ତୁ ଏବେ ଅନେକ ରାଜ୍ୟରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି। ଏହା ପୂର୍ବରୁ ହରିୟାଣାରେ ମଧ୍ୟ ଶାସନ କ୍ଷମତାରେ ଥିବା ଦଳ ନିର୍ବାଚନରେ ବିଜୟୀ ହୋଇଥିଲା। ଏହାର କାରଣ କ'ଣ ହୋଇପାରେ ସେଥିନେଇ ଚର୍ଚ୍ଚା ହେଉଛି। ଶାସନ କ୍ଷମତାରେ ଥିବା ଦଳ ବା ସରକାର ନିର୍ବାଚନର ଠିକ ପୂର୍ବରୁ ଏଭଳି କିଛି ଲୋଭନୀୟ ଯୋଜନା ଏବଂ କାର୍ଯ୍ୟକ୍ରମ ଘୋଷଣା କରୁଛନ୍ତି ଏବଂ ଏହାକୁ କାର୍ଯ୍ୟକାରୀ କରୁଛନ୍ତି ଯେଉଁଥିରେ ଭୋଟର ମାନେ ଶାସକ ଦଳ ସପକ୍ଷରେ ଯାଉଛନ୍ତି। ଆଉ କେତେକ ରାଜ୍ୟରେ ଶାସକ ବା ବିରୋଧୀ ଦଳ ପକ୍ଷରୁ ନିର୍ବାଚନ ଇସ୍ତାହାରରେ ଏଭଳି କିଛି ଲୋଭନୀୟ ପ୍ରତିଶ୍ରୁତି ଦିଆଯାଉଛି ଯାହାକୁ ଭରସା କରି ମଧ୍ୟ ମତଦାତା ସେମାନଙ୍କର ମତାଧିକାର ସାବ୍ୟସ୍ତ କରୁଛନ୍ତି। ସବୁ ଦଳ ନିର୍ଦ୍ଦିଷ୍ଟ ଗୋଷ୍ଠୀ ବା ସମ୍ପ୍ରଦାୟକୁ ପ୍ରଲୋଭିତ କରି ଏକ ଭୋଟ ବ୍ୟାଙ୍କ ସୃଷ୍ଟି କରୁଛନ୍ତି। ଜାତି, ଧର୍ମ ବା ଲିଙ୍ଗ ଆଧାରରେ ଏହି ଭୋଟ ବ୍ୟାଙ୍କ ସୃଷ୍ଟି କରାଯାଉଛି। ଅନେକ ଦଳ ମହିଳାମାନଙ୍କୁ ପ୍ରଲୋଭିତ ବା ପ୍ରଭାବିତ କରି ସେମାନଙ୍କ ଭୋଟ ହାତେଇବାରେ ସଫଳ ହେଉଛନ୍ତି। ଅତୀତରେ ଓଡ଼ିଶାରେ ବିଜେଡି ମହିଳା ଭୋଟ ବ୍ୟାଙ୍କ ସୃଷ୍ଟି କରି ଅନେକ ବର୍ଷ କ୍ଷମତାରେ ରହିଥିଲା। ଏବେ ବିଜେପି ସେହି ନୀତି ଆପଣାଉଛି। ମହିଳାମାନେ ମିଳିତ ଭାବେ ଯାହାକୁ ଭୋଟ ଦେବେ ସେ ନିର୍ବାଚନୀ ସଫଳତା ପାଇବା ସ୍ୱାଭାବିକ। କାରଣ ଗତ କିଛି ବର୍ଷ ହେବ ନିର୍ବାଚନରେ ମହିଳାଙ୍କ ମତଦାନ ହାର ଅଧିକ ରହୁଥିବା ଦେଖାଯାଉଛି। ମହାରାଷ୍ଟ୍ରରେ ବିଜେପି ନେତୃତ୍ୱାଧୀନ ମେଣ୍ଟର ବିଜୟ ପଛରେ ଏହା ଏକ ବଡ଼ କାରଣ ବୋଲି ଖୋଦ ଶରଦ ପାୱାର ସ୍ୱୀକାର କରିଛନ୍ତି। ମହିଳାମାନେ ଏଥର ବହୁ ସଂଖ୍ୟାରେ ଆସି ମତଦାନ କରିବା ଦ୍ୱାରା ସବୁ ଆକଳନ ଭୁଲ ପ୍ରମାଣିତ ହେଲା ବୋଲି ସେ କହିଛନ୍ତି। ସେ କହିଛନ୍ତି ଯେ, ନିର୍ବାଚନ ପୂର୍ବରୁ ସିନ୍ଦେ ସରକାର ମହିଳାଙ୍କ ସମର୍ଥନ ପାଇବାକୁ ଲାଡଲି ବହେନ ଯୋଜନା କାର୍ଯ୍ୟକାରୀ କରିବା ଦ୍ୱାରା ମହିଳାମାନେ ବହୁ ସଂଖ୍ୟାରେ ଆସି ବିଜେପି ମେଣ୍ଟ ସପକ୍ଷରେ ଭୋଟ ଦେଲେ। ଠିକ ସେହିପରି ଝାଡ଼ଖଣ୍ଡରେ ଆଦିବାସୀ ମହିଳା ମାନେ ଜେଏମଏମ ନେତୃତ୍ୱାଧୀନ ମେଣ୍ଟ ସପକ୍ଷରେ ଭୋଟ ଦେବା ଫଳରେ ସେଠାରେ ଏନଡିଏ ପରାଜିତ ହେଲା। ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ପତ୍ନୀ କଳ୍ପନା ସୋରେନ ଥିଲେ ଏହି ନିର୍ବାଚନରେ ମୁଖ୍ୟ ଆକର୍ଷଣ। ତାଙ୍କୁ ଦେଖିବା ପାଇଁ ଦୂରଦୂରାନ୍ତରୁ ଆଦିବାସୀ ମହିଳାମାନେ ନିର୍ବାଚନୀ ସଭାରେ ରୁଣ୍ଡ ହେଉଥିଲେ। ସେମାନେ ମିଳିତ ଭାବେ ଜେଏମଏମ ମେଣ୍ଟକୁ ସମର୍ଥନ କରିବା ଫଳରେ ସବୁ ପ୍ରକାର ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଜେଏମଏମ ବୁକ ସେଠାରେ ବିଜୟୀ ହେଲା। ନଚେତ ହେମନ୍ତ ସରକାରଙ୍କ ବିରୋଧରେ ଯେଉଁ ସବୁ ଦୁର୍ନୀତି ଅଭିଯୋଗ ରହିଥିଲା ସେଥିରେ ଏହି ଦଳ ପରାଜିତ ହେବା ସୁନିଶ୍ଚିତ ଥିଲା। କହିବା ବାହୁଲ୍ୟ ଯେ, ଗତ ଲୋକସଭା ନିର୍ବାଚନରେ ଉଭୟ ମହାରାଷ୍ଟ୍ର ଏବଂ ଝାଡ଼ଖଣ୍ଡରେ ଗତ ଲୋକସଭା ନିର୍ବାଚନରେ ବିପରୀତ ଫଳାଫଳ ଦେଖିବାକୁ ମିଳିଥିଲା। ମାତ୍ର ୫ ମାସ ବ୍ୟବଧାନରେ ଜନମତ ବଦଳିଗଲା। ଏହା ପୂର୍ବରୁ ଲୋକସଭା ନିର୍ବାଚନରେ ଉତ୍ତର ପ୍ରଦେଶରେ କଂଗ୍ରେସ-ସମାଜବାଦୀ ପାର୍ଟୀ ମେଣ୍ଟ ସପକ୍ଷରେ ଜନମତ ଯାଇଥିଲା। ଏହାର କାରଣ ମଧ୍ୟ ଥିଲା ମହିଳା ଭୋଟ। କଂଗ୍ରେସ-ସପା ମେଣ୍ଟ ଏହି ନିର୍ବାଚନରେ ଭଲ ପ୍ରଦର୍ଶନ କରିବାର ମୁଖ୍ୟ କାରଣ ଥିଲା ମହିଳା ଭୋଟରଙ୍କୁ ଆକୃଷ୍ଟ କରିବା ନିମନ୍ତେ ଲୋଭନୀୟ ପ୍ରତିଶ୍ରୁତି। ନଚେତ ଉତ୍ତରପ୍ରଦେଶରେ ବିଜେପି ଖରାପ ପ୍ରଦର୍ଶନ କରିବାର କିଛି କାରଣ ନଥିଲା। ଅନ୍ୟ ସବୁ ରାଜ୍ୟରେ ଏଗଭଳି ଭାବେ ମହିଳା ଭୋଟରମାନେ ନିର୍ଣ୍ଣାୟକ ହେଉଛନ୍ତି। ଏହା ଏକ ବଡ଼ ରାଜନୈତିକ କୌଶଳ ହୋଇଛି। ବିକାଶ, ସୁଶାସନ ମୂଲ୍ୟହୀନ ହୋଇଯାଇଛି। ଦେଶର ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି କୌଣସି ସରକାର ଯଦି କଠୋର ପଦକ୍ଷେପ ନିଅନ୍ତି ତେବେ ପରବର୍ତ୍ତୀ ନିର୍ବାଚନରେ ଏହାକୁ ପରାଜୟର ସାମନା କରିବାକୁ ପଡ଼ିବ। ଲୋକେ ଚାହୁଁଛନ୍ତି ସେମାନଙ୍କର କ'ଣ ବ୍ୟକ୍ତିଗତ ଫାଇଦା ହେବ। ସେମାନେ ତାକୁ ଭୋଟ ଦେବେ। ଏହା ଗଣତନ୍ତ୍ର ପାଇଁ ଆଦୌ ଶୁଭଙ୍କର ବା ସ୍ୱାଗତଯୋଗ୍ୟ ନୁହେଁ। ଜାତି, ଧର୍ମ, ବର୍ଣ୍ଣ ଭଳି ଲିଙ୍ଗଗତ ବୈଷମ୍ୟ ମଧ୍ୟ ଦୂର ହେବା ଜରୁରୀ। ପୁରୁଷ ହୁଅନ୍ତୁ ବା ମହିଳା, କାହାରିକୁ ନିର୍ଦ୍ଦିଷ୍ଟ ଭାବେ ଉପକୃତ କରିବା ଉଦ୍ୟମ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ। କେବଳ ମହିଳାଙ୍କୁ ପ୍ରଲୋଭିତ କରିବା ଏକ ସଂକୀର୍ଣ୍ଣ ଚିନ୍ତାଧରା। ଏଥିପାଇଁ ରାଜନୈତିକ ଦଳମାନଙ୍କୁ ଦୋଷ ଦେଇ ଲାଭ ନାହିଁ। ଆମେ ଯଦି ନିଜ ଦାୟିତ୍ୱ ଏବଂ କର୍ତ୍ତବ୍ୟ ସମ୍ପର୍କରେ ସଚେତନ ହେବା ତେବେ ପରିସ୍ଥିତି ବଦଳିଯିବ। କେହି କାହାକୁ ପ୍ରଲୋଭିତ କରିପାରିବେ ନାହିଁ ବା ନିଜ ପାଇଁ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ବା ସମ୍ପ୍ରଦାୟକୁ ଭୋଟ ବ୍ୟାଙ୍କରେ ରୂପାନ୍ତରିତ କରିପାରିବେ ନାହିଁ।

# ଜୀବନ ସତରେ କେତେ ମୂଲ୍ୟବାନ



## ମନୋରଞ୍ଜନ ମହାନ୍ତି

ଶ୍ରମିକମାନେ ସୁଡ଼ଙ୍ଗ ଭିତରେ ରହିଗଲେ। ଦୀର୍ଘଦିନର ଅତନ୍ଦ୍ର, ଅକ୍ଳାନ୍ତ ଉଦ୍ୟମ ପରେ ସେମାନଙ୍କୁ ଉଦ୍ଧାର କରାଗଲା। ଭୂପୃଷ୍ଠକୁ ଆସିଲେ ସେମାନେ, ସୂର୍ଯ୍ୟାଲୋକ ଦେଖିଲେ, ପ୍ରିୟ ପରିଜନମାନଙ୍କୁ ଦେଖିଲେ, ରାଷ୍ଟ୍ରବାସୀ ସେମାନଙ୍କୁ ଦୂରଦର୍ଶନ ପରଦାରେ ଦେଖିଲେ, ଖୁସି ହେଲେ। ଗୋଟେ ଯାନରେ ଯାଇ ମହାକାଶର କୌଣସି ଗ୍ରହ, ଉପଗ୍ରହରେ ପହଞ୍ଚିଲେ କିମ୍ବା କ୍ରୀଡ଼ା, ଚଳଚ୍ଚିତ୍ର, ସାହିତ୍ୟ, ବିଜ୍ଞାନ, କଳା, ସ୍ଥାପତ୍ୟ ଓ ଅନ୍ୟାନ୍ୟ ଅନେକ କ୍ଷେତ୍ରରେ ନୈପୁଣ୍ୟ ପ୍ରଦର୍ଶନ କରି ବିଶ୍ୱସ୍ତରୀୟ ପୁରସ୍କାର ଲାଭ କଲେ ଆମକୁ ଯେତିକି ଆନନ୍ଦ ମିଳନ୍ତା, ତା'ଠାରୁ କୋଟି କୋଟି ଗୁଣରେ ଆନନ୍ଦ ମିଳିଲା ଯେତେବେଳେ ଶ୍ରମିକମାନେ ସୁଡ଼ଙ୍ଗ ଭିତରୁ ବାହାରକୁ ଆସିଲେ।

ଜୀବନ କେତେ ମଧୁମୟ, ମମତାମୟ ସତରେ! ଜୀବନର ଆକର୍ଷଣ ସତରେ କି ଅନନ୍ୟ, ଅସମାନ୍ତର, ତେଣୁ ଅନିର୍ବଚନୀୟ! ମଣିଷ ବଞ୍ଚିବା ପାଇଁ ଅହରହ ସଂଗ୍ରାମଶୀଳ। ଶ୍ରମିକମାନେ ଆମକୁ ମହତ ଶିକ୍ଷାଟିଏ ଦେଲେ ଘୋର ସଂକଟପୂର୍ଣ୍ଣ ପରିସ୍ଥିତିରେ ସଂଗ୍ରାମ କରି କିପରି ବଞ୍ଚିବାକୁ ହୁଏ। ଖୁବ୍ ଧୈର୍ଯ୍ୟଶୀଳ ଥିଲେ ସେମାନେ, ସୁଡ଼ଙ୍ଗ ଭିତରେ ଯୋଗାଭ୍ୟାସ କରୁଥିଲେ, ପ୍ରାର୍ଥନା କରୁଥିଲେ, ପରସ୍ପରର ମନୋବଳକୁ ବହୁଗୁଣିତ କରିବାକୁ ପ୍ରୋତ୍ସାହନ ଦେଉଥିଲେ। ସବୁଠାରୁ ବଡ଼ କଥା, ଉଦ୍ଧାର ସମୟରେ ସୁଡ଼ଙ୍ଗ ଭିତରୁ ଭୂପୃଷ୍ଠକୁ ଆସିଲେ ସବା ଆଗେ ସର୍ବକନିଷ୍ଠ, ସବା ଶେଷରେ ସର୍ବବରିଷ୍ଠ ଶ୍ରମିକ। ସର୍ବବରିଷ୍ଠଙ୍କର କି ଅନୁପମ ଉଦାରତା, ପ୍ରଶସ୍ତ ହୃଦୟବତ୍ତା, ମହାର୍ଘ ମହାନୁଭବତା ସତରେ! ବରିଷ୍ଠଙ୍କର କନିଷ୍ଠଙ୍କ ପ୍ରତି ଶ୍ରଦ୍ଧା, କନିଷ୍ଠଙ୍କର ବରିଷ୍ଠଙ୍କ ପ୍ରତି ସମ୍ମାନ। ପଟାନ୍ତର ନାହିଁ ଏପରି ଶ୍ରଦ୍ଧା ଓ ସମ୍ମାନର। ସମଗ୍ର ବିଶ୍ୱର ମାନବଜାତି ଦେଖିଲା ଏ ହୃଦୟସ୍ପର୍ଶୀ ଦୃଶ୍ୟ। ଯୋଗ ବଳରେ ସୁସ୍ଥ ଥିଲେ ସେମାନେ। ସୁଡ଼ଙ୍ଗ ଭିତରେ ସେମାନଙ୍କ ସମବେତ ପ୍ରାର୍ଥନାର ପ୍ରଭାବ ବଳରେ ପରିବେଶ ନିରାପଦ ଥିଲା, ଭୂପୃଷ୍ଠରେ ପବିତ୍ର ଝଙ୍କାର ସୃଷ୍ଟି ହେଉଥିଲା, ମହାକାଶରେ କରୁଣାର କମ୍ପନ ଖେଳିଯାଉଥିଲା, ସତରେ ଏହିପରି ହିଁ ବୋଧ ହେଉଥିଲା ସତର ଦିନର ପ୍ରଲମ୍ବିତ ସମୟରେ। କେତେ ଯନ୍ତ୍ରର ସମାବେଶ, ଯନ୍ତ୍ରୀଙ୍କ ସହଯୋଗ, ଶ୍ରମଜୀବୀଙ୍କ ଅବିରତ ଶ୍ରମଦାନ, କଳ-ବଳ-କୌଶଳ ପ୍ରୟୋଗ, କୋଟି କୋଟି ରାଷ୍ଟ୍ରବାସୀଙ୍କ ଅନ୍ତଃକରଣର ଶୁଭେଚ୍ଛା, ସର୍ବୋପରି ବିଶ୍ୱନିୟନ୍ତାଙ୍କ କଲ୍ୟାଣ ବିଭୂତି ଶ୍ରମିକମାନଙ୍କୁ ବଞ୍ଚାଇବାରେ ସହାୟକ ହେଲା। ବିଶ୍ୱବାସୀ ଉପଲବ୍ଧି କଲେ ଏ ସତ୍ୟ। ସତେ ଯେପରି ବିଶ୍ୱର କୋଣେ ଅନୁକୋଣେ ପ୍ରତିଧ୍ୱନିତ ହେଲା ବୈଦିକ ଋଷି ସମାଜର ଉଦାତ୍ତ ବାଣୀ 'ମନୁଷ୍ୟ ହୁଅ, ମନୁଷ୍ୟତ୍ୱର ବୈଜୟନ୍ତୀ ଉତ୍ତୋଳନ କର, ବିଶ୍ୱକୁ ଆର୍ଯ୍ୟ କର।' ସତର ଦିନର ସଂଗ୍ରାମ ଶେଷରେ ସୁଡ଼ଙ୍ଗ ଭିତରୁ ଭୂପୃଷ୍ଠକୁ ଆସିଥିବା ନିରଳସ ଶ୍ରମିକ ଭାଇମାନେ ସେହି ବାଣୀର ସତ୍ୟତାକୁ ହିଁ ପ୍ରତିପାଦନ କଲେ ନିର୍ମଳ, ନିରହଂକାର ଚିତ୍ତରେ।

ଏ ସଂସାରଟିକୁ ଆମେ ଯେପରି ଦେଖୁଛନ୍ତି ତାହା ବହୁଳାଂଶରେ ସମ୍ଭବ ହୋଇଛି ଶ୍ରମିକମାନଙ୍କ ବହୁମୂଲ୍ୟ ସ୍ୱେଦ ଓ ଶୋଣିତ ଅବଲମ୍ବନରେ। ନିଦାଘର ଉତ୍ତପ୍ତ ମଧ୍ୟାହ୍ନ ସମୟେ ପ୍ରଚଣ୍ଡ ମାର୍ତ୍ତଣ୍ଡ କିରଣରେ ଗରମ ପିଚୁ ଢାଳି ରାସ୍ତା ତିଆରି କରୁଥିବା, ନଈ ନାଳ ଉପରେ ସେତୁ ନିର୍ମାଣ କରୁଥିବା, ବହୁତଳବିଶିଷ୍ଟ ଅଟ୍ଟାଳିକା ଗଢ଼ୁଥିବା, ମାଟି ତଳେ ସୁଡ଼ଙ୍ଗ ଖୋଳୁଥିବା, କୃଷିକ୍ଷେତ୍ରରେ ଶସ୍ୟ ଅମଳ କରୁଥିବା, କଳକାରଖାନାରେ ଯନ୍ତ୍ରପାତି, ଭିନ୍ନଭିନ୍ନ ସାମଗ୍ରୀ ଉତ୍ପାଦନ କରୁଥିବା, ଝାଡୁ ଧରି ଘର ଦପ୍ତର ରାସ୍ତାଘାଟ ପରିଚ୍ଛନ୍ନ ରଖୁଥିବା, ନାଳନର୍ଦ୍ଦମାରୁ ଆବର୍ଜନା କାଢୁଥିବା, ଗ୍ୟାରେଜ୍‌ରେ ଗାଡ଼ିମଟର ମରାମତି କରୁଥିବା, ହୋଟେଲ୍ ରେସ୍ତୋରାଁରେ ଖାଦ୍ୟ ପ୍ରସ୍ତୁତ କରୁଥିବା, ଖାଉଟିମାନଙ୍କୁ ପରଷି ଦେଉଥିବା ଓ ସେମାନଙ୍କ ଖାଇବା ବାସନ ମାଜୁଥିବା, ଟ୍ରକ୍ ଓ ମାଲ୍‌ଗାଡ଼ି ଟ୍ରେନ୍‌ରେ ଅତ୍ୟାବଶ୍ୟକ ସାମଗ୍ରୀ ଲୋଡ଼ିଂ, ଅନ୍‌ଲୋଡ଼ିଂ କରୁଥିବା ଶ୍ରମଜୀବୀମାନେ, ସତ କହିବାକୁ ଗଲେ, ଏ ସଂସାରର ବିଶ୍ୱକର୍ମା। ସମୂହର ସୁଖ ପାଇଁ କର୍ମ କରୁଥିବା ଶ୍ରମଜୀବୀମାନଙ୍କ ଜୀବନ ଖୁବ୍ ମୂଲ୍ୟବାନ, ମର୍ଯ୍ୟାଦାବନ୍ତ, ସେମାନଙ୍କୁ ଶ୍ରଦ୍ଧା, ସମ୍ମାନର ସହିତ ସୁରକ୍ଷା ଯୋଗାଇଦେବା ପ୍ରତ୍ୟେକ ବ୍ୟକ୍ତିର ଅଙ୍ଗୀକାରବଦ୍ଧତା, ଏକ ସାମୂହିକ ପ୍ରତିବଦ୍ଧତା।

ଗୋଟେ ରାଷ୍ଟ୍ରର ଦୀର୍ଘ ସତର ଦିନ ବ୍ୟାପୀ ପ୍ରଚେଷ୍ଟା ଶେଷରେ ଶ୍ରମିକମାନେ ସୁଡ଼ଙ୍ଗ ଭିତରୁ ଭୂପୃଷ୍ଠକୁ ଆସିପାରିଛନ୍ତି। ରାଷ୍ଟ୍ର ତା'ର ପବିତ୍ର କର୍ତ୍ତବ୍ୟ ନିର୍ବାହ କରିଛି, ଶ୍ରମିକମାନଙ୍କ ଶ୍ରମ ଓ ସାଧନା ପ୍ରତି



କୃତଜ୍ଞତା ପ୍ରକଟ କରିଛି, ସେମାନଙ୍କ ସ୍ୱେଦ ଓ ଶୋଣିତର ଅବଦାନକୁ ସ୍ୱୀକାର କରିଛି। ତାହାହିଁ ତ ମହାଭାରତୀୟ ଚିନ୍ତନ, ଯାହା ଜାଗତିକ ଦର୍ଶନର ଶୀର୍ଷକୁ ସ୍ପର୍ଶ କରିଛି। ଜନତା-ଜନାର୍ଦ୍ଦନର ଦରବାରରେ କାଳେ କାଳେ ଶ୍ରମର ମୂଲ୍ୟ ସ୍ୱୀକୃତ ହୋଇଛି। ତ୍ରେତୟା ଯୁଗରେ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଙ୍କ ମର୍ଯ୍ୟାଦା ରକ୍ଷା ପାଇଁ ବାନର ଭଲ୍ଲୁକମାନେ ସିନ୍ଧୁରେ ସେତୁ ବାନ୍ଧିଛନ୍ତି। ଦ୍ୱାପରରେ ଐଶ୍ୱର୍ଯ୍ୟମୟ ପୁରୁଷ ଶ୍ରୀକୃଷ୍ଣଙ୍କ ଐଶ୍ୱର୍ଯ୍ୟ ପ୍ରଦର୍ଶନ ପାଇଁ ଅର୍ଜୁନ ଧନୁ ଧାରଣ କରିଛନ୍ତି। କଳିଯୁଗରେ ଦାରୁଭୂତ ପୁରୁଷୋତ୍ତମ ଶ୍ରୀ ଜଗନ୍ନାଥଙ୍କ ଦର୍ଶନ ପାଇଁ ଚୈତନ୍ୟ, ନାନକ, କବୀର, ତୁଳସୀଙ୍କ ସମେତ ଭକ୍ତକୁଳ ଶ୍ରୀକ୍ଷେତ୍ରକୁ ପଦଯାତ୍ରା କରିଛନ୍ତି। ସବୁ ଯୁଗରେ ପ୍ରତିପାଦିତ ହୋଇଛି ଆଧ୍ୟାତ୍ମିକ ଆସ୍ପୃହାରେ ଅବଗାହିତ ଭକ୍ତମାନଙ୍କ କାୟିକ ଶ୍ରମ ଓ ହାର୍ଦ୍ଦିକ ସମର୍ପଣର ମହତ୍ତ୍ୱ।

ଔପନ୍ୟାସିକ ଚାର୍ଲ୍ସ ଡିକେନ୍ସ ଏକଦା ଗୋଟେ ଜୋତା କାରଖାନାରେ ଶ୍ରମିକ ରୂପେ କାର୍ଯ୍ୟ କରିଥିଲେ। ଔପନ୍ୟାସିକ ଟମାସ୍ ହାର୍ଡ଼ିଙ୍କ ବାପା ରାଜମିସ୍ତ୍ରୀ, ଜୋସ୍ ସାରାମାଗୋଙ୍କ ବାପା ଦିନ ମଜୁରିଆ ଥିଲେ, ଆବ୍ରାହାମ୍ ଲିଙ୍କନ୍‌ଙ୍କ ବାପା ମୋଚିକାମ କରୁଥିଲେ। ଔପନ୍ୟାସିକ ଜ୍ୟାକ୍ ଲଣ୍ଡନ୍ ରାସ୍ତାରେ ବୁଲି ବୁଲି ଖବରକାଗଜ ବିକିବା ସହିତ ଗୋଟେ ବରଫକଳରେ ଶ୍ରମିକ ରୂପେ କାର୍ଯ୍ୟ କରିଥିଲେ। ମାର୍ଶାଲ୍ ଟିଟୋ ହୋଟେଲ୍‌ରେ, ଜୟପ୍ରକାଶ ନାରାୟଣ କୋଇଲାଖଣିରେ କାମ କରିଥିଲେ, ମାଇକେଲ୍ ଫାରାଡ଼େ ବହିବନ୍ଧାଳି ଭାବରେ କାର୍ଯ୍ୟ କରିଥିଲେ, ଗଙ୍ଗାଧର ମେହେର ତନ୍ତରେ ଲୁଗା ବୁଣିଥିଲେ। ଶ୍ରମର ଗୌରବରେ ସେମାନେ ଗୌରବାନ୍ୱିତ, ବିଶୁଦ୍ଧ ବ୍ୟକ୍ତିତ୍ୱର ସୌରଭରେ ସୁରଭିତ। ଶ୍ରମିକ-ପରିବାରରେ ଜନ୍ମ ହୁଅନ୍ତୁ କି ନିଜେ ଶ୍ରମିକ ହୁଅନ୍ତୁ, ଶ୍ରମ ଜନିତ ଅନୁଭୂତି ଓ ଅନୁଭବରେ ସେମାନଙ୍କ ଚିନ୍ତନ ଋଦ୍ଧିମନ୍ତ, ଚେତନା ଦୀପ୍ତିମନ୍ତ, ଚରିତ୍ର ଆଲୋକସ୍ନାତ, ଅମୃତସିକ୍ତ।

ସୁଡ଼ଙ୍ଗ ଭିତରୁ ଉଦ୍ଧାର ହୋଇ ଭୂପୃଷ୍ଠକୁ ଆସିପାରିଥିବା ଶ୍ରମିକମାନେ ଆମକୁ ସେହି ଋଦ୍ଧିମନ୍ତ ଚିନ୍ତନ, ଦୀପ୍ତିମନ୍ତ ଚେତନା ଓ ଆଲୋକସ୍ନାତ, ଅମୃତସିକ୍ତ ଚରିତ୍ରର ବାର୍ତ୍ତା ଦେଇଛନ୍ତି। ସେମାନେ ଆମକୁ ଗୋଟେ ମହତ ଶିକ୍ଷା ଦେଇଛନ୍ତି ଯେ ସମସ୍ତ ସଂକଟ, ପ୍ରତିକୂଳ ପରିସ୍ଥିତି ଭିତରେ ବି ମଣିଷ ବଞ୍ଚିବାର ପ୍ରତ୍ୟୟ ରଖିବ, ପ୍ରୟାସ କରିବ, ବଞ୍ଚିବ, ସାଧନାନିରତ ହୋଇ ଜୀବନର ଅମୃତ ଆସ୍ୱାଦନ କରିବ, ଚିନ୍ତନ-ପ୍ରକ୍ରିୟାକୁ ଊର୍ଦ୍ଧ୍ୱଗାମୀ କରି ଉଚ୍ଚତର ସୋପାନକୁ ସ୍ୱୟଂ ଉତ୍ତୋଳିତ ହୋଇଯିବ। ସେତେବେଳେ ସେ ଅନୁଭବ କରିବ ଯେ ଚିନ୍ତନର ଉତ୍ତୋଳନ, ଚେତନାର ଉତ୍ତରଣ ଓ ଚରିତ୍ରର ଉନ୍ନୟନ - ଏ ତିନୋଟି ଧାରାର ମିଳନ ହିଁ ତୀର୍ଥରାଜ ଜୀବନ।

ପୃଥିବୀରେ କେତେ ବନ୍ୟା, କେତେ ବାତ୍ୟା, ମହାବାତ୍ୟା, ମହାମାରୀ, ଭୂକମ୍ପ, ଭୂସ୍ଖଳନ, ଅଗ୍ନ୍ୟୁଦ୍‌ଗୀରଣ, ସଂଘର୍ଷ, ସମର, ଜଳ-ସ୍ଥଳ-ଆକାଶ ଯାନର ଦୁର୍ଘଟଣା ସଂଘଟିତ ହୋଇଗଲାଣି। ଦୁଇଟି ବିଶ୍ୱ ମହାସମରରେ ଅକଳନ ଧନ ଜୀବନ ନଷ୍ଟ ହୋଇସାରିଲାଣି। ତଥାପି ମାନବ ଜାତି ବଞ୍ଚିବାର ପ୍ରୀତି, ପ୍ରତ୍ୟୟ, ପ୍ରେରଣାରେ ପ୍ରେରିତ ହୋଇଛି, ବଞ୍ôଚିରହିଛି ଓ ରହିବ ଜୀବନରକ୍ଷାର ଅଦମନୀୟ ଅଭୀପ୍‌ସାରେ ଅବଗାହିତ ହୋଇ, ଅନନ୍ୟ ଆନନ୍ଦର ଆବାହନ କରି। ଅଧ୍ୟବସାୟୀ ଜାପାନୀ ଜାତି ଏକଦା ବିଧ୍ୱସ୍ତ ହିରୋସୀମା ଓ ନାଗାସାକୀର ପୁନର୍ଗଠନ କରି ଅପ୍ରମିତ ସାହସ ଓ ଅସାଧାରଣ ସକାରାତ୍ମକ ଜୀବନଦୃଷ୍ଟିର ପରିଚୟ ଦେଇଛି। ରୁଷିଆ-ୟୁକ୍ରେନ୍ ଯୁଦ୍ଧ, ଇସ୍ରାଏଲ୍-ପାଲେଷ୍ଟାଇନ୍ ଯୁଦ୍ଧର ଯେଉଁସବୁ ଚିତ୍ର ସମ୍ବାଦପତ୍ର, ଦୂରଦର୍ଶନ ଜରିଆରେ ଆମ ଲୋଚନକୁ ଆସୁଛି, କେଉଁଠି ବାପା ଶିଶୁପୁତ୍ରର ଶବକୁ ହାତରେ ଧରି ରାସ୍ତାରେ ଯାଉଛି, ଆଉ କେଉଁଠି ମା'ର ଶବ ନିକଟରେ ହସ୍‌ପିଟାଲ୍‌ରେ ଶିଶୁକନ୍ୟାଟିଏ ଠିଆ ହୋଇଛି। ଲୋମହର୍ଷଣକାରୀ, ହୃଦୟବିଦାରକ ଦୃଶ୍ୟ ଏସବୁ। ବିଶ୍ୱବାସୀ ଦେଖୁଛନ୍ତି, ଦୟାର୍ଦ୍ର ହୃଦୟଗୁଡ଼ିକ ତରଳି ଯାଉଛି, ବିସ୍ମୟବିସ୍ଫାରିତ ଆଖିରୁ ଲୁହ ବହିଯାଉଛି। ମନେପଡ଼ିଯାଉଛି ଔପନ୍ୟାସିକ ଗୁଣ୍ଟର୍ ଗ୍ରାସ୍‌ଙ୍କ ଉପନ୍ୟାସ 'ଦି ଟ୍ରିନ୍ ଡ୍ରମ୍', ଯହିଁରେ ଓସ୍କାର୍ ମାଜେରାଥ୍ ନାମକ ଅଳ୍ପ ବୟସର ବାଳକଟିଏ ରାସ୍ତାକଡ଼ରେ ଠିଆହୋଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ଗୋଟେ ଟିଣ ବାଦ୍ୟ ବଜାଇ କହୁଛି, 'ଆମେ ଶିଶୁମାନେ ଯୁଦ୍ଧ କରୁନାହୁଁ, ତୁମେ ବୟୋଜ୍ୟେଷ୍ଠମାନେ କରୁଛ, ହିଂସା ହତ୍ୟାର ହଳାହଳ, ରକ୍ତପାତର ବିଭୀଷିକା ସୃଷ୍ଟି କରୁଛ, ଆମେ ଶିଶୁମାନେ ବଳିପଡୁଛୁ, କଷଣ ଭୋଗୁଛୁ। ତୁମେ ବିବେକ ବିଚାରଶୂନ୍ୟ ହୋଇଛ। ଦୁଇଟା ବିଶ୍ୱଯୁଦ୍ଧରୁ ଶିକ୍ଷା ଲାଭ କରି ତୁରନ୍ତ ଯୁଦ୍ଧ ବନ୍ଦ କର, ବିଶ୍ୱରେ ଶାନ୍ତି, ସ୍ଥିରତାର ବାତାବରଣ ଫେରାଇ ଆଣ।' ଏବେ ଠିକ୍ ସେହିପରି ଆମକୁ ବୋଧ ହେଉଛି, ସୁଡ଼ଙ୍ଗରୁ ଉଦ୍ଧାର ହୋଇ ଭୂପୃଷ୍ଠକୁ ଆସିବା ପରେ ଶ୍ରମିକମାନେ ସତେ ଯେପରି କହୁଛନ୍ତି, 'ଦେଖ, ଜୀବନ କେମିତି ମୂଲ୍ୟବାନ, ମଧୁମୟ, ଜୀବନର ଆକର୍ଷଣ କେମିତି ଚଟୁଳ, ଚୁମ୍ବକୀୟ, ବଞ୍ଚିବା ପାଇଁ ଲୋଡ଼ା କେତେ ସଂଗ୍ରାମ, ସଂଘର୍ଷ, ସୁଡ଼ଙ୍ଗରେ ଥିଲାବେଳେ ଆମେ ସ୍ୱପ୍ନ ଦେଖୁଥିଲୁ ବଞ୍ଚିବାର, ପ୍ରାର୍ଥନା କରୁଥିଲୁ ବଞ୍ଚିବା ପାଇଁ, ଯୋଗରେ ଅଭିନିବିଷ୍ଟ ଥିଲୁ ଶାରୀରିକ ଓ ମାନସିକ ସୁସ୍ଥତା ପାଇଁ, ଜୀବନ ଆମ ସମସ୍ତଙ୍କ ପାଇଁ ମହାର୍ଘ, ଅମୃତର ଅର୍ଘ୍ୟ, ଆଲୋକର ଅଭିଷେକ, ଆଶିଷର ଅଗ୍ନିହୋତ୍ର, ଆନନ୍ଦର ଅନନ୍ତ ଅମ୍ବର। ତେଣୁ ହେ ବିଶ୍ୱବାସୀ ! ଯୁଦ୍ଧରେ ଲିପ୍ତ ହୋଇ ସମୟ, ଶକ୍ତି, ସମ୍ପତ୍ତିର ଅପଚୟ କର ନାହିଁ। ଅସ୍ତ୍ର ପ୍ରୟୋଗ କରି ମୃତ୍ୟୁର କରାଳ ଗର୍ଭକୁ କାହାକୁ ନିକ୍ଷେପ କର ନାହିଁ କି ନିଜେ ନିକ୍ଷିପ୍ତ ହୁଅ ନାହିଁ। ତୁମେ ଅମୃତର ସନ୍ତାନ, ଅମୃତର ଆବାହନ କର, ଅମୃତରେ ଅବଗାହନକୁ ଜୀବନ-ସାଧନା କର। ଯୁଦ୍ଧ ବନ୍ଦ କର। ତୁମ ଶ୍ୱାସ ପ୍ରଶ୍ୱାସରେ ଶାନ୍ତିର ସମୀରଣ ପ୍ରବାହିତ ହେଉ।'


ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ
ଧର୍ମଶାଳା, ଯାଜପୁର
ମୋବାଇଲ୍: ୯୮୫୩୨୮୨୯୬୨


# ଏତେ ଭାଷଣ କାହିଁକି



## ଦିପ୍ତିମୟୀ ନାୟକ

ଆଜିକାଲି ଦୁନିଆରେ ଏମିତି କିଛି ଲୋକ ଅଛନ୍ତି ଯେଉଁମାନେ ଅଧିକ ଭାଷଣ ଦେଇପାରନ୍ତି। ସେମାନଙ୍କ ଭାଷଣ ମାଧ୍ୟମରେ ଲୋକଙ୍କୁ ମୁଗ୍ଧ କରିପାରନ୍ତି ଆଉ ଶେଷରେ ମୁଖ୍ୟବକ୍ତା ମଧ୍ୟ ହୋଇଯାଆନ୍ତି। ହେଲେ କେବେ ଆପଣ ଭାବିଛନ୍ତି କି ଏହି ମୁଖ୍ୟବକ୍ତା ମାନଙ୍କର ଭାଷଣ ଯେତିକି ଲମ୍ବା ଚଉଡା ହୋଇଥାଏ ସେମାନଙ୍କ କାମ ସେତିକି ଉଚ୍ଚକୋଟିର ହୋଇନଥାଏ। ଅବଶ୍ୟ ଲୋକ ଜାଣିପାରନ୍ତି ବକ୍ତାଙ୍କ ବକ୍ତବ୍ୟ ଭିତରେ ଯେଉଁ କିଛି କଥା ଥାଏ ସେହି କଥାର କୌଣସି ଓଜନ ନଥାଏ। ଯଦିଓ ସବୁ ବକ୍ତା ସମାନ ନଥାନ୍ତି କିନ୍ତୁ କିଛି ବକ୍ତା ନିଜ ବକ୍ତବ୍ୟ ମାଧ୍ୟମରେ ନିରୀହ ଲୋକ ଗୁଡ଼ାଙ୍କ ଜୀବନ ବର୍ବାଦ କରିଦିଅନ୍ତି। ସେମାନଙ୍କ ବିଶ୍ୱାସକୁ ଅଣନିଶ୍ୱାସରେ ପରିଣତ କରିଥାଆନ୍ତି। ତେବେ ମୁଁ ଏଠାରେ କୌଣସି ନେତା ମନ୍ତ୍ରୀଙ୍କ କଥା କହିନାହିଁ ବରଂ ମୁଁ ଏଠାରେ କିଛି କୁହା ମୁଣ୍ଡା କପିଳା ମାନଙ୍କ କଥା କହିଛି। ଯେଉଁ କଥା ଶୁଣି ମୁଁ ଅନେକ ଥର ବିରକ୍ତ ମଧ୍ୟ ହୋଇଛି। ବେଳେବେଳେ ମନକୁ ଅନେକ ଗୁଡିଏ ପ୍ରଶ୍ନ ମଧ୍ୟ ଆଣିଛି। ସେଥିପାଇଁ ମୁଁ ବି ବେଳେବେଳେ ସେହିମାନଙ୍କୁ କହିଥାଏ ଏତେ ଭାଷଣ କାହିଁକି। ଆପଣମାନେ ଜାଣିଛନ୍ତି ଆଜିକାଲି ଦୁନିଆରେ ଅନେକ ଲୋକ ଅଛନ୍ତି ଯେଉଁମାନେ ନିଜକୁ ସର୍ବଶ୍ରେଷ୍ଠ ମନେ କରନ୍ତି। ସଭାସ୍ଥଳ ଠାରୁ ଆରମ୍ଭ କରି ପ୍ରତ୍ୟେକ କ୍ଷେତ୍ରରେ ନିଜକୁ ସର୍ବଶ୍ରେଷ୍ଠ ଭାବିଥାଆନ୍ତି ସେଥିପାଇଁ ସେମାନେ ନିଜ ଅଜାଣତରେ ନିଜ ମୂର୍ଖାମୀର ପରିଚୟ ଦେଇଥାଆନ୍ତି।କାରଣ ସେମାନେ ଭୁଲି ଯାଇଥାନ୍ତି ସେମାନଙ୍କ ପାଇଁ ଭାଷଣ ଦେବା ଯେତିକି ସହଜ ହୋଇନଥାଏ ତାକୁ କାମରେ କରିକି ଦେଖେଇବା କେତେ କଷ୍ଟ ହୋଇଥାଏ। ହେଲେ ଏମାନେ କହି ଚାଲନ୍ତି ନିଜ ମୂର୍ଖାମୀର ପରିଚୟ ଦେଇଚାଲନ୍ତି। ଠିକ ସେମିତି ଥରେ ଜଣେ ମହାନ ବକ୍ତା କହିଲେ ଏ ମହାଶୟ ଜଣକ ମଞ୍ଚ ଉପରେ ବସି ଯାଉଛନ୍ତି ହେଲେ କିଛି କହୁ ନାହାଁନ୍ତି ଯାଙ୍କ ଜାଗାରେ ମୁଁ ଯଦି ଥାଆନ୍ତି ଲୋକଙ୍କୁ ମୋ କଥାରେ ଆକୃଷ୍ଟ କରି ରଖିଥାଆନ୍ତି। ହେଲେ ସେମାନେ ଜାଣିନଥାନ୍ତି ନୀରବ ରହିଥିବା ଲୋକଟି କାହିଁକି ତାଙ୍କ କଥାର କିଛି ଉତ୍ତର ରଖୁନାହାଁନ୍ତି କାହିଁକି ନା ସେ ଜାଣିଛନ୍ତି କହିବାକୁ କେତେ ସମୟ ଲାଗେ ଆଉ କୌଣସି କହିଥିବା କଥାକୁ ପୂରଣ କରିବାକୁ ହେଲେ ଏଠି କେତେ ବର୍ଷ ଲାଗିଯାଏ। ହୁଏତ ସମସ୍ତେ କହିପାରିବେ ଯାଙ୍କ ଜାଗାରେ ମୁଁ ଥିଲେ କଣ ନାଇଁ କଣ କରି ସାରନ୍ତିଣି କିନ୍ତୁ ଯେତେବେଳେ ତାଙ୍କ ଜାଗାକୁ ପଳେଇ ଆସିବ ସେତେବେଳେ ଭାବିବ କଥା ଅପେକ୍ଷା କାମରେ ଲୋକଙ୍କର ବିଶ୍ୱାସ ଥାଏ। କେତୋଟି ଶବ୍ଦର ସଂଯୋଜନା କରି ବଡ଼ ବଡ଼ ଭାଷଣ ଦେଇଦେଲେ ହେବନି ବରଂ ସେହି ଶବ୍ଦକୁ ଯୋଡି କାମରେ ଧ୍ୟାନ ଦେଲେ ବକ୍ତାର ବକ୍ତବ୍ୟ ସଫଳ ହୋଇଥାଏ। କିଏ କଣ କରିପାରୁଛି। କିଏ କଣ ନକରିପାରୁଛି ଏକଥା କିଏ କାହାକୁ କାହିଁକି କହିବେ ବରଂ ନିଜେ କଣ କରିବେ। ନିଜେ କେମିତି ନିଜ କଥାର ମର୍ଯ୍ୟାଦା ରଖିବେ ସେଥିପ୍ରତି ଧ୍ୟାନ ଦେଲେ ହୁଏତ କେହି କାହାକୁ କହିବେନି ଏତେ ଭାଷଣ କାହିଁକି। ସବୁବେଳେ ଗୋଟେ କଥା ମନରେ ରଖିବା ଉଚିତ କଥା ବଡ଼ କରି କହିଦେଲେ ହେବନି ବରଂ ନିଜ କାମ କିପରି ବଡ଼ ହେବ ସେଥିପ୍ରତି ସେମାନେ ଧ୍ୟାନ ଦେବା ନିହାତି ଦରକାର। ତେବେ ସେହି ବକ୍ତା ଜଣକ ଯେତେବେଳେ ଆଉ କାହା ମାଧ୍ୟମରେ ମଞ୍ଚ ବସିଥିଲେ ସେତେବେଳେ ନିଜ ପାଟି କିପରି ଚୁପ ରଖିବେ ସେଥିପ୍ରତି ସେ ନିଜେ ମଧ୍ୟ ସତର୍କ ରହିଥିଲେ ହେଲେ ହେବ କଣ ଯେତେବେଳେ ସେହି ବକ୍ତା ଜଣକର ନିଜ ବକ୍ତବ୍ୟକୁ ସେହି ମଞ୍ଚ ଉପରେ ଉପସ୍ଥାପନା କରିବାକୁ କୁହାଗଲା ସେତେବେଳେ ବକ୍ତା ଜଣକ ଦେହ ହାତ ଥରି ପାଟି ଖନୀ ବାଜିଗଲା। ମଞ୍ଚ ତଳେ ଥିଲାବେଳେ ଅନେକ ଭାଷଣ ମାରି କହୁଥିଲେ ମୁଁ ତା ଜାଗାରେ ଥିଲେ ଏଟା କହିଥାଆନ୍ତି ସେଟା କହିଥାଆନ୍ତି ଆଉ ଯେତେବେଳେ ମଞ୍ଚ ଉପରକୁ ଉଠିଗଲେ ସେତେବେଳେ କାହିଁକି କିଛି କହିପାରିଲେନି କାରଣ ମଞ୍ଚ ତଳେ ଚିତ୍କାର କରି ଅନ୍ୟକୁ ଆକ୍ଷେପ କରି କହିବା ସହଜ ହୋଇଥାଏ ଆଉ ଯେତେବେଳେ ନିଜେ ମଞ୍ଚ ଉପରକୁ ଯାଇ କିଛି କହିବାକୁ ପଡିଥାଏ ସେତେବେଳେ ଜଣା ପଡିଥାଏ ଭାଷଣ ଦେବା କେବେ ସହଜ ହୋଇନଥାଏ। ତେବେ ଆଜିକାଲି ଦୁନିଆରେ ସବୁଠି ଭାଷଣବାଜି ଚାଲିଛି। ଫଳରେ ଅନେକ ଲୋକ ଏଥିରେ ଅସନ୍ତୁଷ୍ଟ ହୋଇଛନ୍ତି ହେଲେ କେହି କାହାକୁ ପ୍ରତିବାଦ କରିନାହାନ୍ତି। କେବଳ ଏହିକଥା କହିଥାଆନ୍ତି କହିବା ଲୋକ ବଡ଼ ନା ସହିବା ଲୋକ ବଡ଼। ହେଲେ ଏମାନେ ଭୁଲି ଯାଇଥାଆନ୍ତି ଏହି କହିବା ଲୋକମାନେ ହିଁ ଅନ୍ୟକୁ ବଦଲାମ କରିଛନ୍ତି। କେତେବେଳେ କାହା ଚରିତ୍ର ଉପରେ ଭାଷଣବାଜି ତ ଆଉ କେତେବେଳେ କାହା କର୍ମକ୍ଷେତ୍ର ଉପରେ ଭାଷଣବାଜି ମାରିଛନ୍ତି ତ ପୁଣି କେତେବେଳେ ଅନେକ ପରିବାର ଭିତରେ ଅଶାନ୍ତିର ଝଡ଼ ସୃଷ୍ଟି କରିଥାଆନ୍ତି। ତଥାପି ଏ ଲୋକ ଲୋକପ୍ରିୟତା ପାଇଚାଲନ୍ତି ଆଉ ଭଲ ଲୋକ ନିନ୍ଦା ଅପବାଦ ସହି ଚାଲିଥାଆନ୍ତି। ଶେଷରେ ଏତିକି କହିବି ଭଲ କଥାକୁ ଯଦି ମୁହଁରୁ ବଚନ ବାହାରୁ ନାହିଁ ଏ ଅଯଥା ଭାଷଣ ଦେଉଥିବା ଲୋକଙ୍କୁ ଟିକେବି ଖାତିର କରନାହିଁ।




ଅନ୍ଧାରୁଆ, ଭୁବନେଶ୍ୱର
ମୋବାଇଲ୍: ୯୦୯୦୬୬୧୫୮୬


# ଆମେ ନୋହୁଁ ଅକ୍ଷମ



## ନାରାୟଣ ଚନ୍ଦ୍ର ବିଶ୍ୱାଳ




ଆଜି ବିଶ୍ୱ ଭିନ୍ନକ୍ଷମ (ଦିବ୍ୟାଙ୍ଗ) ଦିବସ। ସମାଜରେ ଭିନ୍ନକ୍ଷମ ମାନଙ୍କୁ ସାମାଜିକ ସ୍ରୋତରେ ସାମିଲ କରି ସେମାନଙ୍କ ସୃଜନଶୀଳତା ଓ ପ୍ରତିଭାକୁ ଲୋକଲୋଚନକୁ ଆଣିବାର ସ୍ମୃତି ଚାରଣ ଦିବସଟିଏ ହେଉଛି ଆଜି। ସମଗ୍ର ବିଶ୍ୱରେ ପ୍ରାୟ ୧କୋଟିରୁ ଊର୍ଦ୍ଧ୍ୱ ଭିନ୍ନକ୍ଷମ ଅଛନ୍ତି, ଯେଉଁମାନେ ସମାଜର ବିଭିନ୍ନ ମହତ୍ତ୍ୱପୂର୍ଣ୍ଣ କ୍ଷେତ୍ରରେ ସାମିଲ ହେବାକୁ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସାଧାରଣ ଲୋକଙ୍କ ଭଳି ସେମାନେ ସମାଜର ସୁଖ ସୁବିଧା ଉପଭୋଗ କରିପାରୁ ନାହାନ୍ତି। ଗମନାଗମନ, ଚାକିରି, ଶିକ୍ଷା ସହିତ ସାମାଜିକ ଓ ରାଜନୈତିକ କ୍ଷେତ୍ରରେ ସେମାନେ ଭାଗ ନେଇପାରୁନାହାନ୍ତି। ଏକ ସୁସ୍ଥ ଲୋକତନ୍ତ୍ର, ସକ୍ରିୟ, ନାଗରିକ ଓ ସମାଜରେ ଅସମାନତା ଦୂର କରିବାକୁ ହେଲେ ସାର୍ବଜନୀନ ଭାବେ ଜୀବନ ବଞ୍ଚିବାର ଅଧିକାର ଅତି ଆବଶ୍ୟକ। ସମସ୍ତ ପ୍ରକାର ବାଧା ବନ୍ଧନକୁ ଦୂର କରି ଭିନ୍ନକ୍ଷମଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ଜାତିସଂଘ ଆଜିର ଦିନକୁ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ଭାବେ ଘୋଷଣା କରିଛି। ଭିନ୍ନକ୍ଷମ ସଂସ୍ଥା, ସରକାରୀ ଓ ବେସରକାରୀ ସଂଗଠନ ଏକତ୍ରିତ ହୋଇ ଏହି ଦିନରେ ବିଶ୍ୱବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରିଥାନ୍ତି। ଏ ଅବସରରେ ସମାଜକୁ ଭିନ୍ନକ୍ଷମ ମାନଙ୍କ ଅବଦାନକୁ ସ୍ମରଣ କରିବା ସହ ସେମାନଙ୍କୁ ପୁରସ୍କୃତ କରାଯାଏ। ପ୍ରତିବର୍ଷ ଏହି ଦିବସ ଉପଲକ୍ଷେ ଜାତିସଙ୍ଘ ପକ୍ଷରୁ ଏକ ଥିମ୍ ବା ବିଷୟ ଘୋଷଣା କରାଯାଇଥାଏ। ସବୁ ପ୍ରକାର ସାମର୍ଥ୍ୟ ଥିବା ଲୋକଙ୍କୁ ସଶକ୍ତ କରିବା ଏବଂ ସମାଜର ସମସ୍ତ ପ୍ରକାର ସୁଖ ସୁବିଧା ସେମାନଙ୍କ ନିକଟରେ ପହଞ୍ଚାଇବା। ଆମ ମାନଙ୍କ ଆଖପାଖରେ ଦେଖାଯାଏ ସାଧାରଣତଃ ଭିନ୍ନକ୍ଷମ ମାନଙ୍କୁ ନେଇ ସମସ୍ତଙ୍କର ଏକ ଚିନ୍ତା ରହିଛି ଯେ, ସେମାନେ ସମାଜ ଉପରେ ନିର୍ଭରଶୀଳ କିନ୍ତୁ ବାସ୍ତବରେ ତାହାନୁହେଁ। ଆଜି ଭିନ୍ନକ୍ଷମମାନେ ସ୍ୱାବଲମ୍ବୀ ହୋଇ ନିଜ ଗୋଡ଼ରେ ଛିଡ଼ା ହେବା ସହ ସମାଜରେ ସେମାନେ ଅନେକ କିଛି ଉଲ୍ଲେଖନୀୟ ଅବଦାନ ସୃଷ୍ଟି କରିଯାଉଛନ୍ତି। ସୃଜନଶୀଳତା ଠାରୁ ପ୍ରଯୁକ୍ତି ବିଜ୍ଞାନ, ପ୍ରଶାସନିକ ସେବା ଠାରୁ କ୍ରୀଡ଼ା କସରତ ସବୁ କ୍ଷେତ୍ରରେ ଭିନ୍ନକ୍ଷମ ମାନେ ନିଜର ପ୍ରତିଭାର ସ୍ୱତନ୍ତ୍ରତା ସୃଷ୍ଟି କରିବାରେ ସକ୍ଷମ ହୋଇଛନ୍ତି। ସେମାନଙ୍କ ପ୍ରତିଭାର ମୂଲ୍ୟାୟନ ପାଇଁ ଆମ ସମାଜରେ ସବୁ କ୍ଷେତ୍ରରେ ସହଯୋଗର ହାତ ମଧ୍ୟ ଦିନକୁ ଦିନ ଲମ୍ବୁଛି ଯାହାକି ଖୁସିର ବିଷୟ। କେନ୍ଦ୍ର ସରକାରଙ୍କ ଠାରୁ ରାଜ୍ୟ ସରକାର ସମସ୍ତେ ଏହି ଭିନ୍ନକ୍ଷମମାନଙ୍କ ଥଇଥାନ ଠାରୁ ସେମାନଙ୍କର ଶିକ୍ଷା, ସଚେତନତା ସୃଷ୍ଟି କରି ସେମାନଙ୍କୁ ସାମାଜିକ ସ୍ରୋତରେ ସାମିଲ ପାଇଁ ସୁଯୋଗ ସୃଷ୍ଟି କରାଯାଉଛି। ଭିନ୍ନକ୍ଷମ ମାନଙ୍କ ଥଇଥାନ ପାଇଁ କେନ୍ଦ୍ରସରକାର ଓ ରାଜ୍ୟ ସରକାର ମିଳିତ ଭାବରେ ଭିନ୍ନ କ୍ଷେତ୍ରରେ ସେମାନଙ୍କ ପାଇଁ ଆର୍ଥିକ ସହଯୋଗ ସହଭାଗିତାର ବ୍ୟବସ୍ଥା ରଖିଛନ୍ତି କେବଳ ସେତିକି ନୁହେଁ ସେମାନଙ୍କୁ ପାଠପଢ଼ା କ୍ଷେତ୍ରରେ ଅଗ୍ରଣୀ କରିବା ପାଇଁ ସ୍ୱତନ୍ତ୍ର ସ୍ଥାନ ସଂରକ୍ଷଣର ବ୍ୟବସ୍ଥା ବି ରହିଛି। ଚାକିରୀ କ୍ଷେତ୍ର ହେଉ ବା ସେମାନଙ୍କ ଯାତାୟତ କ୍ଷେତ୍ରରେ ସବୁଠି ଅଗ୍ରାଧିକାର ଭିତ୍ତିରେ ସେମାନଙ୍କୁ ମନୋନୀତ କରାଯିବା ସହ ସେମାନଙ୍କ ପାଇଁ ସୁଯୋଗ ସୃଷ୍ଟି କରାଯାଉଛି। ଆଜି ସମଗ୍ର ବିଶ୍ୱରେ ସୂଚନା ପ୍ରଯୁକ୍ତି କ୍ରାନ୍ତିର ବିକାଶ ଦେଖାଇଥିବେଳେ ଭିନ୍ନକ୍ଷମମାନେ ମଧ୍ୟ ପଛୁଆ ନାହାଁନ୍ତି। ସେମାନେ ସମୟ ସହିତ ତାଳ ଦେଇ ଆଗକୁ ବଢ଼ିଚାଲିବାର ଉଜ୍ଜ୍ୱଳ ପ୍ରଦୀପକୁ ପ୍ରତିଭାତ କରିବାରେ ସକ୍ଷମ ହେଉଛନ୍ତି।

ଭିନ୍ନକ୍ଷମ ପ୍ରତିଭାବାନ କଳାକାରମାନେ ଆଜି ବିଭିନ୍ନ କ୍ଷେତ୍ରରେ ନିଜର କଳା ଗୌରବର ଅନିର୍ବାଣ ଦୀପଶିଖାଙ୍କୁ ସମସ୍ତଙ୍କ ପାଖରେ ପହଞ୍ଚାଇବାର ପ୍ରଚେଷ୍ଟାରେ ସାମିଲ ହୋଇଛନ୍ତି। ମୁଁ କହିବି ଭିନ୍ନକ୍ଷମଙ୍କ ପ୍ରତିଭାକୁ ବଣମଲ୍ଲୀ ପରି ବଣରୁ ସାଉଁଟି ଲୋକଲୋଚନକୁ ଥୋଇବାର ଗୁରୁଦାୟିତ୍ୱ ନେଇଛନ୍ତି ଗଣମାଧ୍ୟମ। ଖବର କାଗଜରେ ଲୋକଲୋଚନର ଉହାଡ଼ରେ ରହିଯାଇଥିବା ଭିନ୍ନକ୍ଷମଙ୍କ ପ୍ରତିଭା ଓ ସେମାନଙ୍କ ଅବହେଳା ଠାରୁ ନ୍ୟାୟ ପାଇଁ ଦାବୀର ପ୍ରସଙ୍ଗ ଖବର କାଗଜରେ ପୃଷ୍ଠା ମଣ୍ଡନ କଲାପରେ ପ୍ରଶାସନ ଚଳଚଞ୍ଚଳ ହୋଇ ଉଠୁଛି। ଯାହାଦ୍ୱାରା ସେମାନଙ୍କର ପ୍ରତିଭାର ମୂଲ୍ୟାୟନ ହୋଇପାରୁଛି। ତଥାପି ଭିନ୍ନକ୍ଷମ ମାନଙ୍କ ନ୍ୟାୟ ପାଇଁ ସଂଗ୍ରାମ ସରିନାହିଁ। ଗଣମାଧ୍ୟମରେ ଦେଖିବାକୁ ପାଉଛୁ ଏହି ଭିନ୍ନକ୍ଷମ ମାନେ ଅନେକ କ୍ଷେତ୍ରରେ ନ୍ୟାୟ ପାଉନାହାଁନ୍ତି। ନିଷ୍ପେସିତ ଓ ଅବହେଳିତ ଭାବରେ ଅନ୍ୟମାନଙ୍କ ସାମ୍ନାରେ ସେମାନେ ଯେପରି ଦୟାର ପାତ୍ର ! ଏହି ଲେଖକ ଅନେକ ଭିନ୍ନକ୍ଷମମାନଙ୍କୁ ସାମ୍ନା କରିଛି ଯେଉଁମାନଙ୍କର ଧୀ ଶକ୍ତି, ପ୍ରତିଭା, ସୃଜନଶୀଳତା, ବିଜ୍ଞତା କିଛି କମ୍ ନୁହେଁ। ସେମାନେ ଘଟଣାଚକ୍ରରେ ଭଗବାନଙ୍କ ସୃଷ୍ଟିର ବିଚାରରେ ହୁଏତ ଭିନ୍ନକ୍ଷମ ହୋଇପାରନ୍ତି କିନ୍ତୁ ବାସ୍ତବରେ ସେମାନେ ଅକ୍ଷମ ନୁହଁନ୍ତି। ଆଧ୍ୟାତ୍ମିକ ଅନୁଚିନ୍ତନରେ ଉଲ୍ଲେଖ ରହିଛି - ଏ ସମାଜରେ କେହି ବି ଜଣେ ଭିନ୍ନକ୍ଷମ ନୁହଁନ୍ତି ସମସ୍ତେ ସକ୍ଷମ ଆଉ ସମେସ୍ତ ଠାକୁରଙ୍କ ସନ୍ତାନ। ଆଜି ବିଶ୍ୱ ଭିନ୍ନକ୍ଷମ ଦିବସରେ ସମସ୍ତଙ୍କ ପାଇଁ ଶପଥର ଦିନଟିଏ ହେଉ ଆମ ମାନଙ୍କର ହାତପାହାନ୍ତାରେ ଜଣେ ବି କେହି ଭିନ୍ନକ୍ଷମ ନ୍ୟାୟରୁ ବଞ୍ଚିତ ନହୁଏ। ତାର ପ୍ରତିଭା ବଣ ମଲ୍ଲୀ ପରି ଯେପରି ବଣରେ ଝଡ଼ି ନପଡ଼େ। ତାର ସ୍ୱର, ତାର ହୃଦୟ, ତାର ଆଙ୍ଗୁଠିର ସ୍ୱାକ୍ଷର ସମସ୍ତଙ୍କ ହୃଦୟକୁ ଛୁଇଁବାର ଯେଉଁ ଭଲ ପାଇବାର ଟିକକ ସେଥିରୁ କେହି ବି ଜଣେ ବଞ୍ଚିତ ନହେଉ। ବିଶ୍ୱଭିନ୍ନକ୍ଷମ ଦିବସରେ ଏହି ଶପଥ ସମସ୍ତଙ୍କ ହୃଦୟରେ ସ୍ପନ୍ଦିତ ହେଉ ଯେ, ଆମ୍ଭମାନଙ୍କ ହାତପାହାନ୍ତାରେ ସମସ୍ତେ ଗୋଟିଏ ମାଆର ସନ୍ତାନ। ତେଣୁ ଭାଇଟିଏ ବା ଭଉଣୀଟିଏ ଭିନ୍ନକ୍ଷମ ହେଲେ ତାକୁ କ'ଣ କେହି ସ୍ନେହ ଓ ଶ୍ରଦ୍ଧାରୁ ବଞ୍ଚିତ କରିପାରିବ କି ? ସମସ୍ତଙ୍କ ଭଲପାଇବା ସମସ୍ତଙ୍କ ଆଶୀର୍ବାଦ ଆଉ ସମସ୍ତଙ୍କ ସହଯୋଗର ହାତ ସେହି ଭିନ୍ନକ୍ଷମ ମାନଙ୍କ ପାଇଁ ସକ୍ଷମର ବଳିଷ୍ଠ ବାହୁ ପ୍ରତୀୟମାନ ହେଉ ଏହା ହିଁ ଆଜି ଦିବସର ପବିତ୍ର ଉପଲବ୍ଧି।


ବାକ୍ ଶ୍ରବଣ ବିଶେଷଜ୍ଞ, ଧ୍ୱନୀ' କାଠଗୋଲା ରୋଡ଼
ମଙ୍ଗଳାବାଗ, କଟକ, ମୋବାଇଲ୍: ୯୪୩୮୨୭୬୭୬୦

## ମହାରାଷ୍ଟ୍ରରେ ହାଇଡ୍ରାମା

# ସିନ୍ଦେଙ୍କ ଲୁଚକାଳି ଖେଳ ଜାରି

**ମୁମ୍ବାଇ, ୨।୧୨:** ମହାରାଷ୍ଟ୍ରରେ ବିଜେପି ନେତୃତ୍ୱାଧୀନ ମହାଯୁତି ମେଣ୍ଟରେ ସରକାର ଗଠନ ପାଇଁ ଏପର୍ଯ୍ୟନ୍ତ ଅଙ୍କ ଛିଡୁନି। ଯଦିଓ ବିଜେପି ମେଣ୍ଟରେ ଥିବା ଏନସିପି ମୁଖିଆ ଅଜିତ ପାୱାର ବିଜେପିକୁ ବହୁ ପୂର୍ବରୁ ମୁଖ୍ୟମନ୍ତ୍ରୀ ପଦ ପାଇଁ ସମର୍ଥନ କରିଛନ୍ତି, ହେଲେ ବିଜେପିର ମୁଣ୍ଡ ବିନ୍ଧାର କାରଣ ପାଲଟିଛି ଶିବସେନା। କାମଚଳା ମୁଖ୍ୟମନ୍ତ୍ରୀ ଦାୟିତ୍ୱରେ ଥିବା ଏକନାଥ ସିନ୍ଦେ ଆଜି ପୁଣି ଅସୁସ୍ଥ ଥିବା ଦର୍ଶାଇ ମହାଯୁତି ବୈଠକକୁ ଆସିନାହାନ୍ତି। ଅନ୍ୟପଟେ ବିଜେପିର ଶୀର୍ଷ ନେତାଙ୍କୁ ଭେଟିବାକୁ ଦିଲ୍ଲୀ ଗସ୍ତ କରିଛନ୍ତି ଅଜିତ ପାୱାର। ସୂଚନା ଅନୁସାରେ ଆଜି ବିଜେପି, ଶିବସେନା ଓ ଏନସିପି ମେଣ୍ଟ 'ମହାଯୁତି'ର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବାର ଥିଲା। ଏହି ବୈଠକରେ ତିନି ଦଳ ମଧ୍ୟରେ ମନ୍ତ୍ରିମଣ୍ଡଳ ଭାଗବଣ୍ଟା ହୋଇଥାଆନ୍ତା। ହେଲେ ସିନ୍ଦେ ଅସୁସ୍ଥ ଥିବା ଦର୍ଶାଇ ନଆସିବାରୁ ଏହି ବୈଠକ ରଦ୍ଦ ହୋଇଯାଇଛି। ଗତ ସପ୍ତାହରେ ମୁଖ୍ୟମନ୍ତ୍ରୀ ଚେହେରାକୁ ନେଇ ଏକ ବୈଠକ ଅନୁଷ୍ଠିତ ହେବାର ଥିଲା। ଏହି ବୈଠକ ପୂର୍ବରୁ ସିନ୍ଦେ ନିଜ ଗାଁକୁ ଚାଲିଯାଇଥିଲେ। ଯାହା ରାଜନୀତିକୁ ସରଗରମ କରିଥିଲା। ଏବେ ଯଦିଓ ପ୍ରଧାନମନ୍ତ୍ରୀ ଯାହାକୁ ମୁଖ୍ୟମନ୍ତ୍ରୀ ଭାବେ ବାଛିବେ, ସେ ତାକୁ ସମର୍ଥନ କରିବେ ବୋଲି ଗଣମାଧ୍ୟମରେ କହିଥିଲେ, ହେଲେ ପୁଣି ସେ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକକୁ ନଆସିବା ଶାସକ ମେଣ୍ଟକୁ ଝଟକା ଦେଇଛି। ଏହି ବୈଠକକୁ ପୁଣି ମଙ୍ଗଳବାରକୁ ଘୁଞ୍ଚାଇ ଦିଆଯାଇଛି। ଅନ୍ୟପଟେ ଶିବସେନା ପକ୍ଷରୁ ଏ ସମ୍ପର୍କରେ କୁହାଯାଇଛି ଯେ ଆଜି ମହାଯୁତିର କୌଣସି ବୈଠକ ନଥିଲା। ବିଜେପି ଏହି ବୈଠକ କେବେ ଆୟୋଜନ କରିବ ବୋଲି ଦଳ ଅପେକ୍ଷା କରିଥିବା ଶିବସେନା ପକ୍ଷରୁ କୁହାଯାଇଛି। ସେପଟେ ମେଣ୍ଟର ଅନ୍ୟତମ ସହଯୋଗୀ ଏନସିପି ମୁଖ୍ୟ ଅଜିତ ପାୱାର ଦିଲ୍ଲୀ ଗସ୍ତ କରିଥିବା ଜଣାପଡିଛି। ସେ ମହାରାଷ୍ଟ୍ରରେ ସରକାର ଗଠନ ଓ ମନ୍ତ୍ରିମଣ୍ଡଳ ଭାଗବଣ୍ଟା ନେଇ ବିଜେପିର ଶୀର୍ଷନେତାଙ୍କ ସହ ଦିଲ୍ଲୀରେ ଆଲୋଚନା କରିବେ ବୋଲି କୁହାଯାଉଛି।



## ସଂସଦରେ ଅଚଳାବସ୍ଥା ଦୂର ହେଲା

# ଉଭୟ ଗୃହରେ ସମ୍ବିଧାନ ଉପରେ ଆଲୋଚନା ହେବ

**ନୂଆଦିଲ୍ଲୀ, ୨।୧୨:** ଉଭୟ ଲୋକସଭା ଏବଂ ରାଜ୍ୟସଭାରେ ସମ୍ବିଧାନ ଉପରେ ଆଲୋଚନା ହେବ। ଏଥିଲାଗି ଉଭୟ ଗୃହର ସଦସ୍ୟମାନେ ରାଜି ହୋଇଛନ୍ତି। ଫଳରେ ଏହାକୁ ନେଇ ଗତ ସପ୍ତାହ ହେବ ଲାଗି ରହିଥିବା ଅଚଳାବସ୍ଥା ଦୂର ହୋଇଛି। ଏହି ପ୍ରସଙ୍ଗରେ ଉଭୟ ଗୃହରେ ଦୁଇ ଦିନ ଆଲୋଚନା ହେବ। ଲୋକସଭାରେ ଆସନ୍ତା ୧୩ ଓ ୧୪ ଏବଂ ରାଜ୍ୟସଭାରେ ଆସନ୍ତା ୧୬ ଏବଂ ୧୭ରେ ଆଲୋଚନା ହେବ। ସର୍ବଦଳୀୟ ବୈଠକରେ ଏହା ଉପରେ ସର୍ବସମ୍ମତ ନିଷ୍ପତ୍ତି ହେବା ନେଇ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ସଂସଦ ଭବନ ବାହାରେ ସୂଚନା ଦେଇଛନ୍ତି। ଏବେ ଗୃହ ପରିଚାଳନାରେ ବିରୋଧୀ ସଦସ୍ୟମାନେ ସହଯୋଗ କରିବେ ଏବଂ ମଙ୍ଗଳବାରଠାରୁ ଗୃହ କାର୍ଯ୍ୟ ସ୍ୱାଭାବିକ ହେବ ବୋଲି ସେ ଆଶା ବ୍ୟକ୍ତ କରିଛନ୍ତି। ଉଲ୍ଲେଖ ଯୋଗ୍ୟ ଯେ, ସମ୍ବିଧାନ ପ୍ରଣୟନର ୭୫ ବର୍ଷ ପୂର୍ତ୍ତି ଅବସରରେ ସଂସଦରେ ଏହା ଉପରେ ଆଲୋଚନା ନିମନ୍ତେ ବିରୋଧୀ ଦଳ ଦାବି କରୁଥିଲେ। ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହା ଉପରେ ବକ୍ତବ୍ୟ ରଖିଥିବା ବେଳେ ବିରୋଧୀ ଦଳ ନେତାଙ୍କ କହିବାର ସୁଯୋଗ ମିଳିନଥିଲା। ଏହା ଉପରେ କଂଗ୍ରେସ ପ୍ରତିବାଦର ସ୍ୱର ଉଠାଇଥିଲା। କିନ୍ତୁ ସମ୍ବିଧାନ ଉପରେ ଆଲୋଚନାକୁ ବିଜେପି ବିରୋଧ କରୁଥିଲା। ବିଜେପି କହିଛି ଯେ, ସମ୍ବିଧାନ ପ୍ରଣୟନ ପରେ କଂଗ୍ରେସ ଶାସନ କାଳରେ ସମ୍ବିଧାନକୁ ସର୍ବାଧିକ ଥର ସଂଶୋଧନ କରାଯାଇଛି। କଂଗ୍ରେସ ସମ୍ବିଧାନକୁ କଦର୍ଥ କରୁଛି ଏବଂ ଏହାର ମୂଳ ଢାଞ୍ଚା ବଦଳାଇବାକୁ ଚାହୁଁଛି। ସମ୍ବିଧାନରେ ସଂରକ୍ଷଣ ସୀମା ସର୍ବାଧିକ ୫୦% ରହିଥିବା ବେଳେ କଂଗ୍ରେସ ଏହାକୁ ସଂଶୋଧିତ କରି ବୃଦ୍ଧି କରିବାକୁ ଚାହୁଁଛି। ଅନ୍ୟ ପକ୍ଷରେ କଂଗ୍ରେସ ଅଭିଯୋଗ କରୁଛି ଯେ, ବିଜେପି ସମ୍ବିଧାନକୁ ଅପହରଣ କରିବାକୁ ଉଦ୍ୟମ କରୁଛି।



## ଡିଭାଇଡରରେ ପିଟି ହୋଇ ସ୍କୁଟରକୁ ଧକ୍କା ଦେଲା ଏସ୍‌ୟୁଭି, ୨ ମୃତ

**ଅହମ୍ମଦାବାଦ, ୨।୧୨:** ବେପରୁଆ ଗାଡ଼ି ଚାଳନା ଆଉ ଦୁଇ ନିରୀହ ଜୀବନ ନେଇଯାଇଛି। ମଦ ପିଇ ଏକ ଏସ୍‌ୟୁଭି ଡ୍ରାଇଭର ଡିଭାଇଡରରେ ବାଡ଼େଇ ହେବା ପରେ ଏକ ସ୍କୁଟରକୁ ଧକ୍କା ଦେଇଛନ୍ତି। ଫଳରେ ଦୁଇ ଜଣ ଯୁବକଙ୍କ ମୃତ୍ୟୁ ହୋଇଛି। ଏସ୍‌ୟୁଭି ଡ୍ରାଇଭରଙ୍କୁ ଗିରଫ କରିଛି ପୁଲିସ। ସୂଚନା ଅନୁସାରେ, ଗୁଜରାଟର ଅହମଦାବାଦରେ ଏହି ଦୁର୍ଘଟଣା ଘଟିଛି। ଦୁର୍ଘଟଣା ସମୟର ପୂରା ଦୃଶ୍ୟ ସିସିଟିଭିରେ କଏଦ ହୋଇଛି। ଭିଡିଓ ଅନୁସାରେ, ରାସ୍ତାର ଦୁଇ ପାଖରେ ଗାଡ଼ି ମୋଟର ଯା'ଆସ କରୁଥିବା ବେଳେ ଏକ ଏସ୍‌ୟୁଭି କାର୍ ଆସିଥିଲା। କିନ୍ତୁ କାରଟି ହଠାତ୍ ଭାରସାମ୍ୟ ହରାଇ ଡିଭାଇଡରରେ ବାଡେଇ ହୋଇ ଅପରପକ୍ଷ ରାସ୍ତାକୁ ଚାଲି ଯାଇଥିଲା। ବିପରୀତ ରାସ୍ତାରେ ଯାଉଥିବା ଏକ ସ୍କୁଟରକୁ ଧକ୍କା ଦେଇଥିଲା ଏସ୍‌ୟୁଭି। ଏଥିରେ ଘଟଣାସ୍ଥଳରେ ହିଁ ଦୁଇ ଜଣ ଯୁବକଙ୍କର ମୃତ୍ୟୁ ହୋଇଛି। ମୃତକମାନେ ହେଉଛନ୍ତି ଅମିତ ରାଠୋର (୨୬) ଏବଂ ବିଶାଲ ରାଠୋର (୨୭)। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ଏସ୍‌ୟୁଭି ଡ୍ରାଇଭରଙ୍କୁ ଅଟକ ରଖି ପୁଲିସରେ ଜିମା ଦେଇଥିଲେ। ପୁଲିସ ତାଙ୍କୁ ଗିରଫ କରିଛି। ଡ୍ରାଇଭର ଗୋପାଳ ପଟେଲ ମଦପିଇ ଗାଡ଼ି ଚଳାଉଥିବା ପୁଲିସ କହିଛି। ପୁଲିସ ତାଙ୍କ ବିରୁଦ୍ଧରେ ଏକାଧିକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ଅନ୍ୟ ଜାତିରେ ବିବାହ କରିବାରୁ ଭଉଣୀକୁ ହତ୍ୟା

**ନୂଆଦିଲ୍ଲୀ, ୨।୧୨:** ଜଣେ ମହିଳା କନଷ୍ଟେବଳଙ୍କୁ ତାଙ୍କ ଭାଇ ଅତି ନିର୍ମମ ଭାବେ ହତ୍ୟା କରିଥିବା ଅଭିଯୋଗ ହୋଇଛି। ତେଲଙ୍ଗାନାର ରେଙ୍ଗା ରେଡ୍ଡୀ ଜିଲ୍ଲାରେ ଏହି ହତ୍ୟାକାଣ୍ଡ ଘଟିଛି। ଅନ୍ୟ ଜାତିରେ ବିବାହ କରିବା କାରଣରୁ ଭଉଣୀକୁ ଭାଇ ହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ସୂଚନା ଅନୁସାରେ, ମୃତ ମହିଳା ନାଗମଣି ହାୟାତନଗର ପୁଲିସ ଷ୍ଟେସନରେ କାମ କରୁଥିଲେ। ସେ ୨୦୨୦ ବ୍ୟାଚର କନଷ୍ଟେବଳ ଥିଲେ। ଦୁଇ ସପ୍ତାହ ପୂର୍ବରୁ ଶ୍ରୀକାନ୍ତ ନାମକ ଜଣେ ଯୁବକଙ୍କୁ ପ୍ରେମ ବିବାହ କରିଥିଲେ। ଘରେ ବିବାହ ନେଇ ଜଣାଇଥିଲେ ବି ପୁଅ ଅନ୍ୟ ଜାତିରେ ହୋଇଥିବାରୁ ବିରୋଧ କରିବା ପରେ ଉଭୟ ନିଜ ଇଚ୍ଛାରେ ବିବାହ କରିଥିଲେ। କିନ୍ତୁ ଝିଅର ସ୍ୱଇଚ୍ଛାରେ ବିବାହକୁ ଗ୍ରହଣ କରିପାରିନଥିଲେ ପରିବାର ଲୋକେ। ଏଥିରେ କ୍ରୋଧାନ୍ୱିତ ହୋଇ ନାଗମଣିଙ୍କ ଭାଇ ପରମେଶ ତାଙ୍କୁ ଅତି ନିର୍ମମ ଭାବେ ହତ୍ୟା କରିଥିବା ସନ୍ଦେହ କରାଯାଉଛି। ପୁଲିସର କହିବା ଅନୁସାରେ, ନାଗମଣି ସ୍କୁଟି ନେଇ ରାଇପୋଲରୁ ମନ୍ନୀଗୁଡ଼ା ଯାଉଥିଲେ। ଏହି ସମୟରେ ତାଙ୍କ ଭାଇ ପରମେଶ ଏକ କାରରେ ଆସି ତାଙ୍କ ସ୍କୁଟିକୁ ଧକ୍କା ଦେଇଥିଲେ। ସେ ତଳେ ପଡ଼ିଯିବା ପରେ ଖଣ୍ଡାରେ ବାରମ୍ବାର ଆକ୍ରମଣ କରିଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ରାସ୍ତାରେ ହିଁ ଛଟପଟ ହୋଇ ନାଗମଣିଙ୍କ ଜୀବନ ଚାଲିଯାଇଛି। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ନାଗମଣିଙ୍କ ମୃତ୍ୟୁ ହୋଇ ସାରିଥିଲା। ପ୍ରେମ ବିବାହକୁ ବିରୋଧ କରୁଥିବା ତାଙ୍କ ଭାଇ ଏହି ହତ୍ୟାକାଣ୍ଡ ଘଟାଇଥିବା ସନ୍ଦେହ କରାଯାଉଛି ବୋଲି ଜଣେ ପୁଲିସ ଅଧିକାରୀ କହିଛନ୍ତି। ପୁଲିସ ଅଭିଯୁକ୍ତଙ୍କୁ ଖୋଜୁଥିବାବେଳେ, ଜମି ବିବାଦ କିମ୍ବା ଅନ୍ୟ ଦିଗ ଉପରେ ତଦନ୍ତ କରୁଛି।

## ଫୁଟ୍‌ବଲ୍ ମ୍ୟାଚ୍ ବେଳେ ରକ୍ତାକ୍ତ ସଂଘର୍ଷ, ୧୦୦ ମୃତ

**ଗିନି ଜେରିକୋ, ୨।୧୨:** ଚାଲିଥିଲା ଫୁଟ୍‌ବଲ୍ ମ୍ୟାଚ୍। ଷ୍ଟାଡିୟମ୍‌ରେ ମ୍ୟାଚ୍ ଦେଖିବାକୁ ଖଚାଖଚ ଭିଡ଼ ମଧ୍ୟ ଜମିଥିଲା। ତେବେ ଏତିକି ବେଳେ ଆରମ୍ଭ ହୋଇଥିବା ହିଂସାକାଣ୍ଡ। ଗ୍ୟାଲେରୀରେ ବସିଥିବା ଦର୍ଶକ ପରସ୍ପର ପିଟାପିଟି ହୋଇଥିଲେ। ଫଳରେ ରକ୍ତାକ୍ତ ସଂଘର୍ଷ ଘଟାଇଥିଲେ। ଏଥିରେ ୧୦୦ରୁ ଅଧିକ ଲୋକଙ୍କ ଜୀବନ ଯାଇଛି। ପଶ୍ଚିମ ଆଫ୍ରିକୀୟ ଦେଶ ଗିନିରେ ଘଟିଛି ଏଭଳି କିଛି ଘଟଣା। ରବିବାର ଗିନି ଜେରିକୋରେ ଏକ ଫୁଟବଲ ମ୍ୟାଚ ଚାଲିଥିଲା। ମ୍ୟାଚ୍ ବେଳେ ରେଫରୀଙ୍କ ବିବାଦୀୟ ନିଷ୍ପତ୍ତି ଯୋଗୁଁ ଗ୍ୟାଲେରୀରେ ବସିଥିବା ଦର୍ଶକଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଥିଲା। ଏହାପରେ ଉତ୍ତ୍ୟକ୍ତ ଲୋକ ଅଚାନକ ମ୍ୟାଚ ଭିତରକୁ ପଶି ଆସିଥିଲେ। ଚାହୁଁଚାହୁଁ ନିମିଶକ ମଧ୍ୟରେ ସ୍ଥିତି ଅଣାୟତ୍ତ ହୋଇ ପଡ଼ିଥିଲା। ଆରମ୍ଭ ହୋଇ ଯାଇଥିଲା ହିଂସାତ୍ମକ ସଂଘର୍ଷ। ପରସ୍ପର ସହ ପିଟାପଟି ହୋଇଥିଲେ ପ୍ରଶଂସକ। ଏଥିରେ ୧୦୦ରୁ ଅଧିକ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ଏହି ପୂରା ଘଟଣାର ଭିଡିଓ ମଧ୍ୟ ସୋଶାଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ତେବେ ଏହି ଭିଡିଓଟି କେତେ ସତ ତାହା ସ୍ପଷ୍ଟ ହୋଇନାହିଁ। ରାସ୍ତା ଉପରେ କୁଢ଼ କୁଢ଼ ମୃତଦେହ ପିଡିଥିବା ବେଳେ ଲୋକେ ପରସ୍ପରକୁ ମାଡ ମାରୁଥିବା ଭିଡିଓରେ ଦେଖିବାକୁ ମିଳିଛି। କେବଳ ସେତିକି ନୁହେଁ କ୍ରୋଧିତ ବିକ୍ଷୋଭକାରୀମାନେ ଭଙ୍ଗାରୁଜା କରି ଏନଜେରେକୋର ପୁଲିସ ଷ୍ଟେସନରେ ନିଆଁ ମଧ୍ୟ ଲଗାଇ ଦେଇଛନ୍ତି। ଏଥିରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ହସ୍ପିଟାଲରେ ଶହଶହ ମୃତଦେହ ପଡ଼ି ରହିଛି। ଶବଗୃହରେ ରଖିବାକୁ ସ୍ଥାନ ନାହିଁ। ଜେରିକୋର ହସ୍ପିଟାଲରେ ମୃତଦେହ ରଖିବାକୁ ଜାଗା ଅଭାବ ପଡ଼ିଥିବା ନେଇ ଜଣେ ଡାକ୍ତର ସୂଚନା ଦେଇଛନ୍ତି। ସ୍ଥାନୀୟ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ, ଏହି ମ୍ୟାଚ୍ ଗିନିର ଜୁଣ୍ଟା ନେତା ମାମାଦି ଡୋମ୍ବୁୟାଙ୍କ ସମ୍ମାନାର୍ଥେ ଆୟୋଜିତ ଏକ ଟୁର୍ନାମେଣ୍ଟର ଅଂଶ ଥିଲା। ଯିଏ ୨୦୨୧ରେ ଆକ୍ରମଣ ପୂର୍ବକ କ୍ଷମତା ଦଖଲ କରି ନିଜକୁ ରାଷ୍ଟ୍ରପତି ଭାବରେ ଘୋଷଣା କରିଥିଲେ।

### ଆଇପିଏସ୍ ଚାକିରିର ପ୍ରଥମ ଦିନ

## ଦୁର୍ଘଟଣାରେ ଚାଲିଗଲା ଜୀବନ

**ବେଙ୍ଗାଲୁରୁ, ୨।୧୨:** କର୍ଣ୍ଣାଟକରେ ଏକ ଦୁଃଖଦ ଘଟଣା ଘଟିଛି। ରାଜ୍ୟ କ୍ୟାଡରର ଜଣେ ଆଇପିଏସ୍ ଅଧିକାରୀଙ୍କ ମୃତ୍ୟୁ ହୋଇଛି, ତାହା ପୁଣି ଚାକିରିର ପ୍ରଥମ ଦିନରେ। ଆଜି ତାଙ୍କର କାର୍ଯ୍ୟରେ ଯୋଗଦାନ ଥିବାବେଳେ ସଡ଼କ ଦୁର୍ଘଟଣାରେ ଜୀବନ ଚାଲିଯାଇଛି। ମୃତକ ଜଣକ ହେଉଛନ୍ତି ଯୁବ ଆଇପିଏସ୍ ଅଫିସର ହର୍ଷ ବର୍ଦ୍ଧନ (୨୬)। ସେ କର୍ଣ୍ଣାଟକ କ୍ୟାଡରର ୨୦୨୩ ବ୍ୟାଚ୍ ଆଇପିଏସ୍ ଅଫିସର ଥିଲେ, ତାଙ୍କ ଘର ମଧ୍ୟ ପ୍ରଦେଶରେ। ମୈସୁରରେ ଚାରି ସପ୍ତାହର ଟ୍ରେନିଂ ସରିବା ପରେ ଆଜି ତାଙ୍କର ପ୍ରଥମ ପୋଷ୍ଟିଂ ଥିଲା। କାର୍ଯ୍ୟରେ ଯୋଗଦାନର ପ୍ରଥମ ଦିନରେ ତାଙ୍କର ଏପରି ଅକାଳ ବିୟୋଗ ସମସ୍ତଙ୍କୁ ବ୍ୟଥିତ କରିଛି। ସୂଚନା ଅନୁସାରେ, ସେ କାର୍ଯ୍ୟରେ ଯୋଗଦେବା ପାଇଁ ପୁଲିସ ଗାଡ଼ିରେ ଯାଉଥିଲେ। ଏହି ସମୟରେ ଗାଡ଼ିର ଟାୟାର ଫାଟିଯିବାରୁ ଡ୍ରାଇଭର ନିୟନ୍ତ୍ରଣ ହରାଇ ଏକ ଗଛରେ ପିଟି ହୋଇଥିଲେ। ଏଥିରେ ବର୍ଦ୍ଧନଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରାଯାଇ ଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ହୋଇଛି। ଅନ୍ୟପଟେ ଡ୍ରାଇଭର ସାମାନ୍ୟ ଆହତ ହୋଇଛନ୍ତି। ବର୍ତ୍ତମାନ ତାଙ୍କର ଚିକିତ୍ସା ଚାଲିଛି। କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିଛନ୍ତି।

## ଦିଲ୍ଲୀରେ କୃଷକ ସମାବେଶ

# କୃଷକଙ୍କ 'ଦିଲ୍ଲୀ ଚଲୋ' ଯାତ୍ରା ସ୍ଥଗିତ

**ନୂଆଦିଲ୍ଲୀ,୨।୧୨:** 'ଦିଲ୍ଲୀ ଚଲୋ' ଯାତ୍ରା ସ୍ଥଗିତ ରଖିଛନ୍ତି କୃଷକ। ବିଭିନ୍ନ ଦାବି ନେଇ ଆନ୍ଦୋଳନକୁ ଓହ୍ଲାଇଥିବା କୃଷକମାନେ 'ଦିଲ୍ଲୀ ଚଲୋ' ଯାତ୍ରା ସ୍ଥଗିତ ରଖିବାକୁ ରାଜି ହୋଇଛନ୍ତି। ଆଜି ଦିଲ୍ଲୀ-ନୋଏଡା ସୀମା ଏବଂ ଯମୁନା ଏକ୍ସପ୍ରେସୱେରେ ନୋଏଡା ପ୍ରଶାସନ ଏବଂ କୃଷକଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଆଲୋଚନା ପରେ କୃଷକମାନେ ସଂସଦ କମ୍ପ୍ଲେକ୍ସ ଅଭିମୁଖେ ଆରମ୍ଭ କରିଥିବା 'ଦିଲ୍ଲୀ ଚଲୋ' ପଦଯାତ୍ରାକୁ ସ୍ଥଗିତ ରଖିବାକୁ ରାଜି ହୋଇଛନ୍ତି। ଏହାପରେ ଦିଲ୍ଲୀର ବିଭିନ୍ନ ସ୍ଥାନରେ ଲାଗିଥିବା ବ୍ୟାରିକେଡ ହଟିଛି ଏବଂ ଯାତାୟାତ ଆରମ୍ଭ ହୋଇଛି। ଉତ୍ତରପ୍ରଦେଶର ୨୦ଟି ଜିଲ୍ଲାର କୃଷକମାନେ ବିଭିନ୍ନ ଦାବି ନେଇ 'ଦିଲ୍ଲୀ ଚଲୋ' ଡାକରା ଦେଇ ସଂସଦ କମ୍ପ୍ଲେକ୍ସ ଅଭିମୁଖେ ବାହାରିଥିଲେ। ଲୋକସଭାର ଶୀତ ଅଧିବେଶନ ବସିଥିବା ସମୟରେ ସରକାର ନିକଟରେ ଦାବି ଉପସ୍ଥାପନ କରିବାକୁ ଯୋଜନା କରିଥିଲେ। କୃଷକଙ୍କ ଏହି ଯୋଜନା ପରେ ଶାନ୍ତିଶୃଙ୍ଖଳାକୁ ଦୃଷ୍ଟିରେ ରଖି ଦିଲ୍ଲୀ ପୁଲିସ ଦିଲ୍ଲୀ-ନୋଏଡା ସୀମାରେ ବ୍ୟାରିକେଡ ଲଗାଇଥିଲା।



ଫଳରେ ଆଜି ଦିନ ତମାମ ଜାତୀୟ ରାଜଧାନୀରେ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥିଲା। ଏହାରି ମଧ୍ୟରେ ନୋଏଡା ପ୍ରଶାସନ ଏବଂ କୃଷକଙ୍କ ଆଲୋଚନା ଚାଲିଥିଲା। ଦୀର୍ଘ ସମୟର ଆଲୋଚନା ପରେ ଶେଷରେ 'ଦିଲ୍ଲୀ ଚଲୋ' ଯାତ୍ରାକୁ ସ୍ଥଗିତ ରଖିବାକୁ ରାଜି ହୋଇଛନ୍ତି କୃଷକ ସଂଗଠନ। ପ୍ରକାଶ ଥାଉକି, କୃଷକମାନେ ପୁରୁଣା ଜମି ଅଧିଗ୍ରହଣ ଆଇନ ଅନୁସାରେ ଜମି ଅଧିଗ୍ରହଣ ପାଇଁ ହରାଇଥିବା ଜମିର ୧୦% ଜମି ଏବଂ ୬୪.୭% ବର୍ଦ୍ଧିତ କ୍ଷତିପୂରଣ ଦେବାକୁ ଦାବି କରିଛନ୍ତି। ଏହା ସହିତ ଜାନୁଆରୀ ୧, ୨୦୧୪ ପରେ ଅଧିଗ୍ରହଣ ହୋଇଥିବା ଜମି ଉପରେ ବଜାର ଦର କ୍ଷତିପୂରଣ ଏବଂ ୨୦% ଜମି, ଭୂମିହୀନ ଚାଷୀଙ୍କ ପିଲାଙ୍କୁ ଚାକିରି ଏବଂ ପୁନର୍ବାସର ସୁବିଧା, ହାଇ ପାଓ୍ୱାର କମିଟି ଦ୍ୱାରା ପାସ୍ ହୋଇଥିବା ପ୍ରସଙ୍ଗଗୁଡିକ ଉପରେ ସରକାରୀ ନିର୍ଦ୍ଦେଶ ଜାରି ଆଦି ଦାବି ନେଇ ଆନ୍ଦୋଳନକୁ ଓହ୍ଲାଇଥିଲେ।

## ସମ୍ଭଲ ଯିବା ବାଟରେ କଂଗ୍ରେସକୁ ଅଟକାଇଲା ପୁଲିସ



**ନୂଆଦିଲ୍ଲୀ, ୨।୧୨:** ଉତ୍ତରପ୍ରଦେଶର ସମ୍ଭଲରେ ବାହାର ଲୋକଙ୍କ ପ୍ରବେଶ ଉପରେ ବ୍ୟାନ୍ ଲଗାଇଛି ପ୍ରଶାସନ। ଏହାରି ଭିତରେ ସମ୍ଭଲ ଯିବା ଜିଦ୍‌ରେ ଅଟଳ ରହିଛନ୍ତି କଂଗ୍ରେସ ନେତା। ସମ୍ଭଲ ଅଭିମୁଖେ କଂଗ୍ରେସ ପ୍ରତିନିଧିମଣ୍ଡଳ ଯାତ୍ରା କରୁଥିବା ବେଳେ ଲକ୍ଷ୍ନୌ କଂଗ୍ରେସ ଅଧ୍ୟକ୍ଷ ଅଜୟ ରାୟଙ୍କୁ ପୁଲିସ ଅଟକାଇ ଦେଇଛି। ଏହାକୁ ନେଇ ଜୋରଦାର ହଙ୍ଗାମା ହୋଇଛି। ଲକ୍ଷ୍ନୌ କଂଗ୍ରେସ ଅଫିସ ବାହାରେ ଧାରଣାରେ ବସିଛନ୍ତି କଂଗ୍ରେସ ନେତା। ଅଫିସ୍ ବାହାରେ ବ୍ୟାପକ ପୁଲିସ ମୁତୟନ କରାଯିବା ସହ ବ୍ୟାରିକେଡ୍ କରାଯାଇଛି। ଏହାକୁ ନେଇ ଜୋରଦାର ହଙ୍ଗାମା ହୋଇଛି। ବ୍ୟାରିକେଡ୍ ଉପରେ ଚଢ଼ି କଂଗ୍ରେସ ନେତାମାନେ ବିରୋଧ ପ୍ରଦର୍ଶନ କରିଛନ୍ତି। ଅନ୍ୟପକ୍ଷରେ ଗାଜିଆବାଦରେ ନାସିମୁଦ୍ଦିନ ସିଦ୍ଦିକିଙ୍କୁ ଅଟକାଇ ଦିଆଯାଇଛି। ଓମକର ସିଂହ କାଟରିଆ, ଫୈଜ ଆଲାମ ଏବଂ ସୁଖରାଜ ସିଂଙ୍କୁ ଆମରୋହା ପୋଲିସ ଗିରଫ କରିଛି। ସେହିପରି କଂଗ୍ରେସ ନେତା ସଚିନ ଚୌଧୁରୀଙ୍କୁ ମୁରାଦାବାଦରେ ଗିରଫ କରାଯାଇଛି। ସୂଚନା ମୁତାବକ, ସମ୍ଭଲ ଯିବା ନିଷ୍ପତ୍ତିକୁ ବାତିଲ କରିବାକୁ କଂଗ୍ରେସ ରାଜ୍ୟ ସଭାପତି ଅଜୟ ରାୟଙ୍କୁ ପୁଲିସ ନୋଟିସ ଜାରି କରିଥିଲା। ସମ୍ଭାଲରେ ବିଏନଏସର ଧାରା ୧୬୩ ଲାଗୁ ହୋଇଛି। ଏଥିପାଇଁ ସେମାନଙ୍କୁ ସେଠାକୁ ଯିବାକୁ ଅନୁମତି ଦିଆଯାଇ ନାହିଁ ବୋଲି ପୁଲିସ କହିଛି। ଏହା ସତ୍ତ୍ୱେ, ପ୍ରାୟ ୧୨ଟାରେ ଅଜି ଅଜୟ ରାୟ ଦଳର ଅନ୍ୟ ନେତାଙ୍କ ସହ ଲକ୍ଷ୍ନୌ କଂଗ୍ରେସ ମୁଖ୍ୟାଳୟରୁ ଏକ ବସ୍‌ରେ ବସି ସମ୍ଭଲ ଅଭିମୁଖେ ଯାତ୍ରା କରୁଥିବାବେଳେ ପୁଲିସ ତାଙ୍କୁ ଅଟକାଇ ଦେଇଛି। ଏହା ପରେ କଂଗ୍ରେସ କର୍ମୀମାନେ ବିରୋଧ ଆରମ୍ଭ କରିଛନ୍ତି। ଡିସେମ୍ବର ୧୦ ତାରିଖ ପର୍ଯ୍ୟନ୍ତ ସମ୍ଭଲ ପ୍ରବେଶ କରିବାକୁ ବାରଣ କରାଯାଇଥିବା ପ୍ରଶାସନର ନିଷ୍ପତ୍ତିକୁ କଂଗ୍ରେସ ନେତା ସମାଲୋଚନା କରିଛନ୍ତି। ପୁଲିସର ଅତ୍ୟାଚାର ଏବଂ ସରକାରୀ ଅନ୍ୟାୟର ପ୍ରତିବାଦ କରିବା ଆବଶ୍ୟକତା ଦର୍ଶାଇ ସେ ଏହି ଯାତ୍ରା ଜାରି ରଖିବାକୁ ଶପଥ ନେଇଛନ୍ତି।

## 'ଫେଙ୍ଗଲ' ପ୍ରଭାବରେ ଭୂସ୍ଖଳନ

# ମାଟି ତଳେ ଫସିଛନ୍ତି ୭

**ଚେନ୍ନାଇ, ୨।୧୨:** ତାମିଲନାଡୁର ତିରୁବନ୍ନାମଲଇ ଜିଲ୍ଲାରେ ଭୂସ୍ଖଳନ ହୋଇଛି। ବାତ୍ୟା ଫେଙ୍ଗଲର ପ୍ରଭାରେ ରବିବାର ରାତିରେ ଏହି ଭୂସ୍ଖଳନ ଘଟିଛି। ଫଳରେ ପାହାଡର ତଳିଆ ଅଞ୍ଚଳରେ ଥିବା ଘର ଗୁଡିକ ମାଟି ତଳେ ପୋତି ହୋଇଯାଇଛି। ଏଥିରେ ଦୁଇ ପରିବାରର ୭ ଜଣ ମାଟି ତଳେ ଦବି ରହିଥିବା ଅଶଙ୍କା କରାଯାଉଛି। ସୂଚନା ମୁତବାକ, ବାତ୍ୟା ଫେଙ୍ଗଲ ଯୋଗୁ ଜିଲ୍ଲାରେ ପ୍ରବଳ ବର୍ଷା ଜାରି ରହିଛି। ଫଳରେ ଏହି ଭୂସ୍ଖଳନ ଘଟିଛି। ଜିଲ୍ଲା କଲେକ୍ଟର ଡି ଭାସ୍କର ପାଣ୍ଡିଆନ୍ କହିଛନ୍ତି ଯେ ଘର ଭିତରେ ଫସି ରହିଥିବା ଲୋକଙ୍କ ମଧ୍ୟରେ ପାଞ୍ଚ ଜଣ ଶିଶୁ ଅଛନ୍ତି। ତାଙ୍କର କୌଣସି ପତ୍ତା ମିଳିନାହିଁ। ରବିବାର ସନ୍ଧ୍ୟାରେ ତିରୁବନ୍ନାମଲାଇର ଅନ୍ନାମଲାଇୟାର ପାହାଡର ପାଦଦେଶରେ ଅବସ୍ଥିତ ବିଓସି ନାଗରରେ ଏକ ଭୂସ୍ଖଳନ ଘଟି ଅନେକ ଘର କ୍ଷତିଗ୍ରସ୍ତ ହୋଇଛି। ଜିଲ୍ଲା ପ୍ରଶାସନ ତରଫରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ସ୍ଥାନୀୟ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ପୁଲିସ, ଏସ୍‌ଡିଆର୍‌ଏଫ୍ ଓ ଏନ୍‌ଡିଆର୍‌ଏଫ୍ ଟିମ୍ ମାଟି ତଳେ ଦବି ରହିଥିବା ଲୋକଙ୍କୁ ଉଦ୍ଧାର କରିବା ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ଲାଗି ପଡିଛନ୍ତି। ବାତ୍ୟା ଫେଙ୍ଗଲ ପ୍ରଭାବରେ ପୁଡୁଚେରୀରେ ଶନିବାର ଓ ରବିବାର ହୋଇଥିବା ବର୍ଷା ୩୦ ବର୍ଷର ରେକର୍ଡ ଭାଙ୍ଗିଛି। ଶନିବାର ଦିନ ପୁଡୁଚେରୀରେ ପହଞ୍ଚିଥିବା ବାତ୍ୟା 'ଫାଙ୍ଗାଲ୍' ରବିବାର ଦୁର୍ବଳ ହୋଇଯାଇଥିଲା। ତେବେ ଏହାର ପ୍ରଭାବରେ ବିଭିନ୍ନ ଅଞ୍ଚଳରେ ପ୍ରବଳ ବର୍ଷା ହେତୁ ସାଧାରଣ ଜନଜୀବନ ବ୍ୟାହତ ହୋଇଛି। ରାସ୍ତାରେ ବାନ୍ୟା ପରିସ୍ଥିତି ଉପୁଜିଛି। ଫସି ରହିଥିବା ଲୋକଙ୍କୁ ଉଦ୍ଧାର କରିବା ପାଇଁ ସେନା ଆଗକୁ ଆସିଛି।

# ୟୁ-ଟର୍ଣ୍ଣ ନେଲେ ବାଇଡେନ୍, ପୁଅକୁ ଦୋଷମୁକ୍ତ କଲେ

**ୱାଶିଂଟନ, ୨।୧୨:** ୟୁ-ଟର୍ଣ୍ଣ ନେଇଛନ୍ତି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍। ଆମେରିକା ରାଷ୍ଟ୍ରପତି ଭାବେ ନିଜ କାର୍ଯ୍ୟକାଳ ଶେଷ ହେବାର ଠିକ୍ ପୂର୍ବରୁ ସେ ନେଇଛନ୍ତି ବଡ଼ ନିଷ୍ପତ୍ତି। ନିଜ ପୁଅ ହଣ୍ଟରକୁ କରିଛନ୍ତି ଦୋଷମୁକ୍ତ। ବିନା ସର୍ତ୍ତରେ ପୁଅର ସବୁ ଅପରାଧକୁ ସେ କ୍ଷମା କରିଦେଇଛନ୍ତି। ଏନେଇ ରବିବାର ଖୋଦ୍ ବାଇଡେନ୍ ଏନେଇ ସୂଚନା ଦେଇଛନ୍ତି। ଜୋ ବାଇଡେନ୍‌ଙ୍କ ପୁଅ ହଣ୍ଟର ଚଳିତ ବର୍ଷ ବେଆଇନ୍ ବନ୍ଧୁକ ଓ ଆୟକର ଛାଡ଼ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିଲେ। ହ୍ୱାଇଟ୍ ହାଉସ୍ ଅନେକ ଥର ଜୋର ଦେଇ କହିଥିଲା ଯେ, ବାଇଡେନ୍ ନିଜ ପୁଅର ଦଣ୍ଡକୁ କ୍ଷମା କରିବେ ନାହିଁ। ସେ ନିଜର ରାଷ୍ଟ୍ରପତି କ୍ଷମତାକୁ ପରିବାର ପାଇଁ ଉପଯୋଗ କରିବେ ନାହିଁ। କିନ୍ତୁ ଏବେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ୟୁ-ଟର୍ଣ୍ଣ ନେଇଛନ୍ତି। ସେ ନିଜ ପୁଅକୁ କ୍ଷମା କରି ଦେଇଛନ୍ତି। ହଣ୍ଟରର ସବୁ ଅପରାଧିକ ମାମଲାକୁ ରଫା-ଦଫା କରିଦେଇଛନ୍ତି ବାଇଡେନ୍। ବାଇଡେନ୍ ଏନେଇ କହିଛନ୍ତି ଯେ, 'ମୁଁ ମୋ ପୁଅକୁ କ୍ଷମା କରିଛି। ଯେବେଠାରୁ ମୁଁ ଆମେରିକାର ରାଷ୍ଟ୍ରପତି ପଦ ଗ୍ରହଣ କରିଛି, ମୁଁ କହିଥିଲି ଯେ ନ୍ୟାୟ ବିଭାଗ ଦ୍ୱାରା ନିଆଯାଇଥିବା ନିଷ୍ପତ୍ତିରେ ମୁଁ ହସ୍ତକ୍ଷେପ କରିବି ନାହିଁ ଏବଂ ମୁଁ ଏହି ପ୍ରତିଶ୍ରୁତି ପାଳନ କରିଛି। କିନ୍ତୁ ମୋ ପୁଅକୁ ଅନ୍ୟାୟ କରାଯାଇ ଟାର୍ଗେଟ କରାଯାଉଛି। ତାଙ୍କ ବିରୋଧରେ ଆସିଥିବା ଅଭିଯୋଗ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ଥିଲା। ପୁଅ ଅଷ୍ଟରକୁ ଭାଙ୍ଗିବା ପାଇଁ ଚେଷ୍ଟା କରି ସେମାନେ ମୋତେ ଭାଙ୍ଗିବାକୁ ଚେଷ୍ଟା କରିଥିଲେ। ଜାରିଶୁଣି ଟାର୍ଗେଟ କରାଯାଇଥିବା ବାଇଡେନ୍ ଅଭିଯୋଗ ଆଣିଛନ୍ତି। କାହିଁକି ଜଣେ ବାପା ଏବଂ ରାଷ୍ଟ୍ରପତି ଏହି ନିଷ୍ପତ୍ତି ନେଇଛନ୍ତି ତାହା ଆମେରିକୀୟମାନେ ବୁଝିବେ ବୋଲି କହିଛନ୍ତି ବାଇଡେନ୍। ହଣ୍ଟରଙ୍କୁ ଜୋ ବାଇଡେନ୍ ଦୋଷ ମୁକ୍ତ କରିବା ପାଇଁ ଏବେ ଆଉ ତାଙ୍କ ଅପରାଧ ତାଙ୍କୁ ପାଇଁ ଦଣ୍ଡିତ କରାଯିବ ନାହିଁ। ତାଙ୍କୁ କାରାଗାରକୁ ପଠାଯିବାର ସମ୍ଭାବନାକୁ ଦୂର କରିବା ସହ ମାମଲାର ତଦାରଖ କରୁଥିବା ବିଚାରପତି ବର୍ତ୍ତମାନ ଦଣ୍ଡ ଶୁଣାଣି ବି ରଦ୍ଦ କରିବେ। ସୂଚନାଯୋଗ୍ୟ, ଆମେରିକାର ରାଷ୍ଟ୍ରପତି ଭାବରେ ଜୋ ବାଇଡେନ୍‌ଙ୍କ କାର୍ଯ୍ୟକାଳ ୨୦ ଜାନୁୟାରୀ ୨୦୨୫ରେ ଶେଷ ହେବ। ଏହା ପରେ ଡୋନାଲ୍ଡ ଟ୍ରମ୍ପ ଆମେରିକାର ନୂତନ ରାଷ୍ଟ୍ରପତି ଭାବରେ ଶପଥ ଗ୍ରହଣ କରିବେ।



# ଆଦାନୀ ପ୍ରସଙ୍ଗକୁ ନେଇ ଇଣ୍ଡି ମେଣ୍ଟରେ ଫାଟ

**ନୂଆଦିଲ୍ଲୀ, ୨।୧୨:** ସାଂସଦର ଶୀତକାଳିନ ଅଧିବେଶ ଚାଲିଛି। ଗୃହରେ ଗତ ଦୁଇ ଦିନ ହେଲା ବିରୋଧୀ ଆଦାନୀ ପ୍ରସଙ୍ଗକୁ ନେଇ ଜୋରଦାର ହଙ୍ଗମା କରୁଛନ୍ତି। ଏହାରି ଭିତରେ ଆଦାନୀ ପ୍ରସଙ୍ଗକୁ ନେଇ 'ଇଣ୍ଡି' ମେଣ୍ଟରେ ଫାଟ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। ଏହି ପ୍ରସଙ୍ଗରୁ ଟିଏମ୍‌ସି ନିଜକୁ ଦୂରେଇ ରଖିଛି। ଅଦାନୀ ପ୍ରସଙ୍ଗରେ କଂଗ୍ରେସକୁ ସମର୍ଥନ କରୁନାହିଁ ତୃଣମୂଳ କଂଗ୍ରେସ। ଏନେଇ ଏକ ସ୍ପଷ୍ଟ ବାର୍ତ୍ତା ଦେଇ କଂଗ୍ରେସ ମୁଖ୍ୟ ମଲ୍ଲିକାର୍ଜୁନ ଖାଡଗେଙ୍କ ଚାମ୍ବରରେ ଇଣ୍ଡିଆ ବ୍ଲକ ନେତାଙ୍କ ବସିଥିବା ବୈଠକକୁ ବୟକଟ୍ କରିଛି ଟିଏମ୍‌ସି। ଆଦାନୀ ମାମଲାରେ ସଂସଦକୁ ବାଧା ଦେବାରେ ମୁଖ୍ୟ ବିରୋଧୀ ଦଳ ସହିତ ସେ ସହମତି ନାହିଁ। ଆମେ ଇଣ୍ଡିଆ ମେଣ୍ଟର ଅଂଶ କିନ୍ତୁ ଆଦାନୀ ପ୍ରସଙ୍ଗରେ ଆମର ମତ ଭିନ୍ନ ରହିଥିବା ଟିଏମ୍‌ସି କହିଛି। ମିଳିଥିବା ସୂତ୍ରର ସୂଚନା ଅନୁସାରେ ଟିଏମ୍‌ସି କହିଛି ଯେ, ସଂସଦରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଯେପରିକି ଦରଦାମ୍ ବୃଦ୍ଧି, ବେକାରୀ, ଏବଂ ମଣିପୁର ଅଶାନ୍ତି ଉଠାଯାଇପାରେ। କିନ୍ତୁ କଂଗ୍ରେସ କେବଳ ଆଦାନୀ ପ୍ରସଙ୍ଗ ଉଠାଇବାକୁ ଚାପ ପକାଇବାକୁ ଚାହୁଁଛି। ତେଣୁ ଟିଏମ୍‌ସି ଆଜି ଇଣ୍ଡିଆ ବ୍ଲକୀ ନେତାଙ୍କ ବୈଠକରେ ଯୋଗ ଦେଇନାହିଁ। ଆଦାନୀ ଗ୍ରୀନ୍ ନିର୍ଦ୍ଦେଶକଙ୍କ ବିରୋଧରେ ଆମେରିକାର ଜଷ୍ଟିସ୍ ବିଭାଗର ଅଭିଯୋଗ ଉପରେ ଆଲୋଚନା ପାଇଁ ଗୃହର ସମସ୍ତ କାର୍ଯ୍ୟ ସ୍ଥଗିତ ରଖିବାକୁ କଂଗ୍ରେସ ଦାବି କରିଛି। ଆଜି ସକାଳେ ମଧ୍ୟ କଂଗ୍ରେସ ସାଂସଦ ମଣିକମ ଟାଗୋର ଆଦାନୀ ପ୍ରସଙ୍ଗରେ ଆଲୋଚନା ପାଇଁ ଲୋକସଭାରେ ସ୍ଥଗିତାଦେଶ ପ୍ରସ୍ତାବ ଦେଇଥିଲେ।

ତେବେ ଅନେକ ଦଳର ସାଂସଦମାନେ ସାଇକ୍ଲୋନ ଫାଙ୍ଗଲ ଦ୍ୱାରା ହୋଇଥିବା କ୍ଷୟକ୍ଷତି, ଉତ୍ତରପ୍ରଦେଶର ସମ୍ଭାଲରେ ହୋଇଥିବା ମସଜିଦ ସର୍ଭେ ଉପରେ ହିଂସା, ବାଂଲାଦେଶର ISK-CON ସାଧୁଙ୍କୁ ଟାର୍ଗେଟ କରିବା ଏବଂ ପଞ୍ଜାବରେ ଧାନ କିଣିବାରେ ବିଳମ୍ବ ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଉପରେ ଆଲୋଚନା ପାଇଁ ଦାବି କରୁଛନ୍ତି।

## ବୈଠକକୁ ବର୍ଜନ କଲା ଟିଏମ୍‌ସି



# ଶ୍ରୀଲଙ୍କା ଓ ପାକିସ୍ତାନ ବିପକ୍ଷ ସିରିଜରୁ ବାଦ ପଡ଼ିଲେ କୋଏଜି




**ନୂଆଦିଲ୍ଲୀ, ୨।୧୨:** ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ ଟେଷ୍ଟ ପୂର୍ବରୁ ଦକ୍ଷିଣ ଆଫ୍ରିକାକୁ ବଡ଼ ଝଟକା ଲାଗିଛି। ଦ୍ୱିତୀୟ ଟେଷ୍ଟରୁ ବାଦ ପଡ଼ିଛନ୍ତି ଦଳର ଷ୍ଟାର ଦ୍ରୁତ ବୋଲର ଗେରାଲ୍ଡ କୋଏଜି। କେବଳ ଶ୍ରୀଲଙ୍କା ନୁହେଁ, ଡିସେମ୍ବର ୧୦ରୁ ଜାନୁଆରୀ ୭ ଯାଏ ପାକିସ୍ତାନ ବିପକ୍ଷ ଟି-୨୦, ଦିନିକିଆ ଓ ଟେଷ୍ଟ ସିରିଜରେ ମଧ୍ୟ ସେ ନଜର ଆସିବେ ନାହିଁ। ଶ୍ରୀଲଙ୍କା ବିପକ୍ଷ ପ୍ରଥମ ଟେଷ୍ଟରେ କୋଏଜି ନଜର ଆସିଥିଲେ। ତେବେ ଏହି ମ୍ୟାଚ୍ ଅଧାରେ ସେ ଜଙ୍ଘ ଜନିତ ସମସ୍ୟାରେ ପଡ଼ିଥିଲେ। ପ୍ରଥମ ଟେଷ୍ଟର ୪ର୍ଥ ଦିନରେ କୋଏଜି ବୋଲିଂ କରୁଥିବା ବେଳେ ଅସହଜ ଅନୁଭବ କରିଥିଲେ। ଏହାପରେ ସେ ପଡ଼ିଆ ବାହାରକୁ ଯାଇଥିଲେ। ପରବର୍ତ୍ତୀ ଅବସ୍ଥାରେ ସ୍କାନ କରାଯାଇଥିଲା। ଏହି ସମୟରେ ଜଣାପଡ଼ିଛି ଯେ ତାଙ୍କ ଡାହାଣ ପଟ ଜଙ୍ଘର ଶୀରାରେ ସମସ୍ୟା ଦେଖାଯାଇଛି। ଏଥିରୁ ମୁକୁଳିବା ପାଇଁ ତାଙ୍କୁ ୪ରୁ ୬ ସପ୍ତାହ ସମୟ ଲାଗିଛି। ଏହାର ଅର୍ଥ ସେ ୬ ସପ୍ତାହ ଯାଏ କ୍ରିକେଟରୁ ଦୂରେଇ ରହିବେ। ଜାନୁଆରୀ ୯ରୁ ଦକ୍ଷିଣ ଆଫ୍ରିକା ଟି-୨୦ ଲିଗ ଆରମ୍ଭ ହେଉଛି। ଜୋବର୍ଗ ସୁପର କିଙ୍ଗସ ପକ୍ଷରୁ ଖେଳୁଥିବା କୋଏଜି ଏମଆଇ କେପ ଟାଉନ ବିପକ୍ଷ ଜାନୁଆର ୧୧ ମ୍ୟାଚ୍ ମଧ୍ୟ ଖେଳିବେ ନାହିଁ। କୋଏଜି ବାଦ ପଡ଼ିଥିବାରୁ ତାଙ୍କ ସ୍ଥାନରେ ଯୁବ ବୋଲର କ୍ୱେନା ଏଫାକାଙ୍କୁ ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ସିରିଜରେ ସାମିଲ କରାଯାଇଛି। ଡିସେମ୍ବର ୫ରୁ ଦ୍ୱିତୀୟ ଟେଷ୍ଟ ଆରମ୍ଭ ହେବ। ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜରେ ଦକ୍ଷିଣ ଆଫ୍ରିକା ୧-୦ରେ ଆଗରେ ରହିଛି।

# ୪୬ ବର୍ଷ ପୁରୁଣା ରେକର୍ଡ ଭାଙ୍ଗିଦେଲେ ୱେଷ୍ଟଇଣ୍ଡିଜ ବୋଲର୍ ଜାଡେନ ସିଲ୍ସ



**ନୂଆଦିଲ୍ଲୀ,୨।୧୨:** ୱେଷ୍ଟଇଣ୍ଡିଜ ଏବଂ ବାଂଲାଦେଶ ମଧ୍ୟରେ ଚାଲିଥିବା ଦୁଇ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜର ଶେଷ ମ୍ୟାଚ ଜାମାଇକର କିଙ୍ଗଷ୍ଟନ୍‌ରେ ଖେଳାଯାଉଛି। ଏହି ମ୍ୟାଚରେ ୱେଷ୍ଟଇଣ୍ଡିଜ ଦ୍ରୁତ ବୋଲର ଜାଡେନ ସିଲ୍ସ ଚମତ୍କାର ପ୍ରଦର୍ଶନ କରି ୪୬ ବର୍ଷର ରେକର୍ଡ ଭାଙ୍ଗିଛନ୍ତି। ଗତ ୪୬ ବର୍ଷ ମଧ୍ୟରେ ଟେଷ୍ଟ କ୍ରିକେଟ ଇତିହାସରେ ସବୁଠାରୁ ଇକୋନୋମିକାଲ୍ ସ୍ପେଲ୍ ପକାଇଛନ୍ତି। ସିଲ୍ସଙ୍କ ତୀକ୍ଷ୍ଣ ବୋଲିଂ ସାମ୍ନାରେ ବାଂଲାଦେଶୀ ବ୍ୟାଟ୍ସମ୍ୟାନ୍‌ମାନେ ୨୦୦ ରନ ମାର୍କ ମଧ୍ୟ ଅତିକ୍ରମ କରିପାରି ନ ଥିଲେ। ଏହି ମ୍ୟାଚରେ ବାଂଲାଦେଶ ଟସ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଛି। ଏହି ସମୟରେ ୱେଷ୍ଟଇଣ୍ଡିଜର ଜାଡେନ ସିଲ ମାତ୍ର ୫ ରନ ଖର୍ଚ୍ଚ କରି ୧୫.୫ ଓଭରରେ ୪ ଉଇକେଟ ନେଇଥିଲେ। ଜାଡେନ ଇନିଂସରେ ସର୍ବାଧିକ ଉଇକେଟ ନେଇଥିଲେ। ଏହି ଅବଧିରେ, ସେ ୦.୩୧ ଆଭ୍‌ରେଜ୍‌ରେ ରନ ଖର୍ଚ୍ଚ କରିଥିଲେ। ୧୫.୫ ଓଭରର ସ୍ପେଲ୍ ବୋଲିଂ କରି ଜାଡେନ ୧୦ ଓଭର ମେଡେନ୍ ବୋଲିଂ କରିଥିଲେ। ୧୯୭୮ ପରଠାରୁ ଟେଷ୍ଟ କ୍ରିକେଟରେ ଏହା ସବୁଠାରୁ ଇକୋନୋମିକାଲ୍ ସ୍ପେଲ୍ ଥିଲା।

୨୦୧୫ରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳାଯାଇଥିବା ଟେଷ୍ଟରେ ଭାରତୀୟ ଦଳର ତାରକା ଦ୍ରୁତ ବୋଲର ଉମେଶ ଯାଦବ ୨୧ ଓଭରରେ ମାତ୍ର ୯ ରନ ଦେଇ ୩ ଉଇକେଟ ନେଇଥିଲେ। ୦.୪୨ ଆଭ୍‌ରେଜ୍‌ରେ ଉମେଶ ତାଙ୍କ ସ୍ପେଲ୍‌ରେ ରନ ଖର୍ଚ୍ଚ କରିଥିଲେ। ବର୍ତ୍ତମାନ ସିଲ ଉମେଶଙ୍କ ରେକର୍ଡ ଭାଙ୍ଗିଛି।

# ଲାରାଙ୍କ ବିଶ୍ୱ ରେକର୍ଡକୁ ଭାଙ୍ଗିବେ କୋହଲି




**ଆଡିଲେଡ୍,୨।୧୨:** ପର୍ଥରେ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳାଯାଇଥିବା ବର୍ଡର-ଗାଭାସ୍କର ଟ୍ରଫିର ପ୍ରଥମ ଟେଷ୍ଟରେ ବିରାଟ କୋହଲି ଏକ ଚମତ୍କାର ଶତକ ହାସଲ କରିଥିଲେ। ସେ ୮ ଚୌକା ଏବଂ ୨ ଛକା ସହାୟତାରେ ୧୪୩ ବଲରେ ଅପରାଜିତ ୧୦୦ ରନର ଇନିଂସ ଖେଳିଥିଲେ। ଯଦି କୋହଲି ଆଡିଲେଡରେ ଖେଳାଯିବାକୁ ଥିବା ପିଙ୍କ୍ ବଲ ଡେ-ନାଇଟ ଟେଷ୍ଟରେ ୧୦୨ ରନ ସ୍କୋର କରନ୍ତି, ତେବେ ସେ ଏକ 'ବିଶ୍ୱ ରେକର୍ଡ' ସୃଷ୍ଟି କରିବେ ଏବଂ ପୂର୍ବତନ ୱେଷ୍ଟଇଣ୍ଡିଜ ବ୍ୟାଟ୍ସମ୍ୟାନ ବ୍ରାଏନ ଲାରାଙ୍କ ରେକର୍ଡ ଭାଙ୍ଗିବେ। ବର୍ତ୍ତମାନ ଆଡିଲେଡ ଓଭାଲରେ ସର୍ବାଧିକ ଟେଷ୍ଟ ରନ ସ୍କୋର କରିଥିବା କୋହଲି ହେଉଛନ୍ତି ତୃତୀୟ ବ୍ୟାଟ୍ସମ୍ୟାନ। କୋହଲି ଏପର୍ଯ୍ୟନ୍ତ ୫୦୯ ରନ ସଂଗ୍ରହ କରିଛନ୍ତି। ତାଲିକାର ଦ୍ୱିତୀୟ ନମ୍ବର ମହାନ ୱେଷ୍ଟଇଣ୍ଡିଜ ବ୍ୟାଟ୍ସମ୍ୟାନ ସାର୍ ଭିଭିଆନ ରିଚାର୍ଡସଙ୍କ ଦ୍ୱାରା ରହିଛି। ଏହି ଗ୍ରାଉଣ୍ଡରେ ଟେଷ୍ଟ କ୍ରିକେଟରେ ସାର୍ ଭିଭିଆନ ରିଚାର୍ଡସ ୫୫୨ ରନ ସଂଗ୍ରହ କରିଛନ୍ତି। ତା'ପରେ ବ୍ରାଏନ ଲାରା ଏକ ନମ୍ବରରେ ଅଛନ୍ତି। ଲାରା ୬୧୧ ରନ ସ୍କୋର କରିଛନ୍ତି। କୋହଲିଙ୍କୁ ଲାରାଙ୍କ ରେକର୍ଡ ଭାଙ୍ଗିବା ଏବଂ ଆଡିଲେଡରେ ଅଧିକାଂଶ ଟେଷ୍ଟ ରନ ସ୍କୋର କରିବାର ବିଶ୍ୱ ରେକର୍ଡ ନେବା ପାଇଁ ୧୦୨ ରନ ଆବଶ୍ୟକ। ଭିଭିଆନ ରିଚାର୍ଡସଙ୍କ ରେକର୍ଡ ଭାଙ୍ଗିବାକୁ କୋହଲିଙ୍କୁ ମାତ୍ର ୪୪ ରନ ଆବଶ୍ୟକ। ବର୍ତ୍ତମାନ ଦେଖିବା ମଜାଦାର ହେବ ଯେ, କୋହଲି ଆଡିଲେଡରେ ସର୍ବାଧିକ ଟେଷ୍ଟ ରନ ସ୍କୋର କରିବାର ରେକର୍ଡ ସୃଷ୍ଟି କରିବାରେ ସକ୍ଷମ କି ନୁହେଁ। ସୂଚନାଯୋଗ୍ୟ ଯେ ବିରାଟ କୋହଲି ଏପର୍ଯ୍ୟନ୍ତ ତାଙ୍କ କ୍ୟାରିୟରରେ ୧୧୯ଟି ଟେଷ୍ଟ ଖେଳିଛନ୍ତି। ଏହି ମ୍ୟାଚଗୁଡିକର ୨୦୩ ଇନିଂସରେ ସେ ହାରାହାରି ୪୮.୧୩ରେ ୯୧୪୫ରନ ସଂଗ୍ରହ କରିଛନ୍ତି। ଏହି ଅବଧି ମଧ୍ୟରେ ସେ ୩୦ ଶତକ ଏବଂ ୩୧ ଅର୍ଦ୍ଧଶତକ ହାସଲ କରିଛନ୍ତି, ଯେଉଁଥିରେ ଉଚ୍ଚ ସ୍କୋର ଅପରାଜିତ ୨୫୪ ରନ ଅଟେ। କୋହଲି ଜୁନ ୨୦୧୧ରେ କିଙ୍ଗଷ୍ଟୋନ୍‌ରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଟେଷ୍ଟ ଡେବ୍ୟୁ କରିଥିଲେ।

# ଇତିହାସ ରଚିଲେ ସୁମନ କୁମାର

## ୧୦ ୱିକେଟ ସହ ନେଲେ ହ୍ୟାଟ୍ରିକ୍

**ମୁମ୍ବାଇ, ୨।୧୨:** ଇତିହାସ ରଚିଛନ୍ତି ବିହାରର ବାମହାତୀ ସ୍ପିନ ବୋଲର ସୁମନ କୁମାର। ସେ କୁଚ ବେହାର ଟ୍ରଫିର ଇତିହାସରେ ପ୍ରଥମ ବୋଲର ଭାବେ ଗୋଟିଏ ଇନିଂସରେ ସମସ୍ତ ୧୦ ୱିକେଟ ନେଇଛନ୍ତି। ଏଥିସହ ସମାନ ଇନିଂସରେ ସେ ହ୍ୟାଟ୍ରିକ ୱିକେଟ ମଧ୍ୟ ଦଖଲ କରିଛନ୍ତି। ଟୁର୍ଣ୍ଣାମେଣ୍ଟ ଇତିହାସର ତୃତୀୟ ବୋଲରମାନେ ସେ ହ୍ୟାଟ୍ରିକ ନେବାର ବିରଳ ରେକର୍ଡ କ୍ଲବରେ ସାମିଲ ହୋଇଛନ୍ତି। କିନ୍ତୁ ୧୦ ୱିକେଟ ସହ ହ୍ୟାଟ୍ରିକ ପ୍ରଥମ ଘଟଣା। ରାଜସ୍ଥାନ ବିପକ୍ଷ ମ୍ୟାଚ୍‌ରେ ସୁମନ କୁମାରଙ୍କ ନାଁରେ ଏପରି କୀର୍ତ୍ତିମାନ ଯୋଡ଼ି ହୋଇଯାଇଛି।




କୁମାର ରାଜସ୍ଥାନ ବିପକ୍ଷରେ ୩୩.୫ ଓଭର ବୋଲିଂ କରି ୨୦ଟି ମେଡେନ ନେବା ସହ ୫୩ ରନ ଖର୍ଚ୍ଚ କରି ସମସ୍ତ ୧୦ ୱିକେଟ ନେଇଛନ୍ତି। ସେ ୧.୫୭ ହାରରେ ରନ ଦେଇଛନ୍ତି। ସେ ରାଜସ୍ଥାନର ମୋହିତ ଭଗନାନି, ଆନ୍ସ ଓ ସଚିନ ଶର୍ମାଙ୍କୁ ଇନିଂସର ୩୬ମ ଓଭରରେ ଆଉଟ କରି ହ୍ୟାଟ୍ରିକ ହାସଲ କରିଛନ୍ତି। ପାଟନାର ମୋଇନ ଉଲ ହକ ଷ୍ଟାଡିୟମରେ ସୁମନ କୁମାରଙ୍କ ପ୍ରଦର୍ଶନ ଯୋଗୁ ବିହାର ମଧ୍ୟ ନିଜର ଦବଦବା ଦେଖାଇଛି। ଅବଶ୍ୟ ମ୍ୟାଚ୍ ଡ୍ରରେ ଶେଷ ହୋଇଛି। କିନ୍ତୁ ପ୍ରଥମ ଇନିଂସରେ ଲିଡ୍ ଭିତ୍ତିରେ ବିହାର ୩ ପଏଣ୍ଟ ପାଇଥିବା ବେଳେ ରାଜସ୍ଥାନ କେବଳ ଗୋଟିଏ ପଏଣ୍ଟ ପାଇବାକୁ ସକ୍ଷମ ହୋଇଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ କରୁଥିବା ବିହାର ୧୪୩.୪ ଓଭରରେ ସମସ୍ତ ୱିକେଟ ହରାଇ ୪୬୭ ରନ କରିଥିଲା। ଦଳ ପକ୍ଷରୁ ଦୀପେଶ ଗୁପ୍ତା ଓ ପୃଥ୍ୱୀ ରାଜ ଶତକ ହାସଲ କରିଥିଲେ। ଦୀପେଶ ଶେଷ ଯାଏ ୩୮୧ ବଲରେ ୧୮୩ ରନ କରି ଅପରାଜିତ ରହିଥିଲେ। ଏହାପରେ ରାଜସ୍ଥାନ ବ୍ୟାଟରଙ୍କୁ ସୁମନ କୁମାର ଘାଇଲା କରିଥିଲେ। ଏକାକୀ ରାଜସ୍ଥାନର ସମସ୍ତଙ୍କ ବ୍ୟାଟରଙ୍କୁ ଆଉଟ କରି ବିହାରକୁ ୨୮୫ ରନର ଲିଡ ଭେଟି ଦେଇଥିଲେ।

ରାଜସ୍ଥାନ ଦ୍ୱିତୀୟ ଇନିଂସରେ କମବ୍ୟାକ କରିବା ସହ ପାର୍ଥ ଯାଦବଙ୍କ ଅପରାଜିତ ୨୦୦ ରନ ବଳରେ ୫ ୱିକେଟ ହରାଇ ୪୧୦ ରନ କରିଥିଲା। ହେଲେ ମ୍ୟାଚ୍ ଡ୍ର ରହିବାରୁ ବିହାର ୩ ପଏଣ୍ଟ ପାଇଛି। ସୁମନ କୁମାରଙ୍କ ପ୍ରଦର୍ଶନକୁ ଦେଖିଲେ ସେ କୁଚ ବେହାର ଟ୍ରଫିର ୪ଟି ମ୍ୟାଚ୍‌ରେ ୨୩ଟି ୱିକେଟ ନେଇସାରିଲେଣି। ତାଙ୍କ ଇକୋନୋମୀ ୧.୯୧ ରହିଛି। ବିହାର ତା'ର ପରବର୍ତ୍ତୀ ମ୍ୟାଚ୍‌ରେ ମହାରାଷ୍ଟ୍ରକୁ ଭେଟିବ। ଡିସେମ୍ବର ୬ରୁ ସମ୍ଭାଜୀନଗର ଗ୍ରାଉଣ୍ଡରେ ଏହି ମ୍ୟାଚ୍ ଆରମ୍ଭ ହେବ।

# ବିଶ୍ୱ ଟେଷ୍ଟ ଚାମ୍ପିୟନ୍‌ସିପ୍ ଫାଇନାଲରେ ଭାରତ ଖେଳିବା ସମ୍ଭାବନା ଅଧିକ



- ଭାରତକୁ ଫାଇନାଲ ଟିକେଟ ପାଇଁ ଇଂଲଣ୍ଡ ଓ ନ୍ୟୁଜିଲ୍ୟାଣ୍ଡ ସିରିଜ ୧-୧ରେ ଡ୍ର ରହିବା ଦରକାର
- ଦକ୍ଷିଣ ଆଫ୍ରିକା ବନାମ ଶ୍ରୀଲଙ୍କା ଓ ଦକ୍ଷିଣ ଆଫ୍ରିକା ବନାମ ପାକିସ୍ତାନ ସିରିଜ ମଧ୍ୟ ୧-୧ ରହିବା ଦରକାର
- ଶ୍ରୀଲଙ୍କା ବନାମ ଅଷ୍ଟ୍ରେଲିଆ ସିରିଜ ୦-୦ରେ ରହିଲେ ଭାରତ ଫାଇନାଲକୁ ଯାଇ ପାରିବ

**ନୂଆଦିଲ୍ଲୀ, ୨।୧୨:** ଆସନ୍ତା ବର୍ଷ ହେବାକୁ ଥିବା ବିଶ୍ୱ ଟେଷ୍ଟ ଚାମ୍ପିୟନ୍‌ଶିପ ଫାଇନାଲ ଟିକେଟ ପାଇଁ ଲଢ଼େଇ ଜୋରଦାର ଚାଲିଛି। ବର୍ତ୍ତମାନ ଚାଲିଥିବା ୪ଟି ଟେଷ୍ଟ ମଧ୍ୟରୁ ୩ଟିର ରେଜଲ୍ଟ ସମ୍ଭବତଃ ଆସନ୍ତାବର୍ଷ କେଉଁ ଦୁଇ ଟିମ ଲର୍ଡସରେ ଫାଇନାଲ ଖେଳିବେ, ତା'ର ଭାଗ୍ୟ ନିର୍ଦ୍ଧାରଣ କରିବ। ଭାରତ ଓ ଦକ୍ଷିଣ ଆଫ୍ରିକା ଆଗକୁ ବଢ଼ୁଥିବା ବେଳେ ନ୍ୟୁଜିଲ୍ୟାଣ୍ଡକୁ ଘରୋଇ ମାଟିରେ ଇଂଲଣ୍ଡ ଠାରୁ ଝଟକା ଲାଗିଛି। ପ୍ରଥମ ଟେଷ୍ଟରେ ନ୍ୟୁଜିଲ୍ୟାଣ୍ଡ ୮ ୱିକେଟରେ ଇଂଲଣ୍ଡ ଠାରୁ ହାରି ଯିବାରୁ ଦଳର ଫାଇନାଲ ଖେଳିବା ଆଶା ଆଶଙ୍କା ମଧ୍ୟକୁ ଠେଲି ହୋଇଯାଇଛି। ସେହିପରି ପ୍ରଥମ ଟେଷ୍ଟରେ ଶ୍ରୀଲଙ୍କାକୁ ହରାଇ ଦେଇଥିବା ଦକ୍ଷିଣ ଆଫ୍ରିକା ଏବେ ପଏଣ୍ଟ ଟେବୁଲର ଦ୍ୱିତୀୟ ପହଞ୍ଚି ଯାଇଛି। ବର୍ଡର-ଗାଭାସ୍କର ଟ୍ରଫିର ପ୍ରଥମ ମ୍ୟାଚ୍ ଜିତିବା ପରେ ଭାରତ ପ୍ରଥମ ସ୍ଥାନକୁ ଉଠିଥିବା ବେଳେ ପୂର୍ବରୁ ୨ନଂରେ ଥିବା ଅଷ୍ଟ୍ରେଲିଆ ତୃତୀୟ ସ୍ଥାନକୁ ଖସି ଯାଇଛି। ନ୍ୟୁଜିଲ୍ୟାଣ୍ଡ ଓ ଶ୍ରୀଲଙ୍କା ଯଥାକ୍ରମେ ୪ର୍ଥ ଓ ୫ମ ସ୍ଥାନରେ ରହିଛନ୍ତି। ଭାରତ ବିଜୟ ପ୍ରତିଶତ ପଏଣ୍ଟ ୬୧.୧୧ ରହିଥିବା ବେଳେ ୫୯.୨୬% ସହ ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଓ ଅଷ୍ଟ୍ରେଲିଆ ୫୭.୬୯% ସହ ତୃତୀୟରେ ରହିଛି। ଭାରତକୁ ଅନ୍ୟ କୌଣସି ଦଳ ଉପରେ ନିର୍ଭର ନ କରି ସିଧାସଳଖ ଫାଇନାଲ ଟିକେଟ ହାତେଇବାକୁ ହେଲେ ବର୍ଡର-ଗାଭାସ୍କର ଟ୍ରଫିକୁ ୫-୦, ୪-୦, ୪-୧ କିମ୍ବା ୩-୦ରେ ଜିତିବାକୁ ପଡ଼ିବ। ଯଦି ଅଷ୍ଟ୍ରେଲିଆକୁ ଭାରତ ୩-୦ରେ ହରାଇ ଦେଉଛି, ତା'ହେଲେ ବିଜୟ ପ୍ରତିଶତ ପଏଣ୍ଟ ୬୨.୨୮ ହୋଇଯିବ। କେବଳ ଦକ୍ଷିଣ ଆଫ୍ରିକା ଚାହିଁଲେ, ଏହାକୁ ଅତିକ୍ରମ କରିପାରିବ। ଭାରତୀୟ ଟିମ ଅଷ୍ଟ୍ରେଲିଆ ଠାରୁ ସିରିଜ ହାରିଲେ ମଧ୍ୟ ଫାଇନାଲକୁ ଯାଇପାରିବ। କିନ୍ତୁ ଏଥିପାଇଁ ଅନ୍ୟ ଦଳଗୁଡ଼ିକର ରେଜଲ୍ଟ ଉପରେ ନିର୍ଭର କରିବାକୁ ପଡ଼ିବ। ଯଦି ଭାରତୀୟ ଟିମ ୨-୩ରେ ସିରିଜ ହାରି ଯାଉଛି, ତା'ହେଲେ ପିସିଟି ୫୩.୫୧କୁ ଖସିଆସିବ। ଏପରି ସ୍ଥିତିରେ ଅଷ୍ଟ୍ରେଲିଆ ୧ନଂରେ ରହିବ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଟାର୍ଗେଟ୍..

ଦୁଇ ଦୁଇଥର ଆଳୁ ଶଙ୍କଟ କାହିଁକି ଦେଖାଦେଇଛି। କାହିଁକି ଆଳୁ ଦର ୧୮ ଟଙ୍କାରୁ ୪୦ ଟଙ୍କାରେ ପହଁଚିଛି। ଏହାକୁ ନେଇ ବିଭିନ୍ନ ମହଲରେ ଆଲୋଚନା ପର୍ଯ୍ୟାଲୋଚନା ଚାଲିଥିବା ବେଳେ ନବୀନ ପଟ୍ଟନାୟକଙ୍କ ଯୋଗୁ ଓଡିଶାରେ ଆଳୁ ଶଙ୍କଟ ଦେଖାଦେଇଛି ବୋଲି ଚର୍ଚ୍ଚା ହେଉଛି।

ସାଧାରଣ ଭାବେ ନଭେମ୍ବର ଶେଷ ଭାଗରୁ ଫେବୃଆରୀ ଶେଷ ଭାଗ ଏହି ତିନି ମାସରେ ପଶ୍ଚିମବଙ୍ଗ ଅନ୍ୟ ରାଜ୍ୟକୁ ଆଳୁ ରପ୍ତାନୀ ବନ୍ଦ କରିଥାଏ। କାରଣ ଫେବୃଆରୀ ଶେଷ ଭାଗରେ ନୂଆ ଆଳୁ ଉତ୍ପାଦନ ପର୍ଯ୍ୟନ୍ତ ପୁରୁଣା ଆଳୁ ରପ୍ତାନୀ ଉପରେ ପ୍ରତିବର୍ଷ ଏହି ସମୟରେ ପଶ୍ଚିମବଙ୍ଗରୁ ଆଳୁ ଆସିବା ପ୍ରଭାବିତ ହୋଇଥାଏ। ଏହାକୁ ଦୃଷ୍ଟିରେ ରଖି ବ୍ୟବସାୟୀମାନେ ଆଗୁଆ ଆଳୁ ଗଚ୍ଛିତ କରିଥାନ୍ତି। ରାଜ୍ୟ ସରକାର ସିନା ନୂଆ, କିନ୍ତୁ ବ୍ୟବସାୟୀମାନେ ତ ଏ ବ୍ୟବସ୍ଥା ବାବଦରେ ଅବଗତ। ତେଣୁ ସେମାନେ କାହିଁକି ଆବଶ୍ୟକ ସଂଖ୍ୟକ ଆଳୁ ଗଚ୍ଛିତ ରଖିଲେ ନାହିଁ। ଏବେ ରାଜ୍ୟ ସରକାର କଠଗଡାରେ ଛିଡା ହେବାରୁ ବ୍ୟବସାୟୀମାନ ସବୁ ଦୋଷ ସରକାରଙ୍କ ଉପରକୁ ଠେଲିଦେଉଛନ୍ତି। ତେଣୁ ଲାଗୁଛୁ କେଉଁଠି ନା କେଉଁଠି ବ୍ୟବସାୟୀମାନେ ମଧ୍ୟ ରାଜ୍ୟ ସରକାରଙ୍କୁ ବଦନାମ କରିବାକୁ ପୂର୍ବ ସରକାରର ହାତବାରିସୀ ସାଜିଛନ୍ତି। ଶୀତ ଦିନ ଆରମ୍ଭରୁ ରାଜ୍ୟରେ ଆଳୁ ଦର କେବେ ବି ୪୦ ଟଙ୍କା ଛୁଇଁନଥିଲା। କେବଳ ଦରଦାମକୁ ନେଇ ବିବାଦୀୟ ବିଜେପି ସରକାରକୁ ଅଧିକ ବଦନାମ କରିବାକୁ ଏହା ବ୍ୟବସାୟୀ ଓ ପୂର୍ବର ବିଜେଡି ସରକାର ଏକ ଚକ୍ରାନ୍ତ ବୋଲି ଚର୍ଚ୍ଚା ହେଉଛି। ସର୍ବୋପରି ରାଜ୍ୟରେ ୧୨ ପ୍ରତିଶତ ଅର୍ଥାତ ପ୍ରାୟ ୪୨ ଲକ୍ଷ ଲୋକ ମଧୁମେହ ରୋଗର ଶିକାର। ସହରାଞ୍ଚଳରେ ଏହି ରୋଗକୁ ନେଇ ଲୋକେ ଅଧିକ ସଚେତନ। ଆଳୁ ମଧୁମେହ ରୋଗର ମୁଖ୍ୟ କାରଣ ହୋଇଥିବାରୁ ରାଜ୍ୟର ଆର୍ଦ୍ଧାଧିକ ଲୋକ ଏବେ ଆଳୁ ଖାଉନାହାନ୍ତି। ଏପରିକ ହୋଟେଲଗୁଡିକରେ ମଧ୍ୟରେ ଆଳୁ ବଦଳରେ ଦେଶୀ ଆଳୁର ବ୍ୟବହାର ହେଉଛି। କେବଳ ଗ୍ରାମାଞ୍ଚଳର କିଛି ଲୋକ ଆଳୁ ଖାଉଛନ୍ତି। ତେଣୁ ଯେଉଁ ପରିବାର ଚାହିଦା କମିଯାଉଛି, ସେଇ ପରିବାକୁ ନେଇ ଏତେ ହଟଚମଟ କାହିଁକି?

### ବିଧାନସଭାରେ...

ଇଞ୍ଜିନ ଟାଣୁନାହିଁ କି ବୋଲି ପ୍ରଶ୍ନ କରିଛନ୍ତି। ଯୋଗାଣ ବିଭାଗ ନୁହେଁ ବରଂ ବ୍ୟବସାୟୀମାନେ ୩ଶହ ଟ୍ରକ ଆଳୁ ଆଣୁଛନ୍ତି । ସେତିକି ଆଳୁ ବି ରାଜ୍ୟବାସୀଙ୍କ ଚାହିଦା ମେଣ୍ଟାଇ ପାରିବନି। ତେଣୁ ମୁଖ୍ୟମନ୍ତ୍ରୀ ଆଳୁ ସଂକଟ ନେଇ ହସ୍ତକ୍ଷେପ କରିବାକୁ ବିଜେଡି ଦାବି କରିଛି। କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ବି ସରକାରଙ୍କୁ ସମାଲୋଚନା କରିଛନ୍ତି । ଅନ୍ୟପକ୍ଷରେ ଆଳୁ ସଂକଟ ପାଇଁ ପୂର୍ବ ସରକାରକୁ ଦାୟୀ କରିଛି ବିଜେପି ।

ପଶ୍ଚିମବଙ୍ଗ ଆଳୁ ରପ୍ତାନୀ ବନ୍ଦ କରିବା ପରେ ରାଜ୍ୟରେ ହୁହୁ ହୋଇ ବଢିଚାଲିଛି ଆଳୁଦର। ଆଳୁ ୩୦ଟଙ୍କାରେ ବିକ୍ରି ହେଉଥିବା ବେଳେ ଏବେ ହେଲାଣି ୫୦ଟଙ୍କା । ଯୋଗାଣ ବିଭାଗ ପକ୍ଷରୁ କୁହାଯାଉଛି ୪୦ଟଙ୍କାରୁ ଅଧିକରେ ବିକ୍ରି କଲେ କାର୍ଯ୍ୟାନୁଷ୍ଠାନ ନିଆଯିବ । ହେଲେ ବଦଳୁନି ସ୍ଥିତି । କେଉଁଠି ୫୦ ତ କେଉଁଠି ୬୦ରେ ବିକ୍ରି ହେଉଛି ଆଳୁ। ଯୋଗାଣ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ରେଟ ଚାର୍ଟ ଲଗାଇବାକୁ କୁହାଯାଇଛି । ସେପଟେ ୟୁପି ଆଳୁ ଆସିବାକୁ ୩ଦିନ ଲାଗୁଥିବାରୁ ବସ୍ତାରେ ୮ରୁ ୧୦କେଜି ପଚା ବାହାରୁଛି।

୩ମାସ ତଳେ ଅଗଷ୍ଟରେ ବି ଆଳୁ ସଂକଟ ଦେଖା ଦେଇଥିଲା । ପଶ୍ଚିମବଙ୍ଗ ଆଳୁ ଦେବା ବନ୍ଦ କରିବା ପରେ ପ୍ରଭାବିତ ହୋଇଥିଲେ ଓଡିଶା ଖାଉଟି । ଏଥର ପୁଣି ସମାନ ସଂକଟ ଫେରିଛି। ତଥାପି ସରକାରଙ୍କ ପକ୍ଷରୁ ତତ୍ପରତା ଦେଖିବାକୁ ମିଳୁନି। ନା ଆଳୁ କିଭଳି ଆସିବ ସେନେଇ ପଦକ୍ଷେପ ନିଆଯାଉଛି ନା କଳାବଜାରୀ ରୋକିବାକୁ ଉଦ୍ୟମ ହେଉଛି। ଆଳୁ ସଂକଟକୁ ରାଜ୍ୟ ସରକାର ହାଲୁକାରେ ନ ନେବା ଉଚିତ। କେମିତି ଦର କମ୍ କରିହେବ ସରକାର ପଦକ୍ଷେପ ନିଅନ୍ତୁ ବୋଲି ମତପ୍ରକାଶ ପାଇଛି।

### ପୋଲାଭରମ...

ସ୍ୱର ଉତ୍ତୋଳନ କଲାନାହିଁ। ଯେଉଁ ସମୟରେ ପୋଲାଭରମ ଡ୍ୟାମର ଉଚ୍ଚତା ବୃଦ୍ଧି କରାଗଲା ସେ ସମୟରେ ମଧ୍ୟ ବିଜେଡି ଚୁପ ରହିଲା। ନିଜସ୍ୱ ରାଜନୈତିକ ସ୍ୱାର୍ଥ ପାଇଁ କେବଳ କେନ୍ଦ୍ରୀୟ ଜଳ ଆୟୋଗରେ ଅପିଲ କରି ତତ୍କାଳୀନ ବିଜେଡି ସରକାର ନିଜକୁ ଦାୟିତ୍ୱମୁକ୍ତ କରିଦେଇଥିଲା। ପୋଲାଭରମ ପ୍ରକଳ୍ପ ଦ୍ୱାର ମାଲକାଲନଗିରିର ମୋଟୁ ଅଞ୍ଚଳର ପ୍ରାୟ ୭୦୦ ଏକର ଜଙ୍ଗଲ ଜମି ଜଳମଗ୍ନ ହେବ। ପ୍ରକଳ୍ପର ମୂଳ ନକ୍ସା ପରିବର୍ତ୍ତନ କରାଗଲା, ଆଉ ବିଜେଡି ଚୁପ ରହିଲା। ସରକାରରୁ ହଟିବା ପରେ ଏବେ ରାଜ୍ୟର ଆଦିବାସୀଙ୍କ ସ୍ୱାର୍ଥ କଥା ମନେ ପଡୁଛି ଏବଂ ଏଥିପାଇଁ ଆନ୍ଦୋଳନକୁ ଯିବାକୁ ତୟାରୀ କରୁଛି। କିନ୍ତୁ ଯେଉଁ ସମୟରେ ପ୍ରକଳ୍ପ ପାଇଁ ପ୍ରସ୍ତୁତି ଚାଲିଥିଲା ସେ ସମୟରେ କେତେବେଳେ ୟୁପିଏ ତ କେତେବେଳେ ଏନଡିଏ ସହ ସାଲିସ କରି ଚୁପ ରହିଥିଲା ବିଜେଡି। ବିଜେଡିର ଏହି ଦୋମୁହାଁ ରାଜନୀତି ପାଇଁ ଆଜି ବାଜିରେ ଲାଗିଛି ରାଜ୍ୟର ସ୍ୱାର୍ଥ। ପୋଲାଭରମ କାହିଁକି, ମହାନଦୀ ବିବାଦ ଠାରୁ ଆରମ୍ଭ କରି ଚିଟଫଣ୍ଡ ସ୍କାମ, କୋଇଲା ରୟାଲିଟି, ଦକ୍ଷୀଣତଟ ରେଳବାଇରେ ଓ୍ୱାଲଟିୟର ଡିଭିଜନର ମଶ୍ରଣ ଭଳି ପ୍ରସଙ୍ଗରେ ବିଜେଡିର ଆଭିମୁଖ୍ୟ ସରକାରରେ ଥିବା ବେଳେ ଯାହା ଥିଲା ବିରୋଧୀ ଆସନରେ ବସିବା ପରେ ବଦଳିଯାଇଛି।

ଯେଉଁଥିପାଇଁ ଏବେ ନବୀନଙ୍କ ରାଜ୍ୟ ସ୍ୱାର୍ଥ ସୁରକ୍ଷା ମନୋଭାକୁ ନେଇ ପ୍ରଶ୍ନ ଉଠୁଛି। ଏମିତି କିଛି ଘଟଣାବଳୀକୁ ନେଇ ଏବେ ବିରୋଧୀ କହୁଛନ୍ତି ନବୀନ ପଟ୍ଟନାୟକ କେନ୍ଦ୍ର ନିକଟରେ ଓଡିଶାର ସ୍ୱାର୍ଥକୁ ବିକି ଦେଇଥିଲେ। ଏବେ ନିଜର ରାଜନୈତିକ ସୁରକ୍ଷା ପାଇଁ ଆନ୍ଦୋଳନ କରୁଛନ୍ତି।

### ଏକାଠି...

ଏମାନଙ୍କ ଶକ୍ତି ବଢ଼ିଛି। କାରଣ ସେମାନଙ୍କୁ ବଳ ଦେଇଛନ୍ତି ଜଣେ ବିଧାୟକ। ଏକ ହତ୍ୟା ମାମଲାରେ ଏହି ବିଧାୟକଙ୍କୁ ଅତୀତରେ ଫସାଇ ଦିଆଯାଇଥିଲା। ଶୁଣିବାକୁ ମିଳୁଛି, ଏହି ବିଧାୟକ ହିଁ ହାଇଦ୍ରାବାଦର ଏକ ଫାର୍ମ ହାଉସରେ ସମସ୍ତଙ୍କ ରହିବା ବ୍ୟବସ୍ଥା କରିଛନ୍ତି।

ସେଠାରେ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାର କିଛି ଯୁବନେତା ଏମାନଙ୍କ ସହ ସାମିଲ ହେବାର ଯୋଜନା ରହିଛି। ସମସ୍ତେ ମିଶି ବିଜେଡିକୁ ପୁଣି କ୍ଷମତାକୁ ଆଣିବାକୁ ଆଲୋଚନା କରିବେ। ପୁରୁଣା ଭୁଲକୁ ସୁଧାରି ଦଳକୁ ପୁଣି ସଜାଡ଼ିବେ। ନେତାଏ ବୁଝିଛନ୍ତି, ଏଥର ଆଗେ ସଂଗଠନ ତା ପରେ ଯାଇ ସଲାମି। ଯଦି ଏପରି ହୁଏ, ତେବେ ବିଜେଡିରେ ଆଉ ଥରେ ଏକ ପିଢ଼ି ପରିବର୍ତ୍ତନର ଆଭାସ ସ୍ପଷ୍ଟ ଜଣାପଡୁଛି।..କେଉଁଠି ପତ୍ନୀଙ୍କୁ ଟିକେଟ୍। କେଉଁଠି ବିରୋଧୀଙ୍କୁ ଫଣ୍ଡିଂ। ଏମିତି କରି ଏମାନଙ୍କୁ ହରାଇବାକୁ ଦଳ ଭିତରୁ ରଚା ଯାଇଥିଲା ଚକ୍ରବ୍ୟୁହ। କେନ୍ଦ୍ରାପଡ଼ା ଲୋକସଭା ଆସନରେ ଅଂଶୁମାନଙ୍କୁ ହରାଇବାକୁ ତ ଦଳ ଅଣ୍ଟିରୁ ଟଙ୍କା କାଢ଼ି ନଥିଲା ଶେଷ ଯାଏ। ଏସବୁ ପଛରେ କିଏ, ତାହା ଧିରେ ଧିରେ ପଦାକୁ ଆସୁଥିଲା ବେଳେ ଯେଉଁମାନଙ୍କ ବାପା ବିଜୁ ବାବୁଙ୍କ ସହ କାମ କରୁଥିଲେ, ସେହି ଦାୟଦମାନେ ଏକାଠି ହେବା ବିଜେଡିରେ ଝଡ଼ ପୂର୍ବରୁ ନିରବତା ସୃଷ୍ଟି କରୁଥିବା ଚର୍ଚ୍ଚା ଜୋର ଧରିଛି।

### ଦେବୀଙ୍କ ...

ଚାପରେ ଏଭଳି କରିଛନ୍ତି। ତେବେ ବଡମ୍ବାରେ ଗଡ଼ବଡ କିନ୍ତୁ ବିଜେଡି ମୁଣ୍ଡିଆଳଙ୍କ ମୁଣ୍ଡକୁ ଗୋଲ କରିଦେଇଛି। କାରଣ ଦେବୀଙ୍କୁ ଆଗରେ ରଖି ବିଜେଡି ଯେଉଁ ଗେମ୍ ଖେଳୁଥିଲା ତାହା ଫେଲ୍ ମାରିଛି। ଏବେ କର୍ମୀଙ୍କୁ ବାର୍ତ୍ତା ଯାଇଛି ଯେ ଟିଏ ନିଜ ଗଡ଼ ରକ୍ଷା କରିନପାରୁଛି ସିଏ ସାରା ରାଜ୍ୟରେ ଦଳକୁ କ'ଣ ରକ୍ଷା କରିବ। ଏଥିରେ ବେଶି ଚିନ୍ତିତ ହୋଇ ପଡ଼ିଛନ୍ତି ପରଦା ପଛରେ ରହି ଗୋଟି ଚଳାଉଥିବା ସନ୍ୟାସୀ।

କାରଣ ନିର୍ବାଚନ ପରେ ସନ୍ୟାସୀଙ୍କ ଏକାନ୍ତ ଅନୁଗତ ତାଲିକାର ପ୍ରଥମ ସ୍ଥାନରେ ଦେବୀ ମିଶ୍ର ରହିଥିବା ନେଇ ଚର୍ଚ୍ଚା ହେଉଥିଲା। ବଡମ୍ବା ବିଜୟ ଦ୍ୱାରା ବିଜେପି କିନ୍ତୁ ଡବଲ ଲାଭ ପାଇଛି। ଗୋଟିଏ ପଟେ ବଡମ୍ବାକୁ ଅକ୍ତିଆର କରିଥିବାବେଳେ ଅନ୍ୟ ବଳ ଗୋଟାଉଥିବା ବିଜେଡିକୁ ବ୍ରେକ୍ ଦେଇଛି। କାରଣ ଦେବୀଙ୍କ ଭରସାରେ ବହୁ ବିଜେଡିନେତା ଦଳରେ ରହି କାର୍ଯ୍ୟ କରୁଥିଲେ। ଏବେ ସେମାନେ କେତେଦୂର ଦୁର୍ବଳ ଦେବୀଙ୍କ ନିକଟରେ ରହିବେ ତାହା ବଡ ପ୍ରଶ୍ନ। ସେହିଭଳି ବଡମ୍ବା କାଣ୍ଡ ପରେ ବିଜେଡିରେ ଦେବୀ କେତେ ପାୱାରଫୁଲ ହୋଇ ରହିବେ ଓ ସନ୍ୟାସୀ ତାଙ୍କ ଉପରେ ଭରସା କରିବେ ତାହା ଆଗାମୀ ସମୟ ହିଁ କହିବ।

### ଜାପାନରେ ...

ଟ୍ରାଭେଲ ପୁରସ୍କାର ପ୍ରଦାନ କରାଯାଇଥିଲା। ଭାରତରୁ ଜଣେ ମାତ୍ର ଗବେଷକ ଛାତ୍ର ଭାବେ ସେଠାରେ ସେ ଅଂଶଗ୍ରହଣ କରିଥିଲେ। ଅନିରୁଦ୍ଧ ଏବେ ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟର ସମାଜ ବିଜ୍ଞାନ ବିଭାଗରେ ପିଏଚଡି କରୁଛନ୍ତି।

ଏହି ସଫଳତାକୁ ନେଇ ଜିଲାର ବିଭିନ୍ନ ମହଲରୁ ତାଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିଛି।

ଅନିରୁଦ୍ଧ କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଚିଚୈଗୁଡା ପଞ୍ଚାୟତ ନୂଆଗୁଡା ଗ୍ରାମର ପଦ୍ମକେଶରୀ ନାଏକଙ୍କ ପୁଅ।

### ଇଞ୍ଜିନିୟରିଂ...

ଟଙ୍କା କିନ୍ତୁ ଆଉ କଲେଜକୁ ଫେରିଲା ନାହିଁ। ଜମି ବେପାର ପାଇଁ ଏହି ଶିକ୍ଷାନୁଷ୍ଠାନ ଏକ ଢାଲ ଥିଲା ବୋଲି କମିଟି କହିଛି।

ନାଗରିକ କମିଟି ଦର୍ଶାଇଛି ଯେ ପୂର୍ବର ବିଜେଡି ସରକାରରେ ପ୍ରଫୁଲ ସାମଲ ଓ ତାଙ୍କ ପୁଅ ପ୍ରୟାଶକାନ୍ତିଙ୍କର ପ୍ରଧାନ୍ୟ ଥିବାରୁ କଲେଜକୁ ହାତକୁ ନେବା କ୍ଷେତ୍ରରେ ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଥିଲେ। ଆଶା କରାଯାଉଥିଲା ଯେ ନୂଆ ସରକାର ଆସିବା ପରେ ଏହି ଇଞ୍ଜିନିୟରିଂ କଲେଜ ସରକାରୀ ମାନ୍ୟତା ପାଇବ। ଇତି ମଧ୍ୟରେ ନୂଆ ସରକାର ଗଠନକୁ ୬ମାସ ପୂରିବାକୁ ଯାଉଥିବାବେଳେ ସରକାରୀ ସ୍ତରର ସେଭଳି କୌଣସି ପଦକ୍ଷେପ ନିଆଯାଉନାହିଁ। ବରଂ ଇଞ୍ଜିନିୟରିଂ କଲେଜର ଅନିୟମିତତା ନେଇ ଯେଉଁମାନେ ମାମଲା ରୁଜୁ କରିଥିଲେ ମାମଲା ପ୍ରତ୍ୟାହାର ପାଇଁ ସେମାନଙ୍କ ଉପରେ ସରକାରୀ କଳ ଚାପ ପକାଇବାରେ ଲାଗିଛନ୍ତି।

ଇଞ୍ଜିନିୟରିଂ କଲେଜରେ ଅନିୟମିତତା ନେଇ କିଛି ଦିନ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଚଢଉ ହୋଇଥିଲା। ରାଜ୍ୟ ସରକାର ଏହା ଜାଣିଥିଲେ ମଧ୍ୟ ନିର୍ବାଚନକୁ ଦୃଷ୍ଟିରେ ରଖି ସେଭଳି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲେ। ତେବେ ନୂଆ ସରକାର ଆସିବାପରେ କାର୍ଯ୍ୟାନୁଷ୍ଠାନ ନେଇ ସମସ୍ତେ ଆଶା କରିଥିଲେ। ହେଲେ ସେହି ଆଶା ମଉଳିବାରେ ଲାଗିଛି। ସବୁଆଡୁ ନିରାଶ ହେବାପରେ ଏବେ ଭଦ୍ରକ ନାଗରିକ କମିଟି ଇଞ୍ଜିନିୟରିଂ କଲେଜକୁ ସରକାର ହାତକୁ ନେବା ଦାବି ବିଧାନସଭା ଆଗରେ ଅନିର୍ଦ୍ଦିଷ୍ଟ ଧାରଣା ପାଇଁ ଘୋଷଣା କରିଛି।

## ତ୍ରିଲୋଚନପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ

**କଣାସ, ୨।୧୨ (ସଂଚାର ବ୍ୟୁରୋ) :** କେନ୍ଦ୍ର ଓ ରାଜ୍ୟ ସରକାର ପ୍ରାଥମିକ ଶିକ୍ଷାର ପ୍ରଗତି ପାଇଁ ବିଭିନ୍ନ ଯୋଜନା ମାଧ୍ୟମରେ କୋଟିକୋଟି ଟଙ୍କା ଖର୍ଚ୍ଚକରି କୋମଳମତୀ ଛାତ୍ରଛାତ୍ରୀମାନଙ୍କୁ ବିଦ୍ୟାଳୟକୁ ଆସିବା ପାଇଁ ମାଗଣାରେ ମାଧ୍ୟାହ୍ନଭୋଜନ, ପାଠ୍ୟ ଉପକରଣ, ପୋଷାକପତ୍ର, ଖେଳଉପକରଣ ଯୋଗାଇ ଦେଉଥିବା ବେଳେ କଣାସ ବ୍ଲକ ତ୍ରିଲୋଚନପୁର ଗ୍ରାମପଞ୍ଚାୟତର ତ୍ରିଲୋଚନପୁର ଗ୍ରାମରେ ପ୍ରତିଷ୍ଠିତ ସର୍ବପୁରାତନ ତ୍ରିଲୋଚନପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବ ଯୋଗୁଁ ଶିକ୍ଷାବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଜଣାପଡ଼ିଛି।




ଖବର ନେବାରେ ଜଣାପଡ଼ିଛି ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୮ଟି ଶ୍ରେଣୀରେ ୧୭୧ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ୮ଟି ଶ୍ରେଣୀ ପାଇଁ ମାତ୍ର ୪ଜଣ ଶିକ୍ଷକ ଶିକ୍ଷୟିତ୍ରୀ ନିଯୁକ୍ତି ପାଇଛନ୍ତି। ପ୍ରଧାନ ଶିକ୍ଷୟିତ୍ରୀ ପଦବୀ ଦୀର୍ଘଦିନ ହେଲା ଖାଲିପଡ଼ିଥିବାରୁ ସହକାରୀ ଶିକ୍ଷୟିତ୍ରୀ ପ୍ରଧାନଶିକ୍ଷକ କାର୍ଯ୍ୟ ତୁଲାଉଛନ୍ତି।ଗ୍ରାମବାସୀମାନେ ଶିକ୍ଷକ ନିଯୁକ୍ତି ପାଇଁ କଣାସ ବ୍ଲକ ଶିକ୍ଷା ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ବାରମ୍ବାର ନିବେଦନ କରି ବିଫଳ ହେବାପରେ ଜିଲ୍ଲା ଅଧିକାରୀ ଏବଂ କଣାସ ବ୍ଲକ ଶିକ୍ଷାଧିକାରୀଙ୍କୁ ଏକ ପତ୍ର ଲେଖିଛନ୍ତି ଯଦି ୮ଦିନ ମଧ୍ୟରେ ଶିକ୍ଷକ ନିଯୁକ୍ତି ଦିଆ ନ ଯାଏ ବିଦ୍ୟାଳୟରେ ତାଲା ପକାଇ ବିଦ୍ୟାଳୟ ସମ୍ମୁଖରେ ଧାରଣାରେ ବସି ରହିବେ।

### ୫ଟି କାମରେ ମିଥ୍ୟା ବିଲ୍‌କୁ ନେଇ
## ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ

**ନାଉଗାଁ, ୨।୧୨ (ସଂଚାର ବ୍ୟୁରୋ) :** ନାଉଗାଁ ବ୍ଲକ ଅନ୍ତର୍ଗତ ଜାମୁଗାଁ ପଞ୍ଚାୟତରେ ୫-ଟି କାର୍ଯ୍ୟରେ ହୋଇଥିବା ମିଥ୍ୟା ବିଲକୁ ନେଇ ଗ୍ରାମବାସୀମାନେ ନାଉଗାଁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସିଥିବା ଦେଖିବାକୁ ମିଳିଛି। ଗ୍ରାମବାସୀମାନଙ୍କ ପୂର୍ବ ଅଭିଯୋଗ ଅନୁସାରେ ଉକ୍ତ ପଞ୍ଚାୟତ ନନ୍ଦିଗ୍ରାମରେ ଥିବା ନନ୍ଦକେଶ୍ୱର ମହାଦେବଙ୍କ ପୀଠକୁ ୫-ଟି ଯୋଜନାରେ ଉନ୍ନତିକରଣ ନିମନ୍ତେ ୪ ଲକ୍ଷ ଟଙ୍କାର ଅନୁଦାନ ଯୋଗାଇ ଦିଆଯାଇଥିଲା। କିନ୍ତୁ ସେଠାରେ ମନ୍ଦିରର କୌଣସି ଉନ୍ନତିକରଣ କାର୍ଯ୍ୟ କରାଯାଇନଥିବା ବେଳେ କାର୍ଯ୍ୟାଦେଶ ପାଇଥିବା ଗ୍ରାମର କିଛି ବ୍ୟକ୍ତି ପଞ୍ଚାୟତ ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କୁ ହାତକରି ମନ୍ଦିରର ପୁରୁଣା କାମରେ କେବଳ ରଙ୍ଗ ବୋଳି ମିଥ୍ୟା ବିଲ୍ କରାଇ ଉକ୍ତ ଟଙ୍କାକୁ ହଡପ କରାଯାଇଥିବା ଅଭିଯୋଗରେ ଗ୍ରାମବାସୀଙ୍କ ପକ୍ଷରୁ ପୂର୍ବରୁ ଦୁଇଦୁଇ ଥର ନାଉଗାଁ ବ୍ଲକ ମଣ୍ଡଳ ଉନ୍ନୟନ ଅଧିକାରୀ ଓ ଜିଲ୍ଲାପାଳଙ୍କୁ ଦାବିପତ୍ର ଦିଆଯାଇଥିଲା। କିନ୍ତୁ ଏହି ଘଟଣାରେ କୌଣସି ସୁଫଳ ନମିଳିବାରୁ ନ୍ୟାୟ ପ୍ରଦାନ ଦାବିରେ ଆଜି ଗ୍ରାମବାସୀମାନେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସିଛନ୍ତି।



ଅନ୍ୟପଟେ ନାଉଗାଁ ବିଡ଼ିଓ ଧାରଣା ସ୍ଥଳରେ ପହଁଚି ଗ୍ରାମବାସୀମାନଙ୍କୁ ବୁଝାସୁଝା କରିବା ସହିତ ଏହି ମିଥ୍ୟା ବିଲର ତଦନ୍ତ ରିପୋର୍ଟ ଦାଖଲ କରାଯାଇଛି ବୋଲି କହିଥିଲେ ବି ଏହା ସଠିକ୍ ତଦନ୍ତ ନୁହେଁ କହି ଗ୍ରାମବାସୀ ଏହି ତଦନ୍ତକୁ ପ୍ରତ୍ୟାଖ୍ୟାନ କରିବା ସହିତ ପୁନର୍ବାର ସରପଞ୍ଚ ଓ ଗ୍ରାମବାସୀଙ୍କ ଉପସ୍ଥିତରେ ପୁନର୍ବାର ତଦନ୍ତ କରାଯିବା ପାଇଁ ଅଡି ବସିଥିଲେ। ଯାହାକୁ ନେଇ ବିଡ଼ିଓ ଧାରଣାକାରୀଙ୍କ କଥାରେ ସହମତ ହୋଇ ଘଟଣାର ପୁନର୍ବାର ତଦନ୍ତ ପାଇଁ ପ୍ରତିଶୃତି ଦେବା ପରେ ଗ୍ରାମବାସୀ ମାନେ ଧାରଣାରୁ ଓହରିଥିବା ଦେଖିବାକୁ ମିଳିଛି।

## ଆରଡ଼ା ସରପଞ୍ଚଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ



**ନୟାଗଡ଼, ୨।୧୨ (ସଂଚାର ବ୍ୟୁରୋ) :** ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ଅନ୍ତର୍ଗତ ଆରଡ଼ା ପଞ୍ଚାୟତ ସରପଞ୍ଚଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଆସିଛି । ଆଜି ନାଏବ ସରପଞ୍ଚ ସୁନୀତା ସାହୁଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ପଞ୍ଚାୟତ ନିର୍ବାଚନ ପରଠାରୁ ଜନହିତକର କାର୍ଯ୍ୟ ହୋଇପାରୁନଥିବା, ବିକାଶରେ ବାଧା ଉପୁଜୁଥିବା ନେଇ ଆଲୋଚନା ହୋଇଥିଲା । ସ୍ଥାନୀୟ ସରପଞ୍ଚସାରଦା ଦୋରାଙ୍କୁ ଏଥିପାଇଁ ଦାୟି କରାଯାଇଥିଲା। ସଭ୍ୟ ସଭ୍ୟାମାନେ ତାଙ୍କ ବିରୁଦ୍ଧରେ ଅନସ୍ଥା ପାଇଁ ପ୍ରସ୍ତାବ ଦେଇଥିଲେ । ଏନେଇ ଗ୍ରାମ ପଞ୍ଚାୟତ ଆଇନ ଅନୁସାରେ କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ୱାର୍ଡ଼ ସଭ୍ୟସଭ୍ୟାମାନେ ଆଜି ଅପରାହ୍ନରେ ଉପ-ଜିଲ୍ଲାପାଳ କର୍ଣ୍ଣଦେବ ସମାଦାରଙ୍କୁ ଭେଟି ଲିଖିତ ଭାବେ ଜଣାଇଛନ୍ତି । ସରପଞ୍ଚଙ୍କ ବିରୁଦ୍ଧରେ ଅନସ୍ଥା ପାଇଁ ବ୍ୟବସ୍ଥା ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି। ସରପଞ୍ଚଙ୍କ ନାମରେ ଅନାସ୍ଥା ଅଭିଯୋଗ ଆସିଛି, ଏହାର ତଦନ୍ତ କରାଯାଇ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି ।

### ଶ୍ମଶାନ ଜମିରେ ପାଣିଟାଙ୍କି ନିର୍ମାଣ
## ସରପଞ୍ଚଙ୍କ ବିରୁଦ୍ଧରେ ଜିଲ୍ଲାପାଳଙ୍କୁ ଫେରାଦ




**ନୟାଗଡ଼, ୨।୧୨ (ସଂଚାର ବ୍ୟୁରୋ) :** ନୟାଗଡ଼ ଜିଲ୍ଲା ଅନ୍ତର୍ଗତ ଓଡ଼ଗାଁ ବ୍ଲକ ଗୋଲଗାଁ ହରିଜନସାହି ସ୍ମଶାନ ଜମିରେ ପାଣିଟାଙ୍କି ନିର୍ମାଣ କରାଯାଉଥିବା ବେଳେ ସ୍ମଶାନ ପାଇଁ ଜମି ଯୋଗାଇ ଦିଆଯାଉନାହିଁ । ସ୍ଥାନୀୟ ସରପଞ୍ଚଙ୍କ ମନମୁଖୀ କାର୍ଯ୍ୟ ଏବଂ ଦୁର୍ବ୍ୟବହାରକୁ ନେଇ ଆଜି ଅସବର୍ଣ୍ଣ ପରିବାରମାନେ ଜିଲ୍ଲାପାଳଙ୍କୁ ଫେରାଦ ହୋଇ ଅଭିଯୋଗ କରିଛନ୍ତି । ୩୦ ପରିବାରର ୧୫୦ରୁ ଉର୍ଦ୍ଧ୍ୱ ଅସବର୍ଣ୍ଣ ଲୋକ ସେଠାରେ ବସବାସ କରୁଛନ୍ତି । ସେମାନେ ସ୍ମଶାନ ଜମିରେ ପାଣିଟାଙ୍କି ନିର୍ମାଣକୁ ବିରୋଧ କରିଥିଲେ । ଯାହାକୁ ନେଇ ସ୍ଥାନୀୟ ସରପଞ୍ଚଙ୍କୁ ଅଭିଯୋଗ କରିବାରେ ନୂଆ ସ୍ଥାନ ଯୋଗାଇ ଦେବାକୁ ପ୍ରତିଶୃତି ଦେଇଥିଲେ । ଏବେ ପାଣି ଟାଙ୍କି ନିକଟରେ ଥିବା ଅନ୍ୟ ଏକ ଜାଗାରେ ସ୍ମଶାନ ନିର୍ମାଣ କରିବାକୁ କହିବାରୁ ମନା କରଯାଉଛି । ଯାହା ଫଳରେ ଆମେ ଶବ ସତ୍କାର କରିବା ପାଇଁ ହଇରାଣ ହେଉଛୁ ବୋଲି ଅଭିଯୋଗ କରିଛନ୍ତି ହରିଜନସାହି ବାସିନ୍ଦା । ଏନେଇ ସେମାନେ ଜିଲ୍ଲାପାଳଙ୍କୁ ଆଜି ଲିଖିତ ଅଭିଯୋଗ କରିଛନ୍ତି ।

### ଶିଶିଲୋ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ
## ପରିଚାଳନା ପରିଷଦକୁ ଉପେକ୍ଷା

**ଅଭିଯୋଗ ସତ୍ତ୍ୱେ ହେଉନି କାର୍ଯ୍ୟାନୁଷ୍ଠାନ**

**ବଢୁଛି ଅଭିଭାବକ ମହଲରେ ଅସନ୍ତୋଷ**

**ବାଲିଅନ୍ତା, ୨।୧୨ (ସଂଚାର ବ୍ୟୁରୋ):** ବାଲିଅନ୍ତା ବ୍ଲକ ଅଧୀନ ଶିଶିଲୋ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ପରିଚାଳନା ପରିଷଦକୁ ଉପେକ୍ଷା କରି ଦାୟିତ୍ୱରେ ଥିବା ଶିକ୍ଷକ ସ୍କୁଲର ସମସ୍ତ କାର୍ଯ୍ୟ ପରିଚାଳନା କରିବା ପ୍ରସଙ୍ଗକୁ ନେଇ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ସରକାରୀ ନିୟମାନୁସାରେ ଉପ ଜିଲ୍ଲାପାଳ ଭୁବନେଶ୍ୱର ଚିଠି ସଂଖ୍ୟା ୧୮୦୪ - ତା ୧୪/୦୨/୨୦୨୨ ରିଖରେ ସ୍କୁଲ ପରିଚାଳନା କମିଟି ଗଠନ କରାଯାଇଥିଲା । ମାତ୍ର କମିଟି ସଭାପତି ଏବଂ ଅନ୍ୟ କାର୍ଯ୍ୟକର୍ତ୍ତାଙ୍କୁ ଉପେକ୍ଷା କରି ବିଭିନ୍ନ ବେଆଇନ କାର୍ଯ୍ୟ ସମ୍ପାଦନ କରାଯାଇଥିବା ସୂଚନା ଅଧିକାର ଆଇନ ଅନୁସାରେ ହସ୍ତଗତ ହୋଇଥିବା ତଥ୍ୟରୁ ଜଣାଯାଇଛି । ଏମିତିକି କମିଟି ସଭାପତି ଏବଂ ଅନ୍ୟ ସଦସ୍ୟମାନଙ୍କ ଦସ୍ତଖତ ମଧ୍ୟ ନକଲ କରାଯାଇଥିବା ଅଭିଯୋଗ ହୋଇଛି ।

ପରିଚାଳନା ପରିଷଦ କାର୍ଯ୍ୟକର୍ତ୍ତାମାନଙ୍କ ନକଲି ଦସ୍ତଖତ ବଳରେ ଶିକ୍ଷକମାନଙ୍କ ବାର୍ଷିକ ଇନକ୍ରିମେଣ୍ଟ ବୃଦ୍ଧି କରାଯାଇଛି। ଭାରାପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ସମେତ ଅନ୍ୟ କିଛି ଶିକ୍ଷକ ବିଦ୍ୟାଳୟକୁ ଅଧିକାଂଶ ବେଳ ଠିକ ସମୟରେ ନଆସିବା ଏବଂ ପାଠ ପଢାଇବାରେ ଅବହେଳା କରୁଥିବା ନେଇ ଅଭିଭାବକ ମହଲରେ ଅଭିଯୋଗ ହୋଇ ଆସୁଥିଲା । ପରିଚାଳନା କମିଟି ସଦସ୍ୟମାନେ ପ୍ରତିବାଦ କରିବାରୁ ପରିଚାଳନା କମିଟି ନାହିଁ ବୋଲି ଦର୍ଶାଯାଇଛି । ଏପରିକି ୨୦୨୪ ମସିହାର ଶିକ୍ଷକ ଓ କର୍ମଚାରୀମାନଙ୍କ ବାର୍ଷିକ ଇନକ୍ରିମେଣ୍ଟ ଅର୍ଥ ମଞ୍ଜୁରୀ କରାଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିକଟରେ ନକଲି ଦସ୍ତଖତ ସମ୍ବଳିତ କାଗଜପତ୍ର ଦାଖଲ କରି ବର୍ଦ୍ଧିତ ଦରମା ନିଆଯାଉଛି। ପରିଚାଳନା କମିଟିର ସଭାପତି ସୋମନାଥ ସ୍ୱାଇଁ ଏ ସମ୍ପର୍କରେ ସୂଚନା ଓ ଅଧିକାର ଆଇନ୍ ବଳରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରୁ ଏସମ୍ପର୍କିତ ତଥ୍ୟ ହାସଲ କରିବା ପରେ ଘଟଣା ପଦାକୁ ଆସିଛି ।

ସୂଚନା ମୁତାବକ ଗୋଟିଏ ଜାଲ୍ ରିଜୋଲ୍ୟୁସନ୍ କରାଯାଇ ସଭାପତି, ସରପଞ୍ଚ, ସମିତି ସଭ୍ୟ ଓ ଅନ୍ୟ ନିର୍ବାଚିତ ସଦସ୍ୟମାନଙ୍କ ନାମରେ ଜାଲ୍ ଦସ୍ତଖତ କରାଯାଇଛି । ଏହାର ବିଧିବଦ୍ଧ ତଦନ୍ତ ପାଇଁ ଗଣ ଶିକ୍ଷା ମନ୍ତ୍ରୀ, ଓଡ଼ିଶା, ଗଣଶିକ୍ଷା ସଚିବ, ଜିଲ୍ଲାପାଳ ଖୋର୍ଦ୍ଧାଙ୍କ ସମେତ ଖୋର୍ଦ୍ଧା ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିକଟରେ ଅଭିଯୋଗ କରାଯାଇଛି । ବିଧିବଦ୍ଧ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଇ ଦାବି ହେଉଛି ।

## ମରଣଯନ୍ତା ପାଲଟିଛି ସିମୁଳିଆ ହାଟ ରାସ୍ତା



**ବାଲିଆପାଳ, ୨।୧୨ (ସଂଚାର ବ୍ୟୁରୋ):** ମରାମତି ଅଭାବରୁ ବଡ଼ସିମୁଳିଆ ଛକରୁ ସିମୁଳିଆ ହାଟ ପର୍ଯ୍ୟନ୍ତ ପ୍ରାୟ ଦେଢ଼ କି.ମି. ରାସ୍ତା ଶୋଚନୀୟ ହୋଇପଡ଼ିଛି । ଲୋକେ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗୁଛନ୍ତି । ସ୍ଥାନୀୟ ଲୋକେ ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ କେହି କର୍ଣ୍ଣପାତ କରି ନ ଥିବା ଅଭିଯୋଗ ହୋଇଛି।

ମରାମତି ଅଭାବରୁ ରାସ୍ତାରୁ କଂକ୍ରିଟ ଉଠିଯାଇ ବଡ଼ ବଡ଼ ଗର୍ଭ ସୃଷ୍ଟି ହୋଇଛି। ଏହି ରାସ୍ତା ମଧୁପୁରା ପଞ୍ଚାୟତ ଅଫିସ୍ ସହିତ ସିମୁଳିଆ ସାପ୍ତାହିକ ହାଟ, ଦୈନଦିନ ବଜାର କୁ ସଂଯୋଗ କରୁଛି । ସବୁଠୁ ବଡ଼ କଥା ହେଲା ଉକ୍ତ ରାସ୍ତାଦେଇ ଗଲେ ମଧୁପୁରା ସେବା ସମ ସମବାୟ ସମିତି, ସରକାରୀ ବିଦ୍ୟାଳୟ, ବିଇଓ ଅଫିସ ପଡୁଥିବାରୁ ସ୍କୁଲ ପିଲା ଏବଂ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରତ୍ୟେକ ଦିନ ଘଣ୍ଟୁଆ, ନିଖରା, କୁମ୍ଭାରି ଦେଭୋଗ ପଞ୍ଚାୟତ ସହିତ ବହୁ ଅଞ୍ଚଳର ୨୦/୩୦ ଗ୍ରାମରୁ ଚାଷୀମାନେ ହାଟକୁ ପନି ପରିବା ବିକ୍ରି ପାଇଁ ଆସିଥାନ୍ତି । ଚାରିଚକିଆ ଗାଡି କିମ୍ବା ମୋଟର ସାଇକେଲ ହେଉ ବାରମ୍ବାର ଦୁର୍ଘଟଣା ମଧ୍ୟ ଘଟୁଛି। ରାସ୍ତାର ମରାମତି ପାଇଁ ସ୍ଥାନୀୟ ବାସିନ୍ଦା ଙ୍କ ସହିତ ଜନ ସାଧାରଣ ଦାବି କରିଛନ୍ତି ।

## ଜୟଦେବ ହେଲ୍‌ଥ କେୟାରରେ ମାଗଣା ସ୍ୱାସ୍ଥ୍ୟ ଶିବିର



**ବାଲିଅନ୍ତା, ୨।୧୨ (ସଂଚାର ବ୍ୟୁରୋ):** ବାଲିଅନ୍ତା ବ୍ଲକ ବେଣ୍ଟପୁର ସ୍ଥିତ ଜୟଦେବ ହେଲଥକେୟାର ପରିସରରେ ଆଜି ଏକ ମାଗଣା ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଦନ୍ତ, ଅସ୍ଥିଶଲ୍ୟ, ବହୁମୁତ୍ର ଏବଂ ଅନ୍ୟାନ୍ୟ ରୋଗର ୯୨ ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣା ଔଷଧପତ୍ର ବଣ୍ଟନ କରାଯାଇଥିଲା। ଏହି ଅବସରରେ ଆୟୋଜିତ ସଚେତନତା ଶିବିରରେ ଏମଏସଏମଇର ଓଡ଼ିଶା ରାଜ୍ୟ ଉପ ସଭାପତି ସତ୍ୟପ୍ରିୟ ବେହେରା , ଧର୍ମେଶ ପଣ୍ଡା ଓ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ନାଥ ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏଭଳି କାର୍ଯ୍ୟକ୍ରମକୁ ଉଚ୍ଚ ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜୟଦେବ ହେଲଥକେୟାର ଏମଡ଼ି ଦନ୍ତରୋଗ ବିଶେଷଜ୍ଞ ଡାକ୍ତର ତାପସ ରଞ୍ଜନ ଦାଶ ଓ ଅସ୍ଥିଶଲ୍ୟ ବିଭାଗ ଡାକ୍ତର ସିଦ୍ଧାର୍ଥ ପ୍ରଧାନ,ସିଓ ଡାକ୍ତର ଆରତୀ ବିଶ୍ୱାଳ ପ୍ରମୁଖ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ବଣ୍ଟନ କରିଥିଲେ। ସ୍ୱାସ୍ଥ୍ୟକର୍ମୀ ସୋନାଲୀ ନାୟକଙ୍କ ସମେତ ଫାର୍ମାସିଷ୍ଟ ସତ୍ୟବ୍ରତ ନାୟକ, ଗୀତାଞ୍ଜଳୀ ପଟ୍ଟନାୟକ, କୃଷ୍ଣପ୍ରିୟା ଦାଶଙ୍କ ସମେତ ଅନ୍ୟ ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ମଞ୍ଚରେ ଜିଅନ୍ତା ଘୁଷୁରି ଖାଇବା ଓ ସାପ ଖେଳାଇବା ଘଟଣାରେ ୨ ଗିରଫ

**ବ୍ରହ୍ମପୁର, ୨।୧୨ (ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲ୍ଲା ହିଂଜିଳି ନିକଟ ଏକ ଗାଁର ନାଟକ ମଞ୍ଚରେ ଘୁଷୁରିକୁ ଜୀଅନ୍ତ ଖାଇବା ଓ ମଞ୍ଚରେ ବିଷଧର ସାପ ଖେଳାଇବା ଘଟଣାରେ ୨ ଜଣଙ୍କୁ ଗିରଫ କରାଯାଇଛି। ହିଞ୍ଜିଳି ଥାନା ରାଳବ ଗାଁରେ ଷ୍ଟେଜ୍ ଉପରେ ଘୁଷୁରିକୁ ଜୀଅନ୍ତା ଖାଇବା ଘଟଣାରେ ଜଣେ କଳାକାରକୁ ପୋଲିସ୍ ବାନ୍ଧିଛି। ରାକ୍ଷସ ଭୂମିକାରେ ଅଭିନୟ କରିଥିବା କଳାକାର ବିମ୍ବାଧର ଗୌଡଙ୍କୁ ହିଂଜିଳି ପୋଲିସ୍ ଗିରଫ କରିଛି।



ସୂଚନା ଅନୁଯାୟୀ, ଗଞ୍ଜାମ ଜିଲ୍ଲା ହିଂଜିଳି ଥାନା ରାଳବ ଗ୍ରାମରେ ଗତ ୨୬ ତାରିଖରେ ରାମାୟଣ ନାଟକ ପରିବେଷଣ କରାଯାଇଥିଲା। ଏଥିରେ ମଞ୍ଚ ଉପରେ ଜୀଅନ୍ତା ଘୁଷୁରିକୁ ଝୁଣି ଝୁଣି କଳାକାର ଖାଇଥିବା ଦେଖାଦେଇଥିଲା। ଏହାର ଭିଡ଼ିଓ ମଧ୍ୟ ସାମାଜିକ ଗଣମାଧ୍ୟମରେ ବେଶ ଭାଇରଲ ହୋଇଥିଲା। ଏହି ଘଟଣାରେ ହିଂଜିଳି ପୋଲିସ ପୁରୁଷୋତ୍ତମପୁର ଅଞ୍ଚଳର ବିମ୍ବାଧର ଗୌଡଙ୍କୁ ସୋମବାର ଗିରଫ କରି କୋର୍ଟ ଚାଲାଣ କରିଛି । ଖବର ପ୍ରକାରେ, ନାଟକକୁ ଆହୁରି ଜୀବନ୍ତ କରିବାକୁ ଯାଇ ଏହି କଳାକାର ଜଣକ ନୃଶଂସତାର ସୀମା ଟପି ଯାଇଥିଲେ। ପ୍ରତିପକ୍ଷ ସାହିର ନାଟକ ଠାରୁ ନିଜ ରାମାୟଣ ନାଟକକୁ ଅଧିକ ଜୀବନ୍ତ କରିବାକୁ ଯାଇ ଜୀଓ୍ୱଦୟା ଓ ପ୍ରାଣୀ ସୁରକ୍ଷା ଆଇନକୁ ଭୁଲି କଳାକାରମାନେ ଖୋଲା ମଞ୍ଚରେ ଘୁଷୁରିକୁ ଜିଆନ୍ତା ଖାଇଦେବାର ଦୃଶ୍ୟ ଉପସ୍ଥିତ ଦର୍ଶକଙ୍କୁ ହତବାକ୍ କରିଥିଲା।

ସେହିପରି ବିଷ ଧର ସାପକୁ ମଧ୍ୟ ମଞ୍ଚରେ ଖେଳାଯାଇଥିଲା। ଏନେଇ ପିସିସିଏଫ ୱାଇଲଡ଼ ଲାଇଫ୍ ନିକଟରେ ଅଭିଯୋଗ ହୋଇଥିବା ବେଳେ ନାରାୟଣ ସ୍ୱାଇଁ ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଥିବା ଜଣାପଡ଼ିଛି। ଏସବୁର ଭିଡ଼ିଓ ସୋସିଆଲ ମିଡିଆରେ ଘୁରି ବୁଲିବା ପରେ ଏହାକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା।

## ଓଟିଏମ୍ ଶ୍ରମିକଙ୍କ ଥଇଥାନ ଓ ନିଯୁକ୍ତି ଦାବି

**ଟାଙ୍ଗୀ-ଚୌଦ୍ୱାର, ୨।୧୨ (ସଂଚାର ବ୍ୟୁରୋ):** ବନ୍ଦ ପଡ଼ିଥିବା ଚୌଦ୍ୱାରସ୍ଥିତ ଓଟିଏମ୍ ଲୁଗାକଳ ଭିତ୍ତିଭୂମି ଉପରେ ଏକ କୃଷିଭିତ୍ତିକ ସରକାରୀ କାରଖାନା ପ୍ରତିଷ୍ଠା, ଓଟିଏମ୍ ଜମିରେ ଥିବା ଓଟିଏମ୍. କଲୋନୀ ଓ ଏଥି ସଂଲଗ୍ନ ଦୁର୍ଗାବଜାର, ଜୟନ୍ତୀ ନଗର, ବ୍ୟାଘ୍ରବାହିନୀ ନଗର, ମଠସାହି, ତ୍ରିନାଥ ନଗର, ଗୋପାଳନଗର ଆଦି ବସ୍ତି ସମେତ ବ୍ୟବସାୟୀଙ୍କ ଥଇଥାନ, ଓଟିଏମ୍‌ର କ୍ଷତିଗ୍ରସ୍ତ ଶ୍ରମିକ-କର୍ମଚାରୀଙ୍କ ପରିବାରରୁ ଯୋଗ୍ୟତା ଆଧାରରେ ନୂତନ ପ୍ରକଳ୍ପରେ ନିଯୁକ୍ତି ପାଇଁ ଓଟିଏମ୍ ଶ୍ରମିକ ପରିବାର ଯୁବକ ସଂଘ ପକ୍ଷରୁ ଦାବି କରାଯାଇଛି।



ଶ୍ରମିକ ପରିବାର ଯୁବକ ସଂଘର ସାମ୍ବାଦିକ ସମ୍ମିଳନୀ

ଏହି ଉପଲକ୍ଷେ ଶ୍ରମିକ ପରିବାର ଯୁବକ ସଂଘ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆ ଯାଇଛିଯେ ଓଟିଏମ୍ ଜମି ଉପରେ ରହିଥିବା ଐତିହାସିକପୀଠ ବିରାଟଗାଦି, ଓଟିଏମ୍ ହାଇସ୍କୁଲ, ବିଭିନ୍ନ ବିଦ୍ୟାଳୟ ସହିତ ମଠ, ମନ୍ଦିର, ପୁଷ୍କରଣୀ, ଚୌଦ୍ୱାର ଥାନା, ବ୍ୟାୟାମ ବିଦ୍ୟାଳୟ, କ୍ଲବ୍, ସାମାଜିକ ଅନୁଷ୍ଠାନ, ଓଟିଏମ୍ କଲୋନୀ, ବସ୍ତି, ବ୍ୟବସାୟ ପ୍ରତିଷ୍ଠାନ ରହିଛି। ଭବିଷ୍ୟତରେ ଏସବୁର ସ୍ଥାୟିତ୍ୱ ଓ ଏଥିସହିତ ପ୍ରସ୍ତାବିତ ନୂତନ ପ୍ରକଳ୍ପରେ କ୍ଷତିଗ୍ରସ୍ତ ଶ୍ରମିକ-କର୍ମଚାରୀ ତଥା ସ୍ଥାନୀୟ ନିଯୁକ୍ତିକୁ କେଉଁ ଅନୁପାତରେ ପ୍ରଦାନ କରାଯିବ ତାହା ସୂଚନା ଦେବା ପାଇଁ ସଂଘ ତରଫରୁ ଦାବି କରାଯାଇଛି। ଚୌଦ୍ୱାରରେ ଶିଳ୍ପାୟନ ସ୍ୱାଗତଯୋଗ୍ୟ ହୋଇଥିବା ବେଳେ ଓଟିଏମ୍ ଜମିରେ ପ୍ରସ୍ତାବିତ ନୂତନ ପ୍ରକଳ୍ପ ମଧ୍ୟରେ ହୋଇଥିବା ଦ୍ୱିପାକ୍ଷିକ ଚୁକ୍ତି (ଏମ୍‌ଓୟୁ) ସମ୍ବନ୍ଧରେ ରାଜ୍ୟ ସରକାର ଗ୍ରାମସଭା ଦ୍ୱାରା ଜନଶୁଣାଣି କରିବା ପାଇଁ ମଧ୍ୟ ସଂଘ ଦାବି କରିଛି।

ଏଠାରେ ଶିଳ୍ପ ପ୍ରତିଷ୍ଠା ପାଇଁ ଯଦି ରହିଥିବା ସମସ୍ତପ୍ରକାର ବିଧିବ୍ୟବସ୍ଥା ନ କରାଯାଏ ତେବେ ଆଗାମୀ ଦିନରେ ଗଣତାନ୍ତ୍ରିକ ଉପାୟରେ ଏହାର ତୀବ୍ର ବିରୋଧ କରାଯିବ ବୋଲି ସଂଘର ସଭାପତି କୈଳାସ ଚନ୍ଦ୍ର ସାହାଣୀ, କାଉନସିଲର ଦିଲ୍ଲୀପ ସାହୁ, ସୁବ୍ରତ କୁମାର ସାମଲ, ବିଜୟଲକ୍ଷ୍ମୀ ବେହେରା, ଭ୍ରମରବର ନାୟକ, ରମାକାନ୍ତ ପରିଡ଼ା ପ୍ରମୁଖ ଖବରଦାତା ସମ୍ମିଳନୀରେ ଚେତାବନୀ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଓଟିଏମ୍‌ର ବହୁ ସଂଖ୍ୟକ ବୁଦ୍ଧିଜୀବୀ, ଶ୍ରମିକ, ବସ୍ତିବାସିନ୍ଦା ଓ ବ୍ୟବସାୟୀ ଉପସ୍ଥିତ ଥିଲେ।

## ଶକ୍ତି ସଂରକ୍ଷଣ ଉପରେ କୁଇଜ୍ ପ୍ରତିଯୋଗିତା

**ବୋରିଗୁମ୍ମା, ୨।୧୨ (ସଂଚାର ବ୍ୟୁରୋ):** ବୋରିଗୁମ୍ମା ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକ ସ୍ତରୀୟ ଶକ୍ତି ସଂରକ୍ଷଣ ଉପରେ କ୍ୟୁଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।ଓଡିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ପାଣିପାଗ ବିଭାଗ ପକ୍ଷରୁ ଆୟୋଜିତ ଶକ୍ତି ସଂରକ୍ଷଣ ପ୍ରତିଯୋଗିତାରେ ବ୍ଲକ ର ୨୩ ଗୋଟି ଉଚ୍ଚ ବିଦ୍ୟାଳୟ ର ପ୍ରାୟ ୨୧୪ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ।ବୋରିଗୁମ୍ମା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟାନନ୍ଦ ପଟ୍ଟନାୟକଙ୍କ ପ୍ରତକ୍ଷ ତତ୍ୱାବଧାନରେ କ୍ୟୁଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ତରାଭଟା ଓଡିଶା ଆଦର୍ଶ ବିଦ୍ୟାଳୟର ଛାତ୍ର ଅଭିଳାଷ ଶତପଥୀ କ୍ୟୁଜ ପ୍ରତିଯୋଗିତାରେ ପ୍ରଥମ ହୋଇଥିବା ବେଳେ ବିଜାପୁର ଉଚ୍ଚ ବିଦ୍ୟାଳୟ ର ଛାତ୍ରୀ ସ୍ୱପ୍ନା ମହାନ୍ତି ଦ୍ୱିତୀୟ, ବୋରିଗୁମ୍ମା ଉଚ୍ଚ ବିଦ୍ୟାଳୟ ର ଛାତ୍ର ସତପ୍ରକାଶ ଦତ୍ତ ତୃତୀୟ ସ୍ଥାନ ଅଧିକାର କରିଛନ୍ତି।କୃତି ଛାତ୍ରଛାତ୍ରୀ ମାନଙ୍କୁ ପ୍ରମାଣ ପତ୍ର ସହ ପୁରସ୍କାର ସ୍ୱରୂପ ଅର୍ଥ ପ୍ରଦାନ କରିଥିଲେ। କୃତି ତିନି ଛାତ୍ରଛାତ୍ରୀ ଜିଲ୍ଲା ସ୍ତରୀୟ ଶକ୍ତି ସଂରକ୍ଷଣ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ ବୋଲି ପ୍ରଧାନ ଶିକ୍ଷକ ଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି। ପ୍ରକାଶ ଥାଉକି ଡିସେମ୍ବର ୧୪ ତାରିଖ କୁ ସାରା ଦେଶରେ ଶକ୍ତି ସଂରକ୍ଷଣ ଦିବସ ଭାବେ ପାଳନ କରାଯାଉଛି।




### ଏମକେସିଜି ମେଡିକାଲରେ ରାଗିଂ
## ଅଭିଯୋଗ ମିଥ୍ୟା: ଡିନ୍

**ବ୍ରହ୍ମପୁର, ୨।୧୨ (ସଂଚାର ବ୍ୟୁରୋ):** ବ୍ରହ୍ମପୁର ଏମକେସିଜିରେ ରାଗିଂ ଅଭିଯୋଗ ପରେ ସୋମବାର ଆଣ୍ଟି ରାଗିଂ ସେଲର ବୈଠକ ଅନୁଷ୍ଠିତ ହୋଇଥିଲା। ଦୀର୍ଘ ଦୁଇ ଘଣ୍ଟା ଧରି ଚାଲିଥିବା ଏହି ଆଣ୍ଟି ରାଗିଂ କମିଟିର ବୈଠକରେ ରାଗିଂର ଶୀକାର ହୋଇଥିବା ଛାତ୍ରୀ ଓ ରାଗିଂ କରିଥିବା ଛାତ୍ରଛାତ୍ରୀଙ୍କୁ ନେଇ ଆଲୋଚନା ହୋଇଥିଲା। ତେବେ ରାଗିଂକୁ ନେଇ ହୋଇଥିବା ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ବୋଲି ବୈଠକରେ କୁହାଯାଇଛି । ରାଗିଂର ଶୀକାର ହୋଇଥିବା ଛାତ୍ରୀଙ୍କ ବାପା ଅଭିଯୋଗକାରୀ ନୁହଁନ୍ତି । ମିଥ୍ୟାରେ ଶିକ୍ଷାନୁଷ୍ଠାନକୁ ବଦନାମ କରିବା ପାଇଁ କେହି ଦୁର୍ବୃତ୍ତ ଏଭଳି ରାଗିଂ ଅଭିଯୋଗ ଆଣିଛନ୍ତି । ଯେଉଁ ମେଲ୍ ଯୋଗେ ରାଗିଂ ଅଭିଯୋଗ ଆସିଛି ତାହାର ତଦନ୍ତ କରାଯିବ। ଏମକେସିଜି ମେଡିକାଲ କଲେଜ ପକ୍ଷରୁ ଏନେଇ ସାଇବର ଥାନାରେ ଅଭିଯୋଗ କରାଯିବ । ବୈଠକ ଶେଷ ହେବା ପରେ ଏନେଇ ବ୍ରହ୍ମପୁର ଏମକେସିଜି ମେଡିକାଲ କଲେଜ ଡିନ୍ ଡ଼ା ସୁଚିତ୍ରା ଦାସ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ପ୍ରଥମ ବର୍ଷର ଛାତ୍ରଙ୍କୁ ଦ୍ୱିତୀୟ ବର୍ଷର କିଛି ଛାତ୍ର ରାଗିଂ କରୁଥିବା ଅଭିଯୋଗ ଆସିଥିଲା। ଏନେଇ ଏମକେସିଜି ଆଣ୍ଟି ରାଗିଂ ସେଲରେ ଅଭିଯୋଗ ଜୁନିୟର୍ ଛାତ୍ର ଅଭିଯୋଗ କରିଥିବା ଜଣାପଡିଥିଲା। ପରେ ରାଗିଂର ଶିକାର ହୋଇଥିବା ଛାତ୍ରଙ୍କ ଅଭିଭାବକ ଏନେଇ ଏମକେସିଜି ଡିନ୍ ଙ୍କୁ ଚିଠି ଲେଖି ଅଭିଯୋଗ କରିଥିବା ସୂଚନା ମିଳିଥିଲା। ତେବେ ଏଥିରେ କୌଣସି ସତ୍ୟତା ନଥିବା ବୈଠକରୁ ସ୍ପଷ୍ଟ ହୋଇଛି।

### ଉଦଳା ମହୋତ୍ସବ ଧୁମୁସା-୨୦୨୪
## ପ୍ରସ୍ତୁତି ବୈଠକ

**ଉଦଳା, ୨।୧୨ (ସଂଚାର ବ୍ୟୁରୋ):** ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଉଦଳା ମହୋତ୍ସବ ଧୁମୁସା-୨୦୨୪ ପାଳନ ପରିପ୍ରେକ୍ଷୀରେ ଉପଜିଲ୍ଲାପାଳ, କପ୍ତିପଦା, ଉଦଳା ସୁଶାନ୍ତ କୁମାର ବାରିକଙ୍କ ସଭାପତିତ୍ୱରେ ସନ୍ଧାନ ଗୃହ ଉଦଳା ଠାରେ ସୋମବାର ଦିବା ୧୧ ଘଟିକା ସମୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ପ୍ରସ୍ତୁତି ବୈଠକରେ ମୁଖ୍ୟ ଅତିଥି ଭାବେ ଉଦଳାର ମାନ୍ୟବର ବିଧାୟକ ଭାସ୍କର ମଢ଼େଇ ଯୋଗ ଦେଇଥିବାବେଳେ ଅନ୍ୟାନ୍ୟ ଅତିଥି ଭାବେ ଏନ୍.ଏ.ସି. ଅଧ୍ୟକ୍ଷା ପ୍ରମିଳା ପଣ୍ଡା, ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ, ପ୍ରକଳ୍ପ ପ୍ରଶାସକ ଆଇଟିଡ଼ିଏ, ନରେନ୍ଦ୍ର ଖମାରୀ, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଦୋଳମଣି ଭୋଇ ପ୍ରମୁଖ ମଞ୍ଚାସୀନ ଥିଲେ । ତତ୍‌ସହିତ ବିଭିନ୍ନ ବ୍ଲକ୍‌ର ଅଧ୍ୟକ୍ଷ. ଅଧ୍ୟକ୍ଷା, କପ୍ତିପଦା ଉପଖଣ୍ଡର ବିଭିନ୍ନ ବିଭାଗୀୟ ଅଧିକାରୀ, ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟକ୍ଷ,ଅଧ୍ୟକ୍ଷା, ମହୋତ୍ସବ ସାଧାରଣ ପରିଷଦର ସଦସ୍ୟ, ସଦସ୍ୟା, ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ ଏବଂ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧିଙ୍କ ଉପସ୍ଥିତିରେ ସ୍ଥାନ ଓ ତାରିଖ ନିର୍ଦ୍ଧାରଣ, କୋର କମିଟି ଗଠନ, ଅତିଥି ଓ ସାଂସ୍କୃତିକ ଦଳ ଯୋଗାଯୋଗ, ପ୍ରଦର୍ଶନୀ ଷ୍ଟଲ, ସାଂସ୍କୃତିକ କାର୍ଯ୍ୟକ୍ରମ, ମଞ୍ଚସଜ୍ଜା, ସ୍ମରଣିକା ପ୍ରକାଶନ, ପ୍ରତିଭା ସମ୍ମାନ ଆଦି ବିଭିନ୍ନ ବିଷୟ ଉପରେ ଆଲୋଚନା କରାଯାଇଥିଲା। ଚଳିତ ବର୍ଷ ମହୋତ୍ସବ ଡ଼ିସେମ୍ବର ୨୬ ତାରିଖ ଠାରୁ ୨୯ ତାରିଖ ପର୍ଯ୍ୟନ୍ତ ୪ ଦିନ ଧରି ମହାଆଡ଼ମ୍ବରରେ ପାଳିତ ହେବାକୁ ନିଷ୍ପତ୍ତି ନିଆଯାଇଛି।




## ଆଲୁମିନିୟମ୍ ବୋଝେଇ ଟ୍ରକ୍ ଉଦ୍ଧାର

**ବିନା ସିଜର ଜିମାରେ ମାଲିକକୁ ହସ୍ତାନ୍ତର, ସନ୍ଦେହ ଘେରରେ ପୋଲିସ**

**ବାଲିଚନ୍ଦ୍ରପୁର, ୨।୧୨ (ସଂଚାର ବ୍ୟୁରୋ):** ଚଣ୍ଡିଖୋଲ-ପାରାଦ୍ୱୀପ ୫୩ ନମ୍ବର ଜାତୀୟ ରାଜପଥ ପତରାଜପୁର ତୋଶାଳିପ୍ଲାଜା ସମ୍ମୁଖ ପାର୍କିଂରୁ ସୋମବାର ସକାଳ ପ୍ରାୟ ୧୦ଟା ସମୟ ହେବ ଏକ ୧୬ ଚକିଆ ଆଲୁମିନିୟମ ଖଣ୍ଡ ବୋଝେଇ ଟ୍ରକ୍‌କୁ ବାଲିଚନ୍ଦ୍ରପୁର ପୋଲିସ ଜବତ କରିଥିଲା। ସନ୍ଧ୍ୟା ସମୟରେ ଉକ୍ତ ଗାଡ଼ିର ମାଲିକ ଟ୍ରକ୍‌ଟିକୁ ବାଲିଚନ୍ଦ୍ରପୁର ପୋଲିସ ଠାରୁ ନିଜ ଜିମାରେ ନେଇଥିବା ଜଣାପଡ଼ିଛି।

ଘଟଣାରୁ ପ୍ରକାଶ (ଓ ଡ଼ି ୧୯ ଏନ୍ ୩୫୬୮) ନମ୍ବର ବିଶିଷ୍ଟ ଏକ ଟ୍ରକ୍‌ରେ ଅନୁଗୁଳସ୍ଥିତ ନାଲୋକ ପ୍ଲାଣ୍ଟରୁ ଆଲୁମିନିୟମ ଖଣ୍ଡ ବୋଝେଇ କରି ରାୟପୁର ଅଭିମୁଖେ ଯିବାର ଥିଲା। ମାତ୍ର ଉକ୍ତ ଟ୍ରକ୍‌ଟି ସେ ଦିଗରେ ନଯାଇ କଟକ ମଙ୍ଗୁଳି ଛକ ଦେଇ ଜଗତପୁର-କେନ୍ଦ୍ରାପଡ଼ା ରୁଟରେ ଆସି ପତରାଜପୁର ଛକ ତୋଶାଳିପ୍ଲାଜା ପାର୍କିଂରେ ଅଟକି ରହିଥିଲା। ଗାଡ଼ିର ମାଲିକ ଧିରେନ୍ଦ୍ର କୁମାର ସାହୁ ଗାଡ଼ିରେ ଲଗାଇଥିବା ଜି.ପି.ଏସକୁ ଟ୍ରାକ କରି ଗାଡ଼ିର ସନ୍ଧାନ ଲଗାଇଥିଲେ। ଗାଡ଼ିକୁ ଠାବ କରିବା ପରେ ଉକ୍ତ ଗାଡ଼ିର ନମ୍ବର ପ୍ଲେଟରେ ଅନ୍ୟ ଏକ ନମ୍ବର (ଓ ଡ଼ି ୩୫ ଡ଼ି ୧୬୮୯) ହଳଦିଆ ରଙ୍ଗର ଜରିପଟିରେ ଲଗାଯାଇଥିବା ଦେଖିବାକୁ ପାଇଥିଲେ। ଗାଡ଼ିଟକୁ ଲକ୍ କରିଦେଇ ଡ୍ରାଇଭର ଫେରାର ହୋଇଯାଇଥିଲା। ଅନ୍ୟ ପଟେ ଉକ୍ତ ଗାଡ଼ିଟିକୁ ଠାବ କରିଥିବା ଲୋକେ ବାଲିଚନ୍ଦ୍ରପୁର ପୋଲିସକୁ ଜିମା ଦେଇଥିଲେ। ମାଲିକ ଧିରେନ ସାହୁ ଘଟଣାସ୍ଥଳରେ ପହଞ୍ଚି ପୋଲିସ ସହ ଯୋଗାଯୋଗ କରି ଉକ୍ତ ଗାଡ଼ିଟିକୁ ନେଇଯାଇଥିବା ପୋଲିସ ସୂତ୍ରରୁ ପ୍ରକାଶ।

ଏଠାରେ ପ୍ରଶ୍ନ ଉଠେ ଯେତେବେଳେ ଚୋରି ହୋଇଥିବା ଗାଡ଼ି ପୋଲିସ ଜବତ କଲା ପରେ ସିଜର ଜିମା କାଗଜପତ୍ର କରି ଦିଆଯାଇଥାଏ। ମାତ୍ର ବାଲିଚନ୍ଦ୍ରପୁର ଥାନା ପକ୍ଷରୁ ତାହା କରାନଯାଇ ବିନା ତଦନ୍ତରେ ଲକ୍ଷ ଲକ୍ଷ ଟଙ୍କାର ଚୋରି ସାମଗ୍ରୀକୁ କିପରି ସିଧାସଳଖ ଭାବେ ମାଲିକୁ ହସ୍ତାନ୍ତର କରାଗଲା ସେଥିନେଇ ପୋଲିସର ଭୂମିକା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।



ଅପରପକ୍ଷେ ବାଲିଚନ୍ଦ୍ରପୁର ଥାନାଧିକାରୀ ସମରଜିତ୍ ନାୟକଙ୍କୁ ଘଟଣା ସମ୍ପର୍କରେ ପଚାରିବାରେ ସେ କହନ୍ତି ଗତ କାଲି ରାତିରେ ଗାଡ଼ିର ମାଲିକ ଅନୁଗୁଳ ସଦର ଥାନାରେ ରିପୋର୍ଟ କରିଥିଲେ। ସେଥିପାଇଁ ଅନୁଗୁଳ ପୋଲିସ ସହ ଫୋନରେ ଯୋଗାଯୋଗ କରି ମାଲିକକୁ ହସ୍ତାନ୍ତର କରିଦେଇଛି। ତେବେ ଅନୁଗୁଳରେ ଯେଉଁ ରିପୋର୍ଟ କରାଯାଇଥିଲା ତାହାର କେଶ ନଂ କେତେ ବୋଲି ପଚାରିବାରେ ମୋତେ ଜଣାନାହିଁ ବୋଲି ଶ୍ରୀ ନାୟକ ସୂଚନା ଦେଇଛନ୍ତି।

# ଆଳୁ ଗୋଦାମରେ ଯୋଗାଣ ବିଭାଗର ଚଢ଼ଉ



- ରେଟ୍ ଚାର୍ଟ ମାରିବାକୁ ନିର୍ଦ୍ଦେଶ
- ୪୦ ଟଙ୍କାରୁ ଅଧିକ ବିକିଲେ କାର୍ଯ୍ୟାନୁଷ୍ଠାନ

**ଭୁବନେଶ୍ୱର,୨।୧୨ (ସଂଚାର ବ୍ୟୁରୋ):** ଗାଁରୁ ସହର ସବୁଠି ଆଳୁ ଦର ଉପରେ ଚର୍ଚ୍ଚା। ପଶ୍ଚିମବଙ୍ଗ ଆଳୁ ଯୋଗାଣ ବନ୍ଦ କରିବା ପରେ ଅଚାନକ ଦରବୃଦ୍ଧି ଘଟିଛି। ଯାହାକି କାଉଟିଙ୍କ ପକେଟ ଉପରେ ପ୍ରଭାବ ପକାଉଛି। ଏହାର ସୁଯୋଗ ନେଉଛନ୍ତି ଅସାଧୁ ବ୍ୟବସାୟୀ। ଆଳୁ ଅଭାବ ଆଳରେ ଚଢ଼ା ଦରରେ ବିକ୍ରି କରୁଥିବା ଅଭିଯୋଗ ହୋଇଛି। ଏଭଳି ଅଭିଯୋଗରେ କଟକ ଓ ଭୁବନେଶ୍ୱରରେ ଯୋଗାଣ ବିଭାଗର ପକ୍ଷରୁ ଚଢ଼ାଉ କରାଯାଇଛି। ଭୁବନେଶ୍ୱର ୪ନଂ ମାର୍କେଟ ଓ ଆଉ କିଛି ସ୍ଥାନରେ ଥିବା ଆଳୁ ଗୋଦାମ ଉପରେ ଚଢ଼ାଉ ହୋଇଛି। କଟକର ଛତ୍ର ବଜାରରେ ଦୋକାନ ଓ ଗୋଦାମରେ ଚଢ଼ାଉ କରାଯାଇଛି।

ଭୁବନେଶ୍ୱରରେ ଆଳୁ ୪୦ ଟଙ୍କାରୁ ଅଧିକ ଦରରେ ବିକ୍ରି କରାଗଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଯୋଗାଣ ଅଧିକାରୀ କହିଛନ୍ତି। ୪ନଂ ମାର୍କେଟରେ ଚଢ଼ାଉ ବେଳେ ଯୋଗାଣ ଅଧିକାରୀ କହିଛନ୍ତି, ୪୦ ଟଙ୍କାରୁ ଅଧିକ ବିକିଲେ ଦୋକାନୀଙ୍କୁ ପ୍ରଥମେ ନୋଟିସ ଦିଆଯିବ। ସେମାନେ ନୋଟିସରେ କ'ଣ ଜବାବ ରଖିବେ ତାକୁ ଆମେ ଦେଖିବୁ। ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ବ୍ୟବସାୟୀଙ୍କୁ ରେଟ୍ ଚାର୍ଟ ଲଗାଇବାକୁ କୁହାଯାଇଛି। ସୋମବାର ସକାଳେ ଛତ୍ର ବଜାରରେ ଆଳୁ କିଲୋ୫୦ ଟଙ୍କା ବିକ୍ରି ହେଉଥିଲା। ଖବର ପାଇ ଛତ୍ର ବଜାରରେ ବିଭିନ୍ନ ଦୋକାନ ଓ ଗୋଦାମରେ ଯୋଗାଣ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ଏବେ ଆଳୁ କିଲୋପ୍ରତି ଛତ୍ର ବଜାରରେ ୪୫ ଟଙ୍କା ମୂଲ୍ୟରେ ବିକ୍ରି ହେଉଥିବା ସୂଚନା ରହିଛି।

ଜଣେ ଗ୍ରାହକ କହିଛନ୍ତି, ଆଜି ସକାଳେ ଛତ୍ରବଜାରରେ ଆଳ କିଲୋପ୍ରତି ୫୦ ଟଙ୍କାରେ ବିକ୍ରି କରାଯାଉଥିଲା। ଯୋଗାଣ ବିଭାଗ ଚଢ଼ାଉ କରିବା ପରେ ଆଳୁ ୪୫ ଟଙ୍କାରେ ବିକ୍ରି ହେଉଛି।

ଯୋଗାଣ ବିଭାଗ ଅଧିକାରୀ ରାଜଲକ୍ଷ୍ମୀ ପାତ୍ର କହିଛନ୍ତି, ଲୋକେ ଆଳୁ ଦର ବଢ଼ିଯିବା ଆଶଙ୍କାରେ ଭୟଭୀତ ହୋଇ ଆଳୁ କିଣୁଛନ୍ତି। ଆଳୁ ବଜାରରେ ପ୍ରଚୁର ଅଛି। ଆଜି ସକାଳେ ୫ ଟ୍ରକ୍ ଆଳୁ ଗାଡ଼ି ପହଞ୍ଚିଛି। ଉତ୍ତର ପ୍ରଦେଶରୁ ଆସିଥିବା ଆଳୁ କ୍ୱିଣ୍ଟାଲ ପ୍ରତି ୩୫ରୁ ୩୬ ଶହ ରହିଛି। ସେହିପରି ପଶ୍ଚିମବଙ୍ଗରୁ ଆସିଥିବା ଆଳୁ କ୍ୱିଣ୍ଟାଲ ୩୭ରୁ ୩୮ ଶହ ରହିଛି। ୧୦୦୦ କୁଇଣ୍ଟାଲ ଆଳୁ ଷ୍ଟକ୍ ରହିଛି। ଅଧିକ ଟଙ୍କାରେ ଆଳୁ ବିକ୍ରି କଲେ କାର୍ଯ୍ୟାନୁଷ୍ଠାନ ନିଆଯିବ।

ସୂଚନାଯୋଗ୍ୟ, ସକାଳେ ଉତ୍ତର ପ୍ରଦେଶରୁ ଗୋଟିଏ ଟ୍ରକ୍ ଆଳୁ ଛତ୍ର ବଜାରରେ ପହଞ୍ଚିଥିବା ବେଳେ ୪ ଟ୍ରକ୍ ଆଳୁ ପଶ୍ଚିମବଙ୍ଗରୁ ଆସିଛି। ଉତ୍ତର ପ୍ରଦେଶରୁ ଭୁବନେଶ୍ୱର ଆଇଗିଣିଆ ମାର୍କେଟକୁ ୧୦ରୁ୧୨ ଟ୍ରକ ଆଳୁ ଟ୍ରକ୍ ପହଞ୍ଚିଛି।

### ପହଞ୍ଚିଲା ଆଳୁ ଟ୍ରକ୍

ଓଡ଼ିଶାରେ ପହଞ୍ଚିଛି ଆଳୁ ଟ୍ରକ୍। ଉତ୍ତର ପ୍ରଦେଶରୁ ଗୋଟିଏ ଟ୍ରକ୍ ଆଳୁ ସୋମବାର ସକାଳେ କଟକ ଛତ୍ର ବଜାରରେ ପହଞ୍ଚିଥିବା ବେଳେ ୪ଟ୍ରକ୍ ଆଳୁ ପଶ୍ଚିମବଙ୍ଗରୁ ଆସି ପହଞ୍ଚିଥିବା ଜଣାପଡ଼ିଛି। ପଶ୍ଚିମବଙ୍ଗରୁ ଏହି ଆଳୁ ଗାଡ଼ି ଗୋଳବାଟ ଦେଇ ଆସିଥିବା ସୂଚନା ରହିଛି। ସେହିପରି ଉତ୍ତର ପ୍ରଦେଶରୁ ଭୁବନେଶ୍ୱରର ଆଇଗିଣିଆ ମାର୍କେଟକୁ ୧୦ରୁ୧୨ ଟ୍ରକ ଆଳୁ ଟ୍ରକ୍ ପହଞ୍ଚିଛି। ଆଳୁ ଗାଡ଼ି ପହଞ୍ଚିବା ପରେ ବଜାରରେ ଆଳୁ ଦର ହ୍ରାସ ପାଇବ ବୋଲି ଗ୍ରାହକ ଆଶାବାଦୀ ଅଛନ୍ତି। ପଶ୍ଚିମବଙ୍ଗ ସରକାର ଆଳୁ ଗାଡ଼ି ନ ଛାଡ଼ିବା ପରେ ବଜାରରେ ୩୦ରୁ୩୫ଟଙ୍କା ଦରରେ ମିଳୁଥିବା ଆଳୁ ଟଙ୍କା ଧରରେ ବିକ୍ରି ହେଉଥିଲା। ଯାହାକୁ ନେଇ ଚିନ୍ତାରେ ଥିଲେ ଗ୍ରାହକ। ଗତକାଲି ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଉତ୍ତର ପ୍ରଦେଶରୁ ୩୦୦ ଟ୍ରକ୍ ଆଳୁ ପହଞ୍ଚିବ ବୋଲି କହିଥିଲେ। ଓଡ଼ିଶା ବ୍ୟବସାୟୀ ମହାସଂଘ ସାଧାରଣ ସଂପାଦକ ସୁଧାକର ପଣ୍ଡା କହିଛନ୍ତି, ସକାଳେ ୪ ଟ୍ରକ୍ ଆଳୁ ପଶ୍ଚିମବଙ୍ଗ ଓ ଗୋଟିଏ ଟ୍ରକ୍ ଆଳୁ ୟୁପିରୁ ଛତ୍ରବଜାରକୁ ଆସିଛି। ସରକାର ୩୦୦ ଟ୍ରକ୍ ଆଳୁ ଟ୍ରକ୍ ୟୁପିରୁ ଆଣିବେ ବୋଲି କହିଛନ୍ତି।

# ଆଜି ଆସୁଛନ୍ତି ରାଷ୍ଟ୍ରପତି



- ରାଜଧାନୀରେ ତ୍ରିସ୍ତରୀୟ ସୁରକ୍ଷା
- ଟ୍ରାଫିକ୍ ଦାୟିତ୍ୱରେ ୪୦ ପ୍ଲାଟୁନ ଫୋର୍ସ
- ପୁରୀରେ ଜଗିବେ ୮୦ ପ୍ଲାଟୁନ ପୋଲିସ

**ଭୁବନେଶ୍ୱର,୨।୧୨ (ସଂଚାର ବ୍ୟୁରୋ):** ମଙ୍ଗଳବାର ଓଡ଼ିଶା ଆସୁଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ସେ ୭ ତାରିଖ ପର୍ଯ୍ୟନ୍ତ ଅବସ୍ଥାନ କରି ଚନ୍ଦ୍ରଶେଖରପୁରରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପ୍ରତିମୂର୍ତ୍ତି ଉଦଘାଟନୀ ଉତ୍ସବ, ପୁରୀରେ ଅନୁଷ୍ଠିତ ନୌସେନା ଦିବସ, ଗୋପବନ୍ଧୁ ଆୟୁର୍ବେଦିକ ମହାବିଦ୍ୟାଳୟର ୭୫ତମ ବାର୍ଷିକ ଉତ୍ସବ, ଓୟୁଏଟିର ୪୦ତମ ସମାବର୍ତ୍ତନ ଉତ୍ସବ, ଭୁବନେଶ୍ୱର ଜୁ ଡି ସି ଆ ଲ କୋର୍ଟ କମ୍ପ୍ଲେକ୍ସର ଉଦଘାଟନୀ ଉତ୍ସବରେ ଯୋଗଦେବେ। ଏହାସହିତ ନିଜ ଗାଁ ଉପରବେଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରଛାତ୍ରୀ ଓ ଶିକ୍ଷକଙ୍କ ସହ ଭାବବିନିମୟ ଏବଂ ରାଇରଙ୍ଗପୁର ସ୍ଥିତ ପୁଣ୍ୟେଶ୍ୱର ଶିବମନ୍ଦିରରେ ନୂତନ ଭାବେ ସ୍ଥାପିତ ଗଣେଶ ମୂର୍ତ୍ତିକୁ ଉନ୍ମୋଚନ କରିବେ।

ରାଷ୍ଟ୍ରପତିଙ୍କ ଗସ୍ତ ପୂର୍ବରୁ କଡାକଡି ହୋଇଛି ରାଜଧାନୀର ସୁରକ୍ଷାବ୍ୟବସ୍ଥା। ବିମାନବନ୍ଦରରୁ ରାଜଭବନ ପର୍ଯ୍ୟନ୍ତ ରାଷ୍ଟ୍ରପତିଙ୍କ କାରକେଡ ରିହର୍ସାଲ କରାଯାଇଛି। ରାଷ୍ଟ୍ରପତିଙ୍କ ଗସ୍ତ ସମୟରେ ଯେପରି କୌଣସି ସମସ୍ୟା ନ ଉପୁଜିବ ସେଥିପାଇଁ ତତ୍ପର ହୋଇ ଉଠିଛି ରାଜ୍ୟ ପୋଲିସ। ବ୍ଲୁ ବୁକ୍ ଅନୁସାରେ ସମ୍ପୂର୍ଣ୍ଣ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥାରେ ୩ ଜଣ ଡିସିପି ରାଙ୍କର ଅଫିସର, ୧୫ ଜଣ ଅତିରିକ୍ତ ଏଏସ୍‌ପି ରାଙ୍କର ଅଫିସର, ୪୫ ଏସିପି ରାଙ୍କର ଅଫିସର, ୨୦୦ ଇନ୍ସପେକ୍ଟର ଓ ସବ୍ ଇନ୍ସପେକ୍ଟର ରାଙ୍କର ଅଫିସର ଦାୟିତ୍ୱରେ ରହିବେ। ଟ୍ରାଫିକ୍ ସୁପରିଚାଳନା ପାଇଁ ୪୦ ପ୍ଲାଟୁନରୁ ଅଧିକ ଫୋର୍ସ ମୁତୟନ ହେବେ ବୋଲି କହିଛନ୍ତି ଭୁବନେଶ୍ୱର ଡିସିପି ପିନାକ ମିଶ୍ର। ସେହିପରି ପୁରୀରେ ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ କରିଛନ୍ତି ଡିଜିପି ୱାଇ.ବି ଖୁରାନିଆ। ସୁରକ୍ଷା ଦାୟିତ୍ୱରେ ୮୦ ପ୍ଲାଟୁନ ପୁଲିସ୍ ଫୋର୍ସ ସହ ୩୦୦ ବରିଷ୍ଠ ଅଧିକାରୀ ମୁତୟନ ହେବେ। ସୁରକ୍ଷା ବ୍ୟବସ୍ଥାରେ କୌଣସି ତ୍ରୁଟି ନ ହେବାକୁ ନିଶ୍ଚିତ କରିଛନ୍ତି ଡିଜିପି।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୩ ତାରିଖ ସନ୍ଧ୍ୟା ୫ଟାରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ପହଞ୍ଚିବେ। ସେଠାରୁ ଚନ୍ଦ୍ରଶେଖରପୁର ଯାଇ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପ୍ରତିମୂର୍ତ୍ତି ଉଦଘାଟନୀ ଉତ୍ସବରେ ଯୋଗଦେବେ। ସନ୍ଧ୍ୟା ୬.୧୦ ରେ ରାଜଭବନ ଯାଇ ରାତ୍ରୀଯାପନ କରିବେ ରାଷ୍ଟ୍ରପତି। ୪ ତାରିଖ ୯ଟା ୪୫ରେ ପୁରୀ ତାଳବଣିଆ ହେଲିପ୍ୟାଡରେ ଅବତରଣ ପରେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିବେ। ଏହାପରେ ୧୦.୫୦ରେ ଗୋପବନ୍ଧୁ ଆୟୁର୍ବେଦିକ ମହାବିଦ୍ୟାଳୟର ୭୫ତମ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ଅପରାହ୍ଣ ୩.୩୦ରେ ନୌସେନା ଦିବସ କାର୍ଯ୍ୟକ୍ରମରେ ମୂଖ୍ୟ ଅତିଥି ଭାବେ ଯୋଗଦେବେ ରାଷ୍ଟ୍ରପତି। ୪ତାରିଖରେ ପୁରୀ ରାଜଭବନ ଠାରେ ରାଷ୍ଟ୍ରପତିଙ୍କ ରାତ୍ରୀଯାପନ କରିବାର କାର୍ଯ୍ୟକ୍ରମ ରହିଛି। ୫ ତାରିଖରେ ଭୁବନେଶ୍ୱର ଫେରି ଓୟୁଏଟି ୪୦ତମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ସନ୍ଧ୍ୟା ୫.୧୦ରେ ଭୁବନେଶ୍ୱର ଜୁଡିସିଆଲ କୋର୍ଟ କମ୍ପ୍ଲେକ୍ସର ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ ରାଷ୍ଟ୍ରପତି। ରାତିରେ ରାଜଭବନରେ ରହିବେ ଓ ୬ ତାରିଖରେ ଏଜି ଛକରେ ବାବା ସାହେବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବେ। ଏହାପରେ ରାଷ୍ଟ୍ରାପତି ଶ୍ରୀମତୀ ମୁର୍ମୁ ମୟୂରଭଞ୍ଜ ଗସ୍ତ କରି ୭ରେ ବାଙ୍ଗରିପୋଷି ସଭାସ୍ଥଳରୁ ବାହାରି ବାୟୁସେନାର ହେଲିକ୍ୟାପ୍ଟର ଯୋଗେ ପଶ୍ଚିମବଙ୍ଗ ସ୍ଥିତ କଲେଇକୁଣ୍ଡା ଏୟାରବେସରେ ପହଞ୍ଚି ସେଠାରୁ ବିମାନ ଯୋଗେ ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବେ।

## ଛୁଟିରେ ଥିବା ୧୯୬ ଡାକ୍ତରଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ

**ଭୁବନେଶ୍ୱର, ୨।୧୨ (ସଂଚାର ବ୍ୟୁରୋ):** ରାଜ୍ୟର ୧୯୬ ଜଣ ଦୀର୍ଘଦିନ ଧରି ଛୁଟିରେ ରହିଛନ୍ତି। ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସରକାର ପଦକ୍ଷେପ ଗ୍ରହଣ କରୁଥିବା ସୂଚନା ଦେଇଛନ୍ତି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ। ଡାକ୍ତରମାନେ ଦୀର୍ଘ ଛୁଟିରେ ରହିବା ନେଇ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ମହାଲିଙ୍ଗ କହିଛନ୍ତି ଯେ ରାଜ୍ୟର ବିଭିନ୍ନ କ୍ୟାଡର ଯଥା ଓଏମଏଚ୍‌ଏସ୍ (ଓଡ଼ିଶା ମେଡିକାଲ ସ୍ୱାସ୍ଥ୍ୟସେବା) ଏବଂ ଓଏଚ୍‌ଏମଏସ୍ (ଓଡ଼ିଶା ହୋମିଓପାଥିକ ସ୍ୱାସ୍ଥ୍ୟ ସେବା) ର ୧୯୬ ଜଣ ଦୀର୍ଘ ଦିନ ଧରି ଛୁଟିରେ ରହିଛନ୍ତି। ସେମାନଙ୍କ ବିରୁଦ୍ଧରେ ସରକାରୀ ନିୟମ ଅନୁସାରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାପାଇଁ ପଦକ୍ଷେପ ନିଆଯାଉଛି।

### ବିଧାୟକଙ୍କୁ ଆକ୍ରମଣ ମାମଲା

## ସରପଞ୍ଚଙ୍କୁ ଅନ୍ତରୀଣ ସୁରକ୍ଷା




**କଟକ,୨।୧୨ (ସଂଚାର ବ୍ୟୁରୋ):** ଧର୍ମଶାଳା ବିଧାୟକ ହିମାଂଶୁ ସାହୁଙ୍କୁ ଆକ୍ରମଣ ଘଟଣାରେ ବିଚିତ୍ରପୁର ପଞ୍ଚାୟତ ସରପଞ୍ଚ ଦେବାଶିଷ ପଣ୍ଡାଙ୍କୁ ହାଇକୋର୍ଟ ଦେଲେ ଅନ୍ତରୀଣ ସୁରକ୍ଷା। ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ସେ ଗିରଫ ହେବେ ନାହିଁ। ଏଥିସହ କେଶ୍ ଡାଏରୀ ଦାଖଲ କରିବାକୁ ତଦନ୍ତକାରୀ ସଂସ୍ଥାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାରେ ଜଡ଼ିତ ଆଉ ୨ ଜଣ ମଧ୍ୟ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ବିଧାୟକଙ୍କୁ ଆକ୍ରମଣ ଘଟଣାରେ ବିଚିତ୍ରପୁର ପଞ୍ଚାୟତ ସରପଞ୍ଚ ଦେବାଶିଷ ପଣ୍ଡା ନାଁ ରେ ଥାନାରେ ମାମଲା ରୁଜୁ ହୋଇଥିଲା। ଗିରଫଦାରି ଏଡାଇବାକୁ ହାଇକୋର୍ଟରେ ସେ ଆଗୁଆ ଜାମିନ ଆବେଦନ କରିଥିଲେ। ସୂଚନାଯୋଗ୍ୟ ଯେ ବିରଜା ହାଟକୁ ନେଇ ରାସ୍ତାରୋକ ହୋଇଥିଲା। ଏହି ସମୟରେ ଧର୍ମଶାଳା ବିଧାୟକ ଯାଉଥିବା ବେଳେ ତାଙ୍କୁ ଆକ୍ରମଣ କରାଯାଇଥିଲା। ବିଧାୟକଙ୍କ ଗାଡିକୁ ଭଙ୍ଗାରୁଜା କରାଯାଇଥିଲା। ଏ ନେଇ ଯାଜପୁର ସଦର ଥାନାରେ ବିଧାୟକଙ୍କ ଅଭିଯୋଗ କ୍ରମେ ମାମଲା ରୁଜୁ ହୋଇଥିଲା। ଏହି ଘଟଣାରେ ପୋଲିସ ତଦନ୍ତ କରି ୧୪ ଜଣଙ୍କୁ ଗିରଫ କରିଛି। ବର୍ତ୍ତମାନ ଏହି ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ କରୁଛି।

## ଦୋଷୀସାବ୍ୟସ୍ତ ପରେ କୋର୍ଟରୁ ୨ ଏଟିଏମ୍ ଲୁଟେରା ଫେରାର

**ନବରଙ୍ଗପୁର,୨।୧୨ (ସଂଚାର ବ୍ୟୁରୋ):** ଏଟିଏମ୍ ଲୁଟ୍ ମାମଲାରେ ଦୋଷୀ ସାବ୍ୟସ୍ତ ହେବାରୁ କୋର୍ଟ ରୁମ୍‌ରୁ ଚମ୍ପଟ ମାରିଲେ ଦୁଇ ଆନ୍ତଃରାଜ୍ୟ ଲୁଟେରା। ସୋମବାର ଅପରାହ୍ଣରେ ନବରଙ୍ଗପୁର ଜିଲ୍ଲା ସିଜେଏମ୍ କୋର୍ଟରେ ଘଟିଛି। ଦୁଇ ଦୋଷୀଙ୍କୁ ଧରିବା ପାଇଁ ପୁଲିସ ବିଭିନ୍ନ ସ୍ଥାନରେ ଚେକିଂ ଓ ବ୍ଲକିଂ କରି ଯାଞ୍ଚ କରୁଛି। ହେଲେ ସେମାନଙ୍କୁ ଧରିବାରେ ସଫଳ ହୋଇନାହିଁ। ୨୦୨୪ ଜାନୁଆରୀ ୩୧ରେ ନବରଙ୍ଗପୁର ବ୍ଲକ ସମ୍ମୁଖ ଏସ୍‌ବିଆଇ ଏଟିଏମ୍‌ରୁ ଲୁଟ୍ ହୋଇଥିଲା। ଏହି ମାମଲାରେ ନବରଙ୍ଗପୁର ଟାଉନ୍ ଥାନା ପୁଲିସ୍ ହରିଆଣାର ସକିଲ ଖାଁ, ଶାହାରୁଖ ଖାଁ, ଫଜଲ ଖାଁ, ଜାହୁଲ ଖାଁ ଓ ବିହାର ନିଖିଲ କୁମାରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରବର୍ତ୍ତୀ ସମୟରେ ସେମାନଙ୍କ ଭିତରୁ ସକିଲ ଖାଁ ଓ ଶାହାରୁଖ ଖାଁ ବେଲ୍‌ରେ ଆସିଥିଲେ। ଆଜି ଲୁଟ୍ ମାମଲାରେ ରାୟ ପ୍ରକାଶ ପାଇବାର ଥିଲା। ତେଣୁ ସକିଲ ଓ ଶାହାରୁଖ କୋର୍ଟରେ ହାଜର ଥିଲେ। ସାକ୍ଷ୍ୟ ପ୍ରମାଣ ଆଧାରରେ ସିଜେଏମ୍ ସମସ୍ତ ଅଭିଯୁକ୍ତଙ୍କୁ ୭ ବର୍ଷ ଲେଖାଏଁ ଜେଲ୍ ଦଣ୍ଡାଦେଶ ଶୁଣାଇଥିଲେ। ରାୟ ପରେ ସକିଲ ଖାଁ ଓ ଶାହାରୁଖ ଖାଁ ଫେରାର ହୋଇଯାଇଥିଲେ। ସେମାନେ ଚମ୍ପଟ ମାରିବା ପରେ ପୁଲିସ୍‌ର ଚେତା ପଶିଲା। ଉଭୟଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ ଚାଲିଛି।

## ତାରାତାରିଣୀଙ୍କୁ ଦର୍ଶନ କଲେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ

**ବ୍ରହ୍ମପୁର,୨।୧୨(ସଂଚାର ବ୍ୟୁରୋ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରମୁଖ ସଚିବ ପ୍ରମୋଦ କୁମାର ମିଶ୍ର ଓ ତାଙ୍କ ପତ୍ନୀ ସୋମବାର ଗଞ୍ଜାମ ଗସ୍ତରେ ଆସି ପ୍ରସିଦ୍ଧ ଦେବୀ ମା' ତାରାତାରିଣୀଙ୍କ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରି ଆର୍ଶୀବାଦ ନେଇଛନ୍ତି। ଏହାସହ ମନ୍ଦିରରେ ହୋଇଥିବା ବିକାଶକୁ ନେଇ ଖୁସି ପ୍ରକାଶ କରିଛନ୍ତି। ମନ୍ଦିର ଚତୁଃପାର୍ଶ୍ୱରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟମାନକୁ ବୁଲି ଦେଖିବା



ସହ ମନ୍ଦିରର ଉନ୍ନୟନ କାର୍ଯ୍ୟ କିଭଳି ଚାଲିଛି ଓ ଭକ୍ତମାନେ କେତେ ସୁରୁଖୁରୁରେ ମା'ଙ୍କୁ ଦର୍ଶନ କରୁଛନ୍ତି ସେ ନେଇ ଜିଲାପାଳ ଦିବ୍ୟଜ୍ୟୋତି ପରିଡା ସଚିବ ଶ୍ରୀ ମିଶ୍ରଙ୍କୁ ଜଣାଇଛନ୍ତି। ଶ୍ରୀ ମିଶ୍ର ସେବାୟତଙ୍କ ସହ ମଧ୍ୟ ଆଲୋଚନା କରିଛନ୍ତି। ସଚିବଙ୍କ ଗସ୍ତ ସମୟରେ ଜିଲାପାଳଙ୍କ ସମେତ ପୁରଷୋତ୍ତମପୁର ଏସ୍‌ଡିପିଓ ରଜନିକାନ୍ତ ସାମଲ, ଆଇଆଇସି ରାଜେଶ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଦିନକ ପରେ ବିଶ୍ୱ ଦେଖିବ ନୌବୀରଙ୍କ ବୀରତ୍ୱ

**ପୁରୀ,୨।୧୨ (ସଂଚାର ବ୍ୟୁରୋ):** ମାତ୍ର ମଝିରେ ଗୋଟିଏ ଦିନ, ବିଶ୍ୱ ଦେଖିବ ନୌବୀରଙ୍କ ବୀରତ୍ୱ। ପୁରୀ ବିଚ୍‌ରେ ରଣକୌଶଳ ପ୍ରଦର୍ଶନ ହେବ। ରବିବାର ପ୍ରଥମ ଦିନ ଫୁଲ୍ ଡ୍ରେସ୍ ରିହରସାଲ୍ ହୋଇଥିବା ବେଳେ ସୋମବାର ସମାନ ଢଙ୍ଗରେ ଫୁଲ୍ ଡ୍ରେସ୍ ରିହରସାଲ ହୋଇଛି। ଆସନ୍ତା ୪ରେ ବିଶ୍ୱ ଦେଖିବ ଭାରତୀୟ ସେନାର ବୀରତ୍ୱ। ୧୫ଟି ଯୁଦ୍ଧ ଜାହାଜ, ୪୦ ଏୟାରକ୍ରାଫ୍ଟ ଯୁଦ୍ଧକୌଶଳ ଦେଖାଇବେ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏଥିରେ ମୁଖ୍ୟ ଅତିଥି ହେବେ। ପ୍ରଥମ ଥର ପାଇଁ ଓଡ଼ିଶାରେ ଏତେ ବଡ଼ କାର୍ଯ୍ୟକ୍ରମ ହେଉଥିବାରୁ ଲୋକଙ୍କ ଭିତରେ ଉତ୍ସାହ ଢେର ଅଧିକ। ଲକ୍ଷାଧିକ ଲୋକ ପୁରୀ ସମୁଦ୍ରକୂଳରେ ରହି ଏହି ଚିତ୍ତାକର୍ଷକ ଶୋ' ଦେଖିବାକୁ ଭିଡ଼ ଜମାଇଛନ୍ତି। ୧୯୭୧ ମସିହାରେ ପାକିସ୍ତାନ ଉପରେ ଭାରତର ବିଜୟର ଗାଥା ବହନ କରିଥିବା ସ୍ମୃତିକୁ ବହନ କରି ପ୍ରତିବର୍ଷ ନୌସେନା ଦିବସ ପାଳନ କରାଯାଉଛି। ଆସନ୍ତା ୪ ତାରିଖରେ ରାଷ୍ଟ୍ରପତିଙ୍କ ଉପସ୍ଥିତିରେ ଆଖିଝଲସା ସମରକଳା ପ୍ରଦର୍ଶନ କରିବେ ନୌସେନା ଯବାନ। ନୌସେନା ଦିବସର ଅବ୍ୟବହିତ ପୂର୍ବରୁ ପୁରୀ ବ୍ଲୁ ଫ୍ଲାଗ ବିଚ୍‌ରେ ଜୋରଦାର ଅଭ୍ୟାସ କରିଛନ୍ତି ନେଭି ଯବାନ। ବାହ୍ୟ ଶତ୍ରୁ ଆକ୍ରମଣର ମୁକାବିଲା କରିବାକୁ କେତେ ସଜାଗ ଭାରତୀୟ ନୌସେନା ସେ ନେଇ ପ୍ରଦର୍ଶିତ ହୋଇଛି ଦୁଃସାହସିକ ରଣକୌଶଳ। ୪ ତାରିଖରେ ରାଷ୍ଟ୍ରପତି ପୁରୀ ବ୍ଲୁ ଫ୍ଲାଗ୍ ବିଚରେ ପହଞ୍ଚିବା ପରେ ଅପରାହ୍ଣ ୪.୧୦ରୁ ୫. ୩୦ ପର୍ଯ୍ୟନ୍ତ ଚାଲିବ ନୌସେନାର ଆଖିଝଲସା ସମରକୌଶଳ ପ୍ରଦର୍ଶନ। ଏହାପରେ ଘଣ୍ଟାଏ ଧରି ଲେଜର ଶୋ, ଫାୟାର ଶୋ' ଓ ଡ୍ରୋନ୍ ଶୋ' ହେବ। ରାଷ୍ଟ୍ରପତିଙ୍କ ସହ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗ ଦେବେ।



## ନୌସେନା ଦିବସ ଦେଖିବେ ବିଧାୟକ

ଡିସେମ୍ବର ୪ ତାରିଖରେ ପୁରୀ ବେଳାଭୂମିରେ ଶକ୍ତି ପ୍ରଦର୍ଶନ କରିବ ଭାରତୀୟ ନୌସେନା। ନୌସେନା ଦିବସରେ ଯୋଗଦେବା ପାଇଁ ସବୁ ଦଳର ବିଧାୟକ ପୁରୀ ଯିବେ ବୋଲି ବାଚସ୍ପତି ସୁରମା ପାଢ଼ୀ ଗୃହରେ ଘୋଷଣା କରିଛନ୍ତି। ବିଧାୟକମାନେ ମଧ୍ୟାହ୍ନ ୧୨.୩୦ରେ ବିଧାନସଭା ପରିସରରେ ଲଞ୍ଚ କରି ପୁରୀ ଯିବେ। ନୌସେନା ଦିବସ ଦେଖିବା ପରେ ବିଧାୟକମାନେ ପୁରୀରୁ କୋଣାର୍କ ଯିବେ। ସେଠାରେ କୋଣାର୍କ ମହୋତ୍ସବ ଦେଖି ପୁଣି ଭୁବନେଶ୍ୱର ଫେରି ଆସିବାର କାର୍ଯ୍ୟକ୍ରମ ରହିଛି। ସୂଚନା ଯୋଗ୍ୟ, ଭାରତୀୟ ନୌସେନା ଦିବସ ପାଳନ ନେଇ ପୁରୀ ବେଳାଭୂମିରେ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି।

# ଓଡ଼ିଶାରେ ୨୩ ପୋକସୋ କୋର୍ଟ

**ଭୁବନେଶ୍ୱର, ୨।୧୨(ତଥ୍ୟ):** ଛୋଟ ପିଲାଙ୍କ ଉପରେ ହେଉଥିବା ଯୌନ ନିର୍ଯ୍ୟାତନା ମାମଲାର ତ୍ୱରିତ ସମାଧାନ ପାଇଁ ସମଗ୍ର ଦେଶରେ ୪୦୮ ଟି ସ୍ୱତନ୍ତ୍ର ପୋକସୋ ଅଦାଲତ ପ୍ରତିଷ୍ଠା ହୋଇଥିବାବେଳେ ଓଡ଼ିଶାରେ ରହିଛି ଏହି ଧରଣର ୨୩ ଅଦାଲତ। ଏହିସବୁ ଅଦାଲତରେ ବର୍ତ୍ତମାନ ସୁଦ୍ଧା ୧୦ହଜାରରୁ ଅଧିକ ମାମଲା ଫଏସଲା ହୋଇ ସାରିଲାଣି।

କେନ୍ଦ୍ର ମହିଳା ଓ ଶିଶୁ ବିକାଶ ରାଷ୍ଟ୍ରମନ୍ତ୍ରୀ ସାବିତ୍ରୀ ଠାକୁର ରାଜ୍ୟସଭାରେ ଦେଇଥିବା ସୂଚନାରୁ ଏହା ଜଣାପଡ଼ିଛି। କେନ୍ଦ୍ରମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ୨୦୨୬ ମାର୍ଚ୍ଚ ଶେଷ ସୁଦ୍ଧା ସମଗ୍ର ଦେଶରେ ୭୯୦ଟି ପୋକ୍‌ସୋ ଅଦାଲତ ପ୍ରତିଷ୍ଠାର ଲକ୍ଷ୍ୟ ରଖାଯାଇଛି। ଚଳିତ ବର୍ଷ ସେପ୍ଟେମ୍ବର ଶେଷ ସୁଦ୍ଧା ମୋଟ୍ ୭୫୦ଟି ସ୍ୱତନ୍ତ୍ର ଫାଷ୍ଟ ଟ୍ରାକ କୋର୍ଟ ସ୍ଥାପନ ହୋଇଥିବାବେଳେ ସେଥି ମଧ୍ୟରେ ୪୦୮ଟି ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତ ରହିଛି।




ଦେଶରେ ଥିବା ପୋକ୍‌ସୋ ଅଦାଲତଗୁଡ଼ିକ ବର୍ତ୍ତମାନ ସୁଦ୍ଧା ଏକ ଲକ୍ଷ ୮୦ହଜାରରୁ ଅଧିକ ମାମଲା ଫଏସଲା କରିସାରିଲେଣି। ତେବେ ଏହି ଅଦାଲତ ସ୍ଥାପନ କ୍ଷେତ୍ରରେ ଉତ୍ତରପ୍ରଦେଶ ସବୁଠାରୁ ଆଗରେ ଥିବାବେଳେ ମଧ୍ୟପ୍ରଦେଶ ଦ୍ୱିତୀୟ ସ୍ଥାନରେ ରହିଛି। ଉତ୍ତରପ୍ରଦେଶରେ ୭୪ଟି ପୋକ୍‌ସୋ ଅଦାଲତ ଥିବାବେଳେ ମଧ୍ୟପ୍ରଦେଶରେ ୫୭ଟି, ବିହାରରେ ୪୬ଟି ଓ ଗୁଜୁରାଟରେ ୨୪ଟି କୋର୍ଟ ରହିଛି। ତେବେ ବର୍ତ୍ତମାନ ସୁଦ୍ଧା ଛତିଶଗଡ଼, ଗୋଆ, ମଣିପୁର, ନାଗାଲ୍ୟାଣ୍ଡ, ତେଲେଙ୍ଗନା ଓ ଉତ୍ତରାଖଣ୍ଡରେ ଏଭଳି ସ୍ୱତନ୍ତ୍ର କୋର୍ଟ ପ୍ରତିଷ୍ଠା ହୋଇନାହିଁ।

ଇତିମଧ୍ୟରେ କେନ୍ଦ୍ର ଆଇନ୍ ଏବଂ ନ୍ୟାୟ ମନ୍ତ୍ରଣାଳୟ ଅଧିନରେ ଥିବା ନ୍ୟାୟ ବିଭାଗ ଦ୍ୱାରା ଇ-ଅଦାଲତକୁ ମିଶନ ମୋଡ୍‌ରେ କାର୍ଯ୍ୟକାରୀ କରାଯାଉଛି ଏବଂ ସର୍ବୋଚ୍ଚ ଅଦାଲତର ଇକମିଟି ଦ୍ୱାରା ଏହାର ତଦାରଖ କରାଯାଉଛି। ଇ କୋର୍ଟର ଦ୍ୱିତୀୟ ପର୍ଯ୍ୟାୟରେ ୧୪, ୪୪୩ ଅଦାଲତ କୋଠରୀରେ ଭିଡିଓ କନଫରେନ୍ସିଂ ସାଜ ସରଞ୍ଜାମ ଖଞ୍ଜାଯାଇ ପାରିଛି। ମୋଟ୍ ୨୫୦୬ ଅଦାଲତୀ କୋଠରୀରେ ଭିସି ସ୍ଥାପନ ପାଇଁ ଅର୍ଥ ମହଜୁଦ ଥିବା କେନ୍ଦ୍ରମନ୍ତ୍ରୀ ଉଲ୍ଲେଖ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ୩୨୪୦ ଅଦାଲତ ସୌଧ ଏବଂ ୧୨୭୨ ଜେଲ୍‌ରେ ଭିସି ସୁବିଧା ଉପଲବ୍ଧ ରହିଛି। ପୋକସୋ ଅଦାଲତରେ ମଧ୍ୟ ଏହି ସୁବିଧା ବ୍ୟବହାର କରାଯାଇ ପାରିବ।

ଇକୋର୍ଟର ତୃତୀୟ ପର୍ଯ୍ୟାୟରେ ୨୨୮ କୋଟି ୪୮ଲକ୍ଷ ଟଙ୍କା ବ୍ୟୟରେ ୫୦୦ ଜେଲ୍ ସମେତ ୭୦୦ ସରକାରୀ ଡାକ୍ତରଖାନା ଏବଂ ୯୦୦୦ ଅଦାଲତରେ ଭିସି ବ୍ୟବସ୍ଥା କରାଯିବାର ଲକ୍ଷ୍ୟ ରହିଥିବା ମନ୍ତ୍ରୀ ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି। (ତଥ୍ୟ)

## ପିଏଲ୍‌ଜିଏ ସପ୍ତାହ ପାଇଁ ୩ ରାଜ୍ୟ ସୀମା ସିଲ୍

**ମାଲକାନଗିରି,୨।୧୨ (ସଂଚାର ବ୍ୟୁରୋ):** ସୋମବାରଠାରୁ ମାଓ ସଂଗଠନ ପକ୍ଷରୁ ପିଏଲଜିଏ ସପ୍ତାହ ପାଳନ ଆରମ୍ଭ ହୋଇଛି। ପିଏଲଜିଏ ସପ୍ତାହକୁ ପୁଲିସ ଏବଂ ବିଏସଏଫ ଗୁରୁତର ସହ ନେଇଛନ୍ତି। ମାଲକାନଗିରିକୁ ଲାଗିଥିବା ଛତିଶଗଡ, ଆନ୍ଧ୍ରପ୍ରଦେଶ ଏବଂ ତେଲେଙ୍ଗାନା ସୀମାକୁ ସିଲ୍ କରିଦିଆଯାଇଛି। ଯାଞ୍ଚକୁ କଡାକଡି କରାଯାଇଛି। ଜିଲ୍ଲା ଭିତରକୁ ଆସୁଥିବା ସମସ୍ତ ଯାନବାହାନକୁ ମଧ୍ୟ କଡାକଡି ଯାଞ୍ଚ କରାଯାଉଛି। ଜଙ୍ଗଲ ଭିତରେ ବିଏସଏଫ,ଏସଓଜି ଏବଂ ଡିଭିଏଫ ଯବାନ କମ୍ବିଂକୁ ଜୋରଦାର କରିଛନ୍ତି। ନକ୍ସଲଙ୍କର କୌଣସି ଚାଲକୁ ସଫଳ ହେବାକୁ ଦିଆଯିବ ନାହିଁ ବୋଲି କୁହାଯାଇଛି। ସେହିପରି ଗୁଇନ୍ଦା ବିଭାଗକୁ ଆହୁରି ସଜାଗ ରହିବାକୁ କୁହାଯାଇଛି। ଗୁଇନ୍ଦା ବିଭାଗର କର୍ମକର୍ତ୍ତାମାନେ ଗତ କିଛି ଦିନ ହେଲା ନକ୍ସଲଙ୍କ ଗତିବିଧି ଉପରେ ନଜର ରଖି ଆସୁଛନ୍ତି। ସୁରକ୍ଷାକର୍ମୀଙ୍କୁ ଟାର୍ଗେଟ କରିବା ସହ ପୁଲିସ ଇନଫର୍ମରମାନଙ୍କୁ ନକ୍ସଲ ଟାର୍ଗେଟ କରିପାରନ୍ତି। ନକ୍ସଲ ଏହି ସମୟରେ ଲ୍ୟାଣ୍ଡମାଇନ ଖଞ୍ଜି ଯବାନଙ୍କୁ ଟାର୍ଗେଟ କରିବାର ବହୁ ନଜିର ରହିଛି। ତେଣୁ ନକ୍ସଲ ପ୍ରବଣ ଅଂଚଳରେ ଗସ୍ତ କରିବା ପୂର୍ବରୁ ସମସ୍ତ ଏସ୍‌ଓପି ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଛତିଶଗଡ,ଆନ୍ଧ୍ରପ୍ରଦେଶ ଏବଂ ତେଲେଙ୍ଗାନା ପୁଲିସ ପକ୍ଷରୁ ମଧ୍ୟ ସୁରକ୍ଷାକୁ କଡାକଡି କରାଯାଇଛି।

## ୯୦ ଅଫିସରଙ୍କ ବିରୋଧରେ ଭିଜିଲାନ୍ସ ମାମଲା

**ଭୁବନେଶ୍ୱର,୨।୧୨ (ସଂଚାର ବ୍ୟୁରୋ):** ଦୁର୍ନୀତି ବିରୋଧରେ ଆକ୍ସନ ମୋଡ଼ରେ ମୋହନ ସରକାର। କ୍ଷମତାକୁ ଆସିବାର ୫ ମାସ ଭିତରେ ୯୦ ଜଣ ସରକାରୀ ଅଧିକାରୀଙ୍କ ବିରୋଧରେ ରୁଜୁ ହୋଇଛି ଭିଜିଲାନ୍ସ ମାମଲା । ବିଜେଡି ବିଧାୟକ ପ୍ରତାପ ଦେବଙ୍କ ପ୍ରଶ୍ନରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଆଜି ଗୃହରେ ଏହି ଲିଖିତ ଉତ୍ତର ରଖିଛନ୍ତି। ରାଜସ୍ୱ ବିଭାଗର ସର୍ବାଧିକ ୨୦ ଅଧିକାରୀ ଏବଂ ପଞ୍ଚାୟତିରାଜ ବିଭାଗର ୧୮ ଜଣ ଅଧିକାରୀଙ୍କ ବିରୋଧରେ ମାମଲା ହୋଇଛି । ଗତ ଜୁନ୍ ମାସରେ ମୋହନ ମାଝୀ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବା ପରଠୁ ଅକ୍ଟୋବର ମଧ୍ୟରେ ନୂଆ ସରକାର ଦୁର୍ନୀତିଖୋରଙ୍କ ବିରୋଧରେ ଏଭଳି କାର୍ଯ୍ୟାନୁଷ୍ଠାନ ନେଇଥିବା ଗୃହରେ କହିଛନ୍ତି।

## ନାବାଳିକାକୁ ଗଣବଳାତ୍କାର ଅଭିଯୋଗ

**ସମ୍ବଲପୁର, ୨।୧୨ (ସଂଚାର ବ୍ୟୁରୋ):** ସମ୍ବଲପୁର ଜିଲା ମହୁଲପାଲି ଥାନା ଅଞ୍ଚଳରେ ଜଣେ ୧୪ବର୍ଷର ନାବାଳିକାଙ୍କୁ ଗଣବଳାତ୍କାର ହୋଇଥିବା ପୋଲିସରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ପୋକ୍ସୋ ଆକ୍ଟରେ ଏକ ମାମଲା ରୁଜୁ କରି ୪ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ଶନିବାର ବିଳମ୍ବିତ ରାତିରେ ନାବାଳିକା ଜଣକ ବିଲୁଙ୍ଗ ଗ୍ରାମରୁ ଯାତ୍ରାଦେଖି ଏକୁଟିଆ ନିଜ ଗାଁକୁ ଫେରୁଥିବା ସମୟରେ ଗଣବଳାତ୍କାରର ଶିକାର ହୋଇଥିଲେ। ପୋଲିସ ଏହି ଘଟଣାର ତଦନ୍ତ ଜାରି ରଖିଛି।

# ଛିଡ଼ି ପାରୁନି କଂଗ୍ରେସର ଅଙ୍କ: ଦିଲ୍ଲୀରେ ୪ ଆଶାୟୀଙ୍କ ଡେରା

**ଭୁବନେଶ୍ୱର,୨।୧୨ (ସଂଚାର ବ୍ୟୁରୋ):** ମହାରାଷ୍ଟ୍ର, ଝାଡ଼ଖଣ୍ଡ ନିର୍ବାଚନ ସରିଲା। ନଭେମ୍ବର ଯାଇ ଡିସେମ୍ବର ହେଲା। ତଥାପି ରାଜ୍ୟ କଂଗ୍ରେସର ମଙ୍ଗୁଆଳ କିଏ ହେବେ ସେ ଅଙ୍କ ଛିଡି ପାରୁନି। ଅନ୍ୟପଟେ ୪ ଆଶାୟୀ ଶ୍ରୀକାନ୍ତ, ଭକ୍ତ, ମୋକିମ୍ ଓ ସପ୍ତଗିରି ଏବେ ଦିଲ୍ଲୀରେ ଡେରା ପକାଇଥିବା ଜଣାପଡିଛି। କୁହାଯାଉଛି, କଂଗ୍ରେସରେ ଆମୂଳଚୁଳ ପରିବର୍ତ୍ତନ ପାଇଁ ଦୁଇଦିନ ତଳେ ଦିଲ୍ଲୀ କାର୍ଯ୍ୟକାରିଣୀରେ ବିସ୍ତୃତ ଭାବେ ଆଲୋଚନା ହୋଇଛି। ଓଡ଼ିଶା କଂଗ୍ରେସରେ ହେବକି ଆମୂଳଚୁଳ ପରିବର୍ତ୍ତନ?

କେବେ ନିଯୁକ୍ତ ହେବେ ପ୍ରଦେଶ କଂଗ୍ରେସ କମିଟି ସଭାପତି? କିଏ ହେବେ ଦୁର୍ବଳ ହୋଇପଡ଼ିଥିବା ରାଜ୍ୟ କଂଗ୍ରେସର ମଙ୍ଗୁଆଳ? ଆଗେ ରାଜ୍ୟ ପ୍ରଭାରୀ ନିଯୁକ୍ତ ହେବେ ନା ପିସିସି ସଭାପତି? ଏମିତି ଅନେକ ପ୍ରଶ୍ନ ଉଠୁଛି। ଦୁଇଦିନ ତଳେ କଂଗ୍ରେସ ମୁଖ୍ୟାଳୟରେ ହୋଇଥିବା ଦଳୀୟ କାର୍ଯ୍ୟକାରିଣୀରେ ଦୁର୍ବଳ କଂଗ୍ରେସକୁ ସଜାଡ଼ିବା ପାଇଁ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ ଆମୂଳଚୁଳ ପରିବର୍ତ୍ତନ ପାଇଁ ପ୍ରସ୍ତାବ ଦେଇଥିବା ଜଣାପଡିଛି।









ଓଡ଼ିଶାରେ ଗତ ଜୁଲାଇ ୨୧ରୁ କଂଗ୍ରେସର ସବୁ କମିଟି ଭଙ୍ଗାଯାଇଥିଲେ ବି ଏପର୍ଯ୍ୟନ୍ତ ପିସିସି ସଭାପତି ଚୟନକୁ ନେଇ ଲାଗି ରହିଥିବା ଦ୍ୱନ୍ଦ୍ୱ ଦୂର ହୋଇପାରିନି। ନଭେମ୍ବର ୪ରେ ଛତିଶଗଡ଼ ସିଏଲ୍‌ପି ଲିଡର୍ ଚରଣ ଦାସ ମହନ୍ତ ଏବଂ ସାଧାରଣ ସଂପାଦିକା ମିନାକ୍ଷୀ ନଟରାଜନ ଓଡ଼ିଶା ଗସ୍ତରେ ଆସି ୨୧ ଜଣିଆ ଷ୍ଟିୟରିଂ କମିଟି ସଦସ୍ୟ, ବିଧାୟକ, ସାଂସଦ ଏବଂ ଜିଲ୍ଲା ସଭାପତିଙ୍କ ସହ ଆଲୋଚନା କରି ଏଆଇସିସି ପାଖରେ ରିପୋର୍ଟ ଦାଖଲ କରିସାରିଛନ୍ତି।

ଖୁବ୍ ଶୀଘ୍ର ପିସିସି ଚୟନ କରାଯିବ ବୋଲି କହିଛନ୍ତି ବରିଷ୍ଠ ନେତା ଜୟଦେବ ଜେନା । ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି, ଏହି ତାଲିକାରେ ଜଣେ ଅନୁସୂଚିତ ଜାତି, ଅନୁସୁଚିତ ଜନଜାତି, ଜଣେ ଓବିସି ଏବଂ ଜଣେ ସଂଖ୍ୟାଲଘୁ ବର୍ଗରୁ ନେତାଙ୍କ ନାଁ ସୁପାରିଶ କରିଛନ୍ତି। ଦିଲ୍ଲୀରେ ଡେରା ପକାଇଥିବା ନେତାମାନେ ହେଲେ ବରିଷ୍ଠ କଂଗ୍ରେସ ନେତା ଭକ୍ତ ଦାସ, ଶ୍ରୀକାନ୍ତ ଜେନା, କୋରାପୁଟ ସାଂସଦ ସପ୍ତଗିରି ଉଲ୍ଲାକା ଏବଂ କଟକର ପୂର୍ବତନ ବିଧାୟକ ମହମ୍ମଦ ମୋକିମ୍।

ମୋକିମ୍ ଓ ସପ୍ତଗିରି ଉଲ୍ଲାକାଙ୍କ ପଲ୍ଲା ଭାରିଥିବା ନେଇ ଚର୍ଚ୍ଚା ହେଉଛି। ଏହାସହିତ ବରିଷ୍ଠ କଂଗ୍ରେସ ବିଧାୟକ ତାରା ବାହିନୀପତି କହିଛନ୍ତି, ସପ୍ତଗିରି ପିସିସି ସଭାପତି ହେଲେ ମୋର କିଛି ଅସୁବିଧା ନାହିଁ। ନେତାମାନେ କ୍ଷମତା ପାଇଁ ଦିଲ୍ଲୀରେ ଡେରା ପକେଇବା ଦଳ ପାଇଁ କ୍ଷତିକାରକ। ରାଜନୀତି ସମୀକ୍ଷକଙ୍କ କହିବା କଥା ଯେଉଁ ନେତାମାନେ ଏବେ ଦିଲ୍ଲୀରେ ଡେରା ପକାଇଛନ୍ତି ସେମାନଙ୍କୁ ଦଳ ଅତୀତରେ ପରୀକ୍ଷା କରିସାରିଛି। ତେଣୁ ପ୍ରଥମେ ପ୍ରଭାରୀ ଏବଂ ପରେ ପିସିସି ସଭାପତି ଚୟନ ହୋଇପାରେ। ପିସିସି ସଭାପତି ଚୟନକୁ ନେଇ ଗତମାସରେ ଓଡ଼ିଶା ଆସିଥିବା ଚୟନ କମିଟି କହିଥିଲେ, ଲବି କାମ କରିବନି। ଏବେ ଦେଖିବା ଏଆଇସିସି କାହା ଉପରେ ଭରସା କରୁଛନ୍ତି।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର




## ଓଇସିଡିର ରିପୋର୍ଟରେ ବଡ଼ ଖୁଲାସା

# ସହରାଞ୍ଚଳରେ ୩୨% , ଗ୍ରାମାଞ୍ଚଳରେ ୨୧% ଚାକିରି ଖାଇଯିବ ଏଆଇ



ନୂଆଦିଲ୍ଲୀ,୦୨/୧୨: ଗତ ୧ ଦଶନ୍ଧି ଧରି ଅର୍ଗାନାଇଜେସନ ଫର୍ ଇକୋନୋମିକ କୋଅପରେସନ ଆଣ୍ଡ ଡେଭଲପମେଣ୍ଟ (ଓଇସିଡି) ଅଞ୍ଚଳ ଗୁଡିକ ନିଯୁକ୍ତି ଅଭିବୃଦ୍ଧି ଜାରି ରଖିଛନ୍ତି। ତେବେ ଜେନେରେଟିଭ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଏହି ଦେଶ ଗୁଡିକର ସ୍ଥାନିୟ ନିଯୁକ୍ତି ଖାଇଯିବାର ଢ଼େର ଆଶଙ୍କା ଉପୁଜିଛି। ସହରାଞ୍ଚଳରେ ୩୨% ନିଯୁକ୍ତି ଏବଂ ଗ୍ରାମାଞ୍ଚଳରେ ୨୧% ନିଯୁକ୍ତି ଏହା ଦ୍ୱାରା ଚାଲିଯିବ। ଗ୍ରାମାଞ୍ଚଳ ସହରାଞ୍ଚଳ ଆୟ ଏବଂ ଉତ୍ପାଦକତା କ୍ଷେତ୍ରରେ ଏହା ବଡ ବ୍ୟବଧାନ ସୃଷ୍ଟି କରିବ ବୋଲି ଓଇସିଡି ରିପୋର୍ଟରେ କୁହାଯାଇଛି। ଅଟୋମେଶନ ଯୋଗୁ ଯେଉଁ ଅଞ୍ଚଳ ଗୁଡିକ ବେଶି କ୍ଷତିଗ୍ରସ୍ତ ହୋଇ ନ ଥିଲେ ଜେନେରେଟିଭ ଏଆଇ ଦ୍ୱାରା ନିଯୁକ୍ତି ହ୍ରାସର ଆଶଙ୍କା ବଢ଼ିଛି। ଟେକ୍ନୋଲୋଜି ଭିତ୍ତିକ ଅଟୋମେଶନ ଅଣମେଟ୍ରୋ ଏବଂ ବିନିର୍ମାଣ କ୍ଷେତ୍ର ସହ ଜଡିତ ଏରିଆ ଗୁଡିକୁ ପ୍ରଭାବିତ କରିଥିଲା। ମାତ୍ର ବର୍ତ୍ତମାନ ମେଟ୍ରୋ ଅଞ୍ଚଳର କୁଶଳୀ ଏବଂ ମହିଳାମାନେ ଜେନେରେଟିଭ ଏଆଇଦ୍ୱାରା ନିଯୁକ୍ତିରେ ବଡ ଚ୍ୟାଲେଞ୍ଜ ସାମ୍ନା କରିବେ ବୋଲି ଆକଳନ କରାଯାଇଛି।

ଜେନେରେଟିଭ ଏଆଇ ବୌଦ୍ଧିକ ଏବଂ ରୁଟିନ ଟାସ୍କ ଗୁଡ଼ିକୁ ବେଶ ଦକ୍ଷତାର ସହ କରିବାର କ୍ଷମତା ରଖୁଛି। ଏହା ଶିଳ୍ପ ଏବଂ ସାରା ବିଶ୍ୱର ଅର୍ଥନୀତିକୁ ଦ୍ରୁତ ଭାବେ ରୂପାନ୍ତରିତ କରୁଛି। ଏହା ଦ୍ୱାରା ନବସୃଜନ ଏବଂ ଉତ୍ପାଦକତା ବୃଦ୍ଧିର ସମ୍ଭାବନା ତ ରହିଛି, ମାତ୍ର ଲୋକଙ୍କ ନିଯୁକ୍ତି ଚାଲିଯିବା ଯୋଗୁ ଅର୍ଥନୈତିକ ବୈଷମ୍ୟ ବଢ଼ିବାର ମଧ୍ୟ ଢ଼େର ଆଶଙ୍କା ମଧ୍ୟ ଉପୁଜିଛି। ଏହି ରିପୋର୍ଟରେ ଚିନ୍ତାଜନକ ସ୍ଥିତି ସାମ୍ନାକୁ ଆସିଛି। ଜେନେରେଟିଭ ଏଆଇ। ସ୍ୱିଡେନର ଷ୍ଟକ୍‌ହୋମ ଏବଂ ପ୍ରଗ୍‌ର ଚେକିଆରେ ୪୫% ଓ କଲମ୍ବିଆର କୁକା ଗ୍ରାମାଞ୍ଚଳରେ ୧୩% ନିଯୁକ୍ତି ନେଇଯିବ। କିଛି କ୍ଷେତ୍ରରେ ନିଯୁକ୍ତି ଅଟୋମେଟେଡ ହେବାକୁ ଥିବା ବେଳେ ଏଆଇ ବିକାଶ, ଡାଟା ସାଇନ୍ସ ଏବଂ ଏଆଇ ଏଥିକ୍ସ ଭଳି କ୍ଷେତ୍ରରେ ନିଯୁକ୍ତି ମଧ୍ୟ ଆସିପାରେ। ମାତ୍ର କିଞ୍ଚିତ ଲୋକଙ୍କୁ ଏହାର ଫାଇଦା ମିଳିବ ବୋଲି କୁହାଯାଉଛି। ଓଇସିଡିର ସେକ୍ରେଟାରୀ ଜେନେରାଲ ମାଥିଆସ କୋରମାନ କୁହନ୍ତି, ଏବେ ଜେନେରେଟିଭ ଏଆଇର ଗ୍ରହଣୀୟତା ଦ୍ରୁତ ଭାବେ ବଢ଼ିଛି। ଫଳରେ ଏହା ସ୍ଥାନିୟ ନିଯୁକ୍ତି ବଜାରକୁ ପୁର୍ନଭାଷିତ କରିଛି। ଏହା ଉତ୍ପାଦକତା ବଢ଼ାଇବା ସହ ଶ୍ରମିକ ଅଭାବ ସମସ୍ୟା ସମାଧାନ କରୁଛି। ମାତ୍ର ଏହା ସତ୍ତ୍ୱେ ଏହା ଡିଜିଟାଲ ବୈଷମ୍ୟତା ମଧ୍ୟ ବଢ଼ାଉଛି। ଏଭଳି ଟେକ୍ନୋଲୋଜିର ଲାଭ ଲୋକମାନେ ଯେଭଳି ନେଇପାରିବେ ନୀତି ନିର୍ଦ୍ଧାରକ ମାନେ ଅଭିନବ ଯୋଜନା ହାତକୁ ନେବା ଉଚିତ। ଡିଜିଟାଲ ଭିତ୍ତିଭୂମି ଦୃଢ଼ୀକରଣ, ଡିଜିଟାଲ ସାକ୍ଷରତା ଏବଂ ଏମ୍‌ଏସ୍‌ଏମ୍‌ଇ ଗୁଡ଼ିକ ଏଆଇ ଦ୍ୱାରା କିଭଳି ସ୍କିଲ ଶିଖି ପାରିବେ ସେ ଦିଗରେ ଧ୍ୟାନ ଦେବାକୁ ପଡିବ ବୋଲି କୋରମାନ ଉଲ୍ଲେଖ କରିଛନ୍ତି। ତେବେ କେବଳ ଓଇସିଡି ରିପୋର୍ଟ ନୁହେଁ ଇଓ୍ୱାଇ ଗ୍ଲୋବାଲ ପକ୍ଷରୁ ନିକଟରେ ଜାରି ହୋଇଥିବା ଏକ ରିପୋର୍ଟରେ ମଧ୍ୟ ଜେନେରେଟିଭ ଏଆଇ ଦ୍ୱାରା ନିଯୁକ୍ତି ହ୍ରାସକୁ ନେଇ ଚିନ୍ତାପ୍ରକଟ କରାଯାଇଥିଲା। ଏହି ରିପୋର୍ଟରେ କୁହାଯାଇଥିଲା ଯେ, ଜେନେରେଟିଭ ଏଆଇ ଦ୍ୱାରା ଆମେରିକାର ୬୬% ନିଯୁକ୍ତି ପ୍ରଭାବିତ ହେବ। ବିଶ୍ୱ ବଜାର କଥା ବିଚାରକୁ ନେଲେ ୫୯% ନିଯୁକ୍ତି ପ୍ରତି ଉଚ୍ଚ ଠାରୁ ସାମାନ୍ୟ ପ୍ରଭାବ ରହିବ। ତେବେ ଅଭିବୃଦ୍ଧିଶୀଳ ଏବଂ ଅନୁନ୍ନତ ଅର୍ଥନୀତି ତୁଳନାରେ ବିକଶିତ ଅର୍ଥନୀତିଗୁଡିକ ଏଆଇ ଦ୍ୱାରା ବେଶି ଲାଭବାନ ହେବେ ବୋଲି ଆକଳନ କରାଯାଇଛି।

ରିପୋର୍ଟ ମୁତାବକ, ଜେନେରେଟିଭ ଏଆଇ ଟୁଲ୍ ଦ୍ୱାରା ସୃଜନାତ୍ମକ କ୍ଷେତ୍ର ଯଥା- କଣ୍ଟେଣ୍ଟ କ୍ରିଏସନ, ଡିଜାଇନ, ମ୍ୟୁଜିକ କମ୍ପୋଜିସନ ଭଳି କ୍ଷେତ୍ରଗୁଡିକରେ ନିଯୁକ୍ତି ପ୍ରଭାବିତ ହେବ। ଏହବାଦ କଷ୍ଟମର ସର୍ଭିସ କ୍ଷେତ୍ରରେ ଏଆଇ ଭିତ୍ତିକ ଚାଟ୍‌ବଟ୍ ଏବଂ ଭର୍ଚୁଆଲ ଆସିଷ୍ଟାଣ୍ଟ ରୁଟିନ୍ କଷ୍ଟମରଙ୍କ ଇନ୍‌କ୍ୱାରି କରିବା ସହ ମାନବ ଏଜେଣ୍ଟଙ୍କ ଆବଶ୍ୟକତାକୁ ଗୌଣ କରିବ। ମେଡିକାଲ ଫିଲ୍ଡରେ ଏଆଇ ମେଡିକାଲ ଡାଟା, ଡାଏଗ୍ନୋସିସ୍‌ରେ ସହାୟତା, ବ୍ୟକ୍ତିଗତ ଚିକିତ୍ସା ଯୋଜନା ବିକଶିତ କରିବା ଭଳି କାମ କରିବ। ଆର୍ଥିକ କ୍ଷେତ୍ରରେ ଏଆଇ ଟୁଲର ବ୍ୟବହାର ଦ୍ୱାରା ସମ୍ଭାବ୍ୟ ଠକେଇକୁ ଚିହ୍ନଟ କରିବା, ରିସ୍କର ଅନୁମାନ ଲଗାଇବା, ଆର୍ଥିକ ଆନାଲିସିସ ଭଳି ନିଯୁକ୍ତି ରୋଲ ଗୁଡିକ ବେଶି ପ୍ରଭାବିତ ହେବ।

## ରେକର୍ଡ ପରିମାଣରେ ଟିକସ ଆଦାୟ




ନୂଆଦିଲ୍ଲୀ,୨।୧୨: ପ୍ରତି ମାସ ଭଳି ଚଳିତ ମାସ ମଧ୍ୟ ରେକର୍ଡ ପରିମାଣର ଟିକସ ଆଦାୟ ହୋଇଛି। ଏପରିକି ଚଳିତ ଆର୍ଥିକ ବର୍ଷର ଅଷ୍ଟମ ମାସରେ ୧.୮୨ ଲକ୍ଷ କୋଟି ଟଙ୍କାର ସାମଗ୍ରୀ ଏବଂ ସେବା ଟିକସ (ଗୁଡ୍‌ସ ଆଣ୍ଡ ସର୍ଭିସ ଟ୍ୟାକ୍ସ ବା ଜିଏସ୍‌ଟି) ସଂଗ୍ରହ କରାଯାଇଛି ବୋଲି ରବିବାର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।

ଉଲ୍ଲେଖଯୋଗ୍ୟ, ୨୦୨୪-୨୫ ଆର୍ଥିକ ବର୍ଷର ୮ମ ମାସରେ ଦେଶର ଜିଏସ୍‌ଟି ସଂଗ୍ରହ ୧,୮୨,୨୬୯କୋଟି ଟଙ୍କାର ଟିକସ ରାଜସ୍ୱ ଆକାରରେ ସଂଗ୍ରହ କରାଯାଇଛି। ବିଶେଷ କରି ୨୦୨୩-୨୪ ଆର୍ଥିକ ବର୍ଷର ସମାନ ଅବଧି ମଧ୍ୟରେ ସଂଗ୍ରହ ହୋଇଥିବା ଟିକସ ପରିମାଣଠାରୁ ଏହା ୮.୫% ଅଧିକ ବୋଲି ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଏପରିକି ୨୦୨୩-୨୪ ଆର୍ଥିକ ବର୍ଷର ନଭେମ୍ବର ମାସରେ ସଂଗୃହୀତ ଟିକସ ପରିମାଣ ୧,୬୭,୯୨୯ କୋଟିଠାରୁ ୨୦୨୪-୨୫ ଆର୍ଥିକ ବର୍ଷର ନଭେମ୍ବର ମାସରେ ୧,୮୨,୨୬୯ କୋଟି ଟଙ୍କାର ଟିକସ ସଂଗୃହୀତ ହୋଇଛି ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସେହିଭଳି ଚଳିତ ଆର୍ଥିକ ବର୍ଷର ୮ମ ମାସ ବା ନଭେମ୍ବରରେ ମୋଟ ୧,୮୨,୨୬୯ କୋଟି ଟଙ୍କା ଜିଏସ୍‌ଟି ଆକାରରେ ସଂଗ୍ରହ କରାଯାଇଛି। ସେଥିମଧ୍ୟରୁ କେନ୍ଦ୍ରୀୟ ଟିକସ (ସିଜିଏସ୍‌ଟି) ବାବଦରେ ୩୪,୧୪୧ କୋଟି ଟଙ୍କା ଆଦାୟ ହୋଇଥିବାବେଳେ ରାଜ୍ୟ ଟିକସ (ଏସ୍‌ଜିଏସଟି) ବାବଦକୁ ୪୩,୦୪୭ କୋଟି ଆଦାୟ ହୋଇଛି। ସେହିଭଳି ଆଇଜିଏସଟି ବାବଦକୁ ମୋଟ ୯୧,୮୨୮କୋଟି ଟଙ୍କା ଏବଂ ସେସ ବାବଦରେ ୧୩,୨୫୩ କୋଟି ଟଙ୍କା ଟିକସ ଆକାରରେ ସଂଗ୍ରହ କରାଯାଇଛି।

ସେହିପରି ଚଳିତ ଆର୍ଥିକ ବର୍ଷର ୮ମ ମାସରେ ଓଡ଼ିଶାରୁ ୪୭୦୪ କୋଟି ଟଙ୍କାର ଟିକସ ସଂଗ୍ରହ କରାଯାଇଥିଲାବେଳେ ଗତ ବର୍ଷ ଏହି ଅବଧି ମଧ୍ୟରେ ୪୨୯୫ କୋଟି ଟଙ୍କାର ଟିକସ ଆଦାୟ ହୋଇଥିଲା। ୨୦୨୩-୨୪ ଆର୍ଥିକ ବର୍ଷର ନଭେମ୍ବରରେ ସଂଗ୍ରହ କରାଯାଇଥିବା ଟିକସ ତୁଳନାରେ ୨୦୨୪-୨୫ ଆର୍ଥିକ ବର୍ଷ ନଭେମ୍ବରରେ ସଂଗୃହୀତ ଟିକସ ପରିମାଣ ପ୍ରାୟ ୧୦% ଅଧିକ ବୋଲି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଛି।

ଅପରପକ୍ଷରେ ୨୦୨୪-୨୫ ଆର୍ଥିକ ବର୍ଷର ଏପ୍ରିଲରୁ ନଭେମ୍ବର ମଧ୍ୟରେ ମୋଟ ୧୪.୫୭ ଲକ୍ଷ କୋଟି ଟଙ୍କା ଜିଏସଟି ଆକାରରେ ସଂଗ୍ରହ କରାଯାଇଛି।

# ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଭାରତର ସର୍ବଶ୍ରେଷ୍ଠ କମ୍ପାନୀ




ମୁମ୍ବାଇ,୨।୧୨: ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ରିଲାଏନ୍ସ ଇଣ୍ଡଷ୍ଟ୍ରି ଲିମିଟେଡ (ଆରଆଇଏଲ) କୁ ନିକଟରେ ଆଉ ଏକ ଜାତୀୟସ୍ତରର ସମ୍ମାନ ବା ସ୍ୱୀକୃତି ମିଳିଛି। ଏପରିକି ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଭାରତର ସର୍ବଶ୍ରେଷ୍ଠ କମ୍ପାନୀ ଭାବେ ଓ୍ୱିଜିକର ଭିଜିବିଲିଟି ଇଣ୍ଡେକ୍ସରେ ସ୍ଥାନ ପାଇଛି। ଉଲ୍ଲେଖଯୋଗ୍ୟ, ୨୦୨୪ରେ ଓ୍ୱିଜିକର ଭିଜିବିଲିଟି ଇଣ୍ଡେକ୍ସରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଭାରତର ଏକ ନମ୍ବର କମ୍ପାନୀ ଭାବେ ସ୍ଥାନ ପାଇଛି। ଏପରିକି କମ୍ପାନୀର ରାଜସ୍ୱ, ଲାଭ, ବଜାର ମୂଲ୍ୟ ଏବଂ ସାମାଜିକ ପ୍ରଭାବ ଦୃଷ୍ଟିରୁ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଆଗରେ ରହିଛି। ଓ୍ୱିଜିକି ହେଉଛି, ଏକ ମିଡିଆ ଇଣ୍ଟେଲିଜେନ୍ସ କମ୍ପାନୀ। ଯାହା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (କୃତ୍ରିମ ବୁଦ୍ଧିମତ୍ତା/ଏଆଇ) ଅନୁଯାୟୀ ଗଣମାଧ୍ୟମ ଖବର ଉପରେ ନଜର ରଖିବା ସହିତ କେଉଁ କମ୍ପାନୀଗୁଡିକ ଅଧିକ ସ୍ଥାନ ପାଇଥାନ୍ତି, ସେ ତାହାକୁ ନିରୂପଣ କରିଥାଏ। ଓ୍ୱିଜିକର ଭିଜିବିଲିଟି ଇଣ୍ଡେକ୍ସ ଅନୁଯାୟୀ ରିଲାଏନ୍ସ କ୍ରମାଗତ ଭାବେ ହେଡଲାଇନ (ଖବରର ଶୀର୍ଷ)ରେ ରହିଆସିଛି। ଏପରିକି ଅନେକ ବ୍ୟାଙ୍କିଙ୍ଗ୍, ଫାଇନାନ୍ସ ଏବଂ ଉପଭୋକ୍ତା ସାମଗ୍ରୀ କମ୍ପାନୀକୁ ଉକ୍ତ ପ୍ରସଙ୍ଗରେ କମ୍ପାନୀ ପଛରେ ପକାଇଦେଇଛି। ୨୦୨୪ରେ ରିଲାଏନ୍ସର ନ୍ୟୁଜ୍ ସ୍କୋର ୧୦୦ରୁ ୯୭.୪୩ ରହିଥିବା ଓ୍ୱିଜିକି ପ୍ରକାଶ କରିଛି। ୨୦୨୩ରେ କମ୍ପାନୀର ସ୍କୋର ୯୬.୪୬ ଥିଲାବେଳେ ୨୦୨୨ରେ ୯୨.୫୬ ଏବଂ ୨୦୨୧ରେ ୮୪.୯ ଥିଲା। ଏପରିକି ଏହି ବିଗତ ବର୍ଷଗୁଡିକ ମଧ୍ୟରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ କ୍ରମାଗତ ଭାବେ ଭାରତର ଏକ ନମ୍ବର କମ୍ପାନୀ ହୋଇ ରହିଛି, ଯଦି ଅନ୍ୟ କମ୍ପାନୀଗୁଡିକ ସହିତ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ତୁଳନା କରାଯାଏ, ତାହାହେଲେ ରିଲାଏନ୍ସ ଦେଶର ଅନେକ ବଡ଼ କମ୍ପାନୀମାନଙ୍କଠାରୁ ବହୁତ ଆଗରେ ରହିଛି। ସେହିଭଳି ରିଲାଏନ୍ସର ନ୍ୟୁଜ୍ ସ୍କୋର ୯୭.୪୩ ଥିବାବେଳେ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆର ସ୍କୋର ୮୯.୩, ଏଚଡିଏଫସି ବ୍ୟାଙ୍କର ୮୬.୨୪, ପେଟିଏମ୍‌ର ମୂଳ କମ୍ପାନୀ ଓ୍ୱାନ୍‌୯୭ କମ୍ୟୁନିକେଶନ୍ସ ୮୪.୬୩, ଆଇସିଆଇସିଆଇ ବ୍ୟାଙ୍କର ୮୪.୩୩ ଏବଂ ଜୋମାଟୋର ନ୍ୟୁଜ୍ ସ୍କୋର ୮୨.୯୪ ରହିଥିଲା। ସେହିପରି ଓ୍ୱିକି ନ୍ୟୁଜ୍ ସ୍କୋର ଅନୁସାରେ ଭାରତୀ ଏୟାରଟେଲ ୭ମ ସ୍ଥାନରେ ଥିଲାବେଳେ ଇନଫୋସିସ୍, ଟାଟା ମୋଟର୍ସ, ଟାଟା କନ୍ସଲ୍ଟାନ୍ସି ସର୍ଭିସେସ୍ (ଟିସିଏସ) ଏବଂ ଆଦାନୀ ଗ୍ରୁପ୍ ୪୦ ତମ ସ୍ଥାନରେ ରହିଛି। ଓ୍ୱିଜିକି ନ୍ୟୁଜ୍ ସ୍କୋର ନିର୍ଣ୍ଣୟ କରିବାବେଳେ ଖବରର ଶିରୋନାମାରେ କମ୍ପାନୀ କେତେ ସମୟ ରହିଛି, କେତେ ସ୍ଥାନରେ ପ୍ରକାଶିତ ହୋଇଛି ଏବଂ ପ୍ରକାଶିତ ବିଷୟବସ୍ତୁ କେତେ ଲୋକଙ୍କ ପାଖରେ ପହଞ୍ଚିଛି, ତାହାକୁ ବିସ୍ତୃତ ଭାବେ ଦେଖାଯାଇଥାଏ।

## ଫ୍ରାନ୍ସ ଠାରୁ ୨୬ ସାମୁଦ୍ରିକ ଯୁଦ୍ଧ ବିମାନ କିଣିବ ଭାରତ



ନୂଆଦିଲ୍ଲୀ, ୨।୧୨: ଫ୍ରାନ୍ସ ଠାରୁ ୨୬ଟି ସାମୁଦ୍ରିକ ଯୁଦ୍ଧ ବିମାନ କିଣିବ ଭାରତ। ଏଥିପାଇଁ କଥାବାର୍ତ୍ତା ଏକ ପ୍ରକାର ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି ବୋଲି ନୌସେନା ମୁଖ୍ୟ ଆଡମିରାଲ ଦିନେଶ କୁମାର ତ୍ରିପାଠୀ କହିଛନ୍ତି। ନୌସେନା ଦିବସ ଅବସରରେ ସାମ୍ବାଦିକ ସମ୍ମିଳନୀରେ ଯୋଗ ଦେଇ ଶ୍ରୀ ଯୁକ୍ତ ତ୍ରିପାଠୀ କହିଛନ୍ତି ଯେ ଏନେଇ କ୍ୟାବିନେଟ ସୁରକ୍ଷା କମିଟି ସହି ଆଲୋଚନା ଜାରି ରହିଛି। ଜାନୁଆରୀରେ ଏନେଇ ସମାଧାନ ହେବ। ଯେହେତୁ ଦୁଇ ଦେଶର ସରକାରୀ ସ୍ତରରେ ଏହି ଆଲୋଚନା ହୋଇଛି ତେଣୁ ଏଥିରେ ବେଶି ସମୟ ଲାଗିବ ନାହିଁ। ବହୁ ମୁଲଚାଲ ପରେ ବିମାନ ଦାମ କମାଇବାକୁ ଫ୍ରାନ୍ସ ସରକାର ରାଜି ହୋଇଛନ୍ତି। ୨୦୧୬ରେ ହୋଇଥିବା ଡିଲ୍ ଆଧାରରେ ୨୬ଟି ସାମୁଦ୍ରିକ ଯୁଦ୍ଧ ବିମାନ କିଣାଯିବ ବୋଲି ଶ୍ରୀ ଯୁକ୍ତ ତ୍ରିପାଠୀ କହିଛନ୍ତି। ଭାରତୀୟ ନୌସେନା ଶକ୍ତି ବଢାଉଥିବା ବେଳେ ଫ୍ରାନ୍ସ ସହିତ ଏହି ଡିଲ୍ ଖୁବ୍ ଆବଶ୍ୟକ। ଯେମିତି ଭାରତୀୟ ମିସାଇଲ୍ ଏଥିରେ ମାଡ଼ କରାଯାଇପାରିବ ସେହିଭଳି ଡିଜାଇନ୍ କରିବାକୁ ଭାରତ ଫ୍ରାନ୍ସକୁ ଅନୁରୋଧ କରିଛି। ଅନ୍ୟପଟେ ପାକିସ୍ତାନ ମଧ୍ୟ ନୌସେନା ଶକ୍ତି ବଢ଼ାଉଛି। ତେଣୁ ଭାରତ ସଜାଗ ରହିଛି। ପଡ଼ୋଶୀର କୌଣସି ବି ଆକ୍ରମଣର ଜବାବ ଦେବାକୁ ଭାରତ ପ୍ରସ୍ତୁତ ବୋଲି ଶ୍ରୀ ତ୍ରିପାଠୀ କହିଛନ୍ତି।

**କେନ୍ଦ୍ର ସରକାରଙ୍କ ବଡ଼ ନିଷ୍ପତ୍ତି**

# ଶେଷ କଲେ ଓ୍ୱିଣ୍ଡଫଲ୍ ଟ୍ୟାକ୍ସ ; ତେଲ କମ୍ପାନିଗୁଡ଼ିକ ହେବେ ଉପକୃତ

ନୂଆଦିଲ୍ଲୀ, ୨।୧୨: ତେଲ କମ୍ପାନିଗୁଡ଼ିକୁ ବଡ଼ ଆଶ୍ୱସ୍ତି। ଭାରତ ସରକାରଙ୍କ ନିଷ୍ପତ୍ତିରେ ତେଲ କମ୍ପାନିଗୁଡ଼ିକ ପାଇଁ ଖୁସି ଖବର ଆସୁଥିବା ନଜର ଆସୁଛି। ଭାରତ ସରକାର ଓ୍ୱିଣ୍ଡ୍‌ଫଲ୍ ଟ୍ୟାକ୍ସ ଶେଷ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ସରକାରଙ୍କ ଏହି ପଦକ୍ଷେପ ପରେ ଓଏନଜିସି (ONGC), ଅୟଲ ଇଣ୍ଡିଆ ଏବଂ ରିଲାଏନ୍ସ ପରି କମ୍ପାନିଗୁଡ଼ିକୁ ବଡ଼ ଆଶ୍ୱସ୍ତି ମିଳିପାରେ। ଅଶୋଧିତ ତୈଳ ଉପରୁ ଓ୍ୱିଣ୍ଡ୍‌ଫଲ୍ ଟ୍ୟାକ୍ସ ଏବଂ ସେସ୍ ହଟାଇବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ଏହାସହ ସରକାର ଏଟିଏଫ୍, ପେଟ୍ରୋଲ୍, ଡିଜେଲ୍ ରପ୍ତାନୀରୁ ସ୍ୱତନ୍ତ୍ର ଅତିରିକ୍ତ ସୀମା ଶୁଳ୍କ ହଟାଇବା ପାଇଁ ନିଷ୍ପତ୍ତି ନେଇଛନ୍ତି। ୨୦୨୨ ଜୁଲାଇ ମାସରେ ସରକାରଙ୍କ ଦ୍ୱାରା ଏହି ଟିକସ୍ ଲାଗୁ କରାଯାଇଥିଲା। କେନ୍ଦ୍ର ସରକାର ପ୍ରାୟ ଅଢେଇ ବର୍ଷ ପରେ ଓ୍ୱିଣ୍ଡ୍‌ଫଲ୍ ଟିକସ ହଟାଇବା ପାଇଁ ନିଷ୍ପତ୍ତି ନେଇଛନ୍ତି। ରୁଷ-ୟୁକ୍ରେନ ଯୁଦ୍ଧ ସମୟରେ ଅଶୋଧିତ ତେଲ ମୂଲ୍ୟ ରେକର୍ଡ ସ୍ତରରେ ପହଞ୍ଚିବା ସମୟରେ ସରକାର ଏହି ଟିକସ ଲାଗୁ କରିଥିଲେ। ଏବେ ଅର୍ଥ ମନ୍ତ୍ରଣାଳୟ ଏହି ଟିକସକୁ ସମ୍ପୂର୍ଣ୍ଣ ରୂପେ ଶେଷ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ରିପୋର୍ଟ ଅନୁସାରେ ସରକାର ଅଶୋଧିତ ତୈଳର ଅନ୍ତରାଷ୍ଟ୍ରୀୟ ମୂଲ୍ୟରେ ହ୍ରାସ ଭିତରେ ଘରୋଇ ସ୍ତରରେ ଉତ୍ପାଦିତ କ୍ରୁଡ୍ ଅୟଲ ଏବଂ ବିମାନ ଇନ୍ଧନ (ଏଟିଏଫ୍), ପେଟ୍ରୋଲ ଏବଂ ଡିଜେଲ ରପ୍ତାନୀ ଉପରେ ୩୦ ମାସ ପୁରୁଣା ଟ୍ୟାକ୍ସ



ଶେଷ କରିଛନ୍ତି। କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ ରାଜ୍ୟସଭାରେ ଏହା ଉପରେ ଏକ ବିଜ୍ଞପ୍ତ ଉପସ୍ଥାପନ କରିଛନ୍ତି। ରୁଷ-ୟୁକ୍ରେନ ଯୁଦ୍ଧ ସମୟରେ ୨୦୨୨ରେ ଭାରତ ସରକାର ଅଶୋଧିତ ତୈଳ ଉପରେ ଓ୍ୱିଣ୍ଡ୍‌ଫଲ୍ ଟ୍ୟାକ୍ସ ଲାଗୁ କରିଥିଲେ। ଏହାସହ ସେହି ସବୁ ଦେଶଗୁଡ଼ିକ ମଧ୍ୟରେ ସାମିଲ ହୋଇଥିଲା, ଯେଉଁମାନେ ଉର୍ଜା କମ୍ପାନିର ଲାଭ ଉପରେ ଟିକସ କରନ୍ତି। ଓ୍ୱିଣ୍ଡ୍‌ଫଲ୍ ଟିକସ ଏପରି ଶୁଳ୍କ ଯାହାକୁ ଘରୋଇ ସ୍ତରରେ ପାଟ୍ରୋଲିୟମ କମ୍ପାନିଗୁଡ଼ିକ ଉପରେ ଏକ ନିର୍ଦ୍ଦିଷ୍ଟ ସୀମାରୁ ଅଧିକ ଲାଭ ଉପରେ ଲାଗୁ କରାଯାଇଥାଏ।

# ବାଂଲାଦେଶକୁ ତ୍ରିପୁରାର ନିର୍ଦ୍ଦେଶ: ତୁରନ୍ତ ୧୩୦ କୋଟିର ବାକି ବିଜୁଳି ବିଲ୍ ଦିଅ

ଅଗରତାଲା, ୨।୧୨: ବାଂଲାଦେଶରେ ଭାରତ ବିରୋଧୀ ହାଓ୍ୱା ବୋହୁଥିବା ବେଳେ ତ୍ରିପୁରାର ନିର୍ଦ୍ଦେଶ, ତୁରନ୍ତ ବାକି ପଇସା ଫେରାଅ। ଏନଟିପିସି ବିଦ୍ୟୁତ୍ ବ୍ୟାପାର ନିଗମ ଲିମିଟେଡ୍ ମାଧ୍ୟମରେ ହୋଇଥିବା ବିଜୁଳି ବାଣିଜ୍ୟିକ ଚୁକ୍ତି ଅନୁଯାୟୀ ବାଂଲାଦେଶ ଉପରେ ତ୍ରିପୁରା ୧୩୫ କୋଟି ଟଙ୍କାର ବିଜୁଳି ବିଲ ବାକି ରଖିଛି। ତୁରନ୍ତ ଏହି ବାକି ଟଙ୍କା ଫେରାଇବାକୁ ତ୍ରିପୁରା ସରକାର ବାଂଲାଦେଶକୁ କହିଛନ୍ତି। ବାଂଲାଦେଶରେ ସଂଖ୍ୟାଲଘୁଙ୍କ ଆତ୍ୟାଚାର ବଢ଼ୁଥିବା ବେଳେ ଭାରତ ବିରୋଧୀ ହାଓ୍ୱା ତେଜୁଛି। ବାଂଲାଦେଶର ବ୍ରାହ୍ମଣବରିଆ ଜିଲ୍ଲାର ଢାକା ଦେଇ ଯାଉଥିବା ଅଗରତାଲା-କୋଲକାତା ବସ୍ ଉପରେ ଶନିବାର ଆକ୍ରମମଣ କରାଯାଇଥିବା ଅଭିଯୋଗ ହୋଇଛି। ଏକ ଟ୍ରକ୍ ଓ ଅଟୋକ୍ସ ରିକ୍ସା ଦୁର୍ଘଟଣାଗ୍ରସ୍ତ ହେବା ପରେ ଭାରତୀୟ ଯାତ୍ରୀବାହୀ ବସ୍ ଉପରେ ଆକ୍ରମଣ କରିଥିଲେ ବାଂଲାଦେଶୀ।

ଏହି ଦୁର୍ଘଟଣାରେ ଯଦି ଓ କୌଣସି ବ୍ୟକ୍ତିରଙ୍କର ମୃତ୍ୟୁ ହୋଇନଥିଲା ତେବେ ବାଂଲାଦେଶୀ ନାଗରିକମାନେ ଭାରତୀୟ ଯାତ୍ରୀଙ୍କୁ ଧମକଚମକ ଦେଇଥିଲେ ଏବଂ ଭାରତ ବିରୋଧୀ ନାରା ଲଗାଇଥିଲେ। ଏହି ଘଟଣା ପରେ ତ୍ରିପୁରା ବାଂଲାଦେଶ ଉପରେ କ୍ଷୁବ୍ଧ ହୋଇଛି। ବାକି ଥିବା ଟଙ୍କା ଉପରେ ପ୍ରତିକ୍ରିୟା ଦେଇ ରବିବାର ରାଜ୍ୟ ଶକ୍ତି ମନ୍ତ୍ରୀ ରତନ ଲାଲ ନାଥ କହିଛନ୍ତି "ଯଦିଓ ୧୩୫ କୋଟି ଟଙ୍କା ବକେୟା ରହିଛି, ତେବେ ବାଂଲାଦେଶ ନିୟମିତ ଭାବରେ ଦେୟ ପ୍ରଦାନ କରୁଥିଲା। ବିଜୁଳିର ପ୍ରତି ୟୁନିଟ୍ ପାଇଁ, ଆମେ ୬.୬୫ ଟଙ୍କା ଚାର୍ଜ କରୁଥିଲୁ, ଯାହା ଘରୋଇ ସଂଯୋଗରୁ ପାଇଥିବା ତୁଳନାରେ ଭଲ ଦାମ।" ଏହା ପୂର୍ବରୁ ଠିକ୍ ସମୟରେ ବିଦୁତ ବିଲ ଦେଇ ନପାରିବାରୁ ମେ ୨୦୨୪ ତ୍ରିପୁରା ରାଜ୍ୟ ବିଦ୍ୟୁତ୍ ନିଗମ ଲିମିଟେଡ୍ (ଟିଏସଇସିଏଲ୍) ବାଂଲାଦେଶ ଶକ୍ତି ବିକାଶ ବୋର୍ଡ (ବିପିଡିବି)କୁ ବିଦ୍ୟୁତ୍ ଯୋଗାଣ ଉପରେ ପ୍ରତିବନ୍ଧକ ଲଗାଇଥିଲା ବର୍ଷ ହେଲା ବାଂଲାଦେଶ କର୍ତ୍ତୃପକ୍ଷ ଠିକ୍ ସମୟରେ ଦେୟ ଦେଇ ନପାରିବାରୁ ବକେୟା ପରିମାଣରେ ବୃଦ୍ଧି ପାଇଥିଲା। ଏନେଇ ଟିଏସଇସିଏଲ୍ ପରିଚାଳନା ନିର୍ଦ୍ଦେଶକ ଦେବାଶିଷ ସରକାର କହିଛନ୍ତି ଯେ ବିପିଡିବି ଟିଏସଇସିଏଲ୍ ୧ କୋଟି ଟଙ୍କାର ବକେୟା ରଖିଛି। ବର୍ତ୍ତମାନ କମ୍ପାନୀକୁ ଆର୍ଥିକ ଚ୍ୟାଲେଞ୍ଜ ଦେଖା ଦେଇଥବାରୁ ବାକି ପଇସା ଦେବାକୁ ବିପିଡିବିକୁ କୁହାଯାଇଛି। ସରକାରଙ୍କ ସୂଚନା ଅନୁଯାୟୀ, ଚୁକ୍ତିନାମା ଅନୁଯାୟୀ ବାଂଲାଦେଶ ତ୍ରିପୁରାରୁ ୧୬୦ ମେଗାୱାଟ ବିଜୁଳି ପାଇବାକୁ ହକଦାର। ଏହି ବାଣିଜ୍ୟକୁ ଏନଭିଭିଏନ (ଏନଟିପିସି ବିଦ୍ୟୁତ୍ ଭାୟାର ନିଗମ) ତଦାରଖ କରନ୍ତି। ତେବେ ବାଂଲାଦେଶ ଯେପରି ସମୟ ଅନୁସାରେ ପେମେଣ୍ଟ କରେ ଏନେଇ ଆମେ ଏନଭିଭିଏନ ସହ ଆଲୋଚନା କରିଛୁ ବୋଲି ସରକାର କହିଛନ୍ତି। ବାଂଲାଦେଶ ବିଜୁଳି ବିଲ୍ ସମୟ ଅନୁସାରେ ଦେଉ ନାହିଁ। କିସ୍ତି ଆକାରରେ ଦେଉଛି। ଫଳରେ ଏହା ରାଜ୍ୟ ଉପରେ ଆର୍ଥିକ ଚାପ ସୃଷ୍ଟି କରୁଛି। ତେଣୁ ବିଜୁଳି ଯୋଗାଣ କମ କରିଦିଆଯାଇଛି। ତା ସହିତ ଠିକ୍ ସମୟରେ ବିଜୁଳି ବିଲ୍ ଦେବାକୁ ଦେବାଶିଷ ସରକାର କହିଛନ୍ତି।

# ବଢ଼ୁଛି ଆଇଆଇଟି ଛାତ୍ରଛାତ୍ରୀଙ୍କ ଚାହିଦା

## ୪ କୋଟିରୁ ଅଧିକ ଦରମା ଦେଇ ନିଯୁକ୍ତି ଦେଉଛନ୍ତି କମ୍ପାନୀ

ନୂଆଦିଲ୍ଲୀ, ୨।୧୨: ଦେଶର ଆଇଆଇଟି ଛାତ୍ରଛାତ୍ରୀମାନେ ୨୦୨୫ ଶିକ୍ଷା ବର୍ଷରେ ଜବରଦସ୍ତ ନିଯୁକ୍ତି ସୁଯୋଗ ପାଇଛନ୍ତି। କୋଟି କୋଟି ଟଙ୍କାର ଦରମାରେ ସେମାନଙ୍କୁ ଚାକିରି ଅଫର କରିଛନ୍ତି ଦେଶ ବିଦେଶର ବଡ଼ ବଡ଼ କମ୍ପାନୀ। ପ୍ରଖ୍ୟାତ ଓ୍ୱାଲ୍ ଷ୍ଟ୍ରିଟ ଟ୍ରେଡିଂ କମ୍ପାନୀ ଜାନେ ଷ୍ଟ୍ରିଟ୍ ୨୦୨୫ ବର୍ଷର ଜଣେ ଆଇଆଇଟି ମାଡ୍ରାସ ଛାତ୍ରଙ୍କୁ ବାର୍ଷିକ ୪.୩ କୋଟି ଟଙ୍କାରୁ ଅଧିକ ଦରମାରେ ନିଯୁକ୍ତି ଦେଇଛି। ଏଥିରେ ବେସ୍ ସାଲାରି ସହ ଫିକ୍ସ ବୋନସ ଏବଂ ରିଲୋକେସନ ବେନିଫିଟ୍ ଆଦି ରହିଛି। ଛାତ୍ର ଜଣଙ୍କ ପୂର୍ବରୁ ସେହି କମ୍ପାନୀର ଇଣ୍ଟର୍ଣ୍ଣ ମଧ୍ୟ କରି ସାରିଛନ୍ତି। ଆଇଆଇଟି ଛାତ୍ରଛାତ୍ରୀଙ୍କୁ ଉଚ୍ଚା ଦରମାରେ ଚାକିରି ମିଳୁଥିବାରୁ ଦେଶର ଆଇଆଇଟି ଛାତ୍ରଛାତ୍ରୀଙ୍କ ଡିମାଣ୍ଡ ବଢ଼ୁଥିବା ଦେଖିବାକୁ ମିଳିଛି। ଟ୍ରେଡିଂ ଫାର୍ମ ଦ୍ୱାରା ନିଯୁକ୍ତି ପାଇଥିବା ଆଇଆଇଟିଆନ ହଙ୍ଗକଙ୍ଗରେ କ୍ୱାଣ୍ଟିଟେଟିଭ ଟ୍ରେଡର ଭାବରେ ଚାକିରି କରିବେ। କେବଳ ଗୋଟିଏ କମ୍ପାନୀ ନୁହଁନ୍ତି ଏକାଧିକ ବିଦେଶୀ କମ୍ପାନୀ ଆଇଆଇଟି ପୁରୁଣା ଛାତ୍ରଛାତ୍ରୀଙ୍କୁ ମଧ୍ୟ ମୋଟା ଅଙ୍କର ଦରମା ଅଫର କରିଛନ୍ତି। ବ୍ଲାକ୍‌ରକ୍, ଗ୍ଲେନ ଆଣ୍ଡ ଡା ଭିଞ୍ଚି ୨ କୋଟିରୁ ଅଧିକ ପ୍ୟାକେଜ୍ ଅଫର କରିଥିବା ବେଳେ ଏପିଟି ପୋର୍ଟଫୋଲିଓ ଏବଂ ରୁବ୍ରିକ୍ ୧.୪ କୋଟି, ଡାଟାବ୍ରିକ୍ସ, ଇବୁଲିଏଣ୍ଟ ସିକ୍ୟୁରିଟି ଏବଂ ଆଇଏମସି ଟ୍ରେଡିଂ ୧.୩ କୋଟି ଟଙ୍କା ଅଫର କରିଛନ୍ତି। କ୍ୱାଡେ ୧ କୋଟି ଟଙ୍କାର ପ୍ୟାକେଜ୍ ଅଫର କରିଥିବା ବେଳେ କ୍ୱାଣ୍ଟବକ୍ସ ଏବଂ ଗ୍ରାଭିଟନ୍ ଆଇଆଇଟିଆନମାନଙ୍କୁ ୯୦ ଲକ୍ଷ ଟଙ୍କା ଅଫର କରିଛି। ଡି-ଶ(୬୬-୭୦ ଲକ୍ଷ ଟଙ୍କା), ପେସ୍ ଷ୍ଟକ୍ ବ୍ରୋକିଂ (୭୫ ଲକ୍ଷ ଟଙ୍କା), ସ୍କୋୟାରପଏଣ୍ଟ କ୍ୟାପିଟାଲ୍ (୬୬ ଲକ୍ଷ ପ୍ଲସ୍), ମାଇକ୍ରୋସଫ୍ଟ (୫୦ ଲକ୍ଷ ପ୍ଲସ୍) ଏବଂ କୋହେସିଟି (୪୦ ଲକ୍ଷ ଟଙ୍କା)ର ଚାକିରି ଅଫର କରିଛନ୍ତି। ରବିବାର ଦିଲ୍ଲୀ, ବମ୍ବେ, ମାଡ୍ରାସ, କାନପୁର, ରୁର୍‌କୀ, ଖଡ଼ଗପୁର, ଗୁଆହାଟି ଏବଂ ବିଏଚୟୁରେ ପ୍ରତିଷ୍ଠିତ ଆଇଆଇଟିଗୁଡ଼ିକରେ ଚୂଡ଼ାନ୍ତ ନିଯୁକ୍ତି ପ୍ରକ୍ରିୟା ଶେଷ ହୋଇଥିଲା। ଆଇଆଇଟି ଛାତ୍ରଛାତ୍ରୀଙ୍କ ପ୍ଲେସ୍‌ମେଣ୍ଟରେ ପ୍ରଥମେ ପ୍ରଥମେ କ୍ୱାଲକମ୍, ମାଇକ୍ରୋସଫ୍ଟ, ଗୋଲ୍ଡମ୍ୟାନ୍ ସାକ୍ସ, ବଜାଜ ଅଟୋ, ଓଲା ଇଲେକ୍ଟ୍ରିକ୍, ଆଲଫୋନ୍ସୋ ଏବଂ ନ୍ୟୁଟାନିକ୍ସ ଭଳି କମ୍ପାନୀ ଭାଗ ନେଇଥିଲେ। ହେଲେ ଉଚ୍ଚା ଦରମା ଅଫର ଦେଖିବାକୁ ମିଳିନଥିଲା। ହେଲେ ମଝିରେ ଅଧିକ ଦରମା ଅଫର କରାଯାଇଛି।



## ତାତିଲେ ବାଲି ମାଫିଆ ; ଖଣି ଅଧିକାରୀଙ୍କୁ ଘୋଷାଡି ଘୋଷାଡି ପିଟିଲେ




**କେନ୍ଦୁଝର,୨।୧୨(ସଂଚାର ବ୍ୟୁରୋ):** ରାସ୍ତା ଉପରେ ଖଣି ଅଧିକାରୀଙ୍କ ସହ ଅନ୍ୟ କର୍ମଚାରୀଙ୍କୁ ଘୋଷାଡ଼ି ଘୋଷାଡ଼ି ପିଟିଲେ ବାଲି ମାଫିଆ। ବାଲି ମାଫିଆଙ୍କ ଆକ୍ରମଣରେ ଖଣି ଅଧିକାରୀ ଗୁରୁତର ଆହତ ହୋଇଛନ୍ତି। ଏପରି ଘଟଣା ଘଟିଛି କେନ୍ଦୁଝର ଜିଲ୍ଲା ଆନନ୍ଦପୁରରେ। ଖଣି ଅଧିକାରୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପ୍ରତ୍ୟେକ ଦିନ ଆନନ୍ଦପୁର ଉପଖଣ୍ଡର ବୈତରଣୀ, କୁଶେଇ ଓ ରେମାଳ ନଦୀର ବିଭିନ୍ନ ବାଲିଘାଟରୁ ଶହ ଶହ ଟ୍ରିପ୍ ବାଲି ମାଫିଆମାନେ ଚୋରାଚାଲାଣ କରିଥାନ୍ତି। ଗତକାଲି ମଧ୍ୟ ଚାଲାଣ କରାଯାଉଥିଲା। ଗତକାଲି ବିଳମ୍ବିତ ରାତିରେ ଖଣି ଅଧିକାରୀଙ୍କ ସହ ତାଙ୍କ ଟିମ୍ ଆସି ଚଢ଼ାଉ କରିଥିଲେ। ଏହି ସମୟରେ ବାଲି ମାଫିଆମାନେ ସେମାନଙ୍କୁ ଘେରି ଯାଇଥିଲେ। ଠେଙ୍ଗା, ଧାରୁଆ ଅସ୍ତ୍ର ଧରି ଆକ୍ରମଣ କରିଥିଲେ। ଖଣି ଅଧିକାରୀଙ୍କ ସମେତ ଅନ୍ୟ କର୍ମଚାରୀଙ୍କୁ ଘୋଷାଡ଼ି ଘୋଷାଡ଼ି ରାସ୍ତା ଉପରେ ମାଡ଼ ମାରିଥିଲେ। ଏଥିସହ ଗାଡ଼ି ଭଙ୍ଗାରୁଜା କରିଥିଲେ। ପରେ ସେହି ରାସ୍ତା ଦେଇ ଏକ ଆମ୍ବୁଲାନ୍ସ ସାଇରନ ମାରି ଆସିଥିଲା। ବାଲି ମାଫିଆ ମାନେ ପୁଲିସ ଗାଡ଼ି ଭାବି ସେଠାରୁ ଚମ୍ପଟ ମାରିଥିଲେ। ପରେ ଘସିପୁରା ପୁଲିସ ଯାଇ ଖଣି ଅଧିକାରୀ ସମେତ ଅନ୍ୟ କର୍ମଚାରୀଙ୍କୁ ଉଦ୍ଧାର କରିଥିଲା।

## କାଶିପୁର-ଡୁମେରପଦର ରାସ୍ତା ନବୀକରଣରେ ଦୁର୍ନୀତି ଅଭିଯୋଗ



ଉଚ୍ଚସ୍ତରୀୟ ତଦନ୍ତ ଦାବି

**ରାୟଗଡା,୨।୧୨(ସଂଚାର ବ୍ୟୁରୋ):** ଅତି ନିମ୍ନମାନର କାମ ଦେଖିବା କୁ ମିଳିଛି ରାୟଗଡା ଜିଲ୍ଲା କାଶିପୁର ବ୍ଲକ ଠାରୁ ସଂଯୋଗ କରୁଥିବା ଡୁମେରପଦର ପର୍ଯ୍ୟନ୍ତ ରାସ୍ତାର ନବୀକରଣ ଓ ସଂପ୍ରସାରଣ କରାଯାଉଥିବା କାର୍ଯ୍ୟ ଚାଲୁଥିବା ନେଇ ଅଭିଯୋଗ ସାମ୍ନାକୁ ଆସିଛି । ପିଡବ୍ଲୁଡି ବିଭାଗ ଦ୍ୱାରା ୨୫ କୋଟି ଟଙ୍କା ବ୍ୟୟବରାଦ ହେଉଥିବା ଏହି ରାସ୍ତାରେ ନିମ୍ନମାନର ବାଲି,ଚିପ୍ସ ବଦଳରେ ସ୍ଥାନେ ସ୍ଥାନେ ମେଟାଲ ବ୍ୟବହାର କରାଯାଉଛି । ରାସ୍ତାର ସମତୁଲ ଆଣିବା ନେଇ ମୁରୁମ ବିଛାଇବା । ବଦଳରେ ନାଳିମାଟି ପକାଯାଇ ସମତୁଲ କରାଯାଉଛି । ହେଲେ ଉକ୍ତ କାର୍ଯ୍ୟରେ ବିଭାଗୀୟ ଅଧିକାରୀ କିମ୍ବା ଠିକା ସଂସ୍ଥାର ଅଧିକାରୀ ଙ୍କର ଦେଖା ଦର୍ଶନ ନଥିବା ବେଳେ କେଉଁ ଭଳି ଭାବରେ ରାସ୍ତା ନିର୍ମାଣ ଆଗେଇ ଚାଲୁଛି ତାହା ଜନସାଧାରଣ ରେ ପ୍ରଶ୍ନବାଚୀ ସୃଷ୍ଟି କରୁଅଛି । ଏହାଛଡା ସର୍ବସାଧାରଣ ଏହି ରାସ୍ତାରେ କେତେ ଟଙ୍କା ଖର୍ଚ୍ଚ ହେବ ତାହା ମଧ୍ୟ ଜଣିପାରିନାହାଁନ୍ତି । ଲୋକେ ସୂଚନା ପାଇବା ପାଇଁ ବିଭାଗ ନିୟମ ଅନୁସାରେ ପ୍ରଥମେ ସୂଚନା ଫଳକ ଲାଗାଇବା ପରେ କାର୍ଯ୍ୟ ଆରମ୍ଭ କରିବା ବଦଳରେ ମନଇଛା ଠିକା ସଂସ୍ଥା ତାଙ୍କ କାମ କରୁଥିବା ଅତି ଦୁଃଖର ବିଷୟ ବୋଲି ବୁଦ୍ଧିଜୀବୀ ଙ୍କ ମହଲରେ ଆଲୋଚନା ହେଉଥିବା ଜଣାଯାଏ। ନିମ୍ନମାନର ରାସ୍ତା ନିର୍ମାଣ କାର୍ଯ୍ୟ ଚାଲେ ତାହାହେଲେ ଅଳ୍ପ ଦିନ ମଧ୍ୟରେ ରାସ୍ତା ଭୁଷୁଡି ଯିବା ସମ୍ଭାବନା କୁ କୌଣସି ବ୍ୟକ୍ତି ଅସ୍ୱୀକାର କରିପାରିବେ ନାହିଁ । ଗମନାଗମନ ସୁବିଧା ସୁଯୋଗ ସୃଷ୍ଟି କରିବା ଭଳି ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟରେ ଲାଭଖୋର ବିଭାଗୀୟ ଅଧିକାରୀ ଓ ଠିକା ସଂସ୍ଥାର ମିଳିତ ମଧୁଚନ୍ଦ୍ରୀକାରେ ରାଜ କୋଷରୁ କୋଟି କୋଟି ଟଙ୍କା ହରିଲୁଟ ଭଳି ଘଟଣା ସମ୍ପର୍କରେ କୌଣସି ଉଚ୍ଚ ସ୍ତରୀୟ କର୍ମଚାରୀ ଟେରପାଇପାରୁନ ଥିବା ସୁଯୋଗ ନେଇ ଠିକା ସଂସ୍ଥା କର୍ମଚାରୀ ମନଇଛା ନିମ୍ନମାନର ରାସ୍ତା ନିର୍ମାଣ କାର୍ଯ୍ୟ ମାଲାମାଲ ହେଉଥିବା ଅଭିଯୋଗ ହେଉଅଛି । ତେବେ ଏହାର ଉଚ୍ଚ ସ୍ତରୀୟ ତଦନ୍ତ ଦାବି ହେଉଥିବା ଘଟଣା ଏବେ ଧିରେ ଧିରେ ଦାନା ବାନ୍ଧିଥିବା ଜଣାପଡିଛି । ଏନେଇ ବିଭାଗୀୟ ଅଧିକାରୀ ଙ୍କୁ ଆମ ପ୍ରତିନିଧି ଫୋନ ଯୋଗେ ଯୋଗାଯୋଗ କରିଥିଲେ ମଧ୍ୟ କୌଣସି ସନ୍ତୋଷ ଜନକ ଉତ୍ତର ରଖିପାରିନଥିଲେ ତେଣୁ ଏହି ରାସ୍ତା ନିର୍ମାଣର ଯଦି ପ୍ରଶାସନ ତଦନ୍ତ କରେ ତେବେ ଭିତିରିଭ ଘଟଣା ଲୋକ ଲୋଚନକୁ ଆସିପାରିବ ବୋଲି ବୁଦ୍ଧି ଜିବି ମହଲ ରେ ଚର୍ଚ୍ଚା ଚାଲିଛି ।

## ଗନ୍ଧମାର୍ଦନ ସୁରକ୍ଷା ଦାବି ଜୋର ଧରିଲା

**ବରଗଡ଼,୨।୧୨(ସଂଚାର ବ୍ୟୁରୋ):** ଗନ୍ଧମାର୍ଦନ ସୁରକ୍ଷା ଆନ୍ଦୋଳନ କୁ ସୁଦୃଢ କରିବା ଉଦେଶ୍ୟରେ ବରଗଡ ଜିଲ୍ଲା ଗନ୍ଧମାର୍ଦନ ସୁରକ୍ଷା ଅଭିଯାନ ପକ୍ଷରୁ ନୃସିଂହନାଥ ଓ ଖପ୍ରାଖୋଲ ରେ ଆନ୍ଦୋଳନକୁ ସମର୍ଥନ ଜଣା ଯାଇଥିଲା। ରବିବାର ସକାଳୁ ଏହି ଅଭିଯାନ ର ସଦସ୍ୟ ମାନେ ପ୍ରଥମେ ନୃସିଂହ ନାଥ ପହଂଚି ପୂଜା ଅର୍ଚନା କରି ଥିଲେ ପରେ ଯୁବ ପରିଷଦର ଏକ ସଂକଳ୍ପ ସମାବେଶ ରେ ସମର୍ଥନ ଜଣାଇଥିଲେ। ଗନ୍ଧମାର୍ଦନ ର ଅନ୍ୟ ପଟେ ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ରେ ଚାଲିଥିବା ଗଣ ଧାରଣା କୁ ମଧ୍ୟ ସୁରକ୍ଷା ଅଭିଯାନ ର ସଦସ୍ୟ ମାନେ ପହଂଚି ପୂର୍ଣ୍ଣ ସମର୍ଥନ ଜଣାଇ ଥିଲେ। ଏହି କାର୍ଯ୍ୟ କ୍ରମ ରେ ଭୀଷ୍ମଦେବ ସରାଫ, କିଶୋର ସାହୁ, ରମେଶ ମହାପାତ୍ର, ଭବାନୀ ସାହୁ, ରାଜେନ୍ଦ୍ର ସିକନ୍ଦର, ବିମଳ ଦାଶ, ରମେଶ ପତି, ବିରେନ ପ୍ରଧାନ, ବିଶ୍ୱଜିତ ବିଶ୍ୱାଳ, ସୁବାଷ ପ୍ରଧାନ, ସାରଥୀ ମେହେର, ଶିବାନନ୍ଦ ମଟାରୀ, ମୁକୁନ୍ଦ ଦାଶ, ସରୋଜ ନାଏକ, ଶୟନ ପଣ୍ଡା, ଦାଉଲାଲ ସମେନ, ଅବଦୁଲ ଫିରୋଜ, ଶ୍ରବଣ ଶର୍ମା, ସୁଶାନ୍ତ ସାହୁ, ସୁରଥ ସାହୁ, ଅଜିତ ଶତପଥି ଓ ଅନ୍ୟମାନେ ଉପସ୍ଥିତ ଥିଲେ।




## ଡିଜିଟାଲ ଯୁଗରେ ଆସୁନି ମୋବାଇଲ୍ ନେଟ୍‌ୱର୍କ




**ଖପ୍ରାଖୋଲ,୨।୧୨(ସଂଚାର ବ୍ୟୁରୋ):** ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ଅଧିନସ୍ଥ ଖପ୍ରାଖୋଲ ପଞ୍ଚାୟତ ଅନ୍ତର୍ଗତ ମହୁରୁଡି ଗାଁରେ ଆସୁନି ମୋବାଇଲ ନେଟ୍‌ୱର୍କ । ମହୁରୁଡି ଗାଁରେ ନେଟୱର୍କ ଆସୁନଥିବାରୁ ଲୋକେ ବହୁ ଅସୁବିଧା ଭୋଗୁଛନ୍ତି । ଲୋକଙ୍କ ପାଖରେ ମୋବାଇଲ୍ ଅଛି, ବିଭିନ୍ନ କମ୍ପାନୀର ସିମକାର୍ଡ ମଧ୍ୟ ଲଗାଇଛନ୍ତି ହେଲେ କୌଣସି ନେଟ୍‌ୱର୍କ ଆସୁନଥିବାରୁ ଉପଭୋକ୍ତା ବେଶ୍ ହଇରାଣ ହେଉଛନ୍ତି । ଏବେ ଡିଜିଟାଲ ଯୁଗ କୁହାଯାଉଥିବା ବେଳେ ନେଟ୍‌ୱର୍କ ସମସ୍ୟା ଯୋଗୁଁ ଅଞ୍ଚଳର ଜନସାଧାରଣ ଓ ଛାତ୍ରଛାତ୍ରୀ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମରୁ ବଞ୍ଚିତ ରହୁଥିବା ଅଭିଯୋଗ କରୁଛନ୍ତି । ଏପରିକି ଛାତ୍ରଛାତ୍ରୀ ପଠପଢ଼ା ସମୟରେ ବହୁ ଅସୁବିଧା ଦେଖାଦେଉଛି । କୌଣସି ସରକାରୀ ଯୋଜନା ତଥ୍ୟ ସୂଚନା ପାଇବାକୁ ହେଲେ ଲୋକେ ଖର୍ଚ୍ଚାନ୍ତ ହୋଇ ଖପ୍ରାଖୋଲ ଯାଉଛନ୍ତି । ଫଳରେ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଥିବା ବେଳେ ଜିଲ୍ଲା ପ୍ରଶାସନ ଅବା ଉଚ୍ଚ ସ୍ତରୀୟ ପ୍ରଶାସନ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି ହେଉଛି ।

## ଦାଦନ ଖଟିବାକୁ ଯାଇ ସନ୍ଦେହଜନକ ମୃତ୍ୟୁ

**ଦାରିଙ୍ଗବାଡି,୨।୧୨(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ବ୍ଲକ ଅଞ୍ଚଳରୁ ଅନେକ ଲୋକ ଦାଦନ ଖଟିବାକୁ ଯାଇ ମୃତ୍ୟୁର ଶିକାର ହେଉଥିବା ନଜିର ରହିଛି। ଜଣେ ଜନଜାତି ସମ୍ପ୍ରଦାୟର ଯୁବକ ଦାଦନ ଖଟିବାକୁ ରାଜ୍ୟ ବାହାରକୁ ଯାଇଥିଲେ। ମାତ୍ର ଗୋଟିଏ ଦିନ କାମ କରି ସ୍ୱାସ୍ଥ୍ୟଗତ ଯୋଗୁ ପୁଣି ଗାଁକୁ ଫେରୁଥିଲେ। ତେବେ ରବିବାର ତାଙ୍କ ମୃତଦେହ ପଲାସା ଥାନାଠାରୁ ୨୦ କିଲୋମିଟର ଦୂରତା ରେଳ ଟ୍ରାକରୁ ମିଳିଥିବା ଜଣାପଡ଼ିଛି। ମୃତକ ହେଲେ ଦାରିଙ୍ଗବାଡି ଥାନା ଶ୍ରୀନିକେତା ପଞ୍ଚାୟତ ଶୀତଳପାଟ ଗ୍ରାମର ମୁନା ପ୍ରଧାନ। ମୁନାଙ୍କ ସହ ଅନ୍ୟ ଜଣେ ଥିବା ବେଳେ ସେମାନେ ଘରକୁ ଫେରିଥିଲେ ମଧ୍ୟ ମୁନା ଆସି ନ ଥିବାରୁ ପରିବାର ଲୋକ ବ୍ୟସ୍ତ ହୋଇପଡ଼ିଥିଲେ। ଅଞ୍ଚଳରେ କାର୍ଯ୍ୟରତ ଗ୍ରାମବିକାଶ ଓ ଜାଗୃତି ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ପରିବାର ଲୋକ ଯୋଗାଯୋଗ କରିବା ପରେ ଅନୁଷ୍ଠାନ ପକ୍ଷରୁ ପଲାସା ଅଞ୍ଚଳ ରେଲୱେ ପୋଲିସ ସହ ଯୋଗାଯୋଗ କରି ମୁନାଙ୍କ ମୃତଦେହକୁ ଚିହ୍ନଟ କରିଥିଲେ।

## ଭିନ୍ନକ୍ଷମଙ୍କ ନେତୃତ୍ୱ ବିକାଶ ସମ୍ପର୍କିତ ଆଲୋଚନାଚକ୍ର



**ସୁବର୍ଣ୍ଣପୁର,୨।୧୨(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ସଦର ଧୁରାମୁଣ୍ଡା ଠାରେ ସ୍ୱେଚ୍ଛାସେବୀ ସଂଗଠନ ରେଥାର ତରଫରୁ ଜିଲ୍ଲା ପ୍ରଶାସନ ସୁବର୍ଣ୍ଣପୁର ସହାୟତା ରେ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳନ ଅବସରରେ ଆଜି ଭିନ୍ନକ୍ଷମ ମାନଙ୍କ ନେତୃତ୍ୱ ବିକାଶ ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ଅଞ୍ଜଳିନା ପ୍ରଧାନ ଯୋଗ ଦେଇ ଉଦଘାଟନ କରିଥିଲେ। ଭିନ୍ନକ୍ଷମଙ୍କ ମାନଙ୍କ ବିକାଶ ପାଇଁ ପ୍ରତ୍ୟେକ ତଥା ସମସ୍ତଙ୍କ ଅବଦାନ ର ଆବଶ୍ୟକତା ଉପରେ ଗୁରୁତ୍ୱ ରୋପ କରିଥିଲେ। ଅନୁଷ୍ଠାନ ର ପ୍ରତିଷ୍ଠାତା ସଦସ୍ୟ ଗୌରୀଶ୍ୟାମ ପଣ୍ଡା ଆଲୋଚନାଚକ୍ର ର ଆଭିମୁଖ୍ୟ ଉପସ୍ଥାପନା କରିବା ସହ ଆମର ସାମାଜିକ ଉତ୍ତରଦାୟିତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟତମ ଅତିଥି ଭାବେ ରେଥାର ଉପସଭାପତି ପଦ୍ମିନୀ ବକ୍ସି, ସଦସ୍ୟ ଅମୃତ ବିହାରୀ ଶତପଥି, ହରିପ୍ରିୟା ପାଣିଗ୍ରାହୀ ଯୋଗ ଦେଇଥିଲେ, କାର୍ଯ୍ୟକ୍ରମକୁ ରେଥାର ସାଧାରଣ ସମ୍ପାଦକ ଅନନ୍ତ ନେଗୀ ସଂଯୋଜନା କରିଥିବା ବେଳେ କୁଲୁ ଦତ୍ତା ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଜିଲ୍ଲା ର ସର୍ବଶିକ୍ଷା ଅଭିଯାନର ଆଇଡି ସଂଯୋଜକ, ଭିନ୍ନକ୍ଷମ ମାନଙ୍କ ପାଇଁ କାର୍ଯ୍ୟ କରୁଥିବା ସଂଗଠନ ର ପ୍ରତିନିଧି ମାନେ ପ୍ରମୁଖ ଯୋଗ ଦେଇଥିଲେ।

## ଆଜି ଠାରୁ ଖରିଫ ଧାନ କିଣା




**ବଲାଙ୍ଗିର,୨।୧୨(ସଂଚାର ବ୍ୟୁରୋ):** ବଲାଙ୍ଗିର ଜିଲ୍ଲାରେ ଖରିଫ ୨୦୨୪-୨୫ ବର୍ଷ ପାଇଁ ଜିଲ୍ଲା ସ୍ତରୀୟ ଧାନ କ୍ରୟ କମିଟି ର ନିଷ୍ପତ୍ତି ଅନୁସାରେ ଆଜି ଠାରୁ ଖରିଫ ଧାନ କିଣା ଆରମ୍ଭ କରାଯାଇଛି । ଜିଲ୍ଲାପାଳ ଶ୍ରୀ ଗୌରବ ଶିଓାଜୀ ଈସାଲଘାଟ ଆଜି ଆରଏମସି ପାଟଣାଗଡ ର ମଣ୍ଡଳ ମାର୍କେଟ ୟାର୍ଡ ରେ ଧାନ କିଣା ର ଶୁଭାରମ୍ଭ କରିଛନ୍ତି । ବଲାଙ୍ଗିର ଜିଲ୍ଲାରେ ଆଜିଠାରୁ ପର୍ଯ୍ୟାୟକ୍ରମେ ୯୫,୦୮୭ ପଞ୍ଜୀକୃତ ଚାଷୀ ମାନଙ୍କ ଠାରୁ ୧୭୬ ଗୋଟି ମଣ୍ଡି ମାଧ୍ୟମରେ (୧୫୮ ପେକ୍ସ ଏବଂ ୧୮ ଏସଏଚଜି) ୩୪,୦୮,୦୭୩ କୁଇଣ୍ଟାଲ ଧାନ ସଂଗ୍ରହ କରାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଚଳିତ ବର୍ଷ ଧାନ ର ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରତି କ୍ୱିଣ୍ଟାଲ ପିଛା ୨୩୦୦/- ଟଙ୍କା ଏବଂ ଗ୍ରେଡ-ଏ ମୂଲ୍ୟ ପ୍ରତି କ୍ୱିଣ୍ଟାଲ ୨୩୨୦/- ଟଙ୍କା ରଖାଯାଇଛି। ଏହାବାଦ ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ସର୍ବନିମ୍ନ ସହାୟକ ମୂଲ୍ୟ ସମେତ ୮୦୦ ଟଙ୍କାର ଅତିରିକ୍ତ ଇନପୁଟ ଆସିଷ୍ଟାନ୍ସ ମଧ୍ୟ ଦିଆଯିବ । ଆଜିର ଧାନ କିଣା ଶୁଭାରମ୍ଭ କାର୍ଯ୍ୟକ୍ରମ ଆରକ୍ଷୀ ଅଧିକ୍ଷକ ଋଷିକେଶ ଖିଲାରୀ ଦ୍ୟାନଦେଓ, ଅତିରିକ୍ତ ଜିଲ୍ଲାପାଳ ଡ଼ ବିଜୟାନନ୍ଦ ସେଠୀ , ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ବେଣୁଧର ପାଣିଗ୍ରାହୀ , ସମବାୟ ସମିତି ଉପ ନିବନ୍ଧକ ପ୍ରମୋଦ ବରିହା ଙ୍କ ସମେତ ସମବାୟ ,ନିୟନ୍ତ୍ରିତ ବଜାର କମିଟି, ପ୍ରାଥମିକ କୃଷି ସମବାୟ ସମିତି (ପେକ୍ସ) ର ଅଧିକାରୀ ଓ କର୍ମଚାରୀ ଏବଂ ଚାଷୀ ମାନେ ଉପସ୍ଥିତ ଥିଲେ ।

# ଧାନ ବିଲରେ ମୃତଦେହ ଠାବ, ହତ୍ୟା ସନ୍ଦେହ

**ସୁନ୍ଦରଗଡ,୨।୧୨(ସଂଚାର ବ୍ୟୁରୋ):** ଆଜି ପୂର୍ବାହ୍ନ ୧୦ଟା ସମୟରେ ଲୋକ ଲୋଚନକୁ ଆସିଥିଲା ଏହି ଘଟଣା। ବିରେନ୍ଦ୍ର ମାଝି ନାମକ ଜଣେ ଟ୍ରାକ୍ଟର ଡ୍ରାଇଭରଙ୍କ ଶବ ଧାନ ବିଲରେ ଚିହ୍ନଟ ହୋଇଥିଲା। ଘଟଣା ପ୍ରଚାର ହେବା ମାତ୍ରେ ସଦର ପୋଲିସ ଟିମ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ତେବେ ବିରେନ୍ଦ୍ରଙ୍କ ଘର ଠାରୁ ମାତ୍ର ୩ ଶହ ମିଟର ଦୂରରେ ତାଙ୍କ ଶବ ପଡ଼ିଥିବା ଓ ତାଙ୍କ ଡ଼ାହାଣ ଆଖି ରକ୍ତାକ୍ତ ହୋଇଥିବା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି। ଏହା ଏକ ସ୍ୱାଭାବିକ ମୃତ୍ୟୁ ନୁହେଁ ବୋଲି ସ୍ଥାନୀୟ ଲୋକେ କହିଛନ୍ତି । ବିରେନ୍ଦ୍ରକୁ ଗତକାଲି ତାଙ୍କ ଟ୍ରାକ୍ଟର ମାଲିକଙ୍କ ୪ ହଜାର ଟଙ୍କା ଦେଇଥିବା କଥା ଟ୍ରାକ୍ଟର ମାଲିକ ପୋଲିସ ନିକଟରେ କହିଛନ୍ତି । ତେବେ ବିରେନ୍ଦ୍ର ସହ ସୁନିଲ ନାଏକ ନାମକ ଜଣେ ବ୍ୟକ୍ତି ଥିବା କଥା ମୃତ ବିରେନ୍ଦ୍ରର ବାପା କହିଛନ୍ତି । ଅପରପକ୍ଷେ ସୁନିଲ ବିରେନ୍ଦ୍ରକୁ ଗତକାଲି ରାସ୍ତା କଡ଼ରେ ଛାଡିଥିବା କଥା କହିଛି। ଅପର ପକ୍ଷେ ପୋଲିସ ସବୁ ଦିଗରୁ ତଦନ୍ତ ଜାରି ରଖିଛି। ତେବେ ବିରେନ୍ଦ୍ରଙ୍କ ଶବ ଠାରୁ ମାତ୍ର କେଇ ମିଟର ଦୂରରେ ଝାଡି ଭିତରେ ଏକ ବେଲଚା ମିଳିବା ଘଟଣା ଏହି ସନ୍ଦେହକୁ ଦ୍ୱିଗୁଣିତ କରିଛି। କେବଳ ଲୋକେ କାହିଁକି ଅନୁରୂପ ସନ୍ଦେହ ପୋଲିସ ମଧ୍ୟ କରୁଛି। ଅପରପକ୍ଷେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ସଦର ଥାନା ଅଧିକାରୀ ସସ୍ମିତା ଦେବତା କହିଛନ୍ତି ।



## ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର




**ଭେଡ଼େନ,୨।୧୨(ସଂଚାର ବ୍ୟୁରୋ):** ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ଶ୍ରୀ ଆଦିତ୍ୟ ଗୋୟଲ ଏବଂ ଆରକ୍ଷୀ ଅଧିକ୍ଷକ ଶ୍ରୀ ପ୍ରହଲ୍ଲାଦ ସହାୟ ମୀନାଙ୍କ ମିଳିତ ଅଧ୍ୟକ୍ଷତାରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଶ୍ରୀ ଗୋୟଲ ଏବଂ ଆରକ୍ଷୀ ଅଧିକ୍ଷକ ଶ୍ରୀ ପ୍ରହଲ୍ଲାଦ ସହାୟ ମୀନାଙ୍କ ସମେତ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଲଲାଟ କୁମାର ଲୁହା, ଉପଜିଲ୍ଲାପାଳ ଶ୍ରୀ ପ୍ରସନ୍ନ କୁମାର ପାଣ୍ଡେ, ଜିଲ୍ଲା ବନଖଣ୍ଡ ଅଧିକାରୀ ଶ୍ରୀ ବିକ୍ରମଦେବ ପଟ୍ଟନାୟକ, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ନିରୁପମା ଶଡଙ୍ଗୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ତ୍ରିପୁରା ମହାନନ୍ଦ, ସହାୟକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ପ୍ରୀତିଶ ଦୋରା ଏବଂ ବ୍ଲକ ଅଧ୍ୟକ୍ଷା ସୁପ୍ରଭା ମହାଲିଙ୍ଗ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ । ସୂଚନାଯୋଗ୍ୟକି, ଉକ୍ତ ଶିବିରରେ ଜଳସେଚନ, ବିଦ୍ୟୁତ୍ ଯୋଗାଣ, ପାନୀୟ ଜଳ ଯୋଗାଣ, ରାସନ କାର୍ଡ, ବାର୍ଦ୍ଧକ୍ୟ ଏବଂ ବିକଳାଙ୍ଗ ଭତ୍ତା, ରାସ୍ତା ନିର୍ମାଣ, କୃଷି ଆଦି ସମସ୍ୟା ଅଧାରିତ ସମୁଦାୟ ୯୭ ଗୋଟି ଅଭିଯୋଗ ମଧ୍ୟରୁ ୮୧ ଗୋଟି ବ୍ୟକ୍ତିଗତ, ୧୫ ଗୋଟି ସାମୁହିକ ଅଭିଯୋଗ ଏବଂ ୧ ଗୋଟି ରେଡକ୍ରସ ଅଭିଯୋଗର ଶୁଣାଣି କରି ସମସ୍ତ ସମସ୍ୟା ତୁରନ୍ତ ସମାଧାନ କରିବା ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ବ୍ଲକସ୍ତରୀୟ ଜାତୀୟ ଶକ୍ତି ସଂରକ୍ଷଣ କୁଇଜ ପ୍ରତିଯୋଗିତା




**ଯୋଡ଼ା,୨।୧୨(ସଂଚାର ବ୍ୟୁରୋ):** ଯୋଡ଼ା ମୁନ୍ସିପାଲିଟି ଅଧିନସ୍ଥ ସରକାରୀ ଉଚ୍ଚ ବିଦ୍ୟାଳୟ ଯୋଡ଼ା ଠାରେ ଯୋଡ଼ା ବ୍ଲକର ଶକ୍ତି କ୍ଲବ ଅନ୍ତର୍ଭୁକ୍ତ ସମସ୍ତ ଉଚ୍ଚ ବିଦ୍ୟାଳୟ ରୁ ୧୧୨ଜଣ ପ୍ରତିଯୋଗୀଜାତୀୟ ଶକ୍ତି ସଂରକ୍ଷଣ ଉପରେ ଲିଖିତ ପ୍ରତିଯୋଗିତା ରେ ଭାଗ ନେଇଥିଲେ। ପ୍ରତିଯୋଗୀ ମାନଙ୍କ ମଧ୍ୟରୁ କୃତି ପ୍ରତିଯୋଗୀ ମାନଙ୍କୁ ସାର୍ଟିଫିକେଟ ସହ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା। ଉକ୍ତ ପୁରସ୍କାର ବିତରଣୀ ସଭାରେ ମୁନିସିପାଲିଟି ଉଚ୍ଚ ବିଦ୍ୟାଳୟ ନାଲଦା ର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ମହେନ୍ଦ୍ର କୁମାର ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସରକାରୀ ଉଚ୍ଚ ବିଦ୍ୟାଳୟ ଯୋଡ଼ା ର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ଶଙ୍କର୍ଷଣ ମାରାଣ୍ଡି ସଭାପତିତ୍ୱ କରିଥିଲେ। ଏହି ପ୍ରତିଯୋଗିତା ରେ ସରକାରୀ ହିନ୍ଦୀ ଉଚ୍ଚ ବିଦ୍ୟାଳୟ, ପଶ୍ଚିମ ଯୋଡ଼ା ର ଛାତ୍ରୀ ଦେବସ୍ମିତା ହେମ୍ବ୍ରମ ୧ମ ସ୍ଥାନ, ଧବଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ ର ଜସ୍ମିନ ମୁଣ୍ଡା ୨ୟ ସ୍ଥାନ, ଓ ସରକାରୀ ହିନ୍ଦୀ ଉଚ୍ଚ ବିଦ୍ୟାଳୟ, ପଶ୍ଚିମ ଯୋଡ଼ା ର ଛାତ୍ରୀ ମୋନାଲିଶା ପୃଷ୍ଟି ୩ୟ ସ୍ଥାନ ଅଧିକାର କରିଥିଲେ। ଏହି ସଫଳ ପ୍ରତିଯୋଗୀ ମାନଙ୍କୁ ମାନପତ୍ର ସହ ପୁରସ୍କାର ରାଶି ମୁଖ୍ୟ ଅତିଥି ଶ୍ରୀଯୁକ୍ତ ମହେନ୍ଦ୍ର କୁମାର ଜେନା ଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା।ଏହି ପ୍ରତିଯୋଗିତା ର ସଫଳ ରୂପାୟନ ପାଇଁ ବିଦ୍ୟାଳୟ ର ସହକାରୀ ଶିକ୍ଷକ ଅମରେଶ ଚନ୍ଦ୍ର ସେଠି, ଦୀପକ କୁମାର ସାହୁ, ଶିକ୍ଷୟିତ୍ରୀ ଗାନ୍ଧାରୀ ନାଏକ, ଲାବଣ୍ୟମତି ମହନ୍ତ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ଶେଷରେ ସଭାପତି ଶ୍ରୀଯୁକ୍ତ ଶଙ୍କର୍ଷଣ ମାରାଣ୍ଡି ଉପସ୍ଥିତ ସମସ୍ତ ପ୍ରତିଯୋଗୀ, ଛାତ୍ର ଛାତ୍ରୀ, ଓ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଧନ୍ୟବାଦ ଦେଇ ସଭାସଙ୍ଗ କରିଥିଲେ।

## ମାନବାଧିକାର ଉଲ୍ଲଂଘନ

**କଳାହାଣ୍ଡି,୨।୧୨(ସଂଚାର ବ୍ୟୁରୋ):** ଦୁଇବିଂଶ ଶତାଧିର ମାନବଧିକାର ପାଇଁ ବିଶ୍ୱବ୍ୟାପି ଆନ୍ଦୋଳନ ଚାଲିଥିବା ବେଳେ କଳାହାଣ୍ଡି ଜିଲ୍ଲାରେ ପ୍ରତିମୁହୂର୍ତ୍ତରେ କେଉଁଠି ନା କେଉଁଠି ମାନବାଧିକାରକୁ ହତ୍ୟା କରାଯାଉଛି । ଯେଉଁ ମାନେ ଏଥିପାଇଁ ଲୋକଙ୍କ ମଧ୍ୟରେ ସଚେତନ ସୃଷ୍ଟି କରାଇ ସେମାନଙ୍କ ଅଧିକାର କୁ ସାବ୍ୟସ୍ତ କରାଇବା କଥା । ସେହି ରାଜନେତା ଓ ପ୍ରଶାସନିକ ଅଧିକାରୀ ମାନେ ଏହି ମାନବାଧିକାର ହତ୍ୟାର ମୁଖ୍ୟ ପୃଷ୍ଟପୋଷକ ସାଜିଛନ୍ତି । ଏହା ଦ୍ୱାରା ସେମାନେ ଲକ୍ଷପତି, କୋଟିପତି ହେଉଥିବା ବେଳେ ସାଧାରଣ ଲୋକଙ୍କ ମୌଳିକ ସୁବିଧା ସୁଯୋଗ ଟିକେ ପାଇପାରୁନାହାନ୍ତି । ଲୋକଙ୍କ ଜୀବନ ଜୀବିକା କୁ ସୁନିଶ୍ଚିତ କରିବା ଉଭୟ ଜନ ଓ ପ୍ରତିନିଧି ଓ ପ୍ରଶାସନର କାର୍ଯ୍ୟ ହୋଇଥିଲେ ମଧ୍ୟ ଜିଲ୍ଲାରେ ନିଯୁକ୍ତି ଓ ଆତ୍ମ ନିଯୁକ୍ତିର କୌଣସି ସୁଯୋଗ ନ ହେବାରୁ ଜୀବନ ଜୀବିକା ପାଇଁ ଜିଲ୍ଲାରେ ଲକ୍ଷାଧିକ ଯୁବକ ରାଜ୍ୟ ଓ ଦେଶ ବାହାରେ ମୂଳ ଲାଗୁଛନ୍ତି । କେତକ ଦାଦନ ଖଟୁଥିବାର ମଧ୍ୟ ଅଭିଯୋଗ ହୋଇ ଆସୁଛି । ଟଙ୍କିକିଆ ଚାଉଳ ଜାଲ ବିପିଏଲ ଧାରୀ ବହୁ ବଡବଡ଼ିଆ ମାରି ନେଉଥିବା ବେଳେ ହଜାର ହଜାର ସଂଖ୍ୟାରେ ଦରିଦ୍ର ଅସହାୟ ପରିବାର ଏଥିରୁ ବଂଚିତ ହେଉଛନ୍ତି । ଆରମ୍ଭ ହେଲା ବିଭିନ୍ନ ଆବାସ ଯୋଜନା କିନ୍ତୁ ହଜାର ହଜାର ନିଶ୍ୱ ପରିବାର ଭଙ୍ଗା କୁଡ଼ିଆ ତଳେ ଏବେ ବି ମୁଣ୍ଡ ଗୁଞ୍ଜୁଛନ୍ତି । ଏହାର କାରଣ ହେଲା ଆଜିର ଦିନରେ ମଧ୍ୟ ଲେନ ଦେନ ଟଙ୍କାରେ ବଡବଡ଼ିଆ ଙ୍କୁ ବିକ୍ରି କରାଯାଉଥିବା ଅଭିଯୋଗ ହେଉଛି । ବ୍ଲକ ପ୍ରଶାସନ କିମ୍ବା ପଞ୍ଚାୟତ ପ୍ରତିନିଧି ମାନଂକୁ ଏହି ବିଷୟରେ ପଚାରିଲେ ସେମନେ କିଛି ନ ଜାଣିଲା ପରି, ନାହିଁ ଆଜ୍ଞା ଏବେ ତ ଅନଲାଇନ ଯୁଗ, ଆମ ହାତରେ କଣ ଅଛି । ଏଠି ପ୍ରଶ୍ନ ଉଠେ ଯଦି ତାଙ୍କ ହାତରେ ନାହିଁ, ତାହେଲେ ଗରିବ ଶ୍ରେଣୀର ଅନଲାଇନ ଜାଗାରେ ଧନୀ ବ୍ୟକ୍ତି କିଭଳି ଘର ତିଆରି କରି ସେ ଘରେ ରହିବା ବଦଳରେ ଦୋକାନ ଘର କରିବା ପାଇଁ ଅନ୍ୟ ଲୋକଙ୍କୁ ଭଡା ଦେଉଥିବା ଅଭିଯୋଗ ଉଠୁଛି । ଆହୁରି ସବୁଠାରୁ ବଡ଼ କଥା ରାଜ୍ୟ ସରକାର ଦେଉଥିବା ମୋ କୁଡ଼ିଆ କେବଳ ଦଳୀୟ କର୍ମୀଙ୍କ ପାଇଁ ଉଦ୍ଧିଷ୍ଟ ଥିବା ଦେଖା ଯାଉଛି ।

## ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର




**ଜଗତସିଂହପୁର,୨।୧୨(ସଂଚାର ବ୍ୟୁରୋ):** ଆଜି ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ ଙ୍କ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ତିର୍ତ୍ତୋଲ ବ୍ଲକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଅଛି।ଏହି ଅଭିଯୋଗ ଶିବିର ରେ ଉପସ୍ଥିତ ବିଭିନ୍ନ ଅଧିକାରୀ ମାନେ ଜନସାଧାରଣଙ୍କ ଦ୍ୱାରା ଆଗତ ଆପତ୍ତି ଅଭିଯୋଗ ର ଶୁଣାଣି କରିଥିଲେ। ଆଜି ମୋଟ ୧୮୯ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୧୭୭ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୧୨ ଟି, ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ୍ କାର୍ଡ ସମ୍ବନ୍ଧୀୟ ୩୮ ଟି, ଆବାସ ଯୋଜନା ସମ୍ପର୍କୀୟ ୪୮ଟି ,ଜମିଜମା ସମସ୍ୟା ସମ୍ପର୍କୀୟ ୫୫ ଟି, ପେନସନ ପାଇବା ପାଇଁ ୫ ଟି, ଏବଂ ଅନ୍ୟାନ୍ୟ ୩୧ ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ରେ ଆରକ୍ଷୀ ଅଧିକ୍ଷକ ଶ୍ରୀ ଭବାନୀ ଶଙ୍କର ଉଦଗାତା, ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ଶ୍ରୀ ରବି ନାରାୟଣ ଜେଠୀ, ଉପ ଜିଲ୍ଲାପାଳ ଶ୍ରୀ ପ୍ରଶାନ୍ତ କୁମାର ତରାଇ,ଗୋଷ୍ଠୀ ଉନ୍ନୟନ ଅଧିକାରୀ ତିର୍ତ୍ତୋଲ , ଶ୍ରୀଦୀପକ ପ୍ରସାଦ ସ୍ୱାଇଁ, ତହସିଲଦାର, ତିର୍ତ୍ତୋଲ, ଶ୍ରୀ ସୁଧାଂଶୁ ଶେଖର ସାହୁ,ଜିଲ୍ଲା ସ୍ତରୀୟ ଅଧିକାରୀ, ତିର୍ତ୍ତୋଲ ଏସ ଡି ପି ଓ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗ ର ଶୁଣାଣି କରିଥିଲେ।

## ରଘୁନାଥ ପ୍ରହରୀ ମଣ୍ଡପର ରତ୍ନମୁଦ ଉତ୍ସବ

**ଖପ୍ରାଖୋଲ,୨।୧୨ (ସଂଚାର ବ୍ୟୁରୋ):** ଖପ୍ରାଖୋଲ ବ୍ଲକର ଡୁଡୁକିପଦର ଗାଁରେ ନବ ନିର୍ମିତ ଶ୍ରୀ ଶ୍ରୀ ରଘୁନାଥ ପ୍ରହରୀ ମଣ୍ଡପ ର ରତ୍ନ ମୂଦ ବା କୁମ୍ଭ ପୂରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା । ସର୍ବ ପ୍ରଥମେ ପଣ୍ଡିତ ବୈଦ୍ୟନାଥ ମିଶ୍ରଙ୍କ ପୌରହିତ୍ୟରେ ଇନ୍ଦ୍ର-ଇନ୍ଦ୍ରାଣୀ ଙ୍କ ପୂଜା, ବିଶ୍ୱକର୍ମା ପୂଜା ପରେ ଅଷ୍ଟ ଧାତୁ, ଧନ ରତ୍ନ ପ୍ରତ୍ୟୁଷ୍ଟା କରାଯାଇଥିଲା । ମନ୍ଦିର ମିସ୍ତ୍ରୀ ଯଶୋବନ୍ତ ପଧାନ ଓ ଡୋଲାମଣୀ ସାହୁ ବିଶ୍ୱକର୍ମାଙ୍କୁ ପୂଜା ଅର୍ଚନା କରିଥିଲେ । ଗୌନ୍ତିଆ ନିମାଇଁ ନାଗ ସହ ଧର୍ମ ପତ୍ନୀ ଲାଇବନି ନାଗ ପୂଜା କର୍ତ୍ତା ହୋଇଥିଲେ । ଏହି ଉତ୍ସବରେ ଅଞ୍ଚଳ ରୁ ଶହ ଶହ ପୁରୁଷ, ମହିଳା, ବୃଦ୍ଧବୃଦ୍ଧା, ଯୁବକ ଯୁବତୀ ମାନେ ଯୋଗଦାନ କରି ରତ୍ନମୁଦରେ ସଂକଳ୍ପ କରି ଅଷ୍ଟ ଧାତୁ ସହ ଧନ ରତ୍ନ ଦାନ କରିଥିଲେ । ଉତ୍ସବରେ ରାମ ନାଗ, ସୁବାସ ବନଛୋର, ରବୀନ୍ଦ୍ର ନାଏକ, ଜୟଲାଲ ବନଛୋର, ଭାଗିରଥି ଧରୁଆ, ପ୍ରଦୀପ ନିଆଲ, ଗୋପାଳ ପୁଟେଲ, ତୁଳା କରୁଆଁ, ଚୈତନ୍ୟ ପୁଟେଲ, ଡୋଲମଣୀ ମହାଲିଙ୍ଗ, ତପିମନୀ ନାଗ, ଲିଙ୍ଗରାଜ ପୋଢ଼, ତୁଲାରାମ ବରିହା, ସକୁର ସିଂ, କ୍ଷେତ୍ର ଦାସ ସହଯୋଗ କରିଥିବା ବେଳେ ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତର ଙ୍କ ପୋଲିସ ସହାୟତାରେ ଶାନ୍ତି ଶୃଙ୍ଖଳାରେ ସମାପ୍ତ ହୋଇଥିବା ଖବର ଜଣା ପଡିଛି ।

## ଘନକୁହୁଡ଼ି ସହ ଶୀତ ଲହରୀ

**ଝରିଗାଁ,୨।୧୨(ସଂଚାର ବ୍ୟୁରୋ):** ଚଳିତବର୍ଷ ବିଳମ୍ବରେ ଶୀତ ଆସିଥିଲେ ମଧ୍ୟ ଘନକୁହୁଡ଼ି ସହ ଶୀତର ଲହରୀ ଦେଖାଦେଇଛି। ନବରଙ୍ଗପୁର ଜିଲା ଝରିଗାଁ ବ୍ଲକରେ ଗତ ତିନିଦିନ ହେବ ଘନକୁହୁଡ଼ି ସକାଳ ୯ଟା ପର୍ଯ୍ୟନ୍ତ ପଡୁଥିବାରୁ ଯାତାୟାତ କରୁଥିବା ଯାନବାହନ ଚଳାଚଳରେ ବାଧା ହେବା ସହ ଲାଇଟ୍ ଜାଳି ଯାତାୟାତ କରୁଛନ୍ତି। ସକାଳୁ ସକାଳୁ ଲୋକେ ଶୀତର ମଜା ନେବା ପାଇଁ ମର୍ଣ୍ଣିଂ ଓ୍ୱାକ୍ କରୁଛନ୍ତି। ସକାଳୁ ଲୋକେ ଗରମ ଗରମ ଜିନିଷ ଖାଇବା ସହ ଚା' ଦୋକାନଗୁଡ଼ିକରେ ଭିଡ଼ ଲାଗୁଛି। ଶୀତରୁ ବର୍ତ୍ତିବା ପାଇଁ ଲୋକେ ଶୀତବସ୍ତ୍ର ପରିଧାନ କରୁଛନ୍ତି। ଶୀତ ପାଇଁ ସନ୍ଧ୍ୟାରେ ଲୋକେ ଘରୁ ଆସୁ ନ ଥିବାରୁ ଦୋକାନ ବଜାର ବିକ୍ରି ଉପରେ ପ୍ରଭାବ ପକାଇବା ସହ ସକାଳ ସମୟରେ ଦୋକାନ ଖୋଲିବାର ବିଳମ୍ବ ହେଉଥିବା କହିଛନ୍ତି ବ୍ୟବସାୟୀ।

## ସଂକଳ୍ପ ଶିଶୁ ବିଦ୍ୟାମନ୍ଦିରରେ ବିଜ୍ଞାନମେଳା




**ବୈଶିଙ୍ଗା,୨।୧୨(ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅନ୍ତର୍ଗତ କଳମା ସ୍ଥିତ ସଂକଳ୍ପ ଶିଶୁ ବିଦ୍ୟା ମନ୍ଦିରରେ ଆଜି ସୋମବାର କୁନି କୁନି ବୈଜ୍ଞାନିକ ମାନଙ୍କୁ ନେଇ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇ ଯାଇଛି । ମୂଖ୍ୟ ଅତିଥି ଭାବେ ଅନୁଷ୍ଠାନର ଟ୍ରଷ୍ଟି ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଯୋଗ ଦେଇ ପତାକା ଉତ୍ତୋଳନ କରିବା ସହିତ ଅନୁଷ୍ଠାନିକ ଭାବେ ବିଜ୍ଞାନମେଳା କୁ ଉଦଘାଟନ କରିଥିଲେ । ଅନ୍ୟ ଅତିଥି ଭାବେ ମାର୍ଗଦର୍ଶକ ମଧୁସୂଦନ ଜେନା, ଅବସର ପ୍ରାପ୍ତ ଶିକ୍ଷକ ମନୋରଞ୍ଜନ ମହାପାତ୍ର, ଉପଦେଷ୍ଟା ଲକ୍ଷ୍ମୀଧର ନାଥ ପ୍ରମୂଖ ମଞ୍ଚାସୀନ ହୋଇ କୁନି କୁନି ବୈଜ୍ଞାନିକ ମାନଙ୍କୁ ବିଜ୍ଞାନ ଭିତ୍ତିକ ବାର୍ତ୍ତା ଦେବା ସହିତ ଚନ୍ଦ୍ରଯାନ ର ପ୍ରତି କୃତି ପ୍ରଦର୍ଶନ କରାଇଥିଲେ । ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । କେବଳ ନବମ ଓ ଦଶମ ଶ୍ରେଣୀର ପିଲାମାନଙ୍କୁ ନେଇ ବିଜ୍ଞାନ ଭିତ୍ତିକ ପରୀକ୍ଷା କରାଯାଇ କୃତୀ ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ବିଜ୍ଞାନ ମେଳା ଶେଷରେ ଛାତ୍ରଛାତ୍ରୀ ଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାମନ୍ଦିର ର ସମସ୍ତ ଗୁରୁଜୀ/ଗୁରୁମା ତଥା ଅନ୍ୟ କର୍ମଚାରୀ ମାନେ ସହଯୋଗ କରିଥିଲେ । ଶେଷରେ ମଧୁସୂଦନ ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।